# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୩/୨୦୧୮ (୨୦ ପୃଷ୍ଠା) | Bhubaneswar, Sunday, December 23/ 2018 (ଛୁଟିଦିନ ସହ) | ★★★★

୪୫ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ନିର୍ବାଚନ ଲଢ଼ିବେ କମଲ ହାସନ

ଅଭିନେତାରୁ ରାଜନେତା ସାଜିଥିବା ମକ୍କଲ ନିଧି ମୈୟମ୍ (ଏମ୍‌ଏନ୍‌ଏମ୍) ପ୍ରତିଷ୍ଠାତା କମଲ ହାସନ ୨୦୧୯ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କହିଛନ୍ତି।

୦୪

୦୨

## ରିଲ୍ ଲାଇଫ୍‌ରେ ପରମିତ୍‌ଙ୍କ ସ୍ତ୍ରୀ ହେବେ ଅର୍ଚ୍ଚନା

ବାସ୍ତବ ଜୀବନରେ ସ୍ତ୍ରୀ ସାଜିଥିବା ଅଭିନେତ୍ରୀ ଅର୍ଚ୍ଚନା ପୂରନ୍ ସିଂ 'ମାଇଁ ନେମ୍ ଇଜ୍ ଲଖନ୍' ଫିଲ୍ମରେ ପରମିତ୍ ସେଠୀଙ୍କ ସ୍ତ୍ରୀ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି।



## ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ

ଶ୍ରୀନଗର,୨୨।୧୨(ପି.ଟି.)

ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳକୁ ଶନିବାର ସକାଳେ ବଡ଼ ସଫଳତା ମିଳିଛି। ପୁଲଓ୍ୱାମା ଜିଲା ଅଓ୍ୱନ୍ତିପୋରା ଅଞ୍ଚଳର ଆରାମପୋରା ଗ୍ରାମରେ ଯବାନଙ୍କ ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ ହୋଇଛନ୍ତି। ଏମାନେ ସମସ୍ତେ ଦୁର୍ଦ୍ଦର୍ଷ ଆତଙ୍କବାଦୀ ସଙ୍ଗଠନ ଅଲ-କାଏଦା ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅନ୍‌ସାର ଗଜ୍‌ଓ୍ୱାତୁଲ ହିନ୍ଦ୍ ମୁଖ୍ୟ ଜାକିର ମୁସାଙ୍କ ସହଯୋଗୀ। ଏହି ଆତଙ୍କବାଦୀମାନେ ସୁରକ୍ଷା ବଳ ଉପରେ ଏକାଧିକ ଥର ଆକ୍ରମଣ କରିଥିବାରୁ ବିଭିନ୍ନ ମାମଲାରେ ଓ୍ୱାଣ୍ଟେଡ୍ ଥିଲେ। ଏନ୍‌କାଉଣ୍ଟର ପରେ ସେମାନଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ ହୋଇଥିବା କଶ୍ମୀର ରେଞ୍ଜ ପୋଲିସ ଆଇଜି ସ୍ୱୟଂପ୍ରକାଶ ପାଣି ସୂଚନା ଦେଇଛନ୍ତି।

ସବିଶେଷ ରିପୋର୍ଟ ପୃଷ୍ଠା-୨



ଆଜି ଆସୁଛନ୍ତି କେସିଆର୍

୩

## ■ ନୂଆବର୍ଷ ପୂର୍ବରୁ ସରକାରଙ୍କ ଘୋଷଣା

# ୨୩ ସାମଗ୍ରୀ ଉପରୁ କମିଲା ଜିଏସ୍‌ଟି

ନୂଆଦିଲ୍ଲୀ,୨୨।୧୨(ପି.ଟି.)





- ■ ସର୍ବୋଚ୍ଚ ସ୍ଲାବ୍‌ରୁ ଖସିଲା ଆଉ ୭ ସାମଗ୍ରୀ
- ■ ୨୮% ସ୍ଲାବ୍‌ରେ ୨୮ ସାମଗ୍ରୀ
- ■ ୫,୫୦୦ କୋଟି ଟଙ୍କା ରାଜସ୍ୱ ହ୍ରାସ ହେବ
- ■ ଜୁଲାଇ ପହିଲାରୁ ନୂଆ ଜିଏସ୍‌ଟି ଫାଇଲିଂ ସିଷ୍ଟମ
- ■ ଗଠନ ହେବ କେନ୍ଦ୍ରୀୟ ରିଲିଂ ଆଡଭାନ୍ସ ଅଥରିଟି
- ■ ବେସିକ୍ ସେଭିଂ ଆକାଉଣ୍ଟ,ଜନଧନ ଖାତାରୁ ଜିଏସ୍‌ଟି ଛାଡ଼

### ଜିଏସ୍‌ଟି ହ୍ରାସ ହୋଇଥିବା ସାମଗ୍ରୀ

(ସିନେମା ଟିକେଟ, ତୃତୀୟ ପକ୍ଷ ବୀମା ପ୍ରିମିୟମ, ବିମାନ ଟିକେଟ, ମନିଟର,ଟେଲିଭିଜନ ସ୍କ୍ରିନ, ଟାୟାର, ପାଓ୍ୱାର ବ୍ୟାଙ୍କ, ଲିଥିୟମ ଆୟନ ବ୍ୟାଟେରି, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ କ୍ୟାରେଜ ଆସେସୋରିଜ ସହ ଅନ୍ୟାନ୍ୟ ସାମଗ୍ରୀ ଓ ସେବା)

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ରେ ନୂଆ ଘୋଷଣା ଦ୍ୱାରା ସରକାର ନୂଆ ବର୍ଷ ଆଗରୁ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଶନିବାର ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୩୧ତମ ବୈଠକରେ ମୋଟ ୨୩ ସାମଗ୍ରୀ ଓ ସେବା ଉପରୁ ଜିଏସ୍‌ଟି ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ସର୍ବୋଚ୍ଚ ବା ୨୮% ସ୍ଲାବରୁ ୭ଟି ସାମଗ୍ରୀ ବାଦ ଦେବାକୁ ସ୍ଥିର ହୋଇଛି। ଫଳରେ ୨୮% ସ୍ଲାବରେ ମାତ୍ର ୨୮ଟି ସାମଗ୍ରୀ ରହିଥିବା ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତି ଯୋଗୁ ରାଜକୋଷରୁ ୫,୫୦୦ କୋଟି ଟଙ୍କାର ଟିକସ ହ୍ରାସ ଘଟିବ।

ଜିଏସ୍‌ଟି ବୈଠକ ପରେ ଏକ ଖବରଦାତା ସମ୍ମିଳନୀରେ ଜେଟ୍‌ଲୀ କହିଛନ୍ତି ଯେ, ସର୍ବୋଚ୍ଚ ସ୍ଲାବରେ ଥିବା ସାମଗ୍ରୀ ଓ ସେବାଗୁଡ଼ିକ ଉପରୁ ପରିଷଦ ଟିକସ ହ୍ରାସ ଧାରା ଜାରି ରଖିଛି। ଧୀରେ ଧୀରେ ଏହି ସ୍ଲାବରୁ ବିଭିନ୍ନ ସାମଗ୍ରୀକୁ ବାଦ୍ ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସିମେଣ୍ଟ ଉପରୁ ଟିକସ ହ୍ରାସ ନେଇ ନିଷ୍ପତ୍ତି ନିଆଯିବ। ଜୁଲାଇ ପହିଲାରୁ ନୂଆ ଜିଏସ୍‌ଟି ଫାଇଲିଂ ସିଷ୍ଟମ କାର୍ଯ୍ୟକାରୀ କରିବାକୁ ଜେଟଲୀ ସ୍ପଷ୍ଟ କରିଛନ୍ତି। ନୂଆ ନିଷ୍ପତ୍ତି ଯୋଗୁ ବିଭିନ୍ନ ସାମଗ୍ରୀ ଦର ଶସ୍ତା ହୋଇଥିବାବେଳେ ସିମେଣ୍ଟ ପୂର୍ବ ଭଳି ସର୍ବୋଚ୍ଚ ସ୍ଲାବରେ ରହିଛି।

୧୦୦ ଟଙ୍କା ପର୍ଯ୍ୟନ୍ତ ସିନେମା ଟିକେଟ ଉପରେ ଜିଏସ୍‌ଟି ୧୮%ରୁ ୧୨%କୁ ଖସିଛି। ୧୦୦ ଟଙ୍କାରୁ ଅଧିକ ଦାମର ଟିକେଟ ପାଇଁ ପୂର୍ବରୁ ୨୮% ଜିଏସ୍‌ଟି ଦେବାକୁ ପଡୁଥିବାବେଳେ ବର୍ତ୍ତମାନ ଏଥିଲାଗି ୧୮% ଜିଏସ୍‌ଟି ଦେବାକୁ ପଡ଼ିବ। ସେହିଭଳି ତୃତୀୟ ପକ୍ଷ ବୀମା ପ୍ରିମିୟମ ଲାଗି ୧୮% ପରିବର୍ତ୍ତେ ୧୨% ଜିଏସ୍‌ଟି ଧାର୍ଯ୍ୟ ହୋଇଛି। ନୂଆ ନିଷ୍ପତ୍ତି ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର ଆଣିଦେଇଛି। ଇକୋନୋମି କ୍ଲାସ ବିମାନ ଟିକେଟ ଉପରେ ଜିଏସ୍‌ଟି ୫%କୁ ଖସିଥିବାବେଳେ ବିଜ୍‌ନେସ କ୍ଲାସ ଲାଗି ୧୨% ରହିଛି।

ଏହାବାଦ ମନିଟର,ଟେଲିଭିଜନ ସ୍କ୍ରିନ, ଟାୟାର, ପାଓ୍ୱାର ବ୍ୟାଙ୍କ ଏବଂ ଲିଥିୟମ ଆୟନ ବ୍ୟାଟେରିକୁ ସର୍ବୋଚ୍ଚ ସ୍ଲାବରୁ ୧୮%କୁ ଖସାଯାଇଛି। ଦିବ୍ୟାଙ୍ଗ ବ୍ୟକ୍ତିଙ୍କ କ୍ୟାରେଜ ଆସେସୋରିଜ ଉପରେ ଜିଏସ୍‌ଟି ହାରକୁ ୫%କୁ ଅଣାଯାଇଛି। ବର୍ତ୍ତମାନ କେବଳ ବିଳାସପୂର୍ଣ୍ଣ ତଥା ଅବଗୁଣକାରୀ ସାମଗ୍ରୀଗୁଡ଼ିକୁ ୨୮% ସ୍ଲାବରେ ରଖାଯାଇଛି ବୋଲି ଜେଟ୍‌ଲୀ କହିଛନ୍ତି। ଏତଦ୍‌ବ୍ୟତୀତ ଏକ କେନ୍ଦ୍ରୀୟ ଆଡଭାନ୍ସ ରୁଲିଂ ଅଥରିଟି ଗଠନ ପାଇଁ ନିଷ୍ପତ୍ତି ହୋଇଛି। ବ୍ୟାଙ୍କଗୁଡ଼ିକର ବେସିକ ସେଭିଂ ଆକାଉଣ୍ଟ ସେବା ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିଓ୍ୱାଇ) ଉପରୁ ଜିଏସ୍‌ଟି ଛାଡ଼ କରାଯାଇଛି। ନୂଆ ଟିକସ ଜାନୁୟାରୀ ପହିଲାରୁ କାର୍ଯ୍ୟକାରୀ ହେବ ବୋଲି ଜେଟ୍‌ଲୀ ସୂଚନା ଦେଇଛନ୍ତି।

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ମନ୍ତବ୍ୟ

"ବିଭାଜନବାଦୀ ତତ୍ତ୍ୱଙ୍କ ପ୍ରତି ପୋଲିସ ବଳ ସତର୍କ ରହିବା ଜରୁରୀ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଡିସେମ୍ବର ୧୪ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୬୧୩.୯ ନିୟୁତ ଡଲାର ହ୍ରାସ ଘଟି ୩୯୩.୧୨ ବିଲିୟନ ଡଲାରକୁ ଖସି ଆସିଛି।

– ଆର୍‌ବିଆଇ

## ■ ଟ୍ରମ୍ପ୍‌ଙ୍କ ୫ ବିଲିୟନ ଡଲାର ଦାବି ପ୍ରତ୍ୟାଖ୍ୟାନ

# ଆମେରିକାରେ ଅଚଳାବସ୍ଥା

ଓ୍ୱାଶିଂଟନ,୨୨।୧୨(ପି.ଟି.)

ଖ୍ରୀଷ୍ଟମାସ୍ ପୂର୍ବରୁ ଆମେରିକା ସରକାରରେ ଅଚଳାବସ୍ଥା ଦେଖାଦେଇଛି। ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୫ ବିଲିୟନ ଡଲାର ଦାବି କରିଥିଲାବେଳେ ସଂଘୀୟ ବଜେଟ ପାସ୍ ହୋଇ ନ ପାରି ଆମେରିକା କଂଗ୍ରେସ ମୁଲତବୀ ହୋଇଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଚଳିତବର୍ଷ ଏହା ତୃତୀୟ ଅଚଳାବସ୍ଥା।

ସଂଘୀୟ ଖର୍ଚ୍ଚଦାବି ଗୃହୀତ ନ ହେବା ଫଳରେ ଶୁକ୍ରବାର ରାତି ୧୨ଟା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ବନ୍ଦ ହୋଇଯାଇଛି। ୮ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଖ୍ରୀଷ୍ଟମାସ୍ ଛୁଟି ପୂର୍ବରୁ ବିନା ପାରିଶ୍ରମିକରେ କାର୍ଯ୍ୟକରିବା ଲାଗି ବାଧ ହୋଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଜରୁରିକାଳୀନ ସେବା ଚାଲୁ ରହିଛି। ଅଚଳାବସ୍ଥା ସମସ୍ୟାର ସମାଧାନ ଲାଗି କ୍ୟାପିଟଲ୍ ହିଲ୍‌ରେ ହ୍ୱାଇଟ ହାଉସ୍ ଅଧିକାରୀ ଏବଂ ଉଭୟ ଦଳର କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି। ଓ୍ୱାଲ ଷ୍ଟ୍ରିଟ୍‌ରେ ଅନିଶ୍ଚିତତା ଯୋଗୁ ଶୁକ୍ରବାର ଶେୟାର ବଜାରରେ ଦ୍ରୁତ ଅବନତି ଦେଖାଦେଇଥିଲା। ୨୦୦୮ ବିଶ୍ୱ ଆର୍ଥିକ ସଙ୍କଟ ପରେ ଷ୍ଟକ୍ ମାର୍କେଟ ଲାଗି ଏହା ସବୁଠୁ ଖରାପ ସପ୍ତାହ ଥିଲା।





- ■ ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ପାଇଁ ଅର୍ଥ ଦାବି କରିଥିଲେ ଟ୍ରମ୍ପ୍
- ■ କଂଗ୍ରେସରେ ଗୃହୀତ ହୋଇପାରିଲାନି ବିଲ୍
- ■ ୨୫% ସରକାରୀ ସଂସ୍ଥାକୁ ପାଣ୍ଠି ଯୋଗାଣ ବନ୍ଦ
- ■ ଷ୍ଟକ ମାର୍କେଟ ପାଇଁ ୧୦ ବର୍ଷ ମଧ୍ୟରେ ସବୁଠୁ ଖରାପ ସ୍ଥିତି

ଏହି ଶଟ୍‌ଡାଉନ ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଡେମୋକ୍ରାଟ ସଦସ୍ୟମାନଙ୍କୁ ଦାୟୀ କରିଛନ୍ତି। ଅନ୍ୟ ପକ୍ଷରେ ସିନେଟର ବିରୋଧୀ ଡେମୋକ୍ରାଟ ନେତା ଚୁକ୍ ସ୍ୟୁମର ଏବଂ ନାନ୍ସୀ ପେଲୋସି ଏକ ମିଳିତ ବିବୃତିରେ କହିଛନ୍ତି, ରାଷ୍ଟ୍ରପତି ଉତ୍ତେଜନାର ବଶବର୍ତ୍ତୀ ହୋଇ ରିପବ୍ଲିକାନ୍ ସଦସ୍ୟମାନଙ୍କୁ ମତାଇ ରାଷ୍ଟ୍ରକୁ ଧ୍ୱଂସାତ୍ମକ ଅବସ୍ଥା ଆଡ଼କୁ ନେଇଯାଇଛନ୍ତି। ବେଆଇନ ଅନୁପ୍ରବେଶ ରୋକିବା ଲାଗି ଟ୍ରମ୍ପ ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ନିମନ୍ତେ ୫ ବିଲିୟନ ଡଲାର ଚାହୁଁଥିଲେ। ତେବେ ଡେମୋକ୍ରାଟ ସଦସ୍ୟମାନେ ଏହାର ଦୃଢ଼ବିରୋଧ କରିଥିଲେ। ଏହା ଉପରେ ଡିଲ୍ ହୋଇ ନ ପାରିବାରୁ ଶୁକ୍ରବାର ମଧ୍ୟରାତ୍ରରୁ ଅନେକ ସଂସ୍ଥାକୁ ସଂଘୀୟ ପାଣ୍ଠି ଯୋଗାଣ ବନ୍ଦ ହୋଇଯାଇଛି। ଏଭଳି ଅଚଳାବସ୍ଥା କେତେଦିନ ଲାଗିରହିବ ତାହା ଜଣାପଡ଼ି ନାହିଁ। ଶଟ୍‌ଡାଉନ ପାଇଁ ପ୍ରସ୍ତୁତ ବୋଲି ଟ୍ରମ୍ପ ପୂର୍ବରୁ କହିଥିବାବେଳେ ଖୁବ୍‌ଶୀଘ୍ର ଏହାର ଅବସାନ ହେବ ବୋଲି ଶୁକ୍ରବାର ରାତିରେ ଆଶାବ୍ୟକ୍ତ କରିଛନ୍ତି।

ପାଣ୍ଠି ମଞ୍ଜୁର ହୋଇ ନ ପାରିବା ଯୋଗୁ ସରକାର ଅଚଳ ହେବା ଲଜ୍ଜାଜନକ ଏବଂ ଆଦୌ ଗ୍ରହଣୀୟ ନୁହେଁ। ଟିକସଦାତାଙ୍କ ଅର୍ଥର ଏହା ସମ୍ପୂର୍ଣ୍ଣ ପରିହାରଯୋଗ୍ୟ ଅପଚୟ ବୋଲି ଆମେରିକା ସରକାରୀ କର୍ମଚାରୀ ସଂଘର ଅଧ୍ୟକ୍ଷ ଡେଭିଡ କୋକ୍ସ କହିଛନ୍ତି। ଏହା କଂଗ୍ରେସ ଏବଂ ରାଷ୍ଟ୍ରପତିଙ୍କ କର୍ତ୍ତବ୍ୟରେ ଅବହେଳା। ଅଚଳାବସ୍ଥା ଦୂର ଲାଗି କୌଣସି ନିଷ୍ପତ୍ତି ନ ନେଇ ଶୁକ୍ରବାର ରାତି ୭ଟା ପୂର୍ବରୁ ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍ ମୁଲତବୀ ହୋଇଥିବାବେଳେ ଏହାର ଘଣ୍ଟାଏ ପରେ ସିନେଟ ବନ୍ଦ ହୋଇଥିଲା। ଫଳରେ ୨୫ ପ୍ରତିଶତ ସରକାରୀ ସଂସ୍ଥାକୁ ଶନିବାରଠାରୁ ପାଣ୍ଠି ଯୋଗାଣ ବନ୍ଦ ହୋଇଯାଇଛି। ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ପ୍ରକୃତ ଦେଶପ୍ରେମ

**CBSE Exam Mate**

ପୃଷ୍ଠା -୧୫


NATIONAL EGG CO-ORDINATION COMMITTEE | 22.12.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 87 | 141 | 151 |
| DKL | 88 | 142 | 152 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 89 | 144 | 154 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers


# ଟ୍ରକ୍ ହେଲ୍‌ପରଙ୍କୁ ହତ୍ୟା

ବଡବିଲ, ୨୨।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଝାଡଗାଁରେ ଶନିବାର ଅପରାହ୍ଣରେ ଏକ ହାଇଓ୍ୱା ଟ୍ରକରୁ ହେଲ୍‌ପରଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପୋଲିସ ଉଦ୍ଧାର କରିଛି। ପୋଲିସ ସମ୍ପୃକ୍ତ ହାଇଓ୍ୱା ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମୃତକ ହେଲେ ମଧ୍ୟପ୍ରଦେଶର ସିଂରୋଲି ଅଞ୍ଚଳର ଛୋଟୁ କୁମାର ସାହା। ଥାନାରେ ଅଟକ ହାଇଓ୍ୱା ଟ୍ରକ ଡ୍ରାଇଭର ସିଂରୋଲି ଅଞ୍ଚଳର ପପୁ ସାହା।

ମିଳିଥିବା ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା କୋଇଡାସ୍ଥିତ ବିଆଇକୋରୁ ଶୁକ୍ରବାର ଏକାଧିକ ଟ୍ରକ ଖଣିଜ ସାମଗ୍ରୀ ଲୋଡ କରି ଦେଓଝରସ୍ଥିତ ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟ ଅଭିମୁଖେ ବାହାରିଥିଲା । ଡ୍ରାଇଭର ପପୁ ଓ ହେଲପର ଛୋଟୁ ମଧ୍ୟ ଓଡି-୦୯ସି୯୩୩୮ ନମ୍ବର ବିଶିଷ୍ଟ ହାଇଓ୍ୱା ଟ୍ରକ ବାହାରିଥିଲେ। ଦିନବେଳେ ନୋ-ଏଣ୍ଟ୍ରି ଲାଗୁ ହୋଇଥିବା ଯୋଗୁ ଝାଡଗାଁସ୍ଥିତ ପାର୍କିଂରେ ଗାଡ଼ି ଅଟକିଥିଲା। ନୋ-ଏଣ୍ଟ୍ରି ପରେ ହାଇଓ୍ୱା ଟ୍ରକ ପାର୍କିଂରୁ ବାହାରିଯାଇ କିଛି ଦୂରରେ ପୁଣି ଅଟକିଥିଲା। ରାତି ପ୍ରାୟ ସାଢ଼େ ୧୦ଟାରେ ଅନ୍ୟ ଟ୍ରକଗୁଡିକ ଫେରିବା ବେଳେ ଝାଡଗାଁସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଜାତୀୟ ରାଜପଥ କଡ଼ରେ ଉକ୍ତ ଟ୍ରକ ଛିଡ଼ା ହୋଇଥିଲା। ସେଥିରେ ହେଲ୍‌ପର ଛୋଟୁଙ୍କ ମୃତଦେହ ଥିବା ଓ ଡ୍ରାଇଭର ଗୁରୁତର ଥିବା ☞ପୃଷ୍ଠା-୪



- ■ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର
- ■ ଟ୍ରକ୍ ଜବତ, ଡ୍ରାଇଭର ଅଟକ






"ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକର ନିଜ ଚୌକି ବଞ୍ଚାଇବା ଲାଗି ରାଫାଲ ଡିଲ୍ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ଲାକମେଲ୍ କରିବାକୁ ଉଦ୍ୟମ କରୁଛନ୍ତି।

-ଜୟପାଲ ରେଡ୍ଡୀ, ବରିଷ୍ଠ କଂଗ୍ରେସ ନେତା

## ସଂକ୍ଷେପରେ

### ସୁଦାନରେ ବିକ୍ଷୋଭ ବେଳେ ୨୨ ମୃତ

**ଅମ୍ଦୁରମାନ୍,୨୨।୧୨(ପି.ଟି.):** ସୁଦାନରେ ପାଉଁରୁଟି ଦର ବୃଦ୍ଧିକୁ ନେଇ ବିକ୍ଷୋଭ ବେଳେ ୨୨ ଜଣଙ୍କ ମୃତ୍ୟୁ ହୋଇଥିବା ବିରୋଧୀ ଦଳ ନେତା ସାଦିକ ଅଲ-ମହଦି କହିଛନ୍ତି। ଏଥିସହିତ ଅନେକ ଆହତ ହୋଇଛନ୍ତି। ସରକାର ପାଉଁରୁଟି ଦାମ୍ ୧ ସୁଦାନ ପାଉଣ୍ଡରୁ ୩ ପାଉଣ୍ଡକୁ ବଢ଼ାଇବା ଫଳରେ ବୁଧବାର ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ସରକାର ମୃତ୍ୟୁସଂଖ୍ୟା କମ୍ ଦେଖାଉଛନ୍ତି। ବିକ୍ଷୋଭକାରୀ ସରକାରୀ ବିଲ୍ଡିଂରେ ନିଆଁ ଲଗାଇବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଫଳରେ ଅତବାରାରେ ୨ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଥିବାବେଳେ ଅଲ-କାଦାରିଫରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ ଦର୍ଶାଯାଇଛି। ସରକାର ଦର ନ କମାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବିରୋଧୀ ଦଳ ନେତା କହିଛନ୍ତି। ଏହା ପୂର୍ବରୁ ଜାନୁୟାରୀ ମାସରେ ଖାଦ୍ୟଦର ବୃଦ୍ଧିକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

### କର୍ନାଟକ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ବେଙ୍ଗାଲୁରୁ,୨୨।୧୨(ପି.ଟି.):** ଆଗକୁ ଲୋକ ସଭା ନିର୍ବାଚନ ରହିଥିବାବେଳେ କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। କଂଗ୍ରେସ-ଜେଡିଏସ୍ ମିଳିତ ସରକାରରେ ଶନିବାର ୮ ଜଣ କଂଗ୍ରେସ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ବାଜୁଭାଇ ଭାଲା ଏହି ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଯାଇଥିଲେ। ଦୁଇ ଜଣ ମନ୍ତ୍ରୀ ରମେଶ ଜାର୍କିହୋଲି ଏବଂ ଆର.ଶଙ୍କରଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଛି। ମନ୍ତ୍ରିମଣ୍ଡଳରେ ସାମିଲ କରାଯାଉ ନ ଥିବାରୁ ଗତ ୫ ତାରିଖରେ ରାମଲିଙ୍ଗା ରେଡ୍ଡୀ ଓ ତାଙ୍କ ସମର୍ଥକମାନେ ପ୍ରତିବାଦ କରିଥିଲେ। ଏହା ସତ୍ତ୍ୱେ ତାଙ୍କୁ କ୍ୟାବିନେଟରେ ନିଆଯାଇ ନ ଥିବାରୁ ଶପଥ ଗ୍ରହଣବେଳେ ରେଡ୍ଡୀଙ୍କ ସମର୍ଥକମାନେ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଅଲ୍-କାଏଦାକୁ ଝଟକା

**ଶ୍ରୀନଗର,୨୨।୧୨(ପି.ଟି.)**



ଦକ୍ଷିଣ କଶ୍ମୀରର ଅୱନ୍ତିପୋରା ଅଞ୍ଚଳରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୬ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ବିଦେଶୀ ଆତଙ୍କବାଦୀ ରହିଛନ୍ତି। ଏମାନେ ଜାକିର ମୁସାଙ୍କ ଘନିଷ୍ଠ ସହଯୋଗୀ ଏବଂ ବିଭିନ୍ନ ମାମଲାରେ ମୋଷ୍ଟ ୱାଣ୍ଟେଡ ଥିଲେ। ଶନିବାରର ଏହି ଏନ୍‌କାଉଣ୍ଟର ଯୋଗୁ ଅଲ୍-କାଏଦାକୁ ଶକ୍ତ ଝଟକା ଲାଗିଛି। ଆତଙ୍କବାଦୀମାନଙ୍କ ଉପସ୍ଥିତି ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସୁରକ୍ଷା ବଳ ପୁଲୱାମା ଜିଲା ଅୱନ୍ତିପୋରା ଅଞ୍ଚଳର ଆରାମପୋରା ଗ୍ରାମକୁ ଚାରିପଟୁ ଘେରି ସର୍ଚ୍ଚ ଅପରେଶନ ଚଳାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ଗୁଳି ଚଳାଇବା ଆରମ୍ଭ କରିଦେବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା ବୋଲି ଜଣେ ପୋଲିସ ମୁଖପାତ୍ର କହିଛନ୍ତି। ଫଳରେ ଉଭୟ ପକ୍ଷ ମଧ୍ୟରେ ଦୀର୍ଘସମୟ ଧରି ଗୁଳି ବିନିମୟ ଜାରି ରହିଥିଲା ଏବଂ ୬ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। ତେବେ ଏନ୍‌କାଉଣ୍ଟର ବେଳେ ଅନ୍ୟ କୌଣସି କ୍ଷୟକ୍ଷତି ହୋଇନାହିଁ। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ନିହତ ଆତଙ୍କବାଦୀମାନେ ହେଲେ ସୋଲିହା ମହମ୍ମଦ ଅଖୁନ, ଫୈଜଲ ଅହମଦ ଖଣ୍ଡାୟ, ନଦୀମ ଅହମଦ ସୋଫି, ରସିକ ମିର୍, ରୌଫ ମିର୍ ଏବଂ ଉମର ରମଜାନ। ଏମାନେ ଜାକିର ମୁସାଙ୍କ ପରିଚାଳିତ ଅନ୍‌ସାର ଗାଜୱତ-ଉଲ୍-ହିନ୍ଦ୍ (ଏଜିୟୁଏଚ)ର ସଦସ୍ୟ ଏବଂ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ଥାଇ ମୋଷ୍ଟ ୱାଣ୍ଟେଡ ଥିଲେ ବୋଲି କଶ୍ମୀର ରେଞ୍ଜ୍ ପୋଲିସ ଆଇଜି ସ୍ୱୟଂପ୍ରକାଶ ପାଣି କହିଛନ୍ତି। ଜାକିରଙ୍କ ଏହି ସଂଗଠନ ପୁଲୱାମା ଜିଲାରେ ସକ୍ରିୟ ରହିଛି। ପୋଲିସ ରେକର୍ଡ ଅନୁଯାୟୀ ରସିକ୍ ଗତ ୫ ବର୍ଷ ହେଲା ବିଭିନ୍ନ ଆତଙ୍କବାଦୀ ହିଂସାକାଣ୍ଡରେ ସମ୍ପୃକ୍ତ ରହିଛି। ତାଙ୍କ ବିରୋଧରେ ଅନେକ ଆତଙ୍କବାଦୀ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ସେହିପରି ୨୦୧୫ରୁ ଅଖୁନ ଆତଙ୍କବାଦୀ କାର୍ଯ୍ୟରେ ଜଡିତ ରହିଛି। ସୁରକ୍ଷା ବାହିନୀର କ୍ୟାମ୍ପ ଉପରେ ଆକ୍ରମଣ ଏବଂ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାରରେ ସେ ସଂପୃକ୍ତ। ସୋଫି ଓ ରମଜାନ କେତେକ ଆତଙ୍କବାଦୀ କାର୍ଯ୍ୟରେ ସାମିଲ ଥିବାବେଳେ ରୌଫ ଓ ଖଣ୍ଡାୟ ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣର ଯୋଜନା ପ୍ରସ୍ତୁତ କରିଥାନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ଜବତ ରାଇଫଲ ଏବଂ ଗୁଳିଗୋଳାକୁ ରେକର୍ଡ କରି ପୋଲିସ ତଦନ୍ତ ଚଳାଇଛି। ଏନ୍‌କାଉଣ୍ଟର ସ୍ଥଳରେ ବିସ୍ଫୋରକ ସାମଗ୍ରୀ ରହିଥିବା ଆଶଙ୍କାରେ ସେଠାକୁ ନ ଯିବା ଲାଗି ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

**ଜାକିର ମୁସାଙ୍କ ୬ ସହଯୋଗୀ ନିହତ**

## ମିଶେଲଙ୍କୁ ଗିରଫ କଲା ଇଡି

**ନୂଆଦିଲ୍ଲୀ,୨୨।୧୨(ପି.ଟି.):** ଅଗୁସ୍ତା ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତିରେ ଗିରଫ ମଧ୍ୟସ୍ଥ ଖ୍ରୀଷ୍ଟିଆନ୍ ମିଶେଲଙ୍କ ଜାମିନ ଆବେଦନକୁ ଶନିବାର ଦିଲ୍ଲୀ ହାଇକୋର୍ଟ ଖାରଜ କରିଛନ୍ତି। ଅର୍ଥ ଠକେଇ ମାମଲାରେ ତାଙ୍କୁ ୭ ଦିନ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇଛନ୍ତି। ଡିସେମ୍ବର ୪ରେ ମିଶେଲଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍‌ସ (ୟୁଏଇ)ରେ ଗିରଫ କରାଯାଇ ଭାରତ ଅଣାଯାଇଥିଲା। ସିବିଆଇ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ଶନିବାର ଅର୍ଥ ଠକେଇ ଅଭିଯୋଗରେ ଇଡି ମିଶେଲଙ୍କୁ ଗିରଫ କରି ରିମାଣ୍ଡରେ ନେବାକୁ କୋର୍ଟଙ୍କ ଅନୁମତି ଲୋଡ଼ିଥିଲା।



# ଉପା ସମୟରେ ଫୋନ, ଇ-ମେଲ୍ ଯାଞ୍ଚ ହେଉଥିଲା

**ନୂଆଦିଲ୍ଲୀ,୨୨।୧୨**

ଦେଶର ସୁରକ୍ଷା ଲାଗି କେନ୍ଦ୍ର ସରକାର ସମସ୍ତ କମ୍ପ୍ୟୁଟରକୁ ଯାଞ୍ଚ କରିପାରିବେ ବୋଲି ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ନାଗରିକଙ୍କ ଗୋପନୀୟତା ଉପରେ ଏହା ଆକ୍ରମଣ ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ତେବେ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଥିବାବେଳେ ମାସକୁ ପାଖାପାଖି ୯୦୦୦ ଫୋନ ଏବଂ ୫୦୦ ଇ-ମେଲ୍ ଯାଞ୍ଚ ହେଉଥିଲା। ସୂଚନା ଅଧିକାର ଆଇନରେ ଆବେଦନ ବଳରେ ଏହି ତଥ୍ୟ ମିଳିଥିଲା। ପ୍ରତି ମାସରେ ୭୫୦୦ରୁ ୯୦୦୦ ଟେଲିଫୋନ ଟ୍ୟାପିଙ୍ଗ୍ କରାଯାଇ ତଥ୍ୟ ସଂଗ୍ରହ କରାଯାଉଥିଲା ବୋଲି ୨୦୧୩ ନଭେମ୍ବରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆରଟିଆଇ ଆବେଦନର ଉତ୍ତରରେ କହିଥିଲେ। ସେହିପରି ୨୦୧୩ ଅଗଷ୍ଟରେ ଅନ୍ୟ ଏକ ଉତ୍ତରରେ ମନ୍ତ୍ରଣାଳୟ ଜଣାଇଥିଲା ପ୍ରତିମାସରେ ୩୦୦ରୁ ୫୦୦ ଇ-ମେଲ୍ ଯାଞ୍ଚ କରାଯାଉଛି।

**ଆର୍‌ଟିଆଇ ତଥ୍ୟ**

ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି), ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି), ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ଜାତୀୟ ତଦନ୍ତ ବ୍ୟୁରୋ (ଏନଆଇଏ), ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) , ଦିଲ୍ଲୀ ପୋଲିସ କମିଶନର ଏବଂ ସିଗ୍‌ନାଲ ଇଣ୍ଟେଲିଜେନ୍ସକୁ ଯାଞ୍ଚ ପାଇଁ ଅନୁମତି ମିଳିଥିଲା। ଟେଲିଗ୍ରାଫ ଅଧିନିୟମ ୧୮୮୫ ଏବଂ ଟେଲିଗ୍ରାଫ (ସଂଶୋଧନ) ନିୟମାବଳୀ ୨୦୦୭ ଅନୁଯାୟୀ ଯୋଗାଯୋଗ ବ୍ୟବସ୍ଥାର ଯାଞ୍ଚ କରାଯାଉଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା।

■ ୧୯୮୪ ଶିଖ୍ ଦଙ୍ଗା ମାମଲା

# ସୁପ୍ରିମ୍‌କୋର୍ଟ ଗଲେ ସଜ୍ଜନ କୁମାର

**ନୂଆଦିଲ୍ଲୀ,୨୨।୧୨(ପି.ଟି.)**



୧୯୮୪ ଶିଖ୍ ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାର ଦିଲ୍ଲୀ ହାଇକୋର୍ଟଙ୍କ ଆଜୀବନ କାରାଦଣ୍ଡ ନିର୍ଦ୍ଦେଶକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ୍ କରିଛନ୍ତି। ତାଙ୍କ ଓକିଲ ଏଚ୍.ଏସ୍. ଫୁଲ୍‌କା କହିଛନ୍ତି, ଦିଲ୍ଲୀ ହାଇକୋର୍ଟଙ୍କ ରାୟ ବିରୋଧରେ ଏ ନେଇ ହୋଇଥିବା ଆବେଦନ ସମ୍ପର୍କରେ ସୁପ୍ରିମ୍‌କୋର୍ଟ ରେଜେଷ୍ଟ୍ରି ପକ୍ଷରୁ ତାଙ୍କୁ ସୂଚିତ କରାଯାଇଛି। ୧୯୮୪ ନଭେମ୍ବର ୧ ଓ ୨ ତାରିଖରେ ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ରାଜନଗର ଅଞ୍ଚଳ ପାଲମ କଲୋନୀରେ ୫ ଶିଖ୍‌ଙ୍କୁ ହତ୍ୟା ଓ ଗୁରୁଦ୍ୱାର ପୋଡ଼ି ମାମଲାରେ ଦିଲ୍ଲୀ ହାଇକୋର୍ଟ ଡିସେମ୍ବର ୧୭ରେ ସଜ୍ଜନ କୁମାରଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଏଥିରେ ତାଙ୍କୁ ଆଜୀବନ କରାଦଣ୍ଡ ଆଦେଶ ହୋଇଥିଲା। ଏହି ଦଣ୍ଡାଦେଶ ଭୋଗିବା ପାଇଁ ସଜ୍ଜନ ଜାନୁୟାରୀ ୩୦ ପର୍ଯ୍ୟନ୍ତ ତାଙ୍କୁ ସମୟ ମାଗିଥିଲେ। ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ତାଙ୍କ ଏହି ଗୁହାରିକୁ ପ୍ରତ୍ୟାଖ୍ୟାନ କରିଥିଲେ।

## ଫୁର୍‌ସତ




# ରିଲ୍ ଲାଇଫ୍‌ରେ ଅଭିନୟ କରିବେ ରିୟଲ ଦମ୍ପତି

**ମୁମ୍ବାଇ:** ବାସ୍ତବ ଜୀବନରେ ଦମ୍ପତି ସାଜିଥିବା ଅଭିନେତ୍ରୀ ଅର୍ଚ୍ଚନା ପୂରନ୍ ସିଂ ଏବଂ ପରମିତ୍ ସେଠୀ 'ମାଇ ନେମ୍ ଇଜ୍ ଲଖନ୍' ଫିଲ୍ମରେ ସ୍ତ୍ରୀ-ସ୍ୱାମୀ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ଶ୍ରେୟାସ ତଲ୍‌ପାଡେ ଲଖନ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ତାଙ୍କର ମାତାପିତା ଭୂମିକାରେ ଅଭିନୟ କରିବେ ଅର୍ଚ୍ଚନା ଏବଂ ପରମିତ। ଏ ସମ୍ପର୍କରେ ଅର୍ଚ୍ଚନା କହନ୍ତି, ପରମିତଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଯାଉଥିବା ନିଶ୍ଚିତ ଭାବରେ ଖୁସିର ବିଷୟ। ତାହା ପୁଣି 'ମାଇଁ ନେମ୍ ଇଜ୍ ଲଖନ୍' ଫିଲ୍ମରେ, ଯାହା ପାପ ଉପରେ ପୁଣ୍ୟର ବିଜୟ। ଟ୍ରାଜେଡି ଓ କମେଡିକୁ ନେଇ କାହାଣୀ ଗଢ଼ିଉଠିଥିବାବେଳେ ଉକ୍ତ ଫିଲ୍ମରେ ଟ୍ରାଜେଡି ନୁହେଁ ବରଂ ଜଣେ କମେଡିଆନ୍‌ର ଭୂମିକା ନେଇଛି। ଜଣେ ଯୁବକଙ୍କ ଜୀବନରେ କିପରି ସଂସ୍କାର ଆସିଛି ତାହା ବର୍ଣ୍ଣନା କରାଯାଇଛି। ଏ ସମ୍ପର୍କରେ ପରମିତ୍ କହନ୍ତି, ଏଥିରେ ସମ୍ପୂର୍ଣ୍ଣ ପଜିଟିଭ୍ ରୋଲ୍ ନେଇଛି। ଯେଉଁ ଚରିତ୍ରରେ ଅଭିନୟ କରୁଛି ତାହା ଖୁବ୍ ସାଧାସିଧା। ଦର୍ଶକମାନେ ଏହି ନୂଆ ଅବତାରରେ ପ୍ରଶଂସା କରିବେ ଏବଂ ଅର୍ଚ୍ଚନା ସହିତ ମୋର ଯୋଡିକୁ ପସନ୍ଦ କରିବେ ବୋଲି ଆଶାବାଦୀ। ଶାହରୁଖ୍ ଖାନ୍ ଏବଂ କାଜଲ୍ ଅଭିନୀତ ପ୍ରେମ କାହାଣୀ 'ଭିଲେନ୍' ଏବଂ ୧୯୯୫ ବ୍ଲକ୍‌ବଷ୍ଟର ଫିଲ୍ମ 'ଦିଲୱାଲେ ଦୁଲ୍‌ହାନିଆ ଲେ ଜାଏଙ୍ଗେ'ରେ ପରମିତ୍ ନିଜ ଅଭିନୟର ସ୍ୱାକ୍ଷର ଛାଡିଛନ୍ତି।



ପରମିତ୍ ସେଠୀ, ଅର୍ଚ୍ଚନା ପୂରନ୍ ସିଂ

**[ଇତିହାସର ଆଇନାରେ]**

### ଡିସେମ୍ବର ୨୩ର ପ୍ରମୁଖ ଘଟଣା

୨୦୧୫ ଡିସେମ୍ବର ୨୩ରେ ଇସ୍ତାନବୁଲ୍‌ର ସାଭିଆ ଗୋକେନ୍ ଏୟାରପୋର୍ଟରେ ବୋମା ବିସ୍ଫୋରଣ ଯୋଗୁ ଜଣେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ୪ଦିନ ପରେ କୁର୍ଦ୍ଦିସ୍ତାନ ଫ୍ରିଡମ୍ ହକ୍‌ସ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଏହି ସଂଗଠନ ହେଉଛି ତୁର୍କିର କୁର୍ଦ୍ଦିସ୍ ଜାତୀୟତାବାଦୀ ଉଗ୍ରପନ୍ଥୀ ଗୋଷ୍ଠୀ।

୧୯୭୦ ଡିସେମ୍ବର ୨୩ରେ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ ସରକାରୀ ଭାବରେ ଏକଦଳୀୟ ରାଷ୍ଟ୍ରର ମାନ୍ୟତା ପାଇଲା। ଏହା ଡିଆରସି ନାମରେ ମଧ୍ୟ ନାମିତ। କେନ୍ଦ୍ରୀୟ ଆଫ୍ରିକାର ଦକ୍ଷିଣ ଭାଗରେ ଏହି ରାଷ୍ଟ୍ର ଅବସ୍ଥିତ। ପୂର୍ବତନ ନାମ ଜାଇରେ ଦ୍ୱାରା ଏହା ପରିଚିତ ହୁଏ। ଡିଆରସି ସୀମାକୁ ଲାଗି ଉତ୍ତରରେ ରହିଛି କେନ୍ଦ୍ରୀୟ ଆଫ୍ରିକା, ଉତ୍ତରପୂର୍ବରେ ସାଉଥ୍ ସୁଦାନ ରହିଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୧ | ୧୦.୨ |
| ଚାନ୍ଦବାଲି | ୨୪.୪ | ୧୩.୨ |
| କଟକ | ୨୫.୦ | ୧୨.୨ |
| ପାରାଦ୍ୱୀପ | ୨୫.୦ | ୧୪.୮ |
| ଭୁବନେଶ୍ୱର | ୨୭.୧ | ୧୩.୯ |
| ଗୋପାଳପୁର | ୨୬.୦ | ୧୬.୩ |
| ପୁରୀ | ୨୬.୬ | ୧୫.୪ |
| ଅନୁଗୋଳ | ୨୫.୧ | ୯.୬ |
| ବାରିପଦା | ୨୨.୫ | ୧୦.୬ |
| ଝାରସୁଗୁଡ଼ା | ୨୫.୯ | ୯.୫ |
| କେନ୍ଦୁଝର | ୨୨.୦ | ୮.୮ |
| ସମ୍ବଲପୁର | ୨୬.୬ | ୯.୭ |
| ସୁନ୍ଦରଗଡ଼ | ୨୩.୦ | ୯.୦ |
| ହୀରାକୁଦ | ୨୫.୫ | ୧୦.୬ |
| ତାଳଚେର | ୩୦.୧ | ୧୧.୩ |
| ଭବାନୀପାଟଣା | ୨୫.୨ | ୧୦.୫ |
| ବଲାଙ୍ଗୀର | ୨୫.୬ | ୧୦.୬ |
| କୋରାପୁଟ | ୨୪.୬ | ୧୩.୨ |
| ଫୁଲବାଣୀ | ୨୪.୦ | ୭.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୪ | ୧୬.୮ |
| ସୋନପୁର | ୨୬.୨ | ୧୦.୦ |
| ଦାରିଙ୍ଗିବାଡ଼ି | ୨୩.୫ | ୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

ଧରିତ୍ରୀ
DHARITRI
ରବିବାର, ୨୩ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ବିମାନବନ୍ଦରରୁ ୮ଲକ୍ଷ ଟଙ୍କାର ସୁନା ଜବତ

ଭୁବନେଶ୍ୱର,୨୨।୧୨ (ବ୍ୟୁରୋ): ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ପୁଣି ସୁନା ଚାଲାଣ ହୋଇଛି। ଜଣେ ଯାତ୍ରୀଙ୍କଠାରୁ ଶୁକ୍ରବାର ରାତିରେ ୨୫୪.୪୭ ଗ୍ରାମ ସୁନା ଜବତ ହୋଇଛି, ଯାହାର ମୂଲ୍ୟ ପ୍ରାୟ ୮ଲକ୍ଷ ଟଙ୍କା ହେବ ବୋଲି କଷ୍ଟମ ବିଭାଗ ପକ୍ଷରୁ କୁହାଯାଇଛି। କଷ୍ଟମ ବିଭାଗ ଅଧିକାରୀମାନେ ଉକ୍ତ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରିଛନ୍ତି। ସେ କେଉଁ ସ୍ଥାନକୁ ସୁନା ନେଉଥିଲେ ତାହାର ଖୋଳତାଡ କରାଯାଉଛି। ସୂଚନା ଅନୁଯାୟୀ, ଯାତ୍ରୀ



ଜଣକ ଶୁକ୍ରବାର ରାତିରେ କୁଆଲାଲମ୍ପୁରରୁ ବିମାନ ନଂ-ଏକେ୩୧୧ରେ ଆସି ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଓହ୍ଲାଇଥିଲେ। ସେ ସୁନାକୁ ମଳଦ୍ୱାର ପଟେ ସେଲୋଟେପ୍ ଲଗାଇ ପାଉଡର ଆକାରରେ ଆଣୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଷ୍ଟମ ବିଭାଗର ଅଧିକାରୀମାନେ ବିମାନବନ୍ଦରରେ ପୂର୍ବରୁ ଜଗି ରହିଥିଲେ। ଯାତ୍ରୀ ଜଣକ ବିମାନ ବନ୍ଦରରୁ ବାହାରିବା ସମୟରେ ତାଙ୍କୁ ଯାଞ୍ଚ କରାଯିବାବେଳେ ତାଙ୍କ ନିକଟରୁ ସୁନା ମିଳିଥିଲା। ବିଗତ ଦିନଗୁଡ଼ିକରେ ବିମାନବନ୍ଦରରୁ ୧୫ କିଗ୍ରାରୁ ଊର୍ଦ୍ଧ୍ୱ ସୁନା ଜବତ କରାଯାଇଛି। ଏହି ଘଟଣାରେ ୨୦ରୁ ଅଧିକ ଯାତ୍ରୀ ଧରାପଡ଼ିଥିବା କଷ୍ଟମ ବିଭାଗ ପକ୍ଷରୁ କୁହାଯାଇଛି।

### ବିମାନରେ ଯାତ୍ରୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ): ଏକ ଇଣ୍ଡିଗୋ ବିମାନରେ କୋଲକତାରୁ ବେଙ୍ଗାଲୁରୁ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତ ଯାତ୍ରୀଙ୍କ ନାମ ରାଜକୁମାର କର୍ମକାର ଏବଂ ତାଙ୍କ ଘର ପଶ୍ଚିମବଙ୍ଗର ମାଲଦା ଅଞ୍ଚଳରେ। ସୂଚନା ମୁତାବକ, ଇଣ୍ଡିଗୋ ୬ଇ ୮୨୨ବିମାନ ଶନିବାର ପୂର୍ବାହ୍ନ ୧୦ଟା ୬ମିନିଟ୍‌ରେ କୋଲକତାରୁ ଉଡ଼ାଣ ଆରମ୍ଭ କରିଥିଲା। ବେଙ୍ଗାଲୁରୁରେ ଅପରାହ୍ନ ୧୨ଟା ୫୫ମିନିଟ୍‌ରେ ପହଞ୍ଚିବାର ଥିଲା। ତେବେ ବିମାନରେ ଯାତ୍ରା କରୁଥିବା ୩୨ ବର୍ଷୀୟ ରାଜକୁମାର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ଜଣାପଡ଼ିବା ପରେ ଇଣ୍ଡିଗୋ ବିମାନ କର୍ତ୍ତୃପକ୍ଷ ବିମାନକୁ ଜରୁରୀ ଅବତରଣ କରିବା ପାଇଁ ନିକଟ ବିମାନବନ୍ଦରର ସହାୟତା ଲୋଡ଼ିଥିଲା। ଭୁବନେଶ୍ୱର ବିମାନବନ୍ଦର ନିକଟସ୍ଥ ହୋଇଥିବାରୁ ଏଠାକାର ଏୟାର ଟ୍ରାଫିକ କଣ୍ଟ୍ରୋଲ(ଏଟିସି) ସହିତ ଯୋଗାଯୋଗ କରିଥିଲେ। ଏଟିସିଙ୍କ ପାଖରୁ ସିଗ୍‌ନାଲ ପାଇବା ପରେ ବିମାନଟି ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ଜରୁରୀ ଅବତରଣ କରିଥିଲା। ଏହାପରେ ତୁରନ୍ତ ରାଜକୁମାରଙ୍କୁ ବିମାନବନ୍ଦରରେ ହିଁ ଜରୁରୀ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ଏଥିସହିତ ଡାକ୍ତରଙ୍କ ନିରୀକ୍ଷଣରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ତେବେ ସେଠାରେ ପହଞ୍ଚିଲା ବେଳକୁ ସମ୍ପୃକ୍ତ ଯାତ୍ରୀଙ୍କ ହୃଦ୍‌ସ୍ପନ୍ଦନ ବନ୍ଦ ଥିବାବେଳେ ଶରୀର ସମ୍ପୂର୍ଣ୍ଣ ଥଣ୍ଡା ହୋଇଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପୂର୍ବରୁ ଅସୁସ୍ଥ ଥିଲେ ଏବଂ ଚିକିତ୍ସା ଲାଗି ତାଙ୍କୁ ବେଙ୍ଗାଲୁରୁ ନିଆଯାଉଥିବା ତାଙ୍କ ସମ୍ପର୍କୀୟ କହିଛନ୍ତି।

### ଚାଷୀଙ୍କୁ ପ୍ରଲୋଭିତ କରିବା ପାଇଁ ଚେଷ୍ଟା: ଅକ୍ଷୟ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ): ରାଜ୍ୟ ସରକାରଙ୍କ 'କାଳିଆ' ଯୋଜନାକୁ ନବ ନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ସମାଲୋଚନା କରିଛନ୍ତି। ଶନିବାର ଏକ ଖବରାଦାତା ସମ୍ମିଳନୀରେ ଅକ୍ଷୟ କହିଛନ୍ତି ଯେ, କାଳିଆ ଯୋଜନା ଜରିଆରେ ପୁରୁଣା ଡ୍ରେସ୍‌କୁ ନୂଆ ପ୍ୟାକିଂ ଭାବେ ଚାଷୀଙ୍କୁ ପ୍ରଲୋଭିତ କରିବାକୁ ରାଜ୍ୟ ସରକାର ଚେଷ୍ଟା କରିଛନ୍ତି। ଏ ସରକାର ରାଜ୍ୟରେ କୃଷକମାନଙ୍କ ମୁଖ୍ୟ ପ୍ରସଙ୍ଗରୁ ନିଜକୁ ଦୂରେଇ ରଖିଛନ୍ତି। ଚାଷୀଙ୍କ ପ୍ରାଇସ୍ , ପ୍ରେଷ୍ଟିଜ୍ ଓ କୃଷିଋଣ ଛାଡରୁ ଖସିବା ପାଇଁ ଏପରି ଏକ ବାହାନା କରାଯାଇଛି। 'କାଳିଆ' ନାଁକୁ ନେଇ ଶାସକ ଦଳ ରାଜନୀତି କରୁଛି। କେବଳ ବିଜେଡି କର୍ମୀମାନଙ୍କୁ ସୁବିଧା ଦେବାକୁ ଏହି କାଳିଆ ଯୋଜନା କରାଯାଇଥିବା ଅକ୍ଷୟ ଅଭିଯୋଗ କରିଛନ୍ତି।




### ମିନି ଟ୍ରକ୍ ଓଲଟି ୨ ମହିଳା ମୃତ

ସମ୍ବଲପୁର,୨୨।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ୍ ହିରୋ ଗାଁ ନିକଟ ଟରସରା କଟା ନିକଟରେ ଶନିବାର ଅପରାହ୍ନ ୧ଟାରେ ଏକ ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆମୁଣ୍ଡା ଗାଁର ଜୟମତି ମିର୍ଦ୍ଧା ଓ ଶୋଭା ମିର୍ଦ୍ଧା। କୁଶୁଲା ମିର୍ଦ୍ଧା, ପ୍ରେମଶିଳା ମିର୍ଦ୍ଧା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି । ଟ୍ରକ୍‌ରେ ଥିବା ୩୦ ଜଣରୁ ଅଧିକ ଆହତ ହୋଇଛନ୍ତି।

# ଆଜି ଆସୁଛନ୍ତି କେସିଆର୍

- ସ୍ୱାଗତ ଜଣାଇଲେ ପ୍ରସନ୍ନ
- ଚର୍ଚ୍ଚାରେ ତୃତୀୟ ସାମ୍ମୁଖ୍ୟ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଜାତୀୟ ରାଜନୀତିରେ ଆଞ୍ଚଳିକ ଦଳଗୁଡିକର ଗୁରୁତ୍ୱ ବଢ଼ିବାରେ ଲାଗିଛି। ବିଜୁ ଜନତା ଦଳ(ବିଜେଡି), ତେଲେଙ୍ଗାନା ରାଷ୍ଟ୍ର ସମିତି(ଟିଆରଏସ୍) ଏବଂ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ପରି ଦଳ ୨୦୧୯ରେ ନିର୍ଣ୍ଣାୟକ ଭୂମିକା ନେବେ। ହେଲେ ବିଜେଡି ପୂର୍ବପରି ଉଭୟ ଏନ୍‌ଡିଏ ଏବଂ ଉପାଠାରୁ ସମଦୂରତ୍ୱ ନୀତି ବଜାୟ ରଖିଛି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆରଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ(କେସିଆର)ଙ୍କ ଗସ୍ତକୁ ନେଇ ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଶନିବାର ଏହି ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତିରେ ବିଭିନ୍ନ ଚର୍ଚ୍ଚା ଜୋର୍ ଧରିଛି। ଉପା ଏବଂ ଏନ୍‌ଡିଏକୁ ବାଦ୍‌ଦେଇ ତୃତୀୟ ସାମ୍ମୁଖ୍ୟ ଗଠନ ଉଦ୍ୟମ ଆରମ୍ଭ ହୋଇଛି। ହେଲେ ଦୁଇ ପ୍ରଭାବଶାଳୀ ଆଞ୍ଚଳିକ ଦଳ ମୁଖ୍ୟଙ୍କ ମଧ୍ୟରେ ଭେଟ ନ ହେବା ଯାଏ



କେ. ଚନ୍ଦ୍ରଶେଖର ରାଓ

କୌଣସି ମନ୍ତବ୍ୟ ରଖିବା ଠିକ୍ ହେବ ନାହିଁ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

ଏ ପ୍ରସଙ୍ଗରେ ପ୍ରସନ୍ନ କହିଛନ୍ତି ଯେ, ଓଡ଼ିଶା ଏକ ଅତିଥିପ୍ରିୟ ରାଜ୍ୟ। କେସିଆର ଆସୁଥିବାରୁ ତାଙ୍କୁ ସ୍ୱାଗତ। ନବୀନ ନିବାସରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଆଙ୍କ ଆତିଥ୍ୟତା ଲାଭ କରିବେ। ଅତୀତରେ ବହୁ ସର୍ବଭାରତୀୟ ନେତା ଓ ମୁଖ୍ୟମନ୍ତ୍ରୀ ନବୀନ ନିବାସର ଅତିଥି ହୋଇଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେସିଆର ଗୋଟିଏ ଦିନରେ ଓଡ଼ିଶାରେ ଉପସ୍ଥିତ ହେବା ସଂଯୋଗ ମାତ୍ର। ତେଣୁ ନବୀନ ବାବୁ ଏବଂ କେସିଆରଙ୍କ ମଧ୍ୟରେ କ'ଣ ଆଲୋଚନା ହେବ, ତାହା କହିପାରିବି ନାହିଁ। ହେଲେ ଓଡ଼ିଶାର ସ୍ୱାର୍ଥରକ୍ଷା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡିର ପ୍ରାଥମିକତା ହେବ। କେସିଆରଙ୍କ ଗସ୍ତ ମୂଳତଃ ସୌଜନ୍ୟମୂଳକ ଜଣାପଡୁଛି। ତେଣୁ ତାହାକୁ ଏବେଠୁ ରାଜନୈତିକ ଦୃଷ୍ଟିରେ ଦେଖିବା ଠିକ୍ ହେବନାହିଁ ବୋଲି ପ୍ରସନ୍ନ କହିଛନ୍ତି। ପ୍ରକାଶ ଯେ, କେସିଆର ରବିବାର ଓଡ଼ିଶା ଆସି ନବୀନ ନିବାସରେ ରାତ୍ରିଯାପନ କରିବେ। ଏହାର ପରଦିନ ଅର୍ଥାତ ସୋମବାର ଓଡ଼ିଶାରୁ କଲିକତା ଯାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ କରିବେ।

# କେନ୍ଦ୍ର ଉପରେ ବର୍ଷିଲେ ସିଂଘଭି



ଖବରଦାତା ସମ୍ମିଳନୀରେ ଏଆଇସିସି ମୁଖପାତ୍ର ଅଭିଷେକ ମନୁସିଂଘଭି ଏବଂ ଅନ୍ୟମାନେ।

- ଜେପିସି କରିବ ପ୍ରକୃତ ତଦନ୍ତ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଯୁଗ୍ମ ସଂସଦୀୟ କମିଟି(ଜେପିସି) ଦ୍ୱାରା ହିଁ ରାଫାଲ ଚୁକ୍ତି ଦୁର୍ନୀତି ପ୍ରଘଟ ହୋଇପାରିବ। ତେଣୁ କେନ୍ଦ୍ର ସରକାର ଜେପିସି ତଦନ୍ତ ଦାବିକୁ ଅଗ୍ରାହ୍ୟ କରିଚାଲିଛି। ସୁପ୍ରିମ୍‌କୋର୍ଟଙ୍କ ରାୟ ପ୍ରତି ସମସ୍ତଙ୍କ ସମ୍ମାନ ରହିଛି। ହେଲେ କ୍ଷମତାସୀନ ଭାଜପା ପକ୍ଷରୁ ମୁଦା ଲଫାପାରେ ସର୍ବୋଚ୍ଚ ନ୍ୟାୟାଳୟରେ ଠିକ୍ ତଥ୍ୟ ଦିଆଯାଇନାହିଁ। ଏଥିଯୋଗୁ ଅଦାଲତଙ୍କ ରାୟ ପ୍ରଭାବିତ ହୋଇଛି। ଏହା ଅଦାଲତ ଅବମାନନା ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂଘଭି କହିଛନ୍ତି। ସ୍ଥାନୀୟ କଂଗ୍ରେସ ଭବନରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିଂଘଭି କେନ୍ଦ୍ରର ଏନ୍‌ଡିଏ ସରକାର ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି।

ଅଭିଷେକ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବା ସହ ରାଫାଲ ପ୍ରସଙ୍ଗରେ କେନ୍ଦ୍ରର ଟାଳଟୁଳ ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପ୍ରସ୍ତାବିତ ଯୁଦ୍ଧ ବିମାନକୁ ୧୮,୯୪୦ କୋଟି ପରିବର୍ତ୍ତେ ୬୦,୧୪୫ କୋଟି ଟଙ୍କାରେ କିଣିବା ଦ୍ୱାରା ଭାରତର କି ସ୍ୱାର୍ଥ ସାଧନ ହେଉଛି। ବିମାନ ପିଛା ୫୨୬ କୋଟି ଟଙ୍କା ସ୍ଥିର ହୋଇଥିବାବେଳେ ବର୍ତ୍ତମାନ ୧୬୨୦ କୋଟିକୁ ବୃଦ୍ଧି କରାଯିବା ପଛର ଉଦ୍ଦେଶ୍ୟ କ'ଣ। ଫ୍ରାନ୍ସର ଡାସଲ୍ଟ ଆଭିଏଶନ୍ ୨୦୧୪ ମାର୍ଚ୍ଚ ୧୩ରେ ହିନ୍ଦୁସ୍ଥାନ ଏରୋନାଟିକ୍ସକୁ ନିଜର ଅଂଶୀଦାର ଭାବରେ ବାଛିବା ପାଇଁ ନିଷ୍ପତ୍ତି ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ରିଲାଏନ୍‌ସ କମ୍ପାନୀକୁ ବଦଳ ଅଂଶୀଦାର ଭାବରେ ବାଛିବା ପାଇଁ ହୋଇଥିବା ସରକାରୀସ୍ତରୀୟ ନିଷ୍ପତ୍ତି ଏବଂ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାସୁଁଆ ଓଲାନ୍ଦେଙ୍କ ମନ୍ତବ୍ୟ ପ୍ରଧାନମନ୍ତ୍ରୀଙ୍କ ମୁଖା ଖୋଲିଥିବା ଅଭିଷେକ କହିଛନ୍ତି। ମାତ୍ର ୩୬ଟି ଯୁଦ୍ଧ ବିମାନ କିଣିବାରେ ସରକାର ୪୧,୨୦୫ କୋଟି ଟଙ୍କା ଅଧିକ ଦେବା ନିଷ୍ପତ୍ତି ଦେଶର ରାଜକୋଷକୁ ହ୍ରାସ କରିବ। କେନ୍ଦ୍ର ସରକାର ସାଇକେଲ୍ ତିଆରି କରିବାର ଅଭିଜ୍ଞତା ନ ଥିବା ରିଲାଏନ୍ସ କମ୍ପାନୀକୁ ରାଫାଲ ଯୁଦ୍ଧ ବିମାନର ୩୦ ହଜାର

## ରାଫାଲ ପ୍ରସଙ୍ଗ

କୋଟି ଟଙ୍କାର ଅଫସେଟ୍ କଣ୍ଟ୍ରାକ୍ଟ ଏବଂ ୧ ଲକ୍ଷ କୋଟି ଟଙ୍କା ମୂଲ୍ୟର ରକ୍ଷଣାବେକ୍ଷଣର ଭାର କିଭଳି ପ୍ରଦାନ କଲେ, ତାହା ତଦନ୍ତସାପେକ୍ଷ ବୋଲି ଏଆଇସିସି ମୁଖପାତ୍ର ସିଂଘଭି କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ରାଫେଲ ଯୁଦ୍ଧବିମାନ ଚୁକ୍ତିନାମାରେ ଟ୍ରାନ୍ସଫର୍ ଅଫ ଟେକ୍ନୋଲୋଜି ବା ବୈଷୟିକ ଜ୍ଞାନକୌଶଳକୁ ଭାରତ ସହିତ ବିନିମୟ କରିବାକୁ ନେଇ କୌଣସି ସର୍ତ୍ତ ରଖାଯାଇ ନ ଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିରେ ଲେଟର ଅଫ୍ କମ୍ଫଟକୁ ଅଗ୍ରାଧିକାର ଦିଆଯାଇଥିବାବେଳେ ସାର୍ବଭୌମତ୍ୱକୁ ନେଇ କୌଣସି ସର୍ତ୍ତ ନ ରଖିବା ଦୁର୍ଭାଗ୍ୟଜନକ। ତେଣୁ ଏ ବିଷୟକୁ କେବଳ ଜେପିସି (ଜଲଦି ପକ୍‌ଡୋ ଚୌକିଦାର) ଦ୍ୱାରା ହିଁ ଠିକ୍ ତଦନ୍ତ କରାଯାଇପାରିବ ବୋଲି ଅଭିଷେକ ମନୁ ସିଂଘଭି କହିଛନ୍ତି।

ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ବ୍ୟକ୍ତିବିଶେଷଙ୍କ କମ୍ପ୍ୟୁଟର ଉପରେ ନିୟନ୍ତ୍ରଣ ପ୍ରସଙ୍ଗରେ ମଧ୍ୟ ସିଂଘଭି ମତ ରଖିଛନ୍ତି। ସେ କହିଛନ୍ତି ଯେ,ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନେଇଥିବା ନୂତନ ନିଷ୍ପତ୍ତି ବ୍ୟକ୍ତି ସ୍ୱାଧୀନତାର ପରିପନ୍ଥୀ ତଥା ଗୋପନୀୟତାର ଅଧିକାର ଉପରେ ଶକ୍ତ କୁଠାରାଘାତ। ଆଇ.ଟି. ଆକ୍ଟରେ ପୂର୍ବରୁ ଥିବା ବ୍ୟବସ୍ଥାକୁ ଜାତୀୟ ସୁରକ୍ଷା ନାମରେ ମୋଦି ସରକାର ପରିବର୍ତ୍ତନ କରି ଚୋରା ଖବର ସଂଗ୍ରହ କରିବା, ଟିକିନିଖି ଦେଖିବା ଓ ନିରୀକ୍ଷଣ କରିବାର ଯେଉଁ ଅପଚେଷ୍ଟା କରୁଛି, ଜନସାଧାରଣ ଆଗାମୀ ଦିନରେ ତାହାର ଉଚିତ ଜବାବ ଦେବେ।

# ଚାନ୍ଦା ଆଦାୟ କଂଗ୍ରେସ ଡିଏନ୍‌ଏରେ: ଭାଜପା

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

କଂଗ୍ରେସ ଦେଶର ଗଣତନ୍ତ୍ରିକ ବିଧିବ୍ୟବସ୍ଥା ଅବା ସମ୍ବିଧାନକୁ ବିଶ୍ୱାସ କରେନାହିଁ। ରାଫାଲ ଯୁଦ୍ଧବିମାନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ରାୟ ପରେ କଂଗ୍ରେସ ଏହାକୁ ପୁଣି ଉଠାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କଂଗ୍ରେସ ସୁପ୍ରିମକୋର୍ଟଙ୍କୁ ବିଶ୍ୱାସ କରେନାହିଁ। ପାର୍ଲାମେଣ୍ଟ ଚାଲିବା ସମୟରେ କଂଗ୍ରେସ ଏହି ପ୍ରସଙ୍ଗ ଉପରେ ଆଲୋଚନା ନ କରି ଦେଶବାସୀଙ୍କ ଆଗରେ ବାରମ୍ବାର ମିଛ କହି ଚାଲିଛି। ମିଛ କଥାକୁ ବଡ଼ ପାଟିରେ ଅବା ବାରମ୍ବାର କହିବା ଦ୍ୱାରା ଘଟଣା ସତ ହୁଏ ନାହିଁ ବୋଲି କହି ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି ନିନ୍ଦା କରିଛନ୍ତି। ସମୀର ଶନିବାର ଏକ ବିବୃତିରେ କହିଛନ୍ତି ଯେ, କଂଗ୍ରେସ ସରକାର ସମୟରେ ପୂର୍ବରୁ ଯେତେ ବିମାନ କିଣାଯାଇଛି ସବୁଥିରେ ଦଲାଲମାନେ ମଧ୍ୟସ୍ଥତା କରି ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟର ବିମାନ କିଣାବିକା ମାଧ୍ୟମରେ ଚାନ୍ଦା ଆଦାୟ କରିବା କଂଗ୍ରେସ ଡିଏନ୍‌ଏରେ ରହିଛି। ପୂର୍ବରୁ ଅଗୁସ୍ତା ହେଲିକପ୍ଟର ଓ ବୋଫର୍ସ ଦୁର୍ନୀତିରୁ ଏହା ପ୍ରମାଣିତ ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯାହା କହିବେ ତାହା କ'ଣ ସତ ବୋଲି ସମୀର ପ୍ରଶ୍ନ ଉଠାଇଛନ୍ତି। ଦେଶର ସାମରିକ ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଏଭଳି ମନଗଢ଼ା କାହାଣୀ କହି ସାରା ଦେଶର ଲୋକଙ୍କୁ ଭ୍ରମିତ କରିଥିବାରୁ ରାହୁଲ ଦେଶବାସୀଙ୍କ ଆଗରେ କ୍ଷମା ମାଗନ୍ତୁ ବୋଲି ସମୀର କହିଛନ୍ତି।









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଭିଷେକ
ପରିବାରବର୍ଗ


ଶୁଶ୍ରୀ
ପରିବାରବର୍ଗ


ଆୟୁଷ୍
ପରିବାରବର୍ଗ


ଆଷିଶ
ପରିବାରବର୍ଗ


ସ୍ୱିଟୀ
ପରିବାରବର୍ଗ


ରିଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ରଥଯାତ୍ରା ଲାଗି ଭାଜପା ସୁପ୍ରିମକୋର୍ଟ ଯିବ

ନୂଆଦିଲ୍ଲୀ,୨୨।୧୨: ପଶ୍ଚିମବଙ୍ଗରେ ରଥଯାତ୍ରା ଲାଗି ଭାଜପାକୁ କୋଲକାତା ହାଇକୋର୍ଟ ଅନୁମତି ଦେବାକୁ ମନା କରିଦେବା ପରେ ଦଳ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ନିଷ୍ପତ୍ତି ନେଇଛି।

## ୨୦୧୯ରେ ଲଢ଼ିବେ ହାସନ



ଚେନ୍ନାଇ, ୨୨।୧୨(ପି.ଟି.)

ଅଭିନେତାରୁ ରାଜନେତା ପାଲଟିଥିବା 'ମକ୍କଲ ନିଧି ମୈୟମ୍' (ଏମ୍ଏନ୍ଏମ୍)ର ଅଧକ୍ଷ କମଲ ହାସନ ୨୦୧୯ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିକାଶକୁ ମୁଖ୍ୟ ପ୍ରସଙ୍ଗ କରି ଦଳ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇବ। ଏଥିପାଇଁ ଏମ୍ଏନ୍ଏମ୍ ତରଫରୁ ପ୍ରସ୍ତୁତି ଜୋର୍‌ଦାର୍ ହୋଇଥିବା କମଲ ହାସନ ସ୍ପଷ୍ଟ କରିଛନ୍ତି। ପଣ୍ଡିଚେରୀ ସମେତ ତାମିଲନାଡୁର ୩୯ ସଂସଦୀୟ କ୍ଷେତ୍ରରେ ପ୍ରାର୍ଥୀ ଚୟନ ପାଇଁ ପ୍ୟାନେଲ୍ ଗଠିତ ହୋଇଥିବା ସେ ସୂଚନା ଦେଇଛନ୍ତି। ଏକୁଟିଆ ନୁହେଁ, ସମଭାବାପର୍ଣ୍ଣ ଦଳ ସହ ମେଣ୍ଟକରି ଏମ୍ଏନ୍ଏମ୍ ନିର୍ବାଚନ ଲଢ଼ିବ ବୋଲି ସେ କହିଛନ୍ତି। ମେଣ୍ଟ ନେଇ ଚୂଡ଼ାନ୍ତ ନିଷ୍ପତ୍ତି କରିବାକୁ ଦଳ ତାଙ୍କୁ ଦାୟିତ୍ୱ ଦେଇଥିବା ସେ ଜଣାଇଛନ୍ତି। ତେବେ ଭାଜପା ସହ ମେଣ୍ଟ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଚଳିତବର୍ଷ ଫେବୃୟାରୀରେ ଅଭିନୟରୁ ଅବସର ଘୋଷଣା କରିବାକୁ ଯାଇ କମଲ୍ ହାସନ ରାଜନୈତିକ ଦଳ 'ମକ୍କଲ ନିଧି ମୈୟମ୍' ଗଠନ କରିଥିଲେ। ଜନସାଧାରଣଙ୍କୁ ନ୍ୟାୟ ଦେବା ଲକ୍ଷ୍ୟରେ ହାସନ ରାଜନୀତିକୁ ଓହ୍ଲାଇବା ସହ ଏଆଇଏଡିଏମ୍‌କେ ସରକାରଙ୍କ ଦୁର୍ନୀତିକୁ ସମାଲୋଚନା କରିଥିଲେ। ସର୍ବଧର୍ମ ସମନ୍ୱୟର ଏକ ବାତାବରଣ ସୃଷ୍ଟି କରିବା ଓ ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ସେ ରାଜନୀତିକୁ ଆସିଥିବା କହିଛନ୍ତି। ବର୍ତ୍ତମାନ ରାଜ୍ୟରେ ୨୦ଟି ବିଧାନସଭା ଆସନ ଖାଲି ପଡ଼ିଛି। ଆଗକୁ ହେବାକୁ ଥିବା ଉପନିର୍ବାଚନରେ ଦଳ ପ୍ରାର୍ଥୀ ଛିଡ଼ା କରିବ ବୋଲି ହାସନ କହିଛନ୍ତି। ଏଥିପାଇଁ ଏମ୍ଏନ୍ଏମ୍ ଏକୁଟିଆ ଲଢ଼ିବ ନା ଅନ୍ୟ ଦଳର ସହାୟତାରେ ଉପନିର୍ବାଚନକୁ ଓହ୍ଲାଇବ ସେ ସମ୍ପର୍କରେ ଦଳର କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହ ଆଲୋଚନା ଚାଲିଥିବା ହାସନ କହିଛନ୍ତି।

# ଟ୍ରକ୍‌ରୁ ମିଳିଲା ବିପୁଳ ବିସ୍ଫୋରକ

- ୧୫,୨୦୦ ଜିଲୋଟିନ ଷ୍ଟିକ, ୩୮ ବଣ୍ଡଲ କୋଟେକ୍ସ ତାର, ୧୦ ହଜାର ଡିଟୋନେଟର ଜବତ
- ୫ ଜଣଙ୍କୁ ଗିରଫ କଲା ପଟ୍ଟାଙ୍ଗି ପୋଲିସ
- ସେମିଳିଗୁଡ଼ାକୁ ନିୟମିତ ଆସୁଥିଲା ଏହି ବିସ୍ଫୋରକ


ଗିରଫ ଅଭିଯୁକ୍ତ।

ପଟ୍ଟାଙ୍ଗି/କୋରାପୁଟ, ୨୨।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ହନୁମାନ ମନ୍ଦିର ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମିନି ଟ୍ରକ୍‌ରୁ ବିପୁଳ ବିସ୍ଫୋରକ ଜବତ ହୋଇଛି। ଯାଞ୍ଚ ସମୟରେ ଏହାର କାଗଜପତ୍ର ନ ଥିବା ଜଣାପଡ଼ିବା ପରେ ଟ୍ରକ୍‌କୁ ଅଟକ ରଖାଯିବା ସହ ପରେ ଶନିବାର ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ।

ସୂଚନା ଅନୁଯାୟୀ, ଆନ୍ଧ୍ରର ଚିଲକାପାଲାମ ଅଞ୍ଚଳରୁ ମିନି ଟ୍ରକ୍ ଯୋଗେ ବିପୁଳ ପରିମାଣର ବିସ୍ଫୋରକ କୋରାପୁଟ ଆସୁଥିବା ଖବର ପାଇଥିଲେ ଏସ୍‌ପି କନ୍‌ୱର ବିଶାଳ ସିଂ। ତାଙ୍କ ନିର୍ଦ୍ଦେଶରେ ଏସ୍‌ଆଇ କରୁଣାକର ଗୌଡ଼ ଶୁକ୍ରବାର ବିଳମ୍ବିତ ରାତିରେ ଯାନବାହନ ଯାଞ୍ଚ କରୁଥିଲେ। ହନୁମାନ ମନ୍ଦିର ନିକଟରେ ଏକ ମିନି ଟ୍ରକ୍ (ଏପି୨୯ ଟିଏ ୭୨୩୭)କୁ ଅଟକାଇ ଯାଞ୍ଚ କରିବାବେଳେ ଡ୍ରାଇଭର କେ. ରାମକ୍ରିଷ୍ଣା ଗାଡ଼ିର କାଗଜପତ୍ର ନ ଥିବା କହିଥିଲେ। ପୋଲିସ ସନ୍ଦେହରେ ଟ୍ରକ୍‌କୁ ଥାନାକୁ ନେଇ ତଲାସି ଚଳାଇଥିବା ବେଳେ ବିସ୍ଫୋରକ ଜବତ କରିଥିଲା। ଏଥିରେ ୧୫,୨୦୦ ଜିଲୋଟିନ ଷ୍ଟିକ, ୩୮ଟି ବଣ୍ଡଲ କୋଟେକ୍ସ, ୧୦ ହଜାର ଡିଟୋନେଟର ଥିଲା। ଉପରୋକ୍ତ ଟ୍ରକ୍ ସହ ଯାଉଥିବା ଏକ ମାରୁତି ୮୦୦ (ଏପି ୨୮ ଏଜେ ୧୬୧୧)କୁ ମଧ୍ୟ ଜବତ କରାଯାଇଥିଲା। ଏହି ଘଟଣାରେ ଏସ୍. ଉପେନ୍ଦ୍ର ନାଇଡୁ, ଡ୍ରାଇଭର କେ. ରାମକ୍ରିଷ୍ଣା, ସେମିଳିଗୁଡା ବ୍ଲକର ଜି. ଲକ୍ଷ୍ମୀ ନାରାୟଣ, ଏସ୍. ପିଣ୍ଟୁ ଓ ବି. ନରସିଂହ ରାଓଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଘଟଣାର ତଦନ୍ତ କରୁଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜି. ଲକ୍ଷ୍ମୀ ନାରାୟଣ ସେମିଳିଗୁଡ଼ା ଅଞ୍ଚଳର କ୍ରଶର ଓ କ୍ୱାରିରେ ପଥର ବ୍ଲାଷ୍ଟିଂ ପାଇଁ ଏହି ବିସ୍ଫୋରକ ନିୟମିତ ଯୋଗାଉଥିବା ପୋଲିସକୁ କହିଛନ୍ତି। ଅନ୍ୟପକ୍ଷରେ ଏତେ ପରିମାଣର ବିସ୍ଫୋରକ ବିନା କାଗଜପତ୍ରରେ ଆନ୍ଧ୍ରରୁ ସୁଙ୍କି ଫାଣ୍ଡି ଅତିକ୍ରମ କରି ପଟ୍ଟାଙ୍ଗିରେ ପହଞ୍ଚିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାପଗ୍ରହ ରବି ଓ ଶନିଙ୍କ ଦୃଷ୍ଟିରେ ଆଜିର ଚନ୍ଦ୍ର ଭାଇ, ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ମତଭେଦର ପରିସ୍ଥିତି ସୃଷ୍ଟି କରିବ। ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଚନ୍ଦ୍ରଙ୍କ ଶୁଭତ୍ୱରୁ ଭଲ ରହିବ। ସାମ୍ବାଦିକତା, ଗବେଷଣା, ରପ୍ତାନି, ବାଣିଜ୍ୟ, ଜମିଜମା ତଥା ବ୍ୟବସାୟିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ବୃଷ**
ଚନ୍ଦ୍ରଙ୍କ ସୁପ୍ରଭାବରୁ ଯେକୌଣସି ପରିସ୍ଥିତିରେ ମଧ୍ୟ ଆପଣ ବୁଦ୍ଧିବଳ ଖଟାଇ କାମ ହାସଲ କରିପାରିବେ। କୌଣସି ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ଲେଖାପଢ଼ା, ସଭାସମିତିରେ ମନ୍ଥର ଗତିରେ କାମ କରିବାକୁ ବାଧ ହେବେ। ଅର୍ଥଲାଭ ଓ ଶୁଭଖବର ପାଇ ମନ ଖୁସି ହୋଇଯିବ।

**ମିଥୁନ**
ବଳବାନ୍ ମଙ୍ଗଳଙ୍କ ପ୍ରଭାବରୁ କୌଣସି କାମରେ ଓହରିଯିବେ ନାହିଁ ବରଂ ସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା, ସାହିତ୍ୟରେ ଉନ୍ନତି କରିବେ। ମହିଳାମାନଙ୍କ ମନ ପ୍ରଫୁଲ୍ଲ ରହିବ।

**କର୍କଟ**
ପାରିବାରିକ ଆବଶ୍ୟକତା ଉପଲବ୍ଧି କରି କୌଣସି ମୂଲ୍ୟବାନ ଜିନିଷ କ୍ରୟ କରିପାରନ୍ତି। ଆମଦାନୀ କାରବାର ଓ ପରିବହନରେ ସମସ୍ୟା ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ସମସ୍ୟାର ସମାଧାନ ହେବା ସହ ଅଭିଳାଷ ପୂରଣ କରିପାରିବେ।

**ସିଂହ**
ବାରମ୍ବାର ଚେଷ୍ଟା କରି ମଧ୍ୟ ଅଟକି ରହିଥିବା କୌଣସି କାମ ସକାଶେ ଶୁଭ ଖବର ପାଇ ଖୁସି ହେବେ। ପରିବାର, କର୍ମକ୍ଷେତ୍ର, ମିତ୍ରବନ୍ଧୁଙ୍କ କ୍ଷେତ୍ରରେ ପଛକଥା ନ ଭାବି ବର୍ତ୍ତମାନ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ସନ୍ତାନଙ୍କ ସମସ୍ୟା ଓ ପଡ଼ୋଶୀଙ୍କ ବିବାଦୀୟ ମନ୍ତବ୍ୟ ମାନସିକ ଅଶାନ୍ତିର କାରଣ ହୋଇପାରେ।

**କନ୍ୟା**
କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେଇପାରେ। ପାରିବାରିକ କ୍ଷେତ୍ରରେ ନିଜର ପ୍ରିୟ ବ୍ୟକ୍ତିଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ସାମାଜିକ ସ୍ତରରେ ସୁଖ୍ୟାତି ଅର୍ଜନର ମାର୍ଗ ଉନ୍ମୁକ୍ତ ହୋଇପାରେ। ଆଇନ ଅଦାଲତ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି ଜନିତ ଅଯଥା ଚିନ୍ତାକରି ମନକୁ ବିଭ୍ରାନ୍ତ କରି ମାନସିକ ଅଶାନ୍ତି ଅନୁଭବ କରିପାରନ୍ତି। ବହୁତ ଦିନରୁ ସ୍ଥିରୀକୃତ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଗୃହ ସମସ୍ୟା, ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ।

**ବିଛା**
ନୂତନ ପରିବେଶରେ ନୂଆ ବନ୍ଧୁଙ୍କ ସହ ମିଶି ନୂଆ ନୂଆ ଯୋଜନା ପାଇଁ ଆଲୋଚନା କରିପାରନ୍ତି। ରାଶ୍ୟାଧିପତିଙ୍କ ପ୍ରଭାବରୁ ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ଅବଶ୍ୟମ୍ଭାବୀ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ**
ପାପଗ୍ରହ ମଧ୍ୟରେ କର୍ମାଧିପ ସ୍ୱକୀୟ ଗୁଣଧର୍ମ ତ୍ୟାଗ କରି ଲକ୍ଷ୍ୟହୀନ କାର୍ଯ୍ୟ, ଭ୍ରମଣଜନିତ ସମୟର ଅପଚୟ କରିପାରନ୍ତି। ଫଳତଃ ସୁବିଧା ଥାଇ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରିବାକୁ ପଡ଼ିବ। କାନକୁହା କଥାକୁ ସତ ମନେକରି ପଦାଧିକାରୀ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**
ସାଧାରଣ କଥାରେ ତର୍କବିତର୍କ ଜନିତ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆପଣଙ୍କ କାର୍ଯ୍ୟକଳାପରେ ବନ୍ଧୁ ଅସନ୍ତୁଷ୍ଟ ହୋଇ ଦୂରେଇ ରହିବାର ଅନୁଭବ କରିପାରନ୍ତି। ଅତି ନିକଟତମ ବ୍ୟକ୍ତିଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ନୂତନ କର୍ମାରମ୍ଭ, ବ୍ୟବସାୟ ସକାଶେ ଦିନଟି ଭଲ ରହିବ।

**କୁମ୍ଭ**
ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି ଦୀର୍ଘ ଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି। ସାମାଜିକ ସ୍ତରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସାମାଜିକ ସ୍ତରରେ ଖଳବୁଦ୍ଧିରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିପାରେ। ବିଶେଷ ଭାବରେ ଆଜିଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ।

**ମୀନ**
ସ୍ୱାୟବିକ ଦୁର୍ବଳତା ଅନୁଭବ କରିବେ, ଫଳରେ କାମ ପ୍ରତିସ୍ପୃହା ରହିବ ନାହିଁ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କର୍ମକ୍ଷେତ୍ରରେ ଘଡ଼ିକେ ଘୋଡ଼ା ଛୁଟୁଥିବାର ଲକ୍ଷ୍ୟକରି କୌଣସି ନିଷ୍ପତି ନେବା ପ୍ରଶାସନିକ ସ୍ତରରେ ଚିନ୍ତାର କାରଣ ହେବ। ପ୍ରତିବନ୍ଧକ କାରଣରୁ ଶେଷ ସମୟରେ ଯାତ୍ରା ସ୍ଥଗିତ ରହିଯିବ।

ଆଜି ପୌଷ କୃଷ୍ଣ ପ୍ରତିପଦା ରବିବାର, ଡିସେମ୍ବର ୨୩ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ମେଷ ରାଶିର ଘାତବାର, କନ୍ୟା ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୪୨ମି. ଗତେ ଘ୯।୦୩ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୩ମି. ଗତେ ଘ୧୦।୨୪ମି. ମଧ୍ୟେ, ଘ୧।୦୬ମି. ଗତେ ଘ୨।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୩।୪୯ମି. ଗତେ ଘ୫।୧୦ମି. ମଧ୍ୟେ ରାହୁକାଳ।

# ରାଜ୍ୟ ସରକାରଙ୍କୁ ଶ୍ରୀକାନ୍ତଙ୍କ ଟାର୍ଗେଟ
## ଚାଷୀ ଅପେକ୍ଷା ଖଣି ଲୁଟେରାଙ୍କ ପ୍ରୀତି ଅଧିକ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)



ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଆୟୋଜିତ ବିକ୍ଷୋଭ ସଭାରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ଓ ଅନ୍ୟମାନେ।

ଖଣି ଦୁର୍ନୀତି ଯୋଗୁ ରାଜ୍ୟ କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛି। ହାତଗଣତି କେତୋଟି ପରିବାର ଓଡ଼ିଶାର ସମ୍ପଦକୁ ଲୁଟ୍‌କରି ନିଜର ସ୍ୱାର୍ଥ ସାଧନ କରିଛନ୍ତି। ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି(ସିଇସି) ଏବଂ ଶାହ କମିଶନ ଖୋଲାଖୋଲି ଭାବେ ବିଭିନ୍ନ କମ୍ପାନୀ ନାଁ ନେଇଛନ୍ତି। ଏଗୁଡ଼ିକ ମଧ୍ୟରେ ଟାଟା, ବିରଳା ଏବଂ ପଟ୍ଟନାୟକମାନଙ୍କ କମ୍ପାନୀ ରହିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଶନିବାର ରାଜଭବନ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ଯୋଗଦେଇ ସେ ଏଭଳି ଅଭିଯୋଗ ଆଣିଛନ୍ତି।

ଶ୍ରୀକାନ୍ତ ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇ ସିଧାସଳଖ ଭାବେ ଓଡ଼ିଶା ରାଜନୀତିରେ ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ଧରି ସକ୍ରିୟ ଥିବା ପଟ୍ଟନାୟକ ପରିବାରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ଖଣି ଲୁଟେରାଙ୍କ ସ୍ୱାର୍ଥ ରକ୍ଷା ପାଇଁ ଜରିମାନା ଅର୍ଥକୁ ମାତ୍ର ୧୭ ହଜାର କୋଟିକୁ ହ୍ରାସ କରାଇଦେଲେ। ତନ୍ମଧ୍ୟରୁ ମାତ୍ର ୮ ହଜାର କୋଟି ଆଦାୟ କରାଗଲା। ଓଡ଼ିଶା ଲୁଟ୍ କରିଥିବା ଗୋଟିଏ କମ୍ପାନୀ, ଯିଏ ୬୦୦୦ କୋଟି ଜରିମାନା ଦେବା କଥା, ସେହି କମ୍ପାନୀ ୬୦୦ କୋଟି ଟଙ୍କା ଦେଇ ଖସିଯିବାକୁ ବସିଛି। ସେମାନଙ୍କୁ ଏତେ ଅନୁକମ୍ପା କ'ଣ ପାଇଁ। ଖଣି ଲୁଟେରାଙ୍କୁ ଯଦି ୫୦,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଛାଡ଼ କରି ଦିଆଯାଇପାରୁଛି, ତେବେ ଓଡ଼ିଆ ଚାଷୀଙ୍କୁ ୧୦,୦୦୦ କୋଟି ଟଙ୍କା କ'ଣ ପାଇଁ ଛାଡ଼ କରାଯାଉନାହିଁ। ଚାଷୀ ଅପେକ୍ଷା ରାଜ୍ୟ ସରକାରଙ୍କ ଖଣି ଲୁଟେରା ପ୍ରୀତି ଅଧିକ। ଉକ୍ତ ଲୁଟେରା କମ୍ପାନୀଙ୍କୁ ଅନୁକମ୍ପା ରାଜ୍ୟକୁ ଦେବାଳିଆ କରିବନି କି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ଭାଜପା ଏବଂ ବିଜେଡିର କୃଷକମାନଙ୍କ ପ୍ରତି ଆଭିମୁଖ୍ୟ ସମାନ। ତେଣୁ ଦିଲ୍ଲୀ ଯାଇ ବିଜେଡି ନାଟକବାଜି ନ କରୁ ବୋଲି ଶ୍ରୀକାନ୍ତ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା କାହ୍ନୁ ଚରଣ ଲେଙ୍କା କହିଛନ୍ତି ଯେ, ରାଜ୍ୟ ସରକାର ପ୍ରଥମେ ଚାଷୀ ଚିହ୍ନଟ କରନ୍ତୁ। 'କାଳିଆ' ଯୋଜନାର ସୁବିଧା ଚାଷୀଙ୍କୁ କେବେ ମିଳିବ, ତାହା ନିର୍ଦ୍ଦିଷ୍ଟ ଭାବେ ସ୍ପଷ୍ଟ କରନ୍ତୁ। ପ୍ରକୃତ ଭାଗଚାଷୀ ଏବଂ ନାମମାତ୍ର ଚାଷୀ ଚିହ୍ନଟ ପ୍ରକ୍ରିୟା ହେବା ପରେ ହିଁ ଯୋଜନାର ସୁଫଳ ମିଳିପାରିବ।

ସାମାଜିକ ନ୍ୟାୟ ଅଭିଯାନର ଆବାହକ କୃଷ୍ଣଚନ୍ଦ୍ର ସଗରିଆ କହିଛନ୍ତି ଯେ, ରାଜ୍ୟ ସରକାର ଖଣି ଲୁଟେରାଙ୍କୁ ଯେତିକି ଅର୍ଥ ଛାଡ଼ କରିଛନ୍ତି, ତାହା ତୁଳନାରେ କୃଷିଋଣ କିଛି ନୁହେଁ। ଓଡ଼ିଶାର ଦୁଇ ପଟ୍ଟନାୟକ ପରିବାର ୪୦ ବର୍ଷ ଧରି ରାଜ୍ୟକୁ ଶାସନ କରି ଖଣିଜ ସମ୍ପଦ ଲୁଟ୍ କରିଛନ୍ତି। ତେଣୁ ଖଣି ଲୁଟେରା ପଟ୍ଟନାୟକ ଶାସନରୁ ମୁକ୍ତ ହେବା ପାଇଁ ରାଜ୍ୟବାସୀ ମନ ସ୍ଥିର କରନ୍ତୁ ବୋଲି ସଗରିଆ କହିଛନ୍ତି।

## କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ପାଇଁ ଓଡ଼ିଶାର ଦାବି

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

କେନ୍ଦୁପତ୍ର ଉପରେ ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ୧୮ ପ୍ରତିଶତରୁ ୫ ପ୍ରତିଶତ କରିବା ପାଇଁ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଶନିବାର ଅନୁଷ୍ଠିତ ଜିଏସ୍‌ଟି କାଉନସିଲ ବୈଠକରେ ଦାବି କରିଛନ୍ତି । ଶଶିଭୂଷଣ କହିଛନ୍ତି ଯେ, କେନ୍ଦୁପତ୍ର ଉପରେ ଜିଏସ୍‌ଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ନଭେମ୍ବର ୨୯ରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଥିଲେ । ଲଘୁ ବନଜାତ ଦ୍ରବ୍ୟ ଭାବରେ ରାଜ୍ୟରେ ଜିଏସ୍‌ଟି ପ୍ରଚଳନ ପୂର୍ବରୁ ମୂଲ୍ୟଯୁକ୍ତ କର(ଭାଟ୍)ରେ ୫ ପ୍ରତିଶତ ଆଦାୟ କରାଯାଉଥିଲା । ଅତ୍ୟଧିକ ଟିକସ ଯୋଗୁ କେନ୍ଦୁପତ୍ର ବିକ୍ରି ପ୍ରଭାବିତ ହେବା ସହିତ ଓଡ଼ିଶା ବନ ଉନ୍ନୟନ ନିଗମ ଦ୍ୱାରା ଇ-ଟେଣ୍ଡରରେ କେନ୍ଦୁପତ୍ର ବିକ୍ରି ହ୍ରାସ ପାଇଛି । ଏହା ଦ୍ୱାରା କେନ୍ଦୁପତ୍ର ତୋଳାଳି ଏବଂ ଏଥି ସହିତ ଜଡ଼ିତ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଓ କଲ୍ୟାଣମୂଳକ ଯୋଜନା ବାଧାପ୍ରାପ୍ତ ହୋଇଛି ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟସୂଚୀ

ଖୋର୍ଦ୍ଧା ଅଫିସ,୨୨।୧୨

ଆସନ୍ତା ୨୪ତାରିଖ ପୂର୍ବାହ୍ନ ୧୧ଟା ୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରୁ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ଅପରାହ୍ନ ୧ଟା ୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଅପରାହ୍ନ ୧ଟା ୧୦ମିନିଟ୍‌ରେ ଭୁବନେଶ୍ୱରରୁ ଏମ୍ଆଇ-୮/୧୭ ହେଲିକପ୍ଟର ଯୋଗେ ଖୋର୍ଦ୍ଧା ଅଭିମୁଖେ ବାହାରିବେ। ସେଠାରେ ୧ଟା ୧୫ ମିନିଟ୍‌ରେ ସାଧାରଣ ସଭାରେ ଯୋଗଦେବେ। ଏଠାରୁ ପୁଣି ହେଲିକପ୍ଟରରେ ବାହାରି ଗୋଟାଏ ୩୦ରେ ଭୁବନେଶ୍ୱରରେ ପହଞ୍ଚିବେ। ଅପରାହ୍ନ ୧ଟା ୩୫ରେ ଭୁବନେଶ୍ୱର ହେଲିପ୍ୟାଡରୁ ବାହାରି ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ ଅରଗୁଳକୁ ସଡ଼କପଥରେ ଯିବେ। ଅପରାହ୍ନ ୧ଟା ୪୦ରୁ ୨ଟା ୨୦ମଧ୍ୟରେ ଓଡ଼ିଶା ପାଇଁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ସେ ଅପରାହ୍ନ ୨ଟା ୨୫ମିନିଟ୍‌ରେ ସଡ଼କପଥରେ ବାହାରି ସାଢେ ୨ଟାରେ ଖୋର୍ଦ୍ଧାସ୍ଥିତ ନାଇଜର ଷ୍ଟାଡିୟମରେ ପହଞ୍ଚିବେ। ସାଢ଼େ ୨ଟାରୁ ଅପରାହ୍ନ ୩ଟା୧୫ ପର୍ଯ୍ୟନ୍ତ ସାଧାରଣ ସଭାରେ ଯୋଗଦେଇ ଲୋକମାନଙ୍କୁ ସମ୍ବୋଧନ କରିବେ। ଏହି ସଭା ବେସରକାରୀ କାର୍ଯ୍ୟକ୍ରମରେ ରହିଛି। ଅପରାହ୍ନ ୩ଟା ୨୦ ମିନିଟ୍‌ରେ ସଡ଼କପଥରେ ଯାଇ ସାଢେ ୩ ଟାରେ ଭୁବନେଶ୍ୱର ହେଲିପ୍ୟାଡରେ ପହଞ୍ଚିବେ। ଅପରାହ୍ନ ୩ଟା ୩୫ରେ ହେଲିପ୍ୟାଡ ଛାଡି ୩ଟା ୫୫ମିନିଟ୍‌ରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବେ। ଅପରାହ୍ନ ୪ଟାରେ ବିମାନ ବନ୍ଦର ଛାଡି ସନ୍ଧ୍ୟା ୬ଟା ୧୫ମିନିଟ୍‌ରେ ଦିଲ୍ଲୀରେ ପହଞ୍ଚିବେ। ଭାରତ ସରକାରଙ୍କ ଅଣ୍ଡର ପର୍ସନାଲ ସେକ୍ରେଟାରି ପୁଷ୍ପେନ୍ଦ୍ର କୁମାର ଶର୍ମାଙ୍କ ସ୍ୱାକ୍ଷର ଥାଇ ଜିଲା ପ୍ରଶାସନକୁ ଶନିବାର ଚିଠି ମିଳିଛି।

# ମୋବାଇଲ ବଦଳରେ ମିଳିଲା ସାବୁନ

- ପୋଲିସକୁ ଠକିବା ମହଙ୍ଗା ପଡ଼ିଲା
- ଧରାପଡ଼ିଲେ ଦୁଇ କୋରିଅର ବଏ
- ୫ ମୋବାଇଲ , ଲାପ୍‌ଟପ୍, ୩ ଏଟିଏମ୍ କାର୍ଡ ଜବତ


କୋରିଅର ବଏଙ୍କ ସହିତ ଥାନା ଅଧିକାରୀ ଅଶୋକ କୁମାର ନାୟକ।

ବାରିପଦା ଅଫିସ,୨୨।୧୨

ଅନ୍‌ଲାଇନରେ ମଗାଇଥିଲେ ମୋବାଇଲ। ହେଲେ କୋରିଅର ପ୍ୟାକେଟରୁ ବାହାରିଲା ସାବୁନ। ଅପରପକ୍ଷେ କୋରିଅର ବଏ ୯ ହଜାର ଟଙ୍କା ନେଇ ଫେରାର। ଏପରି ଠକେଇର ଶିକାର ହୋଇଥିବା ଜଣେ ପୋଲିସ କର୍ମଚାରୀଙ୍କ ଅଭିଯୋଗକୁ ଭିତ୍ତିକରି ବାରିପଦା ଟାଉନ ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଏନେଇ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବାରିପଦା ରିଜର୍ଭ କାର୍ଯ୍ୟାଳୟରେ କାର୍ଯ୍ୟରତ ଏପିଆର୍ କନଷ୍ଟେବଳ ଭୀମସେନ ମହାନ୍ତ ଗତ ୬ ତାରିଖରେ ଅନ୍‌ଲାଇନ ଯୋଗେ ଏକ ମୋବାଇଲ ଅର୍ଡର କରିଥିଲେ। ବାରିପଦାର କୃଷ୍ଣଚନ୍ଦ୍ର ଗୋଲେଇରେ ଥିବା ଏକ କୋରିଅର ସଂସ୍ଥା ଭୀମସେନଙ୍କୁ ଗତ ୧୩ ତାରିଖରେ ଉକ୍ତ ଡେଲିଭରି ଦେଇ ୯ ହଜାର ଟଙ୍କା ନେଇଥିଲେ। ହେଲେ ମୋବାଇଲ ବଦଳରେ କୋରିଅର ପ୍ୟାକେଟରୁ ଏକ ୧୦ ଟଙ୍କିଆ ସାବୁନ ବାହାରିଥିଲା। ପରେ ଭୀମସେନ ଅନ୍‌ଲାଇନ ଯୋଗେ ଅର୍ଡର କରିଥିବା କମ୍ପାନୀ ନାଁରେ ବାରିପଦା ଟାଉନ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ବାରିପଦା ଟାଉନ ଥାନା ପୋଲିସ ଏନେଇ ଏକ ମାମଲା (ନଂ.୩୦୮/୧୮) ରୁଜୁକରି ତଦନ୍ତ ଆରମ୍ଭ କରିଦେଇଥିଲା। ପରେ କମ୍ପାନୀ ଦ୍ୱାରା ପ୍ରଦତ୍ତ ସମ୍ପୃକ୍ତ ମୋବାଇଲର ଆଇଏମ୍ଇଆଇ ନମ୍ବରକୁ ଟ୍ରେସ୍ କରାଯାଇଥିଲା। ମୋବାଇଲ ଡେଲିଭରି ଦାୟିତ୍ୱରେ ଥିବା କୋରିଅର ସଂସ୍ଥାର କର୍ମଚାରୀ ବେଲଗଡ଼ିଆ ଅଞ୍ଚଳର ଅଭିଷେକ ବେହେରା ଏହି ମୋବାଇଲ ବ୍ୟବହାର କରୁଥିବା ଜଣାପଡ଼ିଥିଲା। ଏହା ସହିତ ମୋବାଇଲ ଡେଲିଭରି ଦେବାକୁ ଆସିଥିବା କର୍ମଚାରୀ ପ୍ରକାଶ ଚନ୍ଦ୍ର ନାୟକ ଏହି ଠକେଇରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଅଭିଷେକ ଓ ପ୍ରକାଶଙ୍କୁ ଶନିବାର ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ସମୟରେ ସେମାନଙ୍କ ନିକଟରୁ ଏହି ନୂଆ ମୋବାଇଲ ସମେତ ୪ଟି ମୋବାଇଲ, ଗୋଟିଏ ଲାପ୍‌ଟପ୍, ନଗଦ ୨ ହଜାର ଟଙ୍କା, ୩ ଟି ଏଟିଏମ୍ କାର୍ଡ ଓ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ତେବେ ଏହି ଯୁବକମାନେ ପୂର୍ବରୁ ବହୁ ଠକେଇରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରି ତଦନ୍ତ କରୁଛି। ଅନ୍‌ଲାଇନରେ ଅର୍ଡର କରୁଥିବା କୋରିଅର ସାମଗ୍ରୀ ମଗାଇଲେ ତାହାକୁ ଉକ୍ତ ସାମଗ୍ରୀକୁ କୋରିଅର ବଏ ସମ୍ମୁଖରେ ଖୋଲିବା କଥା। ସାମଗ୍ରୀରେ ଅଦଳ ବଦଳ ହୋଇଥିଲେ ଘଟଣାସ୍ଥଳରେ ହିଁ କୋରିଅର ବଏଙ୍କୁ ସାମଗ୍ରୀ ଫେରାଇଦେଇ ଠକେଇ ହେବାରୁ ବଞ୍ଚିତ ହେବେ ବୋଲି ଟାଉନ ଥାନା ଅଧିକାରୀ ନାୟକ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆମେରିକାରେ...

ନାସା କର୍ମଚାରୀଙ୍କ ସମେତ ବାଣିଜ୍ୟ ବିଭାଗ, କୃଷି, ଆଇନ ବିଭାଗର କର୍ମଚାରୀମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଜାତୀୟ ପାର୍କ ଖୋଲାଥିଲେ ମଧ୍ୟ ଏହାର ଅଧିକାଂଶ କର୍ମଚାରୀଙ୍କୁ ଛୁଟିରେ ରହିବାକୁ କୁହାଯାଇଛି।

## ଟ୍ରକ ହେଲପରଙ୍କୁ...

ସ୍ଥାନୀୟ ଲୋକେ ଦେଖିଥିଲେ। ପପୁଙ୍କ କହିବା ଅନୁଯାୟୀ, କେତେଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଟ୍ରକ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ଦୁହେଁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଟ୍ରକ ଜବତ କରିଥିଲା। ପପୁଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

■ ଗ୍ରାମସେବକ/ସେବିକା ସଂଘର ବାର୍ଷିକ ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ଲୋକଙ୍କ ସ୍ୱାର୍ଥ ପାଇଁ କାମ କର

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟ ଫୋକସ୍ ହେଉଛି ଗାଁ। ଗାଁର ବିକାଶ ସହିତ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଏବଂ ସାମାଜିକ ଉନ୍ନତିମୂଳକ ଯୋଜନାର ସଫଳ ରୂପାୟନରେ ଗ୍ରାମସେବକ ଓ ସେବିକାମାନଙ୍କର ପ୍ରମୁଖ ଭୂମିକା ରହିଛି। ଏଭଳିସ୍ଥଳେ ଲୋକଙ୍କ ସ୍ୱାର୍ଥ ପାଇଁ ସମସ୍ତେ ସ୍ୱଚ୍ଛ ଭାବରେ କାର୍ଯ୍ୟ କରିବା ଉଚିତ। ଲୋକେ ନିଜର ହକ୍ ପାଇବାରେ ଯେଭଳି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ଧ୍ୟାନଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଖିଳ ଉତ୍କଳ ଗ୍ରାମସେବକ/ସେବିକା ସଂଘର ସଦସ୍ୟମାନଙ୍କୁ କହିଛନ୍ତି।

ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଆୟୋଜିତ ନିଖିଳ ଉତ୍କଳ ଗ୍ରାମସେବକ/ସେବିକା ସଂଘ ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ୨୯ତମ ବାର୍ଷିକ ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ଆମ ଗାଁ ଆମ ବିକାଶ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ। ନିକଟରେ ଆରମ୍ଭ ହୋଇଥିବା ପିଠା କାର୍ଯ୍ୟକ୍ରମକୁ ମଧ୍ୟ ବହୁଳ ଭାବେ ଜନସମର୍ଥନ ମିଳିଛି। ଏଭଳି ଜନହିତକର କାର୍ଯ୍ୟକ୍ରମ ତଥା ବିଭିନ୍ନ ସରକାରୀ ସେବା ଓ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଚାଷୀଙ୍କ ପାଇଁ ବହୁପ୍ରତୀକ୍ଷିତ 'କାଳିଆ' ଯୋଜନା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ପଞ୍ଚାୟତର ପ୍ରମୁଖ ଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିଭଳି ତୃଣମୂଳସ୍ତରରେ ଥ୍ରୀ ଟି ତଥା ଟ୍ରାନ୍ସପରେନ୍ସି, ଟିମ୍‌ୱର୍କ ଓ ଟେକ୍ନୋଲୋଜିର ସଫଳତା ଗ୍ରାମସେବକ ଏବଂ ସେବିକାମାନଙ୍କ ଉପରେ ନିର୍ଭର କରୁଛି। ତେଣୁ ସମସ୍ତେ ଭଲ କାମ କରି ଲୋକଙ୍କ ବିଶ୍ୱାସ ଜିତିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ମହାରଥୀ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଉତ୍କଳ ଗ୍ରାମସେବକ/ସେବିକା ସଂଘ ଅଧ୍ୟକ୍ଷ ସୁବାସ ଚନ୍ଦ୍ର କର, ସଭାପତି ଦେବବ୍ରତ ଦାଶ, ଉପସଭାପତି କେ.ସି. ଦାଶ, ସାଧାରଣ ସମ୍ପାଦକ ସୁବ୍ରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ଅଧିବେଶନରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# କଳାଲୋମଯୁକ୍ତ ୨ ଛୁଆ ଜନ୍ମ କଲା 'ରେଣୁକା'

ବାରଙ୍ଗ,୨୨।୧୨(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ବାଘୁଣୀ ରେଣୁକା ଦୁଇଟି ଛୁଆ ଜନ୍ମ କରିଛି। ବର୍ଷ ଶେଷକୁ ରେଣୁକା ମା' ହେବା ନନ୍ଦନକାନନ ପାଇଁ ଖୁସି ଆଣିଦେଇଛି। ନୂଆବର୍ଷ ଆସୁଥିବାରୁ ଏହା ପର୍ଯ୍ୟଟକଙ୍କ ପାଇଁ ନୂଆବର୍ଷର ଭେଟି ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନବଜନ୍ମିତ ବାଘ ଛୁଆ ଦୁଇଟି କଳାଲୋମଯୁକ୍ତ, ଯାହାକି ନନ୍ଦନକାନନକୁ ପୁଣିଥରେ ଚର୍ଚ୍ଚା ପରିସରକୁ ଆଣିଛି।

ଗତ କିଛିଦିନ ଧରି ନନ୍ଦନକାନନ କର୍ତ୍ତୃପକ୍ଷ ଜଙ୍ଗଲୀ ବାଘୁଣୀ 'ସାରା' ଓ ସାଧାରଣ ରଙ୍ଗର ବାଘୁଣୀ 'ରେଣୁକା' ଉପରେ ନଜର ରଖିଥିଲେ। ଦୁହେଁ ଗର୍ଭବତୀ ଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ହେପାଜତରେ ରଖାଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସାରା ଛୁଆ ଜନ୍ମ କରି ନ ଥିବାବେଳେ ରେଣୁକା ଦୁଇଟି କଳାଲୋମଯୁକ୍ତ ଛୁଆ ଜନ୍ମ କରିଛି। ଶନିବାର ଭୋର୍ ୩ଟା ୪୦ରେ ଗୋଟିଏ ଓ ମଧ୍ୟାହ୍ନ ୧୨ଟାରେ ଆଉ ଗୋଟିଏ ଛୁଆ ଜନ୍ମ କରି ରେଣୁକା ଦ୍ୱିତୀୟ ଥର ପାଇଁ ମା' ହୋଇଛି। ୩୩ ନଂ. ଏନ୍‌କ୍ଲୋଜରରେ ରେଣୁକାକୁ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରଖାଯାଇଥିଲା। ଜନ୍ମ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ପାଇଁ କର୍ତ୍ତୃପକ୍ଷ ଏନ୍‌କ୍ଲୋଜର ଭିତରେ ୬ଟି ସିସିଟିଭି କ୍ୟାମେରା ଲଗାଇଥିଲେ। କମ୍ ସଂଖ୍ୟକ କର୍ମଚାରୀଙ୍କ ଯିବାଆସିବାକୁ ଛାଡ଼ିଦେଲେ ଏନ୍‌କ୍ଲୋଜର ଭିତରକୁ ଅନ୍ୟମାନଙ୍କ ଯାତାୟାତକୁ ବନ୍ଦ କରାଯାଇଥିଲା। ଶନିବାର ସକାଳେ ରେଣୁକା ଛୁଆ ଜନ୍ମ କରିଥିବା ଖବର କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଏବେ ମା' ଓ ଛୁଆଦ୍ୱୟ ସୁସ୍ଥ ଥିବାବେଳେ ସେମାନେ ମା' କ୍ଷୀର ଗ୍ରହଣ କରୁଛନ୍ତି। ସେପଟେ ଦୁଇ ବାଘ ଛୁଆ ଜନ୍ମ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୧୫ଟି ସାଧାରଣ ରଙ୍ଗର, ୯ଟି ଧଳା ଏବଂ ୪ଟି କଳାଲୋମଯୁକ୍ତ ବାଘ ଅଛନ୍ତି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

ସୂଚନାଥାଉ କି, ୨୦୦୮ ଫେବୃୟାରୀ ୨୮ରେ ଶୈଳଜା ଓ ରୋହିତ୍‌ର ମିଳନରୁ ତିନି ଛୁଆ ରିଷି, ମନୀଷ ଏବଂ ରେଣୁକା ଜନ୍ମ ନେଇଥିଲେ। ସେମାନଙ୍କ ମଧ୍ୟରୁ ମନୀଷର ଗତ ସେପ୍ଟେମ୍ବର ୧ରେ ମୃତ୍ୟୁ ଘଟିଥିଲା। ତେବେ ମନୀଷ ସହ ସ୍ନେହାର ମିଳନରୁ ଦୁଇଥର ୨୦୧୪ ଏବଂ ୨୦୧୬ରେ ୭ଟି ଛୁଆ ଜନ୍ମ ହୋଇଥିଲେ। ସେଥିମଧ୍ୟରୁ କ୍ରିଷ୍ଣା ଓ ଭିକି କଳାଲୋମଯୁକ୍ତ। ମନୀଷର ମୃତ୍ୟୁ ପରେ ରେଣୁକା ଉପରେ ସମସ୍ତଙ୍କର ନଜର ରହିଥିଲା। ରେଣୁକାର ପ୍ରଥମ ମିଳନ ୨୦୧୭ ମାର୍ଚ୍ଚ ୧୪ରେ ସମ୍ରାଟ ସହ ହୋଇଥିଲା। ସେହିବର୍ଷ ମେ' ୨୫ରେ ରେଣୁକା ଏକ କଳାଲୋମଯୁକ୍ତ ମଲା ଛୁଆକୁ ଜନ୍ମ ଦେଇଥିଲା। ଏବେ ପୁଣିଥରେ ସମ୍ରାଟ ସହ ମିଳନ ଘଟି ୨ କଳାଲୋମଯୁକ୍ତ ଛୁଆ ଜନ୍ମ ଦେଇଛି।

**ନନ୍ଦନକାନନ**

- ପର୍ଯ୍ୟଟକଙ୍କ ପାଇଁ ନୂଆବର୍ଷ ଭେଟି
- ବାଘ ସଂଖ୍ୟା ୨୮କୁ ବୃଦ୍ଧି



# ୩୦ ଲକ୍ଷର ବ୍ରାଉନସୁଗାର ଜବତ



ପୋଲିସ ହେପାଜତରେ ଦୁଇ ଅଭିଯୁକ୍ତ ।

ଖୋର୍ଦ୍ଧା ଅଫିସ,୨୨।୧୨

ଖୋର୍ଦ୍ଧା ସହରରୁ ଶନିବାର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ଭାଲିଆବାଡି ଓ ମଠସାହିରେ ଖୋର୍ଦ୍ଧା ଅବକାରୀ ବିଭାଗ, କଟକ ଓ ଖୋର୍ଦ୍ଧା ଫ୍ଲାଇଂ ସ୍କ୍ୱାଡ୍ ଏବଂ ଭୁବନେଶ୍ୱର ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ସ୍କ୍ୱାଡ୍ ୨୯୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସ୍କ୍ୱାଡ ପକ୍ଷରୁ କୁହାଯାଇଛି। ଭାଲିଆବାଡି ରାଧାଗୋବିନ୍ଦପୁରର କୃଷ୍ଣଚନ୍ଦ୍ର ପଲେଇ(୩୪)ଙ୍କଠାରୁ ୧୫୦ ଗ୍ରାମ ଓ ମଠସାହିର ରବୀନ୍ଦ୍ର ପ୍ରଧାନ(୩୩)ଙ୍କ ପାଖରୁ ୧୪୫ ଗ୍ରାମ ବ୍ରାଉନସୁଗାର ମିଳିଛି। ଏ ନେଇ କୃଷ୍ଣଚନ୍ଦ୍ରଙ୍କ ନାମରେ କଟକ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ନଂ. ୨୩୩/୨୦୧୮-୧୯ରେ, ରବୀନ୍ଦ୍ରଙ୍କ ନାଁରେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ନଂ. ୪୪/୨୦୧୮-୧୯ରେ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶାନ୍ତନୁ ଦାସ, କଟକ ଫ୍ଲାଇଂ ସ୍କ୍ୱାଡ ଇନ୍ସପେକ୍ଟର ଶରତ ଚନ୍ଦ୍ର ଭଞ୍ଜ, ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକ ଓ ଜିଲା ମୋବାଇଲ ସ୍କ୍ୱାଡ୍‌ର ସବ୍‌ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସାମିଲ ହୋଇଥିଲେ। ବାଲେଶ୍ୱରରୁ ଏହି ବ୍ରାଉନସୁଗାର ଆସିଥିବା ତଦନ୍ତରୁ ଜଣାପଡିଛି।

ସୋସିଆଲ ମିଡିଆରେ ଧର୍ମେନ୍ଦ୍ରଙ୍କ ମତ

# ଚାଷୀଙ୍କୁ କଳାକନା ବୁଲାଇବା ପରେ କାଳିଆ ଯୋଜନା

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଦୀର୍ଘଦିନର ବିଜେଡି ଶାସନରେ ଚାଷୀମାନଙ୍କୁ କଳାକନା ବୁଲାଇ ଦିଆଯାଇଛି। ରାଜ୍ୟ ସରକାର ଚାଷୀମାନଙ୍କୁ ସହଯୋଗର ହାତ ବଢାଇବାକୁ କାଳିଆ ଯୋଜନା କରିଛନ୍ତି। ଏହା ବୁଢା ବାଘର କଙ୍କଣ ଦାନ ଉପାଖ୍ୟାନ ପରି ଲାଗୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କାଳିଆ ଯୋଜନାକୁ କଡା ସମାଲୋଚନା କରି ଶନିବାର ଧର୍ମେନ୍ଦ୍ର ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ, ଓଡିଶାର ଚାଷୀମାନେ ଆଜି ୧୯ ବର୍ଷର ନବୀନ ସରକାରଙ୍କୁ ଜବାବ ମାଗୁଛନ୍ତି। ଏବେ ବି ରାଜ୍ୟରେ ୯୦ରୁ ଅଧିକ ବ୍ଲକରେ ୩୫ ପ୍ରତିଶତରୁ କମ ଜଳସେଚନ ସୁବିଧା ହୋଇଛି। ବିଧାନସଭାରେ ସରକାର ଏକଥା ସ୍ୱୀକାର କରିଛନ୍ତି। ୨୦୦୦ରେ ୨୫% ଅଧିକ ଜମିକୁ ଜଳସେଚନ ସୁବିଧା ଦେବାକୁ ବିଜେଡି ସରକାର ପ୍ରତିଶ୍ରୁତି ଦେଇଥିବାବେଳେ ୨୦୦୪ରେ ଆଉ ୨୫%, ୨୦୦୯ରେ ୩୫ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ଏବଂ ୨୦୧୪ରେ ୫ ବର୍ଷ ମଧ୍ୟରେ ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ପ୍ରତିଶ୍ରୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାକୁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ମାତ୍ର ୫ଟି ସରକାରୀ ଶୀତଳ ଭଣ୍ଡାର ଅଛି। ଏହାର କ୍ଷମତା ହେଉଛି ମାତ୍ର ୧୮,୫୦୦ ମେଟ୍ରିକ ଟନ। ୨୦୦୦ ବେଳକୁ ସମବାୟ ବିଭାଗର ୫ଟି ସଚଳ ଓ ୧୨ଟି ଅଚଳ ଶୀତଳ ଭଣ୍ଡାର ଥିଲା। ଏବେ ସେତିକି ସଚଳ ଓ ଅଚଳ ଥିବା ବିଧାନସଭାରେ ଉତ୍ତର ଦେଉଛନ୍ତି। ଦୀର୍ଘ ୧୯ ବର୍ଷ ଶାସନ ପରେ ମଧ୍ୟ କୃଷି ଉତ୍ପାଦନର ସଂରକ୍ଷଣ ବ୍ୟବସ୍ଥା ହୋଇ ନ ପାରିବା ଅପାରଗତାର ପ୍ରମାଣ। ବିଭିନ୍ନ ଜିଲାରେ କେତେଜଣ ଭୂମିହୀନ ଭାଗ ଚାଷ କରି ଚଳୁଛନ୍ତି ତାହାର ତଥ୍ୟ ସରକାରଙ୍କ ପାଖରେ ନାହିଁ। ଏବେ କେଉଁ ଆଧାରରେ ଭାଗଚାଷୀଙ୍କୁ କାଳିଆ ସହାୟତା ଦେବେ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଜଣେ ଚାଷୀର ଚାଷରୁ ଆୟରେ ଓଡିଶା ହେଉଛି ତଳଆଡୁ ଦ୍ୱିତୀୟ। ମାସକୁ ମାତ୍ର ୧୪୦୭ ଟଙ୍କା ହେଉଛି ଜଣେ ଓଡିଶା ଚାଷୀଙ୍କ ରୋଜଗାର। ଓଡିଶାର ଅର୍ଥ ନୈତିକ ସର୍ଭେ ରିପୋର୍ଟ କହୁଛି ରାଜ୍ୟର ପାଖାପାଖି ୭୦ ପ୍ରତିଶତ ଲୋକ କୃଷି ଓ କୃଷି ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ସେମାନଙ୍କର ଅର୍ଥନୀତିରେ ଯୋଗଦାନ ମାତ୍ର ୧୫ ପ୍ରତିଶତ। ଆଳୁ ମିଶନରେ ୨୦୧୭-୨୦୧୮ ସୁଦ୍ଧା ୧୧.୨୫ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଗତବର୍ଷ ୨.୬୮ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ହୋଇଥିବା ବେଳେ ଶୀତଳ ଭଣ୍ଡାର ଅଭାବ କାରଣରୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥିଲେ। ସରକାରଙ୍କ ଅପାରଗତା ଆଳୁ ମିଶନକୁ ବିଫଳ କରିଥିଲା। ରାଜ୍ୟରେ ଦୈନିକ ୧୦୩ ଲକ୍ଷ ଅଣ୍ଡା ଆବଶ୍ୟକ ଥିବାବେଳେ ୦.୨୦ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ହେଉଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୧୮୬୧ ହଜାର ମେଟ୍ରିକ ଟନ ଯାହାକି ଜାତୀୟ ଉତ୍ପାଦନର ମାତ୍ର ୨ ପ୍ରତିଶତ। ମରୁଭୂମି ରାଜ୍ୟ ରାଜସ୍ଥାନ ଠାରୁ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ହାର୍ କମ। ଏତେ ବର୍ଷ ଶାସନ ସତ୍ତ୍ୱେ ଚାଷୀ ଦୁର୍ଦ୍ଦିନରେ ବୋଲି ସେ କହିଛନ୍ତି।





# ପ୍ରକୃତ ଦେଶପ୍ରେମ



ଆକାର ପଟେଲ

ଦେଶ ଆମଠାରୁ କ'ଣ ଆଶା କରେ? ୧୯୬୧ ମସିହା ଜାନୁୟାରୀ ମାସରେ ଆମେରିକାର ୩୫ତମ ରାଷ୍ଟ୍ରପତି ଜନ୍ ଏଫ୍. କେନେଡି ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଆମେରିକାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ- ଦେଶ ଆପଣମାନଙ୍କ ପାଇଁ କ'ଣ କରିପାରିବ, ତାହା ପଚାରନ୍ତୁ ନାହିଁ, ପଚାରନ୍ତୁ ଆପଣମାନେ ନିଜ ଦେଶ ପାଇଁ କ'ଣ କରିପାରିବେ। ତାଙ୍କ ବକ୍ତବ୍ୟର ଅର୍ଥ ହେଲା ଏଇଆ ଯେ, ଦେଶସେବା କରିବାର ପନ୍ଥା ହେଲା, ରାଷ୍ଟ୍ରର ବା ସରକାରଙ୍କର ବିନା ସାହାଯ୍ୟରେ ନିଜ ଜୀବନକୁ ଗଢ଼ିତୋଳିବା। ଏଠାରେ କେନେଡି ଆମେରିକାର ଦୀର୍ଘ ପରମ୍ପରାର ଉଲ୍ଲେଖ କରିଛନ୍ତି, ଯେଉଁଥିରେ ଆମେରିକୀୟ ଗୋଷ୍ଠୀସମୂହ ଓ ବ୍ୟକ୍ତିସମୂହ ନିଜ ନିଜର ଆବଶ୍ୟକତା ନିଜେ ପୂରଣ କରୁଥିଲେ। ଏଠାରେ କେନେଡି ପ୍ରକୃତ ଦେଶପ୍ରେମ କାହାକୁ କହନ୍ତି ତାହା ବୁଝାଇଛନ୍ତି ଏବଂ ପ୍ରକୃତ ଦେଶଭକ୍ତ ଦେଶ ଉପରେ ବୋଝ ହୋଇ ନ ଥାଏ।

ଏହା ସେ ସମୟରେ ପ୍ରଚଳିତ ଆମେରିକାର ପ୍ରତିପକ୍ଷ ସୋଭିଏଟ୍ ୟୁନିୟନର ପରମ୍ପରାଠାରୁ ଭିନ୍ନ। ସେତେବେଳେ ସୋଭିଏଟ୍ ୟୁନିୟନର ବ୍ୟବସ୍ଥାରେ ପ୍ରତି ସ୍ତରରେ ରାଷ୍ଟ୍ରର ହସ୍ତକ୍ଷେପ ରହୁଥିଲା। କେନେଡିଙ୍କ ୨୦ ବର୍ଷ ପରେ ବିପକ୍ଷ ଦଳରୁ ନିର୍ବାଚିତ ଆଉ ଜଣେ ରାଷ୍ଟ୍ରପତି ରୋନାଲ୍ଡ ରିଗାନ ମଧ୍ୟ ଅନୁରୂପ କଥା କହିଥିଲେ। ସେ କହିଥିଲେ- ଇଂଲିଶ ଭାଷାରେ ସବୁଠାରୁ ଭୟଙ୍କର ୯ଟି ଶବ୍ଦ ହେଉଛି: I'm from the government, and I'm here to help. ରିଗାନ ରିପବ୍ଲିକାନ୍ ପାର୍ଟିର ପ୍ରତିନିଧିତ୍ୱ କରୁଥିଲେ, ଯେଉଁ ଦଳ କେନେଡିଙ୍କ ମତକୁ ହିଁ ଅଧିକ ଶାଣିତ ଢଙ୍ଗରେ ପ୍ରକାଶ କରୁଥିଲା। ରିଗାନ କହୁଥିଲେ, ସରକାର ଲୋକଙ୍କ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ଅନେକ ଦଶନ୍ଧି ଧରି ରିପବ୍ଲିକାନ ପାର୍ଟି କହିଆସୁଥିଲା ଯେ, ସରକାର ଯେତେ ଛୋଟ ହେବ, ତାହା ନାଗରିକଙ୍କ ପାଇଁ ସେତେ ଭଲ ହେବ। ସରକାର ଯେତେ ବଡ଼ ହେବ, ତାହା ନାଗରିକଙ୍କ ଜୀବନ ଭିତରେ ସେତେ ଅଧିକ ପ୍ରବେଶ କରିବ। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉକ୍ତି 'Minimum government, maximum governance' ସେହି ଯୁକ୍ତି ଉପରେ ଆଧାରିତ।

ରାଷ୍ଟ୍ର ଓ ବ୍ୟକ୍ତି ଭିତରେ କିପରି ସମ୍ପର୍କ ରହିବା ଉଚିତ ବୋଲି ଆମ ଭାରତୀୟମାନଙ୍କର ମତ? ତାହା ଜାଣିବା ପାଇଁ ଆମେ ନିକଟରେ ଘଟିଥିବା ଏକ ଘଟଣା ଉପରେ ଦୃଷ୍ଟିପାତ କରିବା ଆବଶ୍ୟକ। ନିକଟରେ ଏକ ମିଡ଼ିଆ ଇଭେଣ୍ଟରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଲେ: ଅତ୍ୟନ୍ତ କୌତୂହଳର ବିଷୟ ହେଉଛି, ଆମେ ଭାରତ ବିଷୟରେ କହିଲାବେଳେ ଅନେକେ କହୁଛନ୍ତି, ଉତ୍ତେଜନାହୀନ ହେବା ଦେଶପ୍ରେମ ନୁହେଁ। ଏହି ଦେଶବିରୋଧୀ ଲୋକମାନେ ସମ୍ଭବତଃ କହିବେ ଯେ, ଜାତୀୟ ସଂଗୀତ ଗାନ କଲାବେଳେ ଲୁହ ଝରାଇବା କି ଦରକାର, ଠିଆହେବା କି ଦରକାର? ବାସ୍ତବରେ ସେମାନଙ୍କ ମତରେ 'ଭାରତ କେ ଶୌ ଟୁକ୍‌ଡ଼େ ହୋଙ୍ଗେ' କହିବା ଗଣତନ୍ତ୍ର ଉତ୍ସବ ପାଳନ କରିବାର ସର୍ବୋତ୍ତମ ଉପାୟ, ଯାହା ସହ ମୁଁ ଏକମତ ନୁହେଁ।

ସେ ଯେଉଁ ଢଙ୍ଗରେ ଏହା କହିଲେ, ସେଥିରୁ ଜଣାପଡୁଛି- ଦେଶ ସହ ବ୍ୟକ୍ତିର ଦୁଇ ପ୍ରକାର ସମ୍ପର୍କ ରହିପାରେ। ପ୍ରଥମଟି ହେଉଛି ଜାତୀୟ ସଂଗୀତ ଗାନ କରାଗଲାବେଳେ ଭାବପ୍ରବଣ ହୋଇ କାନ୍ଦିବା ଏବଂ ଦ୍ୱିତୀୟଟି ହେଉଛି ଭାରତ ଭାଗ ଭାଗ ହୋଇଯାଉ ବୋଲି ଇଚ୍ଛା କରିବା। ଦେଶ ସହ ଆମେ କିପରି ସମ୍ପର୍କ ରଖିବା ତାହା ଦର୍ଶାଇବା ପାଇଁ ଏହା ପ୍ରକୃତ ଉପାୟ ନୁହେଁ। ଦେଶ ସହ ବ୍ୟକ୍ତିର ନାନା ଭାବରେ ସମ୍ପର୍କ ଘଟିଥାଏ। ଜାତୀୟ ସଂଗୀତ ଗାନ କଲାବେଳେ ଯେଉଁ ସମ୍ପର୍କ ଘଟେ ତାହା ମାତ୍ର ୫୨ ସେକେଣ୍ଡର। ଏପରି କି ଆମେ ଯଦି ପ୍ରତିଦିନ ଜାତୀୟ ସଂଗୀତ ଗାନ କରୁ ଓ କାନ୍ଦୁ, ତେବେ ପ୍ରତିଦିନର ୨୪ ଘଣ୍ଟାରୁ ଆଉ ପ୍ରାୟ ୨୩ ଘଣ୍ଟା ୫୯ ମିନିଟ୍ ବଳକା ରହିଲାଣି। ଏହି ବଳକା ସମୟରେ କ'ଣ ଆମ ଭିତରେ ଦେଶପ୍ରେମ ରହେ ନାହିଁ? ଜାତୀୟ ସଂଗୀତ ଗାନର ପୂର୍ବରୁ ଓ ପରେ ଆମେ କ'ଣ କରୁ? ବାସ୍ତବରେ ଭାରତରେ ଦେଶ ସହ ଆମ ସମ୍ପର୍କର ଅନ୍ୟ ବିନ୍ଦୁଗୁଡ଼ିକ ଦୁର୍ବଳ। ଦେଶ ଚାହେଁ ଆମେ ଆମର ଟିକସଗୁଡ଼ିକ ଠିକ୍‌ଭାବେ ପଇଠ କରୁଁ, ଯାହା ଫଳରେ ଦେଶ ଚାଲିପାରିବ। କିନ୍ତୁ ଅଧିକାଂଶ ଭାରତୀୟ ସବୁବେଳେ ଟିକସ ଫାଙ୍କିବାକୁ ଚେଷ୍ଟା କରିଥାନ୍ତି। ଏହି ଲୋକମାନଙ୍କ ଭିତରେ ସେହି ଦେଶପ୍ରେମୀମାନେ ଅଛନ୍ତି, ଯେଉଁମାନେ ଜାତୀୟ ସଂଗୀତ ଗାନ କରାଗଲାବେଳେ ଠିଆ ହୁଅନ୍ତି ଓ ଲୁହ ଗଡ଼ାନ୍ତି। ଦେଶ ଚାହେଁ ଆମେ ଦେଶର ଆଇନକାନୁନଗୁଡ଼ିକୁ ଠିକ୍‌ଭାବେ ପାଳନ କରୁଁ। କିନ୍ତୁ ସାରା ପୃଥିବୀରେ ଆଇନ ମାନିବାରେ ଭାରତୀୟମାନଙ୍କର ସବୁଠାରୁ ଖରାପ ରେକର୍ଡ ରହିଛି। ଯେଉଁମାନଙ୍କର ବ୍ୟାପକ ଯାତ୍ରା କରିବାର ଅଭିଜ୍ଞତା ଅଛି, ସେମାନେ ଏହା ହୃଦୟଙ୍ଗମ କରିଥିବେ। ସ୍ମୃତି ଇରାନୀ ଦେଶଭକ୍ତିର ଏସବୁ ଦିଗ ଉପରେ ମଧ୍ୟ ଆଲୋକପାତ କରିବାର ଆବଶ୍ୟକତା ଥିଲା।

ଶେଷରେ ଦେଶ ଉପରେ ନିର୍ଭରଶୀଳତା ପ୍ରସଙ୍ଗରେ ଆମର ମନୋଭାବ କେନେଡିଙ୍କଠାରୁ ପୂରା ଓଲଟା। ରଣଛାଡ଼ଠାରୁ ଆରମ୍ଭ କରି ପ୍ରତି ବିଷୟରେ ଦେଶ ଆମକୁ ସାହାଯ୍ୟ କରୁ ବୋଲି ଆମେ ଚାହୁଁ। ଆମର କୌଣସି ସ୍ୱାଧୀନ ମନୋବୃତ୍ତି ନାହିଁ। ଆମେ ସରକାର ଓ ରାଷ୍ଟ୍ର ଉପରେ ସର୍ବାଧିକ ବୋଝ ହେବାକୁ ଚାହୁଁ। ଅଥଚ ଦେଶର ବିକାଶ ଲାଗି ସାମାନ୍ୟତମ ଦାୟିତ୍ୱ ନିଭାଇବାକୁ କୁଣ୍ଠାବୋଧ କରୁ। ସବୁଠାରୁ ଦୁଃଖର ବିଷୟ ହେଉଛି, କେନେଡି ଓ ରିଗାନଙ୍କ ଭାବଧାରାର ଠିକ୍ ଓଲଟା ରାସ୍ତାରେ ଯାଇ ଆମ ରାଜନେତାମାନେ ଏଥିଲାଗି ଆମକୁ ଉତ୍ସାହିତ କରନ୍ତି। ସ୍ମୃତି ଇରାନୀ ଓ ତାଙ୍କ ଭଳି ଅନ୍ୟମାନେ ଯାହା ଚାହାନ୍ତି, ତାହାର ଆରମ୍ଭ ଓ ଶେଷ ହେଉଛି, ଆମେ ଦେଶ ପାଇଁ କେବଳ ଏତିକି କରୁଁ: ଜାତୀୟ ସଂଗୀତ ଗାନ କରାଗଲାବେଳେ ଠିଆହୋଇ ଆଖିରୁ ଲୁହ ଗଡ଼ାଉଁ। ଏଥିରେ ଦେଶର ଉନ୍ନତି ସମ୍ଭବ କି?

Email: aakar.patel@gmail.com

# ମୋଦିଙ୍କ ଓଡ଼ିଶା



ଧର୍ମେନ୍ଦ୍ର ପ୍ରଧାନ

ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିକାଶ କାର୍ଯ୍ୟକ୍ରମ ସବୁବେଳେ ଦରିଦ୍ର ନାରାୟଣ ଓ ଅଭାବୀ ଲୋକଙ୍କ ସେବା ଉପରେ ଗୁରୁତ୍ୱ ଦେଇଆସୁଛି। ସମାଜର ଅନଗ୍ରସର ଶ୍ରେଣୀରେ ରହୁଥିବା ଲୋକଙ୍କ ନିକଟରେ ଜନକଲ୍ୟାଣ ଯୋଜନା ଯଥାଶୀଘ୍ର କିପରି ପହଞ୍ଚିପାରିବ ସେ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଉତ୍ତମ ଓଡ଼ିଶା' ଗଠନ ଲକ୍ଷ୍ୟ ରହିଛି। କେନ୍ଦ୍ର ସରକାରଙ୍କ ମଟୋ (ନୀତିବାକ୍ୟ) ହେଉଛି- ସବ୍‌କା ସାଥ୍, ସବ୍‌କା ବିକାଶ। ତୃଣମୂଳସ୍ତରରେ ଥିବା ହିତାଧିକାରୀମାନେ ଯେପରି ସରକାରଙ୍କ ସାମାଜିକ ଓ ବିକାଶମୂଳକ ଯୋଜନାର ସୁଫଳ ପାଇପାରିବେ ସେହି ଲକ୍ଷ୍ୟ ନେଇ ମୋଦି ସରକାର ଆଗକୁ ଚାଲିଛନ୍ତି।

ଓଡ଼ିଶା ଚାଉଳ ଉପରେ ବିଶେଷ ନିର୍ଭର କରେ। ସେଥିପାଇଁ ଅଗଣିତ ହିତାଧିକାରୀଙ୍କୁ କିଲୋପ୍ରତି ୧ ଟଙ୍କାର ରିହାତି ଦରରେ ଚାଉଳ ପ୍ରଦାନ କରାଯାଉଛି। ଚାଉଳ କିଲୋପ୍ରତି ୩୨ଟଙ୍କାରୁ କେନ୍ଦ୍ର ସରକାର ୨୮ ଟଙ୍କା ରିହାତି ପ୍ରଦାନ କରୁଛନ୍ତି। ରାଜ୍ୟ ସରକାର ୨ ଟଙ୍କା ରିହାତି ଦେଉଥିବାରୁ ଧନ୍ୟବାଦ ଜଣାଉଛି। ରାଜ୍ୟରେ ଧାନଚାଷ ଗୁରୁତ୍ୱ ବହନ କରିଆସିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିବାକୁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ କେନ୍ଦ୍ର ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାରେ ବେଶ୍ ସହାୟକ ହେବ। କୃଷି ହେଉଛି ପୂର୍ବ ଭାରତର ମେରୁଦଣ୍ଡ ସଦୃଶ। ଏହାକୁ ଶକ୍ତିଶାଳୀ କରିବା ପାଇଁ ଦ୍ୱିତୀୟ ସବୁଜ ବିପ୍ଳବର ପରିକଳ୍ପନା କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ହଜାର ହଜାର ଓଡ଼ିଆ ଚାଷୀଙ୍କ ମୁହଁରେ ହସ ଫୁଟାଇବାରେ ସଫଳ ହୋଇଛି।

ଏକ ବିକଶିତ ସମାଜ ପାଇଁ ସାମାଜିକ ନିରାପତ୍ତା ଓ ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ ହେଉଛି ମୌଳିକ ଆବଶ୍ୟକତା। ୨୦୧୪ ପରଠାରୁ ଓଡ଼ିଶାରେ ୪୬ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ସାମିଲ ହୋଇଛନ୍ତି। ଐତିହାସିକ ଜନଧନ ଯୋଜନାରେ ଓଡ଼ିଶାରେ ୧.୩୩ କୋଟି ଆକାଉଣ୍ଟ ଖୋଲାଯାଇଛି, ଯେଉଁଥିରେ ୩,୬୦୦ କୋଟି ଟଙ୍କା ଜମା ହୋଇଛି। ଓଡ଼ିଶାର ପ୍ରତ୍ୟେକ ପରିବାରକୁ ପକ୍କାଘର ଯୋଗାଇଦେବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୦୪ରୁ ୨୦୧୪ ମଧ୍ୟରେ ଉପା ସରକାର ଅମଳରେ ମାତ୍ର ୬.୯ ଲକ୍ଷ ପକ୍କାଘର ନିର୍ମାଣ କରାଯାଇଥିବା ବେଳେ ୨୦୧୪-୧୫ରୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଇନ୍ଦିରା ଆବାସ ଯୋଜନାରେ ୧୭.୬ ଲକ୍ଷ ଘର ନିର୍ମାଣ କରାଯାଇଛି। ସ୍ୱଚ୍ଛ ଓଡ଼ିଶା ବିନା ସ୍ୱଚ୍ଛ ଭାରତ ପରିକଳ୍ପନା ଅସମ୍ଭବ। ରାଜ୍ୟର ପ୍ରତ୍ୟେକ ପରିବାରକୁ ପରିମଳ ବ୍ୟବସ୍ଥା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏହାକୁ ଏକ ଆନ୍ଦୋଳନରେ ପରିଣତ କରିଛନ୍ତି।

ଭାରତବର୍ଷର ପ୍ରତି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରିଛନ୍ତି। ସୌଭାଗ୍ୟ ଏବଂ ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନାରେ ଓଡ଼ିଶାର ୪୦ଲକ୍ଷ ପରିବାର ଅନ୍ତର୍ଭୁକ୍ତ ହୋଇଛନ୍ତି। ବ୍ୟକ୍ତିଗତ ଭାବେ ମୋ ନିଜ ଗାଁ ମଧ୍ୟ ଏହି ଯୋଜନାରେ ସାମିଲ ହୋଇଛି। ଗ୍ରାମାଞ୍ଚଳରେ ମା' ଓ ଭଉଣୀମାନେ କାଠ ଜାଳି ରୋଷେଇ କରୁଥିବା ମୁଁ ମୋ ନିଜ ଆଖିରେ ଦେଖିଛି। ତାହା ମୋତେ ଅତ୍ୟନ୍ତ ଦୁଃଖ ଦେଉଥିଲା। ମାତ୍ର କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଶୁଭାରମ୍ଭ ଫଳରେ ମା' ଓ ଭଉଣୀଙ୍କ ଦୁଃଖ ଯାଇଛି। ଓଡ଼ିଶାରେ ୩୫ଲକ୍ଷ ହିତାଧିକାରୀ ଗ୍ୟାସ ସଂଯୋଗ ପାଇପାରିଛନ୍ତି। ୨୦୧୪ରେ ଓଡ଼ିଶାରେ ୨୦ ପ୍ରତିଶତ ଲୋକଙ୍କ ନିକଟରେ ଗ୍ୟାସ ସଂଯୋଗ ଥିବାବେଳେ ଏବେ ତାହା ବୃଦ୍ଧି ପାଇ ୬୩ ପ୍ରତିଶତରେ ପହଞ୍ଚିଲାଣି। ଆୟୁଷ୍ମାନ୍ ଯୋଜନା ହେଉଛି ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଏହା ଓଡ଼ିଶାରେ ଲାଗୁହେଲେ ପ୍ରାୟ ୪୮ଲକ୍ଷ ପରିବାର ବର୍ଷକୁ ୫ଲକ୍ଷ ଲେଖାଏ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ପାଇପାରନ୍ତେ। ମୁଁ ଆଶାବାଦୀ ଯେ, ଓଡ଼ିଶା ସରକାର ଏହି ଯୋଜନାକୁ ଖୁବ୍‌ଶୀଘ୍ର ଲାଗୁ କରିବା ବିଷୟରେ ଚିନ୍ତା କରିବେ।

ରାଜ୍ୟରେ ମାନବ ସମ୍ବଳ ବିକାଶ ଏବଂ କୌଶଳ ବୃଦ୍ଧି ନିମନ୍ତେ ପ୍ରଧାନମନ୍ତ୍ରୀ ଡିସେମ୍ବର ୨୪ରେ ଆଇଆଇଟି ଭୁବନେଶ୍ୱରକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ ଏବଂ ବ୍ରହ୍ମପୁରଠାରେ ଆଇଆଇଏସ୍‌ଇଆର୍ (ଆଇଜର)ର ସ୍ଥାୟୀ କ୍ୟାମ୍ପସ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ଜାତୀୟ ସ୍ତରରେ ଶିକ୍ଷାକୁ ଗୁରୁତ୍ୱ ଦେଇ ଓଡ଼ିଶାରେ ଆଇଆଇଏମ୍, ନାଇଜର ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍କିଲ୍‌ସ ଖୋଲିବାକୁ ଯାଉଛି। ଫଳରେ ଏହା ଦେଶର ମେଧାବୀମାନଙ୍କୁ ଆକର୍ଷିତ କରିବ।

ସାମାଜିକ ଓ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ସହିତ ଓଡ଼ିଶାର ସାଂସ୍କୃତିକ ପରିଚୟ ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଦେଶରେ ଭାଷାଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା, ଯାହାକି ସାଂସ୍କୃତିକ ଐତିହ୍ୟରେ ବାନ୍ଧି ହୋଇରହିଛି। କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ଉପଯୁକ୍ତ ମାନ୍ୟତା ପ୍ରଦାନ କରିବା ଏବଂ ମୋଦିଙ୍କ ଆଗାମୀ ଓଡ଼ିଶା ଗସ୍ତ ସମୟରେ ଏହାର ୨ଶହ ବର୍ଷ ପୂର୍ତ୍ତି ପାଳନ କରିବା ନିଷ୍ପତ୍ତି ଓଡ଼ିଶା ଲାଗି ଏକ ଗୌରବର ମୁହୂର୍ତ୍ତ।

ଏହା ଭୁଲିଯିବା ଉଚିତ ନିହେଁ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ଜାତୀୟସ୍ତରରେ ମାନ୍ୟତା ଦିଆଯିବା ସହିତ ଏଥିପାଇଁ ୫୦ କୋଟି ଟଙ୍କା ସ୍ୱତନ୍ତ୍ର ଅନୁଦାନ ସହ ନବକଳେବର ସ୍ମାରକୀ ମୁଦ୍ରା ଓ ଷ୍ଟାମ୍ପ ଉନ୍ମୋଚନ କରାଯାଇଥିଲା। ଓଡ଼ିଶା କଳାକୃତିର ଅଳଙ୍କାର କୁହାଯାଉଥିବା କୋଣାର୍କର ସୂର୍ଯ୍ୟମନ୍ଦିରରେ ଷ୍ଟେଟ୍ ଅଫ୍ ଆର୍ଟ ଇଣ୍ଟରପ୍ରିଟେଶନ୍ ସେଣ୍ଟର ସ୍ଥାପନ ପାଇଁ ଭାରତୀୟ ତୈଳ ଫାଉଣ୍ଡେଶନ (ଆଇଓଏଫ୍) ୫୦ କୋଟି ଟଙ୍କା ଅନୁଦାନ ଦେଇଛି। ଓଡ଼ିଆମାନଙ୍କ ଅବଦାନ ଆଜି ଆଉ ଅଣଦେଖା ହୋଇ ରହିନାହିଁ। ଗତ ୪ବର୍ଷ ମଧ୍ୟରେ ୧୨ଜଣ ଓଡ଼ିଆଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଇଛି। ଶ୍ରୀରଘୁନାଥ ମହାପାତ୍ର ଓ ସୋନାଲି ମାନସିଂହଙ୍କୁ ରାଜ୍ୟ ସଭା ସଦସ୍ୟଭାବେ ମନୋନୀତ କରାଯାଇଥିବା ବେଳେ ପ୍ରଥମ ଓଡ଼ିଆଭାବେ ଶକ୍ତିକାନ୍ତ ଦାସଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଗଭର୍ନର ଭାବେ ନିଯୁକ୍ତି ଦିଆଯାଇଛି।

ଦୀର୍ଘ ସମୟ ଧରି ନିଜର ପ୍ରକୃତ ପରିଚୟ ପାଇଁ ଓଡ଼ିଶା ଅପେକ୍ଷା କରିଛି। ଅନ୍ତ୍ୟୋଦୟ ମାଧ୍ୟମରେ ଜଣେ ନେତା ଯୁଦ୍ଧକାଳୀନ ଭିତ୍ତିରେ ବିକାଶ କରିପାରିବେ। କେନ୍ଦ୍ରରେ ଭାଜପା କ୍ଷମତାକୁ ଆସିବା ପରେ ଓଡ଼ିଶା ବାରମ୍ବାର ଫାଇଦା ପାଇଥିବା କଥା ରାଜ୍ୟବାସୀ ଜାଣିଛନ୍ତି। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମହାବାତ୍ୟା ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ବେଳେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଏବଂ ପାରାଦୀପ ତୈଳ ବିଶୋଧାନଗାରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବାଜପେୟୀଙ୍କ ସେହି କାର୍ଯ୍ୟଧାରାକୁ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ଶିଖରରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରଖିଛନ୍ତି, ଯେଉଁଥିପାଇଁ ଓଡ଼ିଶାର ସବୁଆଡ଼େ ମୋଦିଙ୍କ କାର୍ଯ୍ୟ ପ୍ରତିଫଳିତ ହେଉଛି। ବର୍ତ୍ତମାନ ସେହି ବିକାଶ ପୁରୁଷଙ୍କୁ ଓଡ଼ିଶା ସ୍ୱାଗତ କରିବା ସହ ନୂଆ ଓଡ଼ିଶାରେ ପଦ୍ମ ଫୁଟାଇବା ପାଇଁ ପ୍ରସ୍ତୁତ ହେଉଛି।

(ଲେଖକ କେନ୍ଦ୍ର ସରକାରଙ୍କର ଜଣେ କ୍ୟାବିନେଟ ମନ୍ତ୍ରୀ)

# ମଧ୍ୟପ୍ରଦେଶର ମୁରବି

ନିକଟରେ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲେଙ୍ଗାନା ଏବଂ ମିଜୋରାମ ବିଧାନସଭା ନିର୍ବାଚନ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀମାନେ ଶପଥ ନେଇସାରିଛନ୍ତି। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଭାଜପାକୁ ହରାଇ କଂଗ୍ରେସ ଶାସନଗାଦି ଅକ୍ତିଆର କରିଛି। ତେବେ ଜଣେ ପୁରୁଖା ଓ ଅଭିଜ୍ଞ ରାଜନେତା ଭାବେ କମଲନାଥ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ନିକଟରେ ଦାୟିତ୍ୱ ଗ୍ରହଣ କରିବା ପରେ ଚାଷୀଙ୍କ ପାଇଁ ଭଣ୍ଡାର ଖୋଲିଦେବା ତାଙ୍କୁ ଚର୍ଚ୍ଚିତ କରିଦେଇଛି। ଶପଥ ନେବା ପରେ ସେ ରାଜ୍ୟର ଚାଷୀମାନଙ୍କ ପାଇଁ ଋଣଛାଡ଼ ଘୋଷଣା କରିଦେବାରୁ ଏବେ ଦେଶବ୍ୟାପୀ କୃଷକଙ୍କୁ କିଭଳି ଆକୃଷ୍ଟ କରିହେବ ସେଥିନେଇ ରାଜନୈତିକ ଦଳଗୁଡ଼ିକ ବିଚାରବିମର୍ଶ ଚଳାଇଲେଣି। ଅତଏବ ସାଧାରଣ ନିର୍ବାଚନ ପୂର୍ବରୁ କମଲନାଥଙ୍କ ଋଣଛାଡ଼ ମାଷ୍ଟରଷ୍ଟ୍ରୋକ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ପାଇଁ ଆହ୍ୱାନ ଭାବେ ଉଭା ହୋଇଛି। କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଆସିଥିବା କମଲନାଥ ଲୋକ ସଭା ଏମ୍‌ପି ଭାବେ ଦୀର୍ଘବର୍ଷ ଅଭିଜ୍ଞତା ଅର୍ଜନ କରି କେନ୍ଦ୍ରମନ୍ତ୍ରୀ ହୋଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଭାବେ ପଦାର୍ପଣ ରାଜ୍ୟବାସୀଙ୍କ ପାଇଁ କିଭଳି ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବ ତାହାକୁ ନେଇ ଆଲୋଚନା ଆରମ୍ଭ ହେଲାଣି। ଏଭଳି ଜଣେ ଅଭିଜ୍ଞ ବ୍ୟକ୍ତିଙ୍କ ଜୀବନ ଓ ରାଜନୈତିକ ଯାତ୍ରା ବିଷୟରେ ଅଧିକ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

କମଲନାଥ ଉତ୍ତରପ୍ରଦେଶର କାନପୁରର ଏକ କାୟସ୍ଥ ପରିବାରରେ ମହେନ୍ଦ୍ର ନାଥ ଓ ଲୀଳା ନାଥଙ୍କଠାରୁ ୧୯୪୬ ନଭେମ୍ବର ୧୮ରେ ଜନ୍ମଗ୍ରହଣ କରିଥିଲେ। ଡୁନ୍ ସ୍କୁଲରୁ ଶିକ୍ଷା ଗ୍ରହଣ କରିବା ପରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନ ସେଣ୍ଟ ଜାଭିୟର୍ସ କଲେଜରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। କାନପୁର ବିଶ୍ୱବିଦ୍ୟାଳୟ ଅଧୀନ କାନପୁରର ଡିଏଭି କଲେଜରୁ ଆଇନରେ ସେ ସ୍ନାତକ ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ଛାତ୍ରାବସ୍ଥାରୁ ତାଙ୍କର ରାଜନୀତି ପ୍ରତି ଦୁର୍ବଳତା ଆଜି ତାଙ୍କୁ ପୋଖତ କରିଦେଇଛି। କ୍ୟାରିୟର ଦେଖିଲେ ସେ ୧୯୮୦ରେ ପ୍ରଥମେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ମଧ୍ୟପ୍ରଦେଶର

**ବ୍ୟକ୍ତିତ୍ୱ**



କମଲନାଥ

ଛାନ୍ଦୱାରା ଲୋକ ସଭା ଆସନରୁ ୯ ଥର ଜିତି ପାର୍ଲାମେଣ୍ଟର ନିମ୍ନ ସଦନରେ ଅନ୍ୟତମ ଦୀର୍ଘକାଳ ସଦସ୍ୟ ରହିବାର ଗୌରବ ଅର୍ଜନ କରିପାରିଛନ୍ତି। ଏହି ସମୟ ମଧ୍ୟରେ ସେ ବୟନ ଶିଳ୍ପ, ବାଣିଜ୍ୟ ଓ ଶିଳ୍ପ, ସଡ଼କ ପରିବହନ ଓ ରାଜପଥ, ସହରାଞ୍ଚଳ ବିକାଶ ଏବଂ ସଂସଦୀୟ ବ୍ୟାପାର ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ନେଇ ନିଜ ଦକ୍ଷତାର ପ୍ରତିପାଦନ କରିଛନ୍ତି। ୨୦୧୪ ଜୁନ୍‌ରେ ସେ ଅସ୍ଥାୟୀ ବାଚସ୍ପତି ମଧ୍ୟ ହୋଇଥିଲେ। ଗାନ୍ଧୀ-ନେହେରୁ ପରିବାର ସହ ଉତ୍ତମ ସମ୍ପର୍କ ରହି ଆସିଥିବାରୁ ସେ ୨୦୦୧ରୁ ୨୦୦୪ ଯାଏ ଭାରତୀୟ ଜାତୀୟ କଂଗ୍ରେସ (ଆଇଏନ୍‌ସି)ର ସାଧାରଣ ସମ୍ପାଦକ ହୋଇପାରିଥିଲେ। ଜାତୀୟ ରାଜନୀତିରେ ପ୍ରଭାବ ବିସ୍ତାର କରିଥିବା କମଲନାଥ ବିଭିନ୍ନ ସମୟରେ ଅନ୍ତର୍ଜାତୀୟ ସ୍ତରୀୟ ମଞ୍ଚରେ ନିଜ ମତ ରଖି ବ୍ୟକ୍ତିତ୍ୱ ବିକାଶ କରିପାରିଛନ୍ତି। ବିଶେଷକରି ୨୦୧୧ରେ ସୁଇଜରଲାଣ୍ଡର ଡାଭୋସଠାରେ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ରେ କୃଷି ସମ୍ବନ୍ଧୀୟ ବିଷୟବସ୍ତୁକୁ କେନ୍ଦ୍ରସ୍ଥ କରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକ କିଭଳି ବଜାର ସୁବିଧାକୁ ଉନ୍ନତ କରିପାରିବେ ତାହା ଉପରେ ଯୁକ୍ତିଯୁକ୍ତ ମତ ଉପସ୍ଥାପନ କରିଥିଲେ। ଭାରତୀୟ ଭିତ୍ତିଭୂମି ବିକାଶ ବିଷୟରେ ଆଲୋଚନା କରାଗଲା ବେଳେ କମଲନାଥଙ୍କ ନାମ ଆସିଥାଏ। ସରକାରୀ ଘରୋଇ ଭାଗିଦାରୀ (ପିପିପି) ମାଧ୍ୟମରେ ଭିତ୍ତିଭୂମି ବିକାଶ ସହଜ ଓ ଶୀଘ୍ର ହୋଇପାରିବ ବୋଲି ଧାରଣା ଦେଇ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରିତା କରିବାରେ ନୂଆ ଦିଗନ୍ତ ଦେଖାଇଥିଲେ। ଦିଲ୍ଲୀ-ମୁମ୍ବାଇ ଇଣ୍ଡଷ୍ଟ୍ରିଆଲ୍ କରିଡର (ଡିଏମ୍‌ଆଇସି) ସହ ଦେଶର ମେଟ୍ରୋ ସହରଗୁଡ଼ିକରେ ଅନେକ ପ୍ରକଳ୍ପ ପିପିପି ଯୋଗୁ ସଫଳତା ଅର୍ଜନ କରିପାରିବା ଏହାର ଦୃଷ୍ଟାନ୍ତ ଭାବେ ଦଣ୍ଡାୟମାନ ହୋଇଛି। ଔଦ୍ୟୋଗିକ ବିକାଶ ଦିଗରେ ଭାରତୀୟଙ୍କଠାରେ ବିଶ୍ୱ ସ୍ତରର ବାଣିଜ୍ୟିକ ଅଭିବୃଦ୍ଧି କରିବାର ସମ୍ଭାବନା ରହିଥିବା କମଲନାଥ ତାଙ୍କ ପୁସ୍ତକ 'ଇଣ୍ଡିଆଜ୍ ସେଞ୍ଚୁରୀ'ରେ ବର୍ଣ୍ଣନା କରିଛନ୍ତି। ନିଜସ୍ୱ ଚିନ୍ତାଧାରାକୁ ରୂପାୟନ କରିବା ଲାଗି ସେ ସର୍ବଦା ଲାଗି ପଡ଼ିଥାଆନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରୟୋଗାତ୍ମକ ଦିଗକୁ ଗୁରୁତ୍ୱ ଦେଇଆସିଥିବାରୁ ତାଙ୍କୁ ସଫଳତା ଛୁଇଁଛି ବୋଲି ବିଶ୍ଳେଷକମାନେ ମତ ଦେଇଥାଆନ୍ତି। ତଥାପି ବିବାଦରୁ ସେ ମୁକ୍ତ ହୋଇପାରିନାହାନ୍ତି। ୨୦୦୭ରେ ବାଣିଜ୍ୟ ମନ୍ତ୍ରୀ ଥିବା ବେଳେ ଘରୋଇ ସଂସ୍ଥା ପ୍ରୀତି ଦେଖାଇବାରୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଲାଭ କମିଯିବା ଭଳି ଅଭିଯୋଗ ତାଙ୍କ ନାମରେ ଆସିଥିଲା। ସେହିଭଳି ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ତାଙ୍କୁ ବିବାଦ ଭିତରକୁ ଟଣାଯାଇଥିଲା। ଅବଶ୍ୟ ପରେ ସେ ଦୋଷମୁକ୍ତ ହୋଇଥିଲେ।

୨୦୧୮ କମଲନାଥଙ୍କ ପାଇଁ ଭାଗ୍ୟଉଦୟର ଅନ୍ୟତମ ବର୍ଷ ହୋଇପାରିଛି। ଚଳିତବର୍ଷ ମେ'ରେ ସେ ମଧ୍ୟପ୍ରଦେଶର ପ୍ରଦେଶ କଂଗ୍ରେସ କମିଟି (ପିସିସି) ମୁଖ୍ୟ ହୋଇଥିଲେ। ତାଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଭାଜପା ଗାଦିଚ୍ୟୁତ ହେବା ପରେ ସେ ଗାଦିନସୀନ ହୋଇପାରିଛନ୍ତି। ତେବେ ଯେଉଁ ପ୍ରତିଶ୍ରୁତି ଦେଇ ସେ ମୁଖ୍ୟମନ୍ତ୍ରୀ ଆସନରେ ଆସୀନ ହୋଇଛନ୍ତି, ତାହାକୁ କେତେଦୂର ପାଳନ କରୁଛନ୍ତି ତାହା ଭବିଷ୍ୟତରେ ଜଣାପଡ଼ିବ। ବୌଦ୍ଧିକ ବିକାଶ ଓ ବାଣିଜ୍ୟିକ ଚିନ୍ତାଧାରା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ପୁରସ୍କାର ଓ ସମ୍ମାନ ମିଳିଛି। କମଲନାଥଙ୍କ ପାରିବାରିକ ଜୀବନ କହିଲେ ସ୍ତ୍ରୀ ଅଳକା ନାଥ ଓ ଦୁଇ ପୁଅଙ୍କୁ ନେଇ ତାଙ୍କ ସଂସାର।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କଷ୍ଟର ଅନୁଭୂତି ସମବେଦନା ଓ ଦୟାଭାବ ଜାଗ୍ରତ କରିଥାଏ। ଗୋଟିଏ କୁକୁର ଦୁଇ କାନ୍ଥ ସନ୍ଧିରେ ପଶି ବଞ୍ଚିବା ପାଇଁ ଚିତ୍କାର କରୁଥିବାବେଳେ କେତେକ ସ୍ୱେଚ୍ଛାସେବୀ କଷ୍ଟେମଷ୍ଟେ ତା'ର ଜୀବନ ବଞ୍ଚାଇଛନ୍ତି। ଏପରି ଏକ ଘଟଣା ଘଟିଛି ହାଇଦ୍ରାବାଦରେ। ଚମ୍ପାପେଟ୍ ଅଞ୍ଚଳରେ କୁକୁରଟିଏ ଦୁଇ କାନ୍ଥ ସନ୍ଧିକୁ କୌଣସି ପ୍ରକାରେ ପଶିଯାଇ ଆଉ ବାହାରିପାରି ନ ଥିଲା। ଖବର ପାଇ ପଶୁ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ସେମାନେ ବହୁ ପରିଶ୍ରମ କରି ମଧ୍ୟ କିଛି ଫଳ ହେଲାନାହିଁ। ଯା ଭିତରେ ଦୁଇ ଦିନ ବିତିଗଲା। ଆହୁରି ବିଳମ୍ବ ହେଲେ କୁକୁରଟି ବଞ୍ଚିପାରିବ ନାହିଁ ଭାବି ହ୍ୟୁମ୍ୟାନ୍ ସୋସାଇଟି ଇଣ୍ଟରନ୍ୟାଶନାଲ୍/ଇଣ୍ଡିଆ ଟିମ୍‌ର ସଦସ୍ୟ ପାନ୍ନେରୁ ତେଜା ଏବଂ ଯିରା ପ୍ରଦୀପ ଗୋଟିଏ ଘରର କାନ୍ଥତଳୁ ଗର୍ତ୍ତ କରିବା ପାଇଁ ଘର ମାଲିକଙ୍କୁ ଅନୁମତି ମାଗିଲେ। ଅନୁମତି ମିଳିବା ପରେ ଜଣେ ସ୍ଥାନୀୟ ଲୋକ ସହାୟତାରେ କାନ୍ଥ ଖୋଳାଯାଇଥିଲା। ଜଣେ ଉଦ୍ଧାରକାରୀ ସାବଧାନତାର ସହିତ କୁକୁରର ପଛଗୋଡ ଦୁଇଟି ଧରି ଧୀରେ ଧୀରେ ଟାଣିଆଣିଲେ। କୁକୁରଟି ଉଦ୍ଧାର ପାଇବା ପରେ ଖୁବ୍ ଭୟଭୀତ ହୋଇପଡ଼ିଥିଲା। କିଛି ସମୟର ନୀରବତା ପରେ କୁକୁରଟି ଦୌଡ଼ିବାକୁ ଲାଗିଲା। ତେବେ ବିନା କ୍ଷୟକ୍ଷତିରେ ଏକ ଜୀବକୁ ଉଦ୍ଧାର କରାଯାଇଥିବାରୁ ସ୍ଥାନୀୟ ଲୋକେ ଉଦ୍ଧାରକାରୀ ଟିମ୍‌କୁ ପ୍ରଶଂସା କରିଥିଲେ।

### ଚିରନ୍ତନୀ

ସେ ପଥ ଯେ ପ୍ରିୟ ତବ ପାରେ କିଏ କରି ଅସ୍ୱୀକାର,
କ୍ଳାନ୍ତ ଅଙ୍ଗୁ ଝରି କେତେ ଘର୍ମ ବିନ୍ଦୁ ସିକ୍ତ ଧୂଳି ତାର।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୩ ଡିସେମ୍ବର ୧୯୯୩

- ରୁଷିଆ ରାଷ୍ଟ୍ରପତି ବୋରିସ ୟେଲଟସିନ ଦେଶର ନିରାପତ୍ତା ମନ୍ତ୍ରଣାଳୟକୁ ଉଚ୍ଛେଦ କରି ତା' ସ୍ଥାନରେ ଏକ ସଂଘୀୟ ଗୋଇନ୍ଦା ସଂସ୍ଥା ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି।
- ଦେଶରେ ମାନବିକ ଅଧିକାର କମିଶନ ଗଠନକୁ ପାର୍ଲାମେଣ୍ଟର ଅନୁମୋଦନ।
- ସରକାରୀ ଦୁଗ୍ଧ ଯୋଜନାରେ ଦିଆଯାଉଥିବା ଦୁଗ୍ଧ ପିଇ ମହାରାଷ୍ଟ୍ରର ପୁଣେସ୍ଥିତ ପ୍ରାଥମିକ ମ୍ୟୁନିସିପାଲ ସ୍କୁଲର ୫୦୦ ଛାତ୍ରୀଛାତ୍ର ଅସୁସ୍ଥ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | B | 8 | 7 | | | 5 | | | C | | 4 | | |
| 8 | C | | | | | | | 2 | | | | | | B |
| | | 2 | | | B | | 1 | 3 | 5 | | | | 7 | |
| | E | | 0 | 1 | | | | | | | | | 3 | |
| 6 | | A | | 3 | 2 | | | | | | E | 9 | 1 | |
| 9 | 6 | | A | | E | C | | | B | | | | | 5 |
| | | | 2 | | | 7 | 8 | | | 4 | | | | 6 |
| | | | | B | C | | D | | E | | | | | |
| | | 8 | 6 | | | | 2 | 0 | | | | D | | 7 |
| 1 | | | | | | 6 | | | | 0 | | | 8 | |
| B | | 9 | | E | | | | 1 | | | | | | |
| | 8 | 7 | | | | | | D | | E | | | | |
| | | 1 | 3 | 2 | 6 | | | B | | 8 | | | 4 | |
| | | D | 5 | | 9 | A | 7 | | | | | | | |
| | | | | | 1 | | 4 | | | | 3 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 0 | 9 | C | B | 2 | 8 | D | A | E | 3 | 4 | 7 | 6 |
| 8 | 4 | 2 | 7 | 1 | 3 | 0 | 5 | 9 | D | B | 6 | A | C | E |
| 3 | B | 9 | 5 | 6 | E | C | A | 1 | 7 | 2 | 4 | 0 | D | 8 |
| 7 | 6 | D | A | 0 | 8 | 4 | E | B | 5 | 1 | C | 2 | 9 | 3 |
| A | E | C | D | 2 | 4 | 7 | 6 | 3 | 9 | 0 | 8 | 5 | 1 | B |
| 2 | 8 | 3 | C | B | 9 | 5 | 0 | 6 | E | 4 | 1 | 7 | A | D |
| 9 | A | 4 | 8 | D | 7 | 3 | B | 2 | 0 | C | 5 | E | 6 | 1 |
| C | D | E | 3 | 5 | 6 | 1 | 7 | A | B | 9 | 2 | 8 | 0 | 4 |
| 0 | 5 | B | 1 | 4 | A | E | 9 | 8 | 6 | D | 7 | C | 3 | 2 |
| 1 | 7 | 6 | 0 | E | 2 | D | C | 4 | 3 | 8 | A | B | 5 | 9 |
| 6 | C | 8 | 4 | 7 | 0 | B | 2 | 5 | 1 | 3 | D | 9 | E | A |
| E | 9 | A | B | 3 | C | 8 | D | 7 | 4 | 6 | 0 | 1 | 2 | 5 |
| B | 0 | 1 | E | 8 | 5 | 6 | 3 | C | 2 | A | 9 | D | 4 | 7 |
| D | 2 | 7 | 6 | 9 | 1 | A | 4 | E | C | 5 | B | 3 | 8 | 0 |
| 4 | 3 | 5 | 2 | A | D | 9 | 1 | 0 | 8 | 7 | E | 6 | B | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କନିଷ୍ଠ ଶିକ୍ଷକଙ୍କୁ ବର୍ଦ୍ଧିତ ବେତନ ଦିଆଯାଉ

ମହାଶୟ,

ରାଜ୍ୟ ସରକାର ସମସ୍ତ ବିଭାଗର କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ ନିମନ୍ତେ ଏକ ଫିଟମେଣ୍ଟ କମିଟି ଗଠନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ତାଲିକା ଓ ତାରିଖ ଅନୁଯାୟୀ ପ୍ରତ୍ୟେକ ବିଭାଗର କର୍ମଚାରୀଙ୍କ ମୁଖ୍ୟମାନେ ଫିଟ୍‌ମେଣ୍ଟ କମିଟି ସମ୍ମୁଖରେ ନିଜ ନିଜର ଦାବି ଉପସ୍ଥାପନ କରିଥିଲେ। ସେହି ଅନୁଯାୟୀ ଶିକ୍ଷା ସହାୟକ ସଂଘ ମଧ୍ୟ ଫିଟ୍‌ମେଣ୍ଟ ମତାମତ ଅନୁସାରେ ଶିକ୍ଷା ସହାୟକମାନଙ୍କୁ ମୂଳ ବେତନର ୨୫ ପ୍ରତିଶତ ବର୍ଦ୍ଧିତ ବେତନ ଓ ବାର୍ଷିକ ୧୦ ପ୍ରତିଶତ ଇନ୍‌କ୍ରିମେଣ୍ଟ ପ୍ରଦାନ ପାଇଁ ସୁପାରିସ କରିଥିଲା। ମାତ୍ର ସରକାର ସମସ୍ତ ବିଭାଗକୁ ସପ୍ତମ ବେତନ ପ୍ରଦାନ କରିଥିବା ବେଳେ ରାଜ୍ୟର ୭୦ ହଜାର ଶିକ୍ଷା ସହାୟକଙ୍କୁ ଏପର୍ଯ୍ୟନ୍ତ ବର୍ଦ୍ଧିତ ବେତନ ଓ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ ନ କରିବା ଅତ୍ୟନ୍ତ ପରିତାପର ବିଷୟ।

ପ୍ରଶାନ୍ତ କୁମାର ସାମଲ, ଦଶରଥପୁର, ଯାଜପୁର

### ପଥହୁଡ଼ାଙ୍କ ମା'ବାପା

ପ୍ରତ୍ୟେକ ସନ୍ତାନ ହେଉଛନ୍ତି ମା'ବାପାଙ୍କର ଦର୍ପଣ ସଦୃଶ। ଏମିତି ଏକ ଦର୍ପଣରେ ନିଜର ସ୍ୱଚ୍ଛ ଓ ସ୍ୱଷ୍ଟ ପ୍ରତିବିମ୍ବ ଦେଖିଲେ ମା'ବାପାମାନେ ଯେମିତି ଖୁସି ହୁଅନ୍ତି ସେମିତି ଦର୍ପଣରେ ସମ୍ପୂର୍ଣ୍ଣ ଭିନ୍ନ ଏକ ଚେହେରା ଦେଖିଲେ ମନରେ ଅବଶୋଷ ଓ ଅସନ୍ତୋଷ ଭରିଯାଏ। ଜଣେ ସାଧୁର ସନ୍ତାନ ସାଧୁଟିଏ ନ ହୋଇ ଡାକୁଟିଏ ହେଲେ କିମ୍ବା ଡାକୁର ସନ୍ତାନ ଡକାୟତି ନ କରି ସାଧୁ ହୋଇଗଲେ ସମଗ୍ର ଦୁନିଆ ଆଶ୍ଚର୍ଯ୍ୟ ହୁଅନ୍ତି। କିନ୍ତୁ ମା'ବାପାମାନେ ଅସହ୍ୟ ଯନ୍ତ୍ରଣା ଭୋଗକରନ୍ତି। ଆଜିକାଲି ପ୍ରାୟ ଅଧିକାଂଶ ମା'ବାପା ନିଜ ସନ୍ତାନର ଦୋଷ ନ ଦେଖି ତାଙ୍କ ଦୋଷକୁ ଦେଖାଇ ଦେଉଥିବା ବ୍ୟକ୍ତିମାନଙ୍କ ପ୍ରତି ଅଶାଳୀନ ବ୍ୟବହାର ଦେଖାଉଛନ୍ତି ଓ ନିଜ ସନ୍ତାନମାନଙ୍କୁ ଅନ୍ଧ ଭାବରେ ସମର୍ଥନ କରୁଛନ୍ତି। ଏହା ନିଜ ପାଇଁ ଓ ସମାଜ ପାଇଁ କ୍ଷତିକାରକ। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ନିରଞ୍ଜନ ପାଢ଼ୀଙ୍କ ଆଲେଖ୍ୟ ''ପଥହୁଡ଼ାଙ୍କ ମା'ବାପା'' ଖୁବ୍ ଶିକ୍ଷଣୀୟ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, 'ହରି ନିବାସ, ନରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ

**କୁଜଙ୍ଗ,୨୨।୧୨(ସ୍ୱ.ପ୍ର.):** କୁଜଙ୍ଗ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଦୃଷ୍ଟିହୀନ ମହିଳା ଜଣଙ୍କ ଶାଶୁଘରୁ ଆସି ବାପଘରେ ଆଶ୍ରୟ ନେଇଛନ୍ତି। ଗୁରୁବାର ସେ ଘରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ସୁରେଶ ଜେନା ନାମକ ଜଣେ ବ୍ୟକ୍ତି ଘରେ ପଶି ତାଙ୍କ ପାଟିରେ ଗାମୁଛା ବାନ୍ଧି ବଳାତ୍କାର କରିଥିଲେ। ପରେ ଗାମୁଛାରେ ଗଳା ଚାପି ପୀଡିତାଙ୍କୁ ମାରିଦେବାକୁ ଉଦ୍ୟମ କରିଥିଲେ। ତେବେ ପୀଡିତାଙ୍କ ଚିତ୍କାର ଶୁଣି ତାଙ୍କ ସାନ ଭାଇ ଓ ମା' ପହଞ୍ଚି ପ୍ରତିରୋଧ କରିଥିଲେ। ଏହି ଘଟଣା କାହା ଆଗରେ ପ୍ରକାଶ କଲେ ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଅଭିଯୁକ୍ତ ଧମକ ଦେଇଥିଲେ। ଶୁକ୍ରବାର ପୀଡ଼ିତା ଏ ସମ୍ପର୍କରେ ଅଭିଯୋଗ କରିବା ପରେ ମାମଲା ନଂ.୨୧୫/୧୮ ରୁଜୁ ହୋଇଥିବା ଥାନା ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ଚିତ୍ତରଞ୍ଜନ ବରାଳ କହିଛନ୍ତି।

# ଘୋଷଣାରେ ଅଟକିଛି ଜେଏମ୍‌ଏଫ୍‌ସି ପ୍ରତିଷ୍ଠା

■ବିଜ୍ଞପ୍ତିର ବର୍ଷେ ପରେ ବି କାର୍ଯ୍ୟକାରୀ ହେଲାନି
■ଅସ୍ଥାୟୀ ଭାବେ ମଧ୍ୟ କୋର୍ଟ ଚଳାଇବାରେ ବିଳମ୍ବ

**ତିର୍ତ୍ତୋଲ,୨୨।୧୨(ଡି.ଏନ.ଏ.)**

ତିର୍ତ୍ତୋଲରେ ଏକ କୋର୍ଟ ସ୍ଥାପନ ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଆଇନ ବିଭାଗ ୨୦୧୭ରେ ତିର୍ତ୍ତୋଲ ଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ (ଜେଏମଏଫସି) ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ବର୍ଷକ ପରେ ମଧ୍ୟ ଏଠାରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହି କୋର୍ଟର ନିଜସ୍ୱ କ୍ୟାମ୍ପସ ପାଇଁ ସରକାରଙ୍କ ତରଫରୁ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏପର୍ଯ୍ୟନ୍ତ ଏହି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଘୋଷଣା ପରେ ବି କିପରି ବିଭାଗୀୟ ଅଧିକାରୀମାନେ ଏଥିନିମନ୍ତେ ତତ୍ପରତା ଦେଖାଉ ନାହାନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ତିର୍ତ୍ତୋଲ ତହସିଲ କାର୍ଯ୍ୟାଳୟର ଅନତୀ ଦୂରରେ ବନ୍ଦ ଅବସ୍ଥାରେ ଥିବା ଝଙ୍କଡ଼ ମହିଳା ମହାବିଦ୍ୟାଳୟ ପରିସରରେ ଅସ୍ଥାୟୀ ଭାବରେ ଏହି କୋର୍ଟ ଚାଲିବା ପାଇଁ ଜିଲା ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରଯାଇଥିଲା। ଏହି କଲେଜରେ ଥିବା ପୁରୁଣା ଘରଗୁଡିକ ମରାମତି କରି ସେଠାରେ ଅସ୍ଥାୟୀ ଭାବେ କୋର୍ଟ ଚଳାଇବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଆରଡି ବିଭାଗ ତରଫରୁ ଠିକାଦାରଙ୍କ ଜରିଆରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଏହି ମରାମତି କାମ ଶୀଘ୍ର ଶେଷକରି ସେଠାରେ ଅସ୍ଥାୟୀ ଭାବରେ କୋର୍ଟ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି କରାଯାଉଛି। ଏଥିସହ କୋର୍ଟର ସ୍ଥାୟୀ ଗୃହ ନିର୍ମାଣ ପାଇଁ ସରକାରୀସ୍ତରରେ ପଦକ୍ଷେପ ଗ୍ରହଣ କରିବାକୁ ତିର୍ତ୍ତୋଲ ବାର ଆସୋସିଏସନ ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ଘୁଞ୍ଚିଲା ପାରାଦୀପ ପଥୋତ୍ସବ

**ପାରାଦୀପ,୨୨।୧୨(ସ୍ୱ.ପ୍ର.)**

ଭୁବନେଶ୍ୱର ଭଳି ପାରାଦୀପରେ ମଧ୍ୟ ପଥୋତ୍ସବ କରାଯିବ ବୋଲି କୁହାଯାଇଥିଲା। ଡିସେମ୍ବର ୨୩ରେ ଏହା ହେବାର ଥିଲା। ମାତ୍ର ବିଜୁ ଶ୍ରମିକ ସାମୁଖ୍ୟ ସମାବେଶ ପାଇଁ ଶନିବାର ଏହାକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ଜାନୁୟାରୀ ୬ (ରବିବାର) ପଥୋତ୍ସବ କରାଯିବ ବୋଲି ସନ୍ଧ୍ୟାରେ କୋର କମିଟି ବୈଠକରେ ସୂଚନା ଦିଆଯାଇଛି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏଏସ୍‌ପି ବିଷ୍ଣୁ ଚରଣ ମିଶ୍ର, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ସମୁନ୍ତ କୁମାର ବିଶ୍ୱାଳ, ଥାନା ଅଧିକାରୀ ରଜନୀକାନ୍ତ ସାମଲ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ପଥୋତ୍ସବରେ ସବୁବର୍ଗର ଲୋକଙ୍କୁ ସାମିଲ କରାଯିବ ବୋଲି କୁହାଯାଇଛି। ଅଫିସର୍ସ କ୍ଲବଠାରୁ ବେଳାଭୂମି ପର୍ଯ୍ୟନ୍ତ କଲେଜ ରୋଡ୍‌ରେ ଏହି କାର୍ଯ୍ୟକ୍ରମ କରାଯିବ। ପାରାଦୀପ ସହରକୁ କିପରି ପ୍ରଦୂଷଣ ମୁକ୍ତ କରାଯିବ, ଲୋକେ ସ୍ୱଚ୍ଛତା ପ୍ରତି କିପରି ଆଗ୍ରହ ପ୍ରକାଶ କରିବେ, କମ ଇନ୍ଧନ ଖର୍ଚ୍ଚ କରିବେ, ଭାଇଚାରା ସମ୍ପର୍କ ବଜାୟ ରଖି କାର୍ଯ୍ୟ କରିବେ ସେ ସମ୍ପର୍କରେ ଏଥିରେ ସଚେତନ କରାଯିବ। ମହିଳାମାନେ ଝୋଟି ଚିତା ପକାଇବା ସହ ପିଠ, ମିଠା ଆଦି ଦେବେ। ଛାତ୍ରୀଛାତ୍ର ଖେଳକୁଦ, ନୃତ୍ୟଗୀତ ଆଦି ପରିବେଷଣ କରିବେ।

### ଠିକା କମ୍ପାନୀ-ଏକତାମଞ୍ଚ ବିବାଦ ତେଜିଲା

# ମଞ୍ଚ ବିରୋଧରେ ମତ ରଖିଲେ କମ୍ପାନୀ ଅଧିକାରୀ

**ପାରାଦୀପ,୨୨।୧୨ (ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ଭିତରେ କାମ କରୁଥିବା ଠିକା କମ୍ପାନୀ ପ୍ରବାହ କଣ୍ଟିନିଓସ୍ ୟୁଟିଲିଟି ସର୍ଭିସ ଓ ଜମିହରା କୃଷକ ଏକତା ମଞ୍ଚ ମଧ୍ୟରେ ବିବାଦ ଉତ୍କ୍ଷ ହେବାରେ ଲାଗିଛି। ଗତ ବୁଧବାର ଏ ସମ୍ପର୍କରେ ସମ୍ପୃକ୍ତ ଠିକା କମ୍ପାନୀ ମ୍ୟାନେଜର ଦେବାଶିଷ ଖଟୁଆ ସଙ୍ଗଠନ କର୍ମକର୍ତ୍ତାଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ, ଏକତା ମଞ୍ଚର ମୁଖ୍ୟ ପ୍ରକାଶ ତ୍ରିପାଠୀ ବିଭିନ୍ନ ସମୟରେ ଧମକପୂର୍ଣ୍ଣ ଫୋନ୍ କରୁଥିଲେ। ଗତ ୧୫ ତାରିଖରେ କମ୍ପାନୀ କର୍ମଚାରୀଙ୍କ ଗାଡିକୁ ରଙ୍ଗିଆଗଡ଼ ପୋଲ ପାଖରେ ଘଣ୍ଟାଏ କାଳ ଅଟକ ରଖିଥିଲେ। ଏପରିକି ୪ଜଣ କର୍ମଚାରୀଙ୍କୁ ୟୁନିୟନ ଘର ଭିତରେ ଅଟକ ରଖି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏହି ଘଟଣାକୁ ନେଇ ଆମେ ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିଥିଲୁ। ଥାନାରେ ମାମଲା ହେବା ପରେ ଏକତା ମଞ୍ଚ ପକ୍ଷରୁ ଜଣେ ମହିଳା ତାଙ୍କ ନାଁରେ ଅଭିଯୋଗ କରିଛନ୍ତି। କିନ୍ତୁ ସମ୍ପୃକ୍ତ ମହିଳାଙ୍କୁ ସେ ଜାଣିନାହାନ୍ତି ବୋଲି ଖଟୁଆ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ, ବିଶୋଧନାଗାର କର୍ତ୍ତୃପକ୍ଷ ତାଙ୍କୁ କାମ ଦେଇଛନ୍ତି। ଜମିହରାଙ୍କୁ ନିଯୁକ୍ତି ଦେବା ପ୍ରସଙ୍ଗ କମ୍ପାନୀ କର୍ତ୍ତୃପକ୍ଷ ବୁଝିବେ। ଏଥିରେ ତାଙ୍କର କୌଣସି ହସ୍ତକ୍ଷେପ କରିବାର ନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ପ୍ରକାଶ ତ୍ରିପାଠୀ କହିଛନ୍ତି ଯେ, ମଞ୍ଚ ପକ୍ଷରୁ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଉପାୟରେ ଦାବି କରାଯାଇଛି। ସମ୍ପୃକ୍ତ କମ୍ପାନୀ ଜମିହରାଙ୍କୁ ନିଯୁକ୍ତି ନ ଦେଲେ ଆମେ ବିରୋଧ କରିବୁ। ସୂଚନାଯୋଗ୍ୟ, ଏନେଇ ଅଭୟଚାନ୍ଦପୁର ଥାନାରେ ୨ଟି ମାମଲା ରୁଜୁ ହୋଇଛି।

# ଗୃହରକ୍ଷୀଙ୍କୁ ପିଟିଲେ ହାବିଲଦାର

### ଥାନାରେ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା

**ପାରାଦୀପ,୨୨।୧୨(ସ୍ୱ.ପ୍ର.)**

ପାରାଦୀପ ଲକ୍‌ଥାନା ଅଞ୍ଚଳରେ ଶୁକ୍ରବାର ମଧ୍ୟରାତ୍ରିରେ ପୋଲିସ ପାଇଁ ଏକ ଲଜ୍ୟାଜନକ ଘଟଣା ଘଟିଛି। ଭାରିଯାନ ଓଭରଟେକିଂ ବାବଦ ଅର୍ଥକୁ ନେଇ ଜଣେ ଗୃହରକ୍ଷୀଙ୍କୁ ହାବିଲଦାର ଲାଠିରେ ପିଟିଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ଗୃହରକ୍ଷୀ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଅଭିଯୁକ୍ତ ହାବିଲଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ୧୦ରୁ ଅଧିକ ଗୃହରକ୍ଷୀ ଲକ୍ ଥାନା ଆଗରେ ଧାରଣା ଦେଇଛନ୍ତି। ଘଟଣାର ସମାଧାନ ପାଇଁ ଉପରିସ୍ଥ ଅଧିକାରୀମାନେ ହସ୍ତକ୍ଷେପ କରିଥିଲେ ହେଁ ଗୃହରକ୍ଷୀମାନେ ଜିଦ୍‌ରେ ଅଟଳ ରହିଛନ୍ତି। ଅନ୍ୟପକ୍ଷରେ ୫ ନଂ.(କ) ଜାତୀୟ ରାଜପଥରେ ହେଉଥିବା ଟ୍ରାଫିକ ସମସ୍ୟା ମୂଳରେ ପୋଲିସର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ରାତି ପ୍ରାୟ ୧ଟାରେ ଗୃହରକ୍ଷୀ ରାଜେନ୍ଦ୍ର ପ୍ରଧାନ ୫ନଂ(କ) ଜାତୀୟ ରାଜପଥର ଗଡ଼ ବଜାରଠାରେ ଗାଡ଼ି ଓଭରଟେକିଂ କରାଉଥିଲେ। ଏହି ସମୟରେ ଥାନାରେ ରାତି ଡ୍ୟୁଟି କରୁଥିବା ହାବିଲଦାର ଧରମା ପରିଡ଼ା ରାଜପଥକୁ ଆସି ରାଜେନ୍ଦ୍ରଙ୍କ ପାଖରେ ପହଞ୍ଚିଥିଲେ। ଗାଡି ଓଭରଟେକିଂ ବାବଦ ଅର୍ଥକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ହାବିଲଦାର ପରିଡ଼ା ଗୃହରକ୍ଷୀ ପ୍ରଧାନଙ୍କୁ ଲାଠିରେ ପିଟିଥିଲେ ବୋଲି ଅଭିଯୋଗ ହୋଇଛି। ଏପରି କି ହାବିଲଦାର ଜଣଙ୍କ ପ୍ରାୟତଃ ରାତିରେ ଥାନା ଡ୍ୟୁଟି ଛାଡି ରାଜପଥକୁ ଆସି ଏପରି କରିଥାନ୍ତି ବୋଲି ଗୃହରକ୍ଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି। ମଧ୍ୟାହ୍ନରେ ଏଏସ୍‌ପି ବିଷ୍ଣୁ ଚରଣ ମିଶ୍ର ପହଞ୍ଚି ଉଭୟଙ୍କୁ ଡାକି ଏହାର ସମାଧାନ କରିବାକୁ କହିଛନ୍ତି। ସମାଧାନ ନ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ମଦଦୋକାନ ଆଗରେ ଗଣ୍ଡଗୋଳ, ଭୁଜାଲି ଚୋଟରେ ୨ ଆହତ

**ବିରିଡ଼ି,୨୨।୧୨(ଡି.ଏନ.ଏ.)**

ବିରିଡ଼ି ଥାନା ଅନ୍ତର୍ଗତ ଦଳେଇଘାଇ ନିକଟ ଏକ ସରକାରୀ ବିଦେଶୀ ମଦ ଦୋକାନ ଆଗରେ ଗୁରୁବାର ଗଣ୍ଡଗୋଳ ଘଟି ଭୁଜାଲି ଚୋଟରେ ୨ଜଣ ଗୁରୁତର ହୋଇଥିଲେ। ସେମାନେ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ କୋରପଦା ଗ୍ରାମର ରବୀନ୍ଦ୍ର ଲେଙ୍କା ଓ ୪୨ ମୌଜା ବେଣ୍ଟକାର ଫାଣ୍ଡି ଅନ୍ତର୍ଗତ କଦମପଡ଼ା ଗ୍ରାମର ଆଶିଷ ସ୍ୱାଇଁ। ଉଭୟ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରବୀନ୍ଦ୍ରଙ୍କ ସମ୍ପର୍କୀୟ ଭାଇ ଜିତେନ୍ଦ୍ର ଏନେଇ ବିରିଡ଼ି ଥାନାରେ ଅଭିଯୋଗ କରିବା ପରେ ମାମଲା ନଂ. ୧୦୫/୧୮ ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଦ କିଣିବାବେଳେ ଟଙ୍କା ଦେଣନେଣକୁ ନେଇ ଗଣ୍ଡଗୋଳ ଘଟିଥିଲା। ସମ୍ପୃକ୍ତ ମଦ ଦୋକାନୀଙ୍କ ପୁତୁରା ୨ ଜଣଙ୍କୁ ଭୁଜାଲିରେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ଏହି ମଦ ଦୋକାନ ଆଗରେ ବାରମ୍ବାର ମାରପିଟ, ଗଣ୍ଡଗୋଳ ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ସତର୍କତା ଅବଲମ୍ବନ କଲେ ଏପରି ଘଟଣା ବାରମ୍ବାର ଘଟନ୍ତାନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିପି ବନ୍ଦ ମଦ ଦୋକାନ ହୋଇଥିଲେ ମଧ୍ୟ ଏହା ଆଗରେ ଏକ ଚାଖଣ ଦୋକାନ ରହିଛି ଓ ଖୋଲାଖୋଲି ମଦ୍ୟପାନ କରାଯାଉଛି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୂର୍ବରୁ ଥରେ ପୋଲିସ ଚଢ଼ାଉ କରି ଉକ୍ତ ଚାଖଣ ଦୋକାନ ବନ୍ଦ କରିଥିଲା ଓ ଏଠାରେ ମଦ୍ୟପାନ ନ କରିବାକୁ ତାଗିଦ କରିଥିଲା। ଏହା ସତ୍ତ୍ୱେ ଏଠାରେ ମଦ୍ୟପାନ କରାଯାଉଛି। ଏ ସମ୍ପର୍କରେ ଆଇଆଇସି ରଞ୍ଜିତ କୁମାର ମହାନ୍ତି କହିଛନ୍ତି ଯେ ଏନେଇ ପଦକ୍ଷେପ ଗ୍ରହଣ କରାଯିବ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ

**ବିରିଡ଼ି,୨୨।୧୨(ଡି.ଏନ.ଏ.)**

ବିରିଡ଼ି ବ୍ଲକ ମଇଁନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା କାନୁନଗୋଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି, ଏବିଇଓ ସଚ୍ଚିଦାନନ୍ଦ ବେହେରା ମୁଖ୍ୟବକ୍ତା, ସୁଭଦ୍ରା ଭୋଇ, ଏସଏମସି ସଭାପତି ଲଳିତ ନାରାୟଣ ଦାଶ, ଏବିଇଓ ବିଜୟ କୁମାର ଦ୍ୱିବେଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଲେ ଯେ ଶିକ୍ଷା ବିନା ବ୍ୟକ୍ତିଠାରୁ ଆରମ୍ଭ କରି ଦେଶ ପର୍ଯ୍ୟନ୍ତ କାହାର ଉନ୍ନତି ହୋଇପାରିବ ନାହିଁ। ଶିକ୍ଷା ଓ କ୍ରୀଡା ଦ୍ୱାରା ପରସ୍ପର ଭିତରେ ଭ୍ରାତୃଭାବ ସୃଷ୍ଟି ହୋଇଥାଏ। ତେଣୁ ଶିକ୍ଷା ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ସେମାନେ ପରାମର୍ଶ ଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



## ସଂକ୍ଷେପରେ

### ଗୁହାଳ ଜଳିଗଲା, ୪ ଛେଳି ଜୀବନ୍ତ ଦଗ୍ଧ

**ବାଲିକୁଦା,୨୨।୧୨(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ କାଳିଓ ପଞ୍ଚାୟତର ଗୋଡ଼ିଦା ଗାଁରେ ଶନିବାର ସନ୍ଧ୍ୟାରେ ଏକ ଗୁହାଳେ ନିଆଁ ଲାଗି ୪ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗ୍ରାମର ଜିତେନ୍ଦ୍ର ସ୍ୱାଇଁ ଛେଳି ପାଳନ କରି ଜୀବିକା ନିର୍ବାହ କରନ୍ତି। ସନ୍ଧ୍ୟାରେ ତାଙ୍କ ମା' ଗୁହାଳେ ମଶା ଘଉଡ଼ାଇବାକୁ ଧୂଆଁ ଦେଇଥିଲେ। ଗୁହାଳ ଚାଳକୁ ନିଆଁ ଲାଗିଯାଇଥିଲା। ଏହା ଦେଖି ଜଣେ ବ୍ୟକ୍ତି ଡାକ ପକାଇଥିଲେ ଓ ଗୁହାଳ କବାଟ ଖୋଲି ଦେଇଥିଲେ। ଫଳରେ ୪୦ଟି ଛେଳି ଗୁହାଳରୁ ବାହାରି ଆସିଥିବାବେଳେ ୪ଟି ଛେଳି ବାହାରି ନ ପାରି ଜଳିଯାଇଥିଲେ। ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ତୀବ୍ର ହେଲା ଡାକ ସେବକଙ୍କ ଆନ୍ଦୋଳନ

**ଜଗତସିଂହପୁର ଅଫିସ,୨୨।୧୨:** ଗ୍ରାମୀଣ ଡାକ ସେବକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ୮ ଘଣ୍ଟା ସମୟ ନିର୍ଦ୍ଧାରଣ କରି ବେତନ ପ୍ରଦାନ କରିବା ଆଦି ୧୦ ଦଫା ଦାବିନେଇ କେନ୍ଦ୍ରୀୟ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ଏହି ଅନୁଯାୟୀ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଙ୍ଘ ପକ୍ଷରୁ ଜଗତ୍‌ସିଂହପୁର ମୁଖ୍ୟ ଡାକଘର ସମ୍ମୁଖରେ ଆନ୍ଦୋଳନ ଅବ୍ୟାହତ ରହିଛି। ତେବେ ଶନିବାର ଏହି ଆନ୍ଦୋଳନ ତୀବ୍ର ହୋଇଛି। ଆନ୍ଦୋଳନକାରୀ ଉତ୍‌କ୍ଷିପ୍ତ ହୋଇ ଡାକ ସେବା ଅଚଳ କରି ଦେଇଛନ୍ତି। ଫଳରେ ଲୋକେ ବିଭିନ୍ନ କାମରେ ଡାକ ଘର ଆସି ନିରାଶ ହୋଇ ଫେରିଛନ୍ତି। ଏ ସମ୍ପର୍କରେ ଆନ୍ଦୋଳନକାରୀ କହିଛନ୍ତି ଯେ ଡାକ ସେବକଙ୍କ ଦାବି ଉପରେ ସରକାର କମଲେଶ ଚନ୍ଦ୍ରା କମିଟି ବସାଇଥିଲେ। କମିଟି ମଧ୍ୟ ରିପୋର୍ଟ ଦେଇସାରିଛି। ଏପରି କି ୧।୧୧।୧୬ରୁ କମିଟି ରିପୋର୍ଟ କାର୍ଯ୍ୟକାରୀ କରିବା ପ୍ରସଙ୍ଗରେ ହେଉଥିବା ଦାବିକୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ଏହା ଗ୍ରାମୀଣ ଡାକ ସେବକଙ୍କ ମନରେ ଗଭୀର ରେଖାପାତ କରିଛି। ତେଣୁ କମିଟି ଆହ୍ୱାନରେ ଗତ ୧୮ ତାରିଖରୁ ଦେଶବ୍ୟାପୀ ଧର୍ମଘଟ ଚାଲିଛି। ଆନ୍ଦୋଳନରେ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ସାମିଲ ହୋଇଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ଶିକ୍ଷାବିତ୍‌ଙ୍କ ପରଲୋକ

**କୁଜଙ୍ଗ,୨୨।୧୨(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ଅଞ୍ଚଳର ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ମଥୁରାନନ୍ଦ ସ୍ୱାଇଁ(୮୨)ଙ୍କ ଶନିବାର ଅପରାହ୍ନରେ ପରଲୋକ ଘଟିଛି। ନିମାପଡ଼ାରେ ଶିକ୍ଷକତା ବୃତ୍ତି ଆରମ୍ଭ କରି ପାରାଦୀପ ଗଡ଼ ଓ ନିଜ ଗ୍ରାମ ଭୂତମୁଣ୍ଡାଇରେ ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ସୁନାମ ଅର୍ଜନ କରିଥିଲେ।

■ ଆଜି ବିଜୁ ଶ୍ରମିକ ସାମ୍ମୁଖ୍ୟ ସମାବେଶ

# ପତିଆରା ପାଇଁ ଲାଗିଲାଣି ଶୀତଳଯୁଦ୍ଧ

■ଦୂରେଇ ରହୁଛନ୍ତି ଛାମୁଆ ନେତା

■ସମସ୍ତଙ୍କୁ ଏକାଠି କରିବାକୁ ପ୍ରୟାସ

**ପାରାଦୀପ,୨୨।୧୨(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନରେ ରବିବାର ବିଜୁ ଶ୍ରମିକ ସାମୁଖ୍ୟର ବିଶାଳ ସମାବେଶ ହେବ। ତେବେ ଏହା ପୂର୍ବରୁ ଦଳରେ ନେତାମାନଙ୍କ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଗଲାଣି। ସମାବେଶକୁ ନେଇ କେତେଜଣ ନେତା ଅଧିକ ଉତ୍ସାହିତ ହୋଇପଡିଥିବା ବେଳେ ଆଉ କେତେଜଣ ନିରୁତ୍ସାହିତ ହୋଇ ଏଠାରୁ ଦୂରେଇ ରହିଛନ୍ତି। ବିଶେଷ କରି ଆଗଧାଡ଼ିର ନେତାଙ୍କ ମଧ୍ୟରେ ପତିଆରା ଯୁଦ୍ଧ ଆରମ୍ଭ ହୋଇଛି। ଗୋଟିଏ ଛତା ତଳେ ଏହି ସବାବେଶ ହେଉଥିଲେ ହେଁ ସଙ୍ଗଠନରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି। ଉକ୍ତ ସମାବେଶରେ ୨୦ରୁ ଅଧିକ ନେତା ଓ ଅବିଭକ୍ତ କଟକ ଜିଲାରୁ ୨୦ରୁ ୨୫ହଜାର ଲୋକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପାରାଦୀପର ଅନ୍ୟତମ ଆଗଧାଡ଼ିର ବିଜେଡି ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ଡକାଯିବା ପରେ ସେ ଉତ୍ସାହିତ ହୋଇ ସମାବେଶ ସଫଳ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଅନ୍ୟ ନେତା ଓ କର୍ମୀମାନେ ମଧ୍ୟ ନିଜ ଅଞ୍ଚଳରୁ ଲୋକ ଆଣିବାକୁ ସଜବାଜ ହେଉଛନ୍ତି। ତେବେ ପରିବର୍ତ୍ତିତ ପରିସ୍ଥିତିରେ କେତେକ ନେତା ଏବେ କୋଣଠେସା ହୋଇଯାଇଛନ୍ତି। ସେମାନେ ପୂର୍ବରୁ ଯେଭଳି ମଞ୍ଚ ପରିଚାଳନା ଓ ଲୋକ ଠୁଳ କରିବାରେ ସାମିଲ ହେଉଥିଲେ, ଏବେ ସେଭଳି କରୁନାହାନ୍ତି। କାର୍ଯ୍ୟକ୍ରମରୁ ସେମାନେ ଏକ ପ୍ରକାର ଦୂରେଇ ରହିଥିବା ମନେ ହେଉଛି। ଏପରି କି ସେମାନେ ସମାବେଶକୁ ଯିବେ କି ନାହିଁ ଦୋ ଦୋ ପାଞ୍ଚରେ ଅଛନ୍ତି। ସମାବେଶରେ ନୂଆ ବିବାଦ ମଧ୍ୟ ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଏପରି ସ୍ଥିତିରେ ଶନିବାର ରାତି ୧୦ଟା ସୁଦ୍ଧା ବିଜୁ ଶ୍ରମିକ ସାମୁଖ୍ୟ ଉପସଭାପତି ଯୁଗଳ କିଶୋର ନାୟକ ଓ ବିଜୁ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂହ ସମସ୍ତଙ୍କୁ ଏକତ୍ରିତ କରିବାକୁ ପ୍ରୟାସ ଚଳାଇଛନ୍ତି।

## ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲକୁ ବିରୋଧ

**ପାରାଦୀପ,୨୨।୧୨(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ଭୁତମୁଣ୍ଡାଇଠାରେ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଟର୍ମିନାଲ ପ୍ରତିଷ୍ଠା ପାଇଁ ଶନିବାର ଏକ ଠିକା ସଂସ୍ଥା ଜରିଆରେ ସର୍ଭେ କରାଯିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଫଳରେ ସମ୍ପୃକ୍ତ କର୍ମଚାରୀମାନେ ଫେରିଯାଇଛନ୍ତି। ସୂଚନାଯୋଗ୍ୟ, ପାରଦୀପ ବନ୍ଦର ଓ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଚଳାଚଳ କରୁଥିବା ଟ୍ରକ୍‌ଗୁଡିକ ୫ନଂ.(କ) ଜାତୀୟ ରାଜପଥ ଉପରେ ପାର୍କିଂ କରୁଛନ୍ତି। ଦୈନିକ ପ୍ରାୟ ୯୩୦୦ ଟ୍ରକ୍ ରାସ୍ତା ଉପରେ ରହିବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏନେଇ ୫ବର୍ଷ ଧରି ପ୍ରଶାସନିକସ୍ତରରେ ତର୍ଜମା କରାଯିବା ପରେ ଭୁତମୁଣ୍ଡାଇଠାରେ ଟର୍ମିନାଲ ନିର୍ମାଣ ପାଇଁ ରାଜ୍ୟ ସରକାର ବନ୍ଦର ପ୍ରଶାସନକୁ ୩୭ ଏକର ଜାଗା ଦେଇଛନ୍ତି। କିନ୍ତୁ ଉକ୍ତ ସ୍ଥାନରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଲୋକେ ଦାବି କରୁଥିବାରୁ ଟର୍ମିନାଲ ପ୍ରତିଷ୍ଠାକୁ ବିରୋଧ କରାଯାଉଛି ବୋଲି ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ ରଖିବେ ଜଗା ବଳିଆ**
**କି କରିବେ ତା'ର ବଳିବଳିଆ ।**

କୁହାଯାଏ ଈଶ୍ୱରଙ୍କ କୃପାଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ହୁଏ ନାହିଁ। ଈଶ୍ୱରଙ୍କ ଶକ୍ତି ଆଗରେ କାହାର ଜୋର ଚାଲି ନ ଥାଏ। ସେ ହିଁ ସର୍ବଶକ୍ତିମାନ, ତ୍ରାଣକର୍ତ୍ତା, ପ୍ରାଣକର୍ତ୍ତା ଓ ଦଇବ ବିଧାତା। ଈଶ୍ୱର ଦୁର୍ବଳ ଲୋକଙ୍କୁ ରକ୍ଷା କରିବାକୁ ଚାହିଁଲେ ଶକ୍ତିମାନ ପୁରୁଷ ତା'ର କୌଣସି କ୍ଷତି କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେମନ୍ତ ଦିଅଁଙ୍କୁ ତେମନ୍ତ ପୂଜା**
**ବାଲି ଗିରିଢ଼ାକୁ ଚାଉଳ ଭଜା ।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟପ୍ରତି ଭଲ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଏପରିସ୍ଥଳେ ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ବାଲିକୁଦା,୨୨।୧୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତର କଣିଆଁସ୍ଥିତ ଜୀବନଦ୍ୟୁତି ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ସଭାପତି ଗୌରାଙ୍ଗ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନାରାୟଣ କଂସ, ବିଦ୍ୟାଳୟ ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଠପଢା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଖେଳକୁଦର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉପଦେଷ୍ଟା କେଳୁ ଚରଣ ସାହୁ, ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନମାଳା ପଣ୍ଡା, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଅରୁଣ ଶତପଥୀ, ଗୁରୁଦେବ ସାହୁ, ନୃସିଂହ ଚରଣ ମହାରଣା, ବାବାଜୀ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ଦୁଗ୍ଧ ଦିବସ

**ରଘୁନାଥପୁର, ୨୨।୧୨(ଡି.ଏନ୍.ଏ.)**

କଟକ ଦୁଗ୍ଧ ସଂଘ ଆନୁକୂଲ୍ୟରେ ତିର୍ତ୍ତୋଲ ଡାଏରୀ ପକ୍ଷରୁ ସ୍ଥାନୀୟ ମୁଗୁରିଆ ଦୁଗ୍ଧ ସମିତି ସହଯୋଗରେ ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଛି। ଏଥିରେ କଟକ ଦୁଗ୍ଧ ସଂଘ ସଭାପତି ତଥା ଓଡ଼ିଶା ରାଜ୍ୟ ଦୁଗ୍ଧ ସଂଘ ଅଧ୍ୟକ୍ଷା ସରୋଜିନୀ ମିଶ୍ର ମୁଖ୍ୟଅତିଥି, ଦୁଗ୍ଧ ସଂଘର ସାଧାରଣ ପରିଚାଳକ ଡା. ବିଦ୍ୟାଧର ସାହୁ, ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟ ଦିଲୀପ କୁମାର ଲେଙ୍କା, ଆର୍ତ୍ତତ୍ରାଣ ପତି ଏବଂ ଶାନ୍ତିଲତା ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁଗ୍ଧ ସଂଘର ପିଆଣ୍ଡଆଇ ଇନ୍‌ଚାର୍ଜ ଅଧିକାରୀ ହୃଷୀକେଶ ଦାସ, ଆର୍ଯ୍ୟ ପ୍ରକାଶ ପଣ୍ଡା, ବୈଷୟିକ ଅଧିକାରୀ ଡା. ପ୍ରଜ୍ଞା ଭାରତୀ ଉପସ୍ଥିତ ଥିଲେ।

## ୮ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ର।

**ବାଲିକୁଦା,୨୨।୧୨(ସ୍ୱ.ପ୍ର.)**

ଶ୍ରୀନିବାସ ରାମାନୁଜନ୍ ସ୍ମାରକ ଗଣିତ ପ୍ରତିଭା ଅନ୍ୱେଷଣରେ ବାଲିକୁଦା ବ୍ଲକ କୃଷ୍ଣଦାସପୁରସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ ଛାତ୍ରୀଛାତ୍ର କୃତୀତ୍ୱ ଅର୍ଜନ କରିଛନ୍ତି। ୧ମ ଶ୍ରେଣୀରୁ ଅକ୍ଷାଂଶ ପ୍ରସାଦ ଓ ଦେବୀଦତ୍ତ ସ୍ୱାଇଁ, ୨ୟ ଶ୍ରେଣୀରୁ ଆଶୁତୋଷ ସ୍ୱାଇଁ, ୪ର୍ଥ ଶ୍ରେଣୀରୁ ଅନନ୍ୟା ପ୍ରିୟଦର୍ଶିନୀ, ସୁଗନ୍ଧା ପଣ୍ଡା ଓ କ୍ରୀଷ୍ଟା ତ୍ରିପାଠୀ, ୫ମ ଶ୍ରେଣୀରୁ ଓମ ପ୍ରକାଶ ମହାରଣା ଏବଂ ୮ମ ଶ୍ରେଣୀର ବିଜୟିନୀ ଦାସ କୃତୀତ୍ୱ ଅର୍ଜନ କରିଥିଲେ। ଶନିବାର ସେମାନଙ୍କୁ ଶ୍ରୀରାମାନୁଜନଙ୍କ ଜୟନ୍ତୀ ପାଳନ ଅବସରରେ ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀନିବାସ ରାମାନୁଜନ ଜୟନ୍ତୀ ସମାରୋହ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ମୁଖ୍ୟଅତିଥି, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ପୃଷ୍ଠପୋଷକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କମଳେନ୍ଦୁ ମହାନ୍ତି, ବିଦ୍ୟାଳୟର ସଭାପତି ବୈରାଗୀ ଚରଣ ମହାରଣା, ଭାରତୀୟ ଶିକ୍ଷା ବିକାଶର ପ୍ରତିଷ୍ଠାତା କରୁଣାକର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେଶ କୁମାର ପାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଛାତ୍ରୀଛାତ୍ରଙ୍କୁ ସମସ୍ତ ଗୁରୁମା ଗୁରୁଜୀ ଶୁଭେଚ୍ଛା ଜଣାଇଛନ୍ତି।

**e - Procurement Notice No.EE-CCD- 05 /2018-19**

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, CHHELIGADA CANAL DIVISION**
**Digapahandi, Dist: Ganjam**
e-mail– ccddig@gmail.com

**No. 994-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in

| | | |
|---|---|---|
| 1. | Type of the work | : Canal Structures & Road Work |
| 2. | No. of works | : 02 Nos. |
| 3. | Class of contractor | : "C"& "B" class |
| 4. | Bid identification No. | : e-CCD- 09 / 2018-19 & e-CCD -10/ 2018-19 |
| 5. | Estimated cost | : Rs.28.77 to 46.88 lakhs |
| 6. | Period of completion | : 03 (three) calendar months |
| 7. | Date & time of availability of bid documents in the portal | : From 24.12.2018, 10.00AM to 02.01.2019, upto 5.00PM |
| 8. | Last date / time for receipt of bids in the portal | : 02.01.2019 upto 5.00PM |
| 9. | Name of the officer inviting Bid | : Executive Engineer, Chheligada Canal Division, Digapahandi, Ganjam, Odisha. |

Any addendum / corrigendum / cancelation of tender can also be seen in the said Website.

Date of opening of the Bid: 03.01.2019 at 11.30AM

Further details can be seen from the Govt. website www.tendersorissa.gov.in

*Executive Engineer*
*Chheligada Canal Division*
*Digapahandi, Dist: Ganjam*

32169/11/0011/1819

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

**ZILLA SWASTHYA SAMITI, NABARANGPUR**
**OFFICE OF CDM & PHO-cum-District Mission Director, NABARANGPUR**
Advt. No. 10815 Date: 21.12.18

**Tender Call Notice for hiring of Vehicle**

**No. 684-E:-** Sealed bids are invited from interested Travel Agency, Tour Operators and individuals for providing hired Vehicle under two different categories.

i. Mobile Vision Center under SUNETRA.
ii. Requirement under NHM, Nabarangpur

The bidder may send their complete bid document in double cover system (Technical & Financial) superscribing with "Tender for hiring of Vehicle under Category-I OR II)" to CDM&PHO, Nabarangpur Rangmatiguda, At/PO/District- Nabarangpur-764059 through Registered / Speed Post only. The bidders should apply separately for different categories. The detail terms and condition, Eligibility criteria for both the categories may be downloaded from the district website www.nabarangpur.nic.in. Last date of submission of tender is 03.01.2019 by 5PM. The tender will be opened on 04.01.2019 at 11AM in presence of the purchase committee and bidders / representative of bidders. Incomplete and delayed receipt of bids will not be considered. The undersigned reserves the right to accept or reject any or all bids without assigning any reason thereof.

*(Dr. Saroj Kumar Nayak)*
*CDM & PHO-cum-District Mission Director*
*Nabarangpur*

10081/11/0014/1819

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ଘରେ ବସି SMS JOB
Mobile Telecom କମ୍ପାନୀରେ ଘରେ ବସି SMS ଜବ୍ କରି ପୁଅ, ଝିଅ, ଗୃହିଣୀ, ଅବସରପ୍ରାପ୍ତ କର୍ମଚାରୀ, ବିଦ୍ୟାର୍ଥୀ, ସମସ୍ତ ବେରୋଜଗାର ପାର୍ଟଟାଇମ୍, ଫୁଲ୍‌ଟାଇମ୍ କାମ କରି ରୋଜଗାର କରନ୍ତୁ
15000 ରୁ 35000 ମାସିକ
ଏହା ସହିତ ଲାପ୍‌ଟପ୍ + ମୋବାଇଲ + ପ୍ରିଣ୍ଟର + ଡାଟା କାର୍ଡ + SMS ଖର୍ଚ୍ଚ
କମ୍ପାନୀ ଦ୍ୱାରା ଫ୍ରି
ବୁକାରୋ ମାଲେପୁର, ଜାମୁଇ, ବିହାର - 811313
8084778397
8084682610

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ଼। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୯୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ଧନଲକ୍ଷ୍ମୀ ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ପଞ୍ଜିକୃତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଗୃହଋଣ ମାତ୍ର ୨୪ ଘଣ୍ଟାରେ । 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ଛାଡ
Plot No-155, Lewis Road, Bangalore
7504330336
9114377090

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

SMS JOB
PTJ କମ୍ପାନୀରେ SMS JOB ପାଇଁ ୩୯୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515
7870216361

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 180012002563
Ansal Bhavan, Connaught Place, New Delhi

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜଣେ ସେଲ୍‌ଫି କର୍ନର ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି ଏୟାରଟେଲ ଓଡ଼ିଶାର ଟେରିଟୋରି ସେଲ୍‌ସ ମ୍ୟାନେଜର ରିଷିକାନ୍ତ ବିଶ୍ୱାଳ (ବାମ) ଓ ମଞ୍ଚ ପରିଚାଳିକା ଶୋଭନା ମିଶ୍ର।



ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଜଣେ ବିଜେତାଙ୍କୁ ପୁରସ୍କାର ଭାବେ ସ୍ମାର୍ଟଫୋନ୍ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ରିଲାଏନ୍ସ ଜିଓ ଫାଇବର ବିଜ୍‌ନେସ ମ୍ୟାନେଜର (ଓଡ଼ିଶା) ସୌମେଶ ପତି ଓ ଧରିତ୍ରୀର ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତା।



ସେଲ୍‌ଫି କର୍ନର ବିଜେତାମାନଙ୍କ ସହ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ଅନ୍ୟମାନେ।



ଜଣେ ସେଲ୍‌ଫି କର୍ନର ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଟେକ୍ ଆଜ୍ଞା'ର ଜୋନାଲ ମ୍ୟାନେଜର ସୁମିତ ପଟ୍ଟନାୟକ।

# 'ଯୁବପିଢ଼ିଙ୍କ ପାଇଁ ଏ ପୃଥିବୀ ଚାଲିଛି'

## ବିଜେତା ପାଇଲେ ସ୍ମାର୍ଟଫୋନ

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)**

ଧରିତ୍ରୀ ପକ୍ଷରୁ ଏହାର 'ସେଲ୍‌ଫି କର୍ନର' ବିଜେତାଙ୍କ ପାଇଁ ଶନିବାର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ନଭେମ୍ବର ମାସର ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ବାବଦରେ ପ୍ରତି ବିଜେତାଙ୍କୁ 'ଟେକ୍ ଆଜ୍ଞା' ପକ୍ଷରୁ ଏକ ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଥିଲା। ଏହା ସହ ଏୟାରଟେଲ ପକ୍ଷରୁ ଏକ ମାସର ଅନ୍‌ଲିମିଟେଡ୍ ଡାଟା ଓ ଅନ୍‌ଲିମିଟେଡ୍ କଲ୍ ଥିବା ଗୋଟିଏ ସିମ୍‌କାର୍ଡ ଦିଆଯାଇଥିଲା। ମଞ୍ଚରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର(ମାର୍କେଟିଂ) ହିମାଂଶୁ ହୋତା, 'ଟେକ୍ ଆଜ୍ଞା'ର ଜୋନାଲ ମ୍ୟାନେଜର ସୁମିତ ପଟ୍ଟନାୟକ, ଏୟାରଟେଲ୍ ଓଡ଼ିଶାର ଟେରିଟୋରି ସେଲ୍‌ସ ମ୍ୟାନେଜର ରିଷିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ।

ଧରିତ୍ରୀ ସମ୍ପାଦକ ସତପଥୀ କହିଥିଲେ ଯେ, ଯୁବପିଢ଼ିଙ୍କ ପାଇଁ ଏ ପୃଥିବୀ ଚାଲିଛି। ତେଣୁ ଧରିତ୍ରୀ ସବୁବେଳେ ଯୁବପିଢ଼ିଙ୍କ ପସନ୍ଦ ନାପସନ୍ଦକୁ ପ୍ରାଥମିକତା ଦେଇଆସିଛି। ବର୍ତ୍ତମାନର ପିଢ଼ିଙ୍କ ପାଇଁ ନିୟୋଜିତ ରହିବାକୁ ଧରିତ୍ରୀର ଚେଷ୍ଟା ଓ ପ୍ରୟାସ ରହିଛି। ଆଜିକାର ପାଠକମାନେ କେବଳ ରାଜନୀତି, ବାଣିଜ୍ୟ କିମ୍ବା ଅପରାଧ ଖବରରେ ଆଗ୍ରହୀ ନୁହନ୍ତି। ଏହାସହ ଜୀବନର ସୌନ୍ଦର୍ଯ୍ୟ ରହିବା ନିହାତି ଆବଶ୍ୟକ। ହେଲେ ଓଡ଼ିଶାରେ ଆମେ ଯାହା ଦେଖୁଛୁ ଗଣମାଧ୍ୟମଗୁଡ଼ିକ କେବଳ ଗୋଟିଏ ଦିଗରେ ଯାଉଛନ୍ତି। ଏକ୍ଷେତ୍ରରେ ଆମେ କିଛି ନୂଆ କରିବାକୁ ଚାହୁଁଛୁ। ପିଲାଙ୍କ ଧରିତ୍ରୀଠାରୁ ଆରମ୍ଭକରି ଯୁବତୀଯୁବକଙ୍କ ପାଇଁ ନୂଆ ଚିନ୍ତାଧାରା, ନୂଆ ପଦ୍ଧତି ଓ ଜୀବନରେ କିଛି ନୂଆ ଆଣିବାକୁ ଚେଷ୍ଟା କରୁଛୁ। ଆମେ କହୁନୁ ଯେ, ଆମେ ଶତ ପ୍ରତିଶତ ସଫଳ ହୋଇଛୁ। ଏହା ଏକ ନିରନ୍ତର ପ୍ରକ୍ରିୟା। ସବୁଦିନ ଯେପରି କିଛି କିଛି ବଦଳିବ ଆମେ ସେହି ଚେଷ୍ଟାରେ ଅଛୁ। ପାଠକଙ୍କ ନିକଟରେ ଆମେ କୃତଜ୍ଞ। ଧରିତ୍ରୀ ଏହାର ପାଠିକାପାଠକଙ୍କ ଯୋଗୁ ବଞ୍ଚିରହିଛି।

ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ ଯେ, ଯେଉଁମାନେ ବି ସେଲ୍‌ଫି କର୍ନର ପୁରସ୍କାର ଜିତିଛନ୍ତି ସେମାନେ ବହୁତ ଭାଗ୍ୟଶାଳୀ। ପ୍ରତିଦିନ ଆମପାଖକୁ ବହୁତଗୁଡିଏ ସେଲ୍‌ଫି ଆସୁଛି। ସେଥିରୁ ଅଳ୍ପକିଛି ଚୟନ କରି ଖବରକାଗଜରେ ଛାପିବା ଓ ପୁଣି ସେଥିରୁ ପ୍ରତିଦିନ ଗୋଟିଏ ଗୋଟିଏ ବିଜେତା ବାଛିବା ଆମ ପାଇଁ କଷ୍ଟକର ହୋଇପଡୁଛି।

ଉତ୍ସବକୁ ମନୋରଞ୍ଜନଧର୍ମୀ କରିବା ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ ସ୍ମୃତିମୟୀ ମହାପାତ୍ର ଓ ବିଭୁ ପ୍ରସାଦ ମହାରଣା ଏହି ଅବସରରେ ମନଛୁଆଁ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ, ଯାହାର ତାଳେ ତାଳେ ଉପସ୍ଥିତ ବିଜେତା ଓ ସେମାନଙ୍କ ସାଙ୍ଗସାଥୀ, ସମ୍ପର୍କୀୟମାନେ ନାଚିବା ସହ ଭରପୂର ଉପଭୋଗ କରିଥିଲେ। ଶୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରୁଛନ୍ତି ସ୍ମୃତିମୟୀ ମହାପାତ୍ର ଓ ବିଭୁ ପ୍ରସାଦ ମହାରଣା।



ସଙ୍ଗୀତ ସହ ତାଳ ଦେଇ ନୃତ୍ୟରତ ସେଲ୍‌ଫି କର୍ନର ବିଜେତା ଓ ଅନ୍ୟମାନେ।

## ୧୫୦ ବର୍ଷ ପୂର୍ତ୍ତି ପାଳିଲା ଯାଜପୁର ପୌର ପରିଷଦ

ଯାଜପୁର ପୌରପରିଷଦର ୧୫୦ବର୍ଷ ପୂର୍ତ୍ତି ଏବଂ ଜିଲ୍ଲା ପ୍ରତିଷ୍ଠାର ୭୫ବର୍ଷ ପୂରଣ ଉତ୍ସବ ଧୁମଧାମରେ ପାଳିତ ହୋଇଥିଲା। ପୌର ପରିଷଦ ଓ ଜିଲ୍ଲା ପ୍ରଶାସନ ମିଳିତ ଭାବେ ୯ ଦିନ ବ୍ୟାପୀ ସହରରେ ଉତ୍ସବ ପାଳନ କରିଥିଲେ। ଐତିହାସିକ କୁସୁମା ପୋଖରୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ଯାଜପୁର ଜିଲ୍ଲା ତଥା ସହରର ଐତିହ୍ୟ, ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଆର୍ଥିକ ସମୃଦ୍ଧି, ଜୀବିକା ଅଭିଯାନ, ନଗର ସଭ୍ୟତା, ଗମନାଗମନର ସୁଦୃଢ଼, ଯୁବକଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାର ଯୋଜନା ଓ ଆତିଥ୍ୟ ପ୍ରସଙ୍ଗକୁ ନେଇ ବୌଦ୍ଧିକ ଆଲୋଚନା ହୋଇଥିଲା। ଏହାସହ ନୂତନ ଅତ୍ୟାଧୁନିକ ବସଷ୍ଟାଣ୍ଡ, ଜିଲ୍ଲା ସଦର ମହକୁମାରେ ଅତ୍ୟାଧୁନିକ ଡାକ୍ତରଖାନାର ଶିଳାନ୍ୟାସ, ଯାଜପୁର ପୌରପରିଷଦର ୧୫୦ତମ ଶାନ୍ତିର ସ୍ମାରକୀ, ବୈତରଣୀ ନଦୀକୂଳେ ବୁଦ୍ଧଙ୍କ ମୂର୍ତ୍ତି, ଗାନ୍ଧୀଛକଠାରେ ନୂତନ ଗାନ୍ଧୀମୂର୍ତ୍ତି, କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଗୃହ, ଷଠିପୁରଠାରେ ପଥପ୍ରାନ୍ତ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା।



୨୦୧୮ରେ ଉପକୂଳ ଓଡ଼ିଶାରେ ଘଟିଛି ଅନେକ ପରିବର୍ତ୍ତନ। ରାଜନୈତିକ ଦୃଶ୍ୟପଟ୍ଟ ବଦଳିବା ସାଙ୍ଗକୁ ଆପରାଧିକ ସାମ୍ରାଜ୍ୟରେ ଲାଗିଛି ରୋକ୍। ବରିଷ୍ଠ ନେତା ଦାମୋଦର ରାଉତ, ବୈଜୟନ୍ତ ପଣ୍ଡା ବିଜେଡିରୁ ବିଦା ହୋଇଥିବାବେଳେ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଦଳ ଛାଡ଼ିଛନ୍ତି। ଅପରାଧ ଦୁନିଆରେ ସାମ୍ରାଜ୍ୟ ବିସ୍ତାର କରିଆସିଥିବା ସୟଦ ଉସ୍‌ମାନ ଅଲ୍ଲୀ ଓରଫ ଟିଟୋଙ୍କୁ ଲାଗିଛି ଝଟକା। ଏନ୍‌କାଉଣ୍ଟରରେ ଆହତ ହୋଇଛନ୍ତି ଅନେକ କୁଖ୍ୟାତ ଅପରାଧୀ। ସେପଟେ ଯାଜପୁର ଡଙ୍କାରୀରେ ଦୀର୍ଘ ବର୍ଷ ଧରି ଚାଲିଆସିଥିବା ବେଆଇନ ପଥର ଖାଦାନ ଓ କ୍ରସର ଉପରେ ଲାଗିଛି ରୋକ୍। ଯାଜପୁର ସହରର ସୌନ୍ଦର୍ଯ୍ୟକୁ ଅଧିକ ଆକର୍ଷିତ କରିବା ପାଇଁ ଲୋକାର୍ପିତ ହୋଇଛି କୁସୁମା ପୋଖରୀ। ବିଦାୟୀ ବର୍ଷର କିଛି ସ୍ମୃତିକୁ ନେଇ ଆମର ଏହି ସ୍ୱତନ୍ତ୍ର ପୃଷ୍ଠା '୧୮ ଝଲକ'...

## ଦଳରୁ ବିଦା

### ଦାମ



ବର୍ଷ ୨୦୧୮ ପାରାଦୀପ ନିର୍ବାଚନମଣ୍ଡଳି ତଥା ଜଗତସିଂହପୁର ଜିଲ୍ଲା ରାଜନୀତି ପାଇଁ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପାରାଦୀପ ବିଧାୟକ ତଥା ବରିଷ୍ଠ ନେତା ଦାମୋଦର ରାଉତଙ୍କୁ ସେପ୍ଟେମ୍ବର ୧୨ରେ ବିଜେଡିରୁ ବହିଷ୍କାର କରାଗଲା। ଦୀର୍ଘ ୪୪ ବର୍ଷର ରାଜନୈତିକ ଜୀବନରେ ଏହା ଦାମଙ୍କ ପାଇଁ ସବୁଠାରୁ ଶକ୍ତ ଧକ୍କା ଥିଲା। ଇତିମଧ୍ୟରେ ଦାମ ନିଜର ନୂତନ ଦଳ 'ବିଜୁ ସମତା କ୍ରାନ୍ତି' ଘୋଷଣା କରିଥିଲେ ମଧ୍ୟ ଏଯାଏଁ ଆବଶ୍ୟକ ଭିତ୍ତିଭୂମି ଗଠନ କରିପାରିନାହାନ୍ତି।

### ବୈଜୟନ୍ତ



ଗତ ୪ବର୍ଷ ଧରି ବିଜେଡିରେ ଏକଘରିକିଆ ହୋଇ ରହିଥିବା ବୈଜୟନ୍ତ ପଣ୍ଡାଙ୍କୁ ଦଳ ବିରୋଧୀ ଆଚରଣ ପାଇଁ ଦଳର ପ୍ରାଥମିକ ସଦସ୍ୟ ପଦରୁ ଗତ ଜାନୁୟାରୀ ୨୪ରେ ନିଲମ୍ବିତ କରାଯାଇଥିଲା । ମେ ୨୮ ତାରିଖରେ ସେ ଦଳ ଛାଡ଼ିଥିଲେ। ଏପରି କି ଏମ୍‌ପି ପଦରୁ ବୈଜୟନ୍ତ ଇସ୍ତଫା ଦେଇଥିଲେ। ରାଜନୈତିକ ଭବିଷ୍ୟତ ନେଇ ବୈଜୟନ୍ତ ଅଦ୍ୟାବଧି ମୁହଁ ଖୋଲି ନ ଥିଲେ ସୁଦ୍ଧା ଠିକ୍ ସମୟରେ ଉଚିତ୍ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି।

## ଦଳ ଛାଡ଼ିଲେ ବିଜୟ

ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କ ଭାଜପାରୁ ଇସ୍ତଫା ଦେବା ଘଟଣା ଚଳିତବର୍ଷ ପାଇଁ କେନ୍ଦ୍ରାପଡା ଜିଲ୍ଲା ଓ ରାଜ୍ୟ ରାଜନୀତିକୁ ବେଶ୍ ଚଳଚଞ୍ଚଳ କରିଛି। ଗତ ଦୁଇ ବର୍ଷ ଧରି ଭାଜପା ନେତାଙ୍କ ପାଇଁ ଗୁରୁତ୍ୱ ବହନ କରୁ ନ ଥିବା ବିଜୟ ଗତ ନଭେମ୍ବର ୩୦ତାରିଖରେ ଦଳରୁ ଇସ୍ତଫା ଦେଇଥିଲେ। ସେ ନିଜର ପରବର୍ତ୍ତୀ ରାଜନୈତିକ ପଦକ୍ଷେପ ନେଇ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଇତିମଧ୍ୟରେ ତାଙ୍କର ବହୁ ଅନୁଗତ ଭାଜପାରୁ ଇସ୍ତଫା ଦେଇଛନ୍ତି।



## ବଢ଼ିଛି ପ୍ରଶାନ୍ତଙ୍କ ପରିଆରା

ବରିଷ୍ଠ ନେତା ଦାମ ରାଉତ ବିଜେଡିରୁ ବହିଷ୍କାର ହେବା ପରେ ଜଗତସିଂହପୁର ଜିଲାରେ ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ମୁଦୁଲିଙ୍କ କ୍ଷମତା ବୃଦ୍ଧି ପାଇଛି। ଏକଦା ବାଲିକୁଦା ଏରସମା ନିର୍ବାଚନମଣ୍ଡଳିରେ ଦାମଙ୍କ ସହଯୋଗରେ ରାଜନୀତିରେ ପାଦଦେଇ ବିଧାୟକ ହୋଇଥିବା ପ୍ରଶାନ୍ତ ଶେଷରେ ତାଙ୍କୁ ବହିଷ୍କାର କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ଦାମ ଦଳ ବିରୋଧୀ କାର୍ଯ୍ୟ କରୁଥିବା ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଗରେ ଅଭିଯୋଗ କରିଥିଲେ। ଏପରି କି ଏରସମାରେ ଦୀର୍ଘବର୍ଷ ଧରି ଦାମଙ୍କ ଦ୍ୱାରା ଅନୁଷ୍ଠିତ ହୋଇଆସୁଥିବା ରାବଣ ପୋଡ଼ି ଉତ୍ସବକୁ ଭଣ୍ଡୁର କରାଇବାକୁ ମଧ୍ୟ ପ୍ରଶାନ୍ତ ପଛାଇ ନାହାନ୍ତି। ଦାମ ବିଦା ହେବା ପରେ ପ୍ରଶାନ୍ତଙ୍କୁ ଜିଲା ବିଜେଡି ଉପସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି।



## ଡଙ୍କାରୀରେ ୧୪୪ ଧାରା

ଯାଜପୁର ଜିଲା ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପାଇଁ ପ୍ରତିବନ୍ଧକ ସାଜିଥିବା ଡଙ୍କାରୀ ପାହାଡ଼ର ୬ଟି କଳାପଥର ଖାଦାନକୁ ଅକ୍ଟୋବର ୧୫ତାରିଖରେ ସିଲ୍ କରାଯାଇଥିଲା। ଏହାସହ ଓଜନ କଣ୍ଟାଗୁଡିକୁ ଭାଙ୍ଗି ଦିଆଯାଇଥିବାବେଳେ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିଲା। ପଥର ଖାଦାନ ରାସ୍ତାରେ ପ୍ରାୟ ୬ଫୁଟ ଗଭୀର ଗାତ ଖୋଳାଯାଇଥିଲା। ଏଥିସହ ଡଙ୍କାରୀ ପାହାଡ଼ରେ ୧୪୪ଧାରା ଜାରି ହୋଇଥିଲା। ଡଙ୍କାରୀ ପାହାଡ଼ରେ ୧୬ଟି ଖାଦାନ ମଧ୍ୟରୁ ୨, ୩, ୪, ୫, ୬ ଓ ୧୧ନମ୍ବର ଖାଦାନର ପ୍ରଭାବଶାଳୀ ମାଲିକମାନେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ପ୍ରତିଷ୍ଠା ଅନୁମତି ଏବଂ ପରିଚାଳନା ଅନୁମତି ନେଇ ନ ଥିଲେ। ଏନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ରୁଜୁ ହୋଇଥିଲା। ଏଥିରେ ଭାରତ ସରକାରଙ୍କ ୟୁନିୟନ ମନ୍ତ୍ରଣାଳୟ ସମେତ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ସାବାସ୍ ସିଡୁ



କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ବାଙ୍କୁଆଳ ଗ୍ରାମର ମମତା ଦଳେଇ ନିଜ ଭଉଣୀ ଅଶାନ୍ତିଙ୍କୁ କୁମ୍ଭୀର ମୁହଁରୁ ଉଦ୍ଧାର କରି ଚଳିତବର୍ଷ ଜାନୁୟାରୀ ୨୬ରେ ଜାତୀୟ ସାହସିକତା ପୁରସ୍କାର ପାଇଛନ୍ତି । ଏହି ଘଟଣା ମନରୁ ନ ଲିଭୁଣୁ ଉକ୍ତ ବ୍ଲକ ଅନ୍ତର୍ଗତ କଣ୍ଡିରା ଗ୍ରାମର ସିଡୁ ମଲ୍ଲିକ ଜାତୀୟ ସାହସିକତା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ସିଡୁ କଣ୍ଡିରାସ୍ଥିତ ବାସୁଦେବ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର । ଦାଦା ପ୍ରମୋଦ ମଲ୍ଲିକଙ୍କୁ କୁମ୍ଭୀର କବଳରୁ ଉଦ୍ଧାର କରି ସେ ନିଜ ସାହସିକତାର ପରିଚୟ ଦେଇଥିଲେ । ଜାତୀୟ ଶିଶୁ ସାହସିକତା ପୁରସ୍କାର ପାଇଁ ମନୋନୀତ ହେବା ପରେ ସିଡୁ ଚର୍ଚ୍ଚାର ପରିଧିକୁ ଆସିଛନ୍ତି । ଆସନ୍ତା ଜାନୁୟାରୀ ୨୬ ତାରିଖରେ ଦିଲ୍ଲୀରେ ତାଙ୍କୁ ସମ୍ମାନିତ କରାଯିବ ।

## ବଦଳିଲା ମା' ପଞ୍ଚୁବରାହୀଙ୍କ ଠିକଣା



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ବଙ୍ଗୋସାଗର କୂଳରେ ଅଷ୍ଟାଦଶ ଶତାବ୍ଦୀରୁ ପୂଜା ପାଇ ଆସୁଥିବା ସାତଭାୟାର ମା' ପଞ୍ଚୁବରାହୀ ଠାକୁରାଣୀଙ୍କୁ ଏପ୍ରିଲ ୨୦ରେ ବଗପାଟିଆକୁ ସ୍ଥାନାନ୍ତର କରାଯାଇଥିଲା। ଏଥିପାଇଁ ଏପ୍ରିଲ ୧୯ରେ ସାତଭାୟା ମନ୍ଦିର ପରିସରରେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ କର୍ତ୍ତା ସାଜି ଆଜ୍ଞା ଯଜ୍ଞ କରିଥିଲେ। ପରଦିନ ସକାଳେ ମା'ଙ୍କ ନିତ୍ୟପୂଜା ପରେ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶିଳ୍ପୀ ପ୍ରଭାକର ମହାରଣାଙ୍କ ନେତୃତ୍ୱରେ ୭ ଜଣ ସେବକ ୫ଟି ଆସ୍ଥାନ ପିଣ୍ଡିରୁ ମା'ଙ୍କୁ ଅବତରଣ କରାଇଥିଲେ। ବିଶାଳକାୟ ମୁଗୁନି ପଥରରେ ନିର୍ମିତ ମା' ପଞ୍ଚୁବରାହୀଙ୍କ ୫ ମୂର୍ତ୍ତିକୁ ସୁସଜ୍ଜିତ ରଥରେ ସ୍ଥାପନ କରି ବାଡ଼ଶଗଡ଼ି ନଦୀଘାଟକୁ ନିଆଯାଇଥିଲା। ସେଠାରୁ ୨ ଚାପ ଡଙ୍ଗାରେ ରଥଗୁଡିକ ନଦୀପାର କରାଯାଇ ବଗପାଟିଆରେ ନିର୍ମାଣ ହୋଇଥିବା ନୂତନ ମନ୍ଦିରରେ ସ୍ଥାପନ କରାଯାଇଥିଲା। ବଙ୍ଗୋପସାଗର କୂଳଲଙ୍ଘୁ ଥିବାରୁ ସାତଭାୟାର ୫୭୧ପରିବାରକୁ ସମୁଦ୍ର ଦାଉରୁ ରକ୍ଷାକରିବା ପାଇଁ ରାଜ୍ୟ ସରକାର ସେମାନଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ମାତ୍ର ମା'ପଞ୍ଚୁବରାହୀଙ୍କ ବିନା ଗ୍ରାମବାସୀ ସାତାଭାୟା ଛାଡିବେ ନାହିଁ ବୋଲି କହିଥିଲେ। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହାୟତାରେ ମା'ଙ୍କ ଠିକଣା ବଦଳିଥିଲା।

## ତଟରକ୍ଷୀ ବାହିନୀରେ ୨ ନୂଆ ଜାହାଜ



୨୦୧୮ରେ ଭାରତୀୟ ତଟରକ୍ଷୀ ବାହିନୀ ପାଇଁ କେତେକ ନୂତନ ଘଟଣା ଘଟିଛି। ୨ଟି ପୁରୁଣା ପାଟ୍ରୋଲିଂ ଜାହାଜ ସେବାରୁ ବିରତି ନେଇଥିବାବେଳେ ଆଉ ୨ଟି ନୂତନ ଜାହାଜକୁ ସମୁଦ୍ର ପଥ ସୁରକ୍ଷା କ୍ଷେତ୍ରରେ ବିନିଯୋଗ କରାଯାଇଛି। ଫେବୃୟାରୀ ୨୦ରେ ପାଟ୍ରୋଲିଂ ଜାହାଜ ବଜ୍ରା ଓ ମାର୍ଚ୍ଚ ୨୩ରେ ସୁଚେତା କ୍ରିପାଳିନୀ ସେବାରୁ ନିବୃତ୍ତ ହୋଇଥିବା ବେଳେ ଜାନୁୟାରୀ ୧୫ରେ ସୁଜୟ ଓ ସେପ୍ଟେମ୍ବର ୪ରେ ବିଜୟ ତଟରକ୍ଷୀ ବାହିନୀରେ ସାମିଲ ହୋଇଛନ୍ତି। ଏହି ଦୁଇ ଅତ୍ୟାଧୁନିକ ପାଟ୍ରୋଲିଂ ଜାହାଜ ସାମିଲ ହେବା ପରେ ପୂର୍ବ ଉପକୂଳ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡି ହୋଇପାରିଛି।

## ଏନ୍‌କାଉଣ୍ଟରରେ ଦମନ



**ନୟାଗଡ଼ରେ ୫ :** ଚଳିତବର୍ଷ ନୟାଗଡ଼ ଜିଲାରେ ୫ଟି ଏନ୍‌କାଉଣ୍ଟର ହୋଇଥିଲା। ଏଥିରୁ ଗୋଟିଏରେ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରଥମ ଏନ୍‌କାଉଣ୍ଟର ଜାନୁୟାରୀ ୨୨ତାରିଖରେ ନୟାଗଡ଼ ସହରର ବାରମାସୀ ଦଣ୍ଡାଠାରେ ହୋଇଥିଲା। ଏଥିରେ କୁଖ୍ୟାତ ଅପରାଧୀ ସୁରେଶ ରାଉତ ଗୁରୁତର ହୋଇଥିଲେ। ଜିଲା ପୋଲିସ ପକ୍ଷରୁ ଏପ୍ରିଲ୍ ୧୩ ତାରିଖରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଛଣଗିରିଠାରେ ହୋଇଥିବା ଏନ୍‌କାଉଣ୍ଟରରେ ବାଙ୍କୋଇ ଗ୍ରାମର ଅପରାଧୀ ସିଲୁ ଆହତ ହୋଇଥିଲେ। ମେ ୪ ତାରିଖରେ ରଣପୁର ଥାନା ରାଜସୁନାଖଳା-ଦର୍ପନାରାୟଣପୁର ରାସ୍ତାର ବାପୁଜିପଲ୍ଲୀ ପାହାଡଠାରେ ହୋଇଥିବା ଏନ୍‌କାଉଣ୍ଟରରେ କୁଖ୍ୟାତ ଅପରାଧୀ ରବି ଦୋରା ଗୁରୁତର ହୋଇଥିଲେ। ଜୁନ୍ ୪ ତାରିଖରେ ନୟାଗଡ଼ ଟାଉନ ଥାନା ଓ ଗଣିଆ ପୋଲିସ ତରଫରୁ ସୋଲପଟା ଦରପଦା ରାସ୍ତାର ଭୂଇଁଆଣୀ ପାହାଡଠାରେ ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ କୁଖ୍ୟାତ ଅପରାଧୀ କାବୁଲି ଖାଁ (୪୦) ଆହତ ହୋଇଥିଲେ। ଜୁଲାଇ ୫ତାରିଖ ବିଳମ୍ବିତ ରାତିରେ ୫ମ ଏନ୍‌କାଉଣ୍ଟରରେ ଟଳି ପଡ଼ିଥିଲେ ଦୁର୍ଦ୍ଧାନ୍ତ ଅପରାଧୀ ବଳରାମ ମଲ୍ଲିକ(୩୫) ଓରଫ ଚଗଲା। ଚଗଲାଙ୍କ ଘର କଟକ ଜିଲା ନିଆଳି ଥାନା ରାଣୀଓଳା ଗ୍ରାମରେ।

**କେନ୍ଦ୍ରାପଡ଼ାରେ ୪ :** ୨୦୧୮ରେ କେନ୍ଦ୍ରାପଡ଼ା ଜିଲା ପୋଲିସ ୪ଟି ଏନ୍‌କାଉଣ୍ଟର କରିଛି। ମେ ୯ରେ ସଦର ଥାନା ଅଧୀନ ହଳଦିଆ ଗ୍ରାମର ସେକ୍ ଲାଲା ଏନ୍‌କାଉଣ୍ଟର ହୋଇଥିବା ବେଳେ ମେ ୩୧ରେ ମାର୍ଶାଘାଇ ଥାନା ଭଗବାନପୁର ଗ୍ରାମର ବହୁ ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟର ବିଜୁ ସାହୁ ଓରଫ ପ୍ରତାପ ଜିଲା ପୋଲିସ ଏନ୍‌କାଉଣ୍ଟରର ଶିକାର ହୋଇଥିଲେ। ସେହିପରି ଟାଉନ ଥାନା ଅଧୀନ ସହରର ବାସୁଳେଇ ଗଳିର ଭବାନୀଶଙ୍କର ସାହୁ ଓରଫ ବାବୁଙ୍କୁ ଜୁଲାଇ ୨୩ରେ ପୋଲିସ ଏନକାଉଣ୍ଟର କରିଥିଲା। ପରେ ଅକ୍ଟୋବର ୭ରେ ପଟ୍ଟାମୁଣ୍ଡାଇ ଥାନା ଅଧୀନ ଦୋବନ୍ଧା ଗ୍ରାମର ଦୁର୍ଦ୍ଧାନ୍ତ ଡକାୟତ ସନ୍ତୋଷ ମଲ୍ଲିକ ଜିଲା ପୋଲିସ ଏନକାଉଣ୍ଟରର ଶିକାର ହୋଇଥିଲେ।

## ଫାଣ୍ଡି ଭିତରେ ଆତ୍ମହତ୍ୟା



ଏପ୍ରିଲ ୧୫ତାରିଖରେ ନୟାଗଡ଼ ଜିଲା ଦଶପଲ୍ଲା ଥାନା ମଧ୍ୟଖଣ୍ଡ ଫାଣ୍ଡି ଭିତରେ ଜଣେ ଅପରାଧୀ ନିଜ ଦେହରେ କିରୋସିନ ଢ଼ାଳି ଆତ୍ମହତ୍ୟା କରିଥିଲେ। ଦଶପଲ୍ଲା ଥାନା ଶିମିଳିସାହି ଗ୍ରାମର କାଳିଆ କାଠୁଆଙ୍କୁ ପୋଲିସ ଫାଣ୍ଡିରେ ରଖିଥିବାବେଳେ ସେ ନିଜ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେହିମାସ ୨୧ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ କାଳିଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜିଲା ପୋଲିସ ୨ଜଣ କନଷ୍ଟେବଲଙ୍କୁ ନିଲମ୍ବିତ କରିଥିଲା।

ଗୁଳିକାଣ୍ଡ, ହତ୍ୟା ଓ ଟେଣ୍ଡର ଫିକ୍ସିଂ ଆଦି ଆପରାଧିକ କାର୍ଯ୍ୟ କଳାପରେ ସମ୍ପୃକ୍ତ ଗ୍ୟାଙ୍ଗଷ୍ଟର ଟିଟୋ ଓରଫ୍ ସୟଦ୍ ଉସ୍‌ମାନ ଅଲ୍ଲୀଙ୍କୁ ଜୁନ୍ ୩୦ରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟ୍ୟାକ୍ସ ଫୋର୍ସ ଉଠାଇ ନେଇଥିଲା। ଦିଲାରପୁରସ୍ଥିତ ଟିଟୋଙ୍କ ବାସଭବନ ନିକଟସ୍ଥ ମଠ (କାର୍ଯ୍ୟାଳୟ)ରୁ ଏସ୍‌ଟିଏଫ୍ ଟିଟୋଙ୍କୁ ଗିରଫ କରିବା ସହ ଯାଜପୁର ଜିଲା ଚଣ୍ଡିଖୋଲ ନିକଟରେ ତାଙ୍କୁ ଏନ୍‌କାଉଣ୍ଟର କରିଥିଲା। ପରେ ଟିଟୋଙ୍କ ୫୬ଟି ଗାଡ଼ି, ବଡହାଟସ୍ଥିତ ମୋବାଇଲ ଦୋକାନ, ପଟ୍ଟାମୁଣ୍ଡାଇସ୍ଥିତ ୟାମାହା ଶୋ'ରୁମ, ସହରର କୋର୍ଟ ଛକ ନିକଟରେ ଥିବା ପେଟ୍ରୋଲ ପମ୍ପ ଆଦିକୁ ସିଲ୍ କରିଥିଲା କ୍ରାଇମବ୍ରାଞ୍ଚ। ସେହିପରି ଟିଟୋଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୨୨ ବାଲି ସଇରାତକୁ ମଧ୍ୟ ବନ୍ଦ କରି ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲାର ପାଟକୁରା, ସଦର ଓ ଟାଉନ ଥାନା ଅଧୀନରେ ଥିବା ୫ଟି ପୁରୁଣା ମାମଲାକୁ ଜିଲା ପୋଲିସ ପୁଣି ଥରେ ଖୋଲି ସେଥିରେ ଟିଟୋଙ୍କ ସମ୍ପୃକ୍ତି ଥିବା ଦର୍ଶାଇଛି। ଟିଟୋଙ୍କ ଗିରଫ ପରେ ତାଙ୍କର ୧୭ ସହଯୋଗୀଙ୍କୁ ଗିରଫ କରାଯାଇଛି ।



### କ୍ରାଇମବ୍ରାଞ୍ଚ ଜାଲରେ ଟିଟୋ ସାମ୍ରାଜ୍ୟ

## ଜହ୍ଲାଦ ବାପା

ମେ ୯ ତାରିଖରେ ଜଗତସିଂହପୁର ଜିଲା କୁଜଙ୍ଗ ଥାନା ଜଗନ୍ନାଥପୁର ଗ୍ରାମରେ ଘଟିଗଲା ଏକ ହୃଦୟ ବିଦାରକ ହତ୍ୟାକାଣ୍ଡ। ସାମାନ୍ୟ କେତେ ଟଙ୍କା ପାଇଁ ନିଜ ଝିଅର ପରିବାରକୁ ନିଶ୍ଚିହ୍ନ କରିଦେଲା ଜହ୍ଲାଦ ବାପା। କୋଠିଆ ସାହିର ଅକ୍ଷୟ ସେଠୀ ନିଜ ଝିଅ ଜଗନ୍ନାଥପୁରର ମାନିନୀ ସେଠୀ, ତାଙ୍କ ୩ ବର୍ଷର ପୁଅ ଗୁନା, ଝିଅ ବର୍ଷା ଓ ଦିଶାକୁ ତଣ୍ଟି ଚିପି ହତ୍ୟା କରିବା ପରେ ମହାନଦୀକୁ ଫିଙ୍ଗି ଦେଇଥିଲେ। ୧୦ ତାରିଖ ସକାଳେ ମୃତଦେହ ନଦୀରୁ ଉଦ୍ଧାର ହୋଇଥିଲା। ହତ୍ୟାକାଣ୍ଡର ମାସେ ପୂର୍ବରୁ ମାନିନୀଙ୍କ ସ୍ୱାମୀଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସ୍ୱାମୀ ଇଫ୍‌କୋ କମ୍ପାନୀରେ ଚାକିରି କରିଥିବାରୁ ମାନିନୀଙ୍କୁ ପ୍ରାୟ ୨ ଲକ୍ଷ ଟଙ୍କାର ସହାୟତା ମିଳିଥିଲା। ଏହି ଟଙ୍କା ପାଇଁ ଅକ୍ଷୟ ଏଭଳି ହତ୍ୟାକାଣ୍ଡ ଘଟାଇଥିଲେ, ଯାହାକି ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା।

## ସ୍ତ୍ରୀ, ଶାଶୁ ଓ ଶ୍ୱଶୁରଙ୍କୁ ମାରି ଜଳିଗଲେ ଜ୍ୱାଇଁ

ପାରିବାରିକ କଳହକୁ କେନ୍ଦ୍ର କରି ଅକ୍ଟୋବର ୨୨ରେ କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠର ପନାଡିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଗ୍ରାମର ନବଘନ ସାହୁ, ସ୍ତ୍ରୀ କମଳା ଓ ଝିଅ ରୁବିନାଙ୍କୁ ପେଟ୍ରୋଲ ଢାଳି ଜାଳିବାବେଳେ ସେମାନଙ୍କ ସହ ଅଭିଯୁକ୍ତ ଜ୍ୱାଇଁ ହରେକୃଷ୍ଣ ମଲ୍ଲିକ ମଧ୍ୟ ଜଳିଯାଇଥିଲେ। ପରଦିନ ଭୋରୁ ଘର ମଧ୍ୟରୁ ଅର୍ଦ୍ଧଦଗ୍ଧ ୩ ମୃତଦେହ ସହ ରୁବିନାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାରେ ରୁବିନାଙ୍କ ମୃତ୍ୟୁ ଘଟିଥିଲା।

## ଗୁଳିକାଣ୍ଡରେ ୨ ମୃତ

ଜଳ ନିଷ୍କାସନକୁ କେନ୍ଦ୍ର କରି ନୟାଗଡ଼ ଜିଲା ଶରଣକୁଳ ଥାନା ଶିଖରପୁର- କଜଳାଇପଲ୍ଲୀ ଆର୍‌ଡ଼ି ରାସ୍ତାର ଖିଲାରପାଟଣା ମଶାଣିଠାରେ ଜୁଲାଇ୧୪ରେ ଘଟିଥିଲା ଗୁଳିକାଣ୍ଡ । ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଥିଲେ।

## ହାଜତରେ ମୂଷାଙ୍କ ମୃତ୍ୟୁ

ଅଗଷ୍ଟ ୨୬ରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ହାଜତରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା। ଏକ ମୋବାଇଲ ଚୋରି ସନ୍ଦେହରେ ମହାକାଳପଡା ପୋଲିସ ଅଗଷ୍ଟ ୨୫ରେ ମାର୍ଶାଘାଇ ଥାନା ବାଲଣା ଗ୍ରାମର ଅବିନାଶ ପାଇଟାଳ ଓରଫ ମୂଷାଙ୍କୁ ସ୍ଥାନୀୟ କେନାଲ ବ୍ରିଜରୁ ଉଠାଇ ନେଇଥିଲା। ପରଦିନ ଥାନା ଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଅଜୟ ମଲ୍ଲିକଙ୍କ ଘରୁ ମୂଷାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ମୂଷାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଥାନା ହାଜତରେ ତାଙ୍କୁ ବାଡେଇ ବାଡେଇ ମାରିଦେବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ଜାତୀୟ ସେବା ସଂସ୍ଥା ଶିବିର

**କେନ୍ଦ୍ରାପଡା ଅଫିସ, ୨୨।୧୨:** କେନ୍ଦ୍ରାପଡା ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟର ସ୍ୱତନ୍ତ୍ର ଶିବିର ଶନିବାର ଠାରୁ ଆରମ୍ଭ ହୋଇଛି । ଏଥିରେ ୨୫ଜଣ ଛାତ୍ରୀ ଯୋଗ ଦେଇଛନ୍ତି । ଅଧକ୍ଷା ଡ. ହୀରାମଣି ବେହୁରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାମାଜିକ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଅଧାପକ ସ୍ମୃତିରଞ୍ଜନ ବେହେରା ଓ ପ୍ରାଧାପକ ଗୋଲଖ ଚନ୍ଦ୍ର ମହାଭୋଇ ଏଥିରେ ଯୋଗଦେଇଥିଲେ । ସଂଯୋଜିକା ଡ. ପଦ୍ମଜା କବି ଶତପଥୀ, ଅଧାପିକା ସୌମ୍ୟକାନ୍ତି ମିତାଶ୍ରୀ ଏହାକୁ ପରିଚାଳନା କରିଥିଲେ ।

### ନକାରାତ୍ମକ ଚିନ୍ତାଧାରା ମନୁଷ୍ୟର କ୍ଷତି କରିଥାଏ

**କେନ୍ଦ୍ରାପଡା ଅଫିସ, ୨୨।୧୨:** ସହରର ସୁନାଇଲୋ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଜ୍ଞାନ ଜ୍ୟୋତି ଭବନ ପରିସରରେ ସକାରାତ୍ମକ ଚିନ୍ତନ ଓ ଚିନ୍ତାମୁକ୍ତ ଜୀବନ ଶୀର୍ଷକ ଆଲୋଚନା ଚକ୍ର ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସ୍ନେହଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ରାଜଯୋଗୀ ବ୍ରହ୍ମାକୁମାର ଭଗବାନ, ଶିକ୍ଷାବିତ୍ ଦେବେନ୍ଦ୍ର କୁମାର ଦାସ ଆଲୋଚକ ଭାବେ ଯୋଗ ଦେଇଥିଲେ। । ଆଲୋଚକମାନେ ଦର୍ଶାଇଥିଲେ ଯେ, ନକାରାତ୍ମକ ଚିନ୍ତାଧାରା ମନୁଷ୍ୟର ବିଭିନ୍ନ କ୍ଷତି କରିଥାଏ । ଏଥିପାଇଁ ସକାରାତ୍ମକ ଚିନ୍ତାଧାରା ସହ ଶୃଙ୍ଖଳିତ ଜୀବନ ବିତାଇବା ପାଇଁ ସେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ରବୀନ୍ଦ୍ର, ସଚିନ୍ଦ୍ର, ସୁଚିତ୍ରା, ପ୍ରଭାସିନୀ, କୁସୁମ ଓ ସୁମିତ୍ରା ପରିଚାଳନା କରିଥିଲେ ।

### ଜାତୀୟ ଗଣିତ ଦିବସ ପାଳିତ



**ରାଜନଗର, ୨୨।୧୨(ଡିଏନଏ):** ରାଜନଗରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ଗଣିତ ଦିବସ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ଶିଶୁମନ୍ଦିରର ଛାତ୍ରୀଛାତ୍ରମାନଙ୍କ ମଧରେ ଗଣିତ ପ୍ରକଳ୍ପ, ଗଣିତଚାଟ ଏବଂ ପ୍ରଶ୍ନମଞ୍ଚ ପ୍ରଭୃତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିଶୁମନ୍ଦିରର ସଂପାଦକ ଦୋଳଗୋବିନ୍ଦ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟ ସୁଲେଖ ଚନ୍ଦ୍ର ବାରିକଙ୍କ ସମେତ ଜାନକୀ ବଲ୍ଲଭ ମହାରଥୀ , ପ୍ରଦୀପ କୁମାର ସ୍ୱାଇଁ, ଏସ.ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ ।

### ଭାଗବତଟୁଙ୍ଗି ପାଇଁ ସରକାରୀ ଜମି ଜବରଦଖଲ ଅଭିଯୋଗ

**ରାଜକନିକା,୨୨।୧୨(ଡି.ଏନ୍.ଏ.):** କନିକା ତହସିଲର ବିଭିନ୍ନ ସ୍ଥାନରେ ସରକାରୀ ଜମି ଅବରୋଧ କରାଯାଉଥିବା ଅଭିଯୋଗ ହେଉଛି । ତହସିଲର ରାସ୍ତାକଡରେ ବେଆଇନ ଜବରଦଖଲ କରି ସ୍ଥାୟୀ ପକ୍କାଘର ନିର୍ମାଣ କରାଯାଉଥିବାବେଳେ ପାଣିନାଳକୁ ଅବରୋଧ କରି ରଖିବାରୁ ବର୍ଷାଦିନେ ପାଣି ନିଷ୍କାସନ ହୋଇପାରୁ ନାହିଁ । ଏହାସତ୍ତ୍ୱେ ଅଶୋକ ବଜାର -ଓଳାଭର ରାସ୍ତାର ଜଳ ଓ ପରିମଳ ବିଭାଗ ଅଫିସ ନିକଟରେ ଏକ ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଶନିବାର ଏକ ସରକାରୀ ଜାଗା ଜବରଦଖଲ କରିବାକୁ ଉଦ୍ୟମ କରାଯାଇଛି । ଏହି ଟୁଙ୍ଗି ନିର୍ମାଣ ପାଇଁ ସରକାରୀ ଅନୁଦାନ ମିଳିଥିବା ମଧ ସୂଚନା ମିଳିଛି । ଅପରପକ୍ଷେ ଜବଦଖଲ ଜମି ନିକଟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫରମ୍‌ର ରହିଛି । ଏଭଳି ପରିସ୍ଥିତିରେ ବେଆଇନ ଭାବେ ରାସ୍ତା ଅବରୋଧ କରାଯାଇ କିଭଳି ବିପଦପୂର୍ଣ୍ଣଭାବେ ଟୁଙ୍ଗି ନିର୍ମାଣ କରାଯାଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ତଦନ୍ତ କରାଯାଇ ଜବରଦଖଲ ଉଚ୍ଛେଦ କରିବାକୁ ଦାବି ହୋଇଛି । ଏ ସମ୍ପର୍କରେ କନିକା ତହସିଲଦାର ସୁକଦେବ ବେହେରା କହିଛନ୍ତି ଯେ,ଏନେଇ ମୋ ନିକଟରେ ଅଦ୍ୟାବଧି କୌଣସି ଅଭିଯୋଗ ହୋଇନାହିଁ । ଅଭିଯୋଗ ପାଇଲେ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି ।

ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା

# ଅଢ଼େଇ ଲକ୍ଷ ଟଙ୍କାରେ ୨୦୦ ବର୍ଗଫୁଟର ଶୀତଳ ଭଣ୍ଡାର

**କେନ୍ଦ୍ରାପଡା ଅଫିସ, ୨୨।୧୨**

କୃଷି ଉତ୍ପାଦ ସଂରକ୍ଷଣ କେନ୍ଦ୍ରାପଡା ଜିଲା ପାଇଁ ଏକ ବଡ ସମସ୍ୟା । ଏହି ଜିଲାରେ ଶୀତଳୀକରଣ ଭଣ୍ଡାର ନ ଥିବାରୁ ବହୁ ଚାଷୀଙ୍କ ପନିପରିବା ନଷ୍ଟ ହେଉଛି । ଚାଷୀଙ୍କୁ ଏହି ସମସ୍ୟାରୁ ମୁକ୍ତି ଦେବା ପାଇଁ ୮ ମେଟ୍ରିକ ଟନ ସଂରକ୍ଷଣ କ୍ଷମତା ବିଶିଷ୍ଟ କୁଲ ଚାମ୍ବର ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି । ମାତ୍ର ଅଢ଼େଇ ଲକ୍ଷ ଟଙ୍କାରେ ୨୦୦ ବର୍ଗଫୁଟର ଏହି ଶୀତଳ ଭଣ୍ଡାର ନିର୍ମାଣ କରାଯାଇପାରିବ ବୋଲି ଜିଲା ଉଦ୍ୟାନକୃଷି ବିଭାଗ ଓ ଲକ୍ଷ୍ୟ ଟେକ୍ନୋକ୍ରାଫ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ କୁହାଯାଇଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଡିସେମ୍ବର ୨୦ରୁ ୨୬ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ଏହାର ଡେମୋ ପ୍ରଦର୍ଶିତ କରାଯାଉଛି । ଏସମ୍ପର୍କରେ ଜିଲା ସହକାରୀ କୃଷି ଉପନିର୍ଦ୍ଦେଶକ କନ୍ଧ ଜେନା କୁହନ୍ତିଯେ, ଫଳ, ପନିପରିବା ଓ ପୁଷ୍ପ ଉତ୍ପାଦନ କରୁଥିବା ଚାଷୀ ଏହି ଯନ୍ତ୍ରର ଉପଯୋଗ କରି ନିଜ ଉତ୍ପାଦର ସଂରକ୍ଷଣ ପାଇଁ ବ୍ୟବସ୍ଥା କରିପାରିବେ । ପ୍ରକଳ୍ପର ମୂଲ୍ୟ ୫ ଲକ୍ଷ ଟଙ୍କା ଥିବା ବେଳେ ଜାତୀୟ ଉଦ୍ୟାନ କୃଷି ମିଶନରେ ଅଢ଼େଇ ଲକ୍ଷ ଟଙ୍କାର ସବସିଡି ଥିବା ସେ ସୂଚନା ଦେଇଛନ୍ତି । ଲକ୍ଷ୍ୟ ଟେକ୍ନୋକ୍ରାଫ୍ଟର ଫିଲ୍ଡ ଇଞ୍ଜିନିୟର ରାଜେଶ ପଟ୍ଟନାୟକ ଏହାର ନିର୍ମାଣ ସମ୍ପର୍କରେ କହିଛନ୍ତି, କୃଷକଙ୍କ ନିକଟରେ ଉପଲବ୍ଧ ୧୮୦ରୁ ୨୦୦ ବର୍ଗଫୁଟ ପକ୍କା ଗୃହକୁ ଶୀତଳ ଭଣ୍ଡାର (ଇଭାପୋରେଟିଭ ଲୋ ଏନର୍ଜି କୁଲ ଚାମ୍ବର) ରୂପରେ ଉପଯୋଗ କରିହେବ । ଏଥିରେ ବ୍ୟବହୃତ ଯନ୍ତ୍ରାଂଶ ସିଙ୍ଗଲ ଫେଜ ବିଦ୍ୟୁତ ଆବଶ୍ୟକ କରୁଥିବା ବେଳେ ଘଣ୍ଟାକୁ ମାତ୍ର ଦୁଇ ୟୁନିଟର ବିଦ୍ୟୁତ ଖର୍ଚ୍ଚ ହୋଇଥାଏ । ଏହି ପ୍ରକଳ୍ପ ମାଧ୍ୟମରେ ଗୃହର ତାପମାତ୍ରା ୧୫ରୁ ୧୦ ଡିଗ୍ରୀ ରହୁଥିବା ବେଳେ ଓ ୯୦ ପ୍ରତିଶତ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରୁଛି । ଫଳରେ ୭ରୁ ୨୧ ଦିନ ପର୍ଯ୍ୟନ୍ତ ଉତ୍ପାଦ ସୁରକ୍ଷିତ ରହିପାରିବ । ଏଥିସହ ସେ ସୂଚନା ଦେଇଛନ୍ତିଯେ, ୩୦ ମେଟ୍ରିକ ଟନ ସଂରକ୍ଷଣ କ୍ଷମତା ବିଶିଷ୍ଟ କୋଲଡ ରୁମ ନିର୍ମାଣରେ ୧୯,୯୦,୦୦ ଟଙ୍କା ଆବଶ୍ୟକ ଥିବା ବେଳେ ୫୫ରୁ ୭୫ ପ୍ରତିଶତ ସବସିଡି ବ୍ୟବସ୍ଥା ରହିଛି । ପ୍ରକଳ୍ପ ନିର୍ମାଣ ପାଇଁ ଉଦ୍ୟାନ କୃଷି ବିଭାଗ ଅଥବା ଲକ୍ଷ୍ୟ ଟେକ୍ନୋକ୍ରାଫ୍ଟ ସହ ଯୋଗାଯୋଗ କରିବାକୁ ପଟ୍ଟନାୟକ ସୂଚନା ଦେଇଛନ୍ତି । କୁଲ ଚାମ୍ବର ସମ୍ପର୍କରେ ଡେରାବିଶର ଚାଷୀ ବିଧୁଭୂଷଣ ମହାପାତ୍ର କୁହନ୍ତିଯେ, ଏହି କୁଲ ଚାମ୍ବର ପରିବା ବ୍ୟବସାୟୀଙ୍କ ପାଇଁ ଉପଯୋଗୀ । ଜିଲାର ଚାଷୀଙ୍କ ପାଇଁ ବଡ ଧରଣର ଶୀତଳ ଭଣ୍ଡାରର ଆବଶ୍ୟକତା ରହିଥିବା ବେଳେ ଏହି ପ୍ରକଳ୍ପ ଚାଷୀଙ୍କ ସମସ୍ୟା ଦୂର କରିବାରେ ସହାୟକ ହେବ ।




ଭିତରକନିକାରେ ବାର୍ଡ ଫ୍ଲୁ ଆଶଙ୍କା ଘଟଣା

# ପ୍ରଥମ ୧୫୦ ନମୁନା ବିପଦମୁକ୍ତ

**ରାଜନଗର, ୨୨।୧୨ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନରୁ ବାର୍ଡ ଫ୍ଲୁ ଆଶଙ୍କାରେ ଦେଶୀ ବିଦେଶୀ ପକ୍ଷୀଙ୍କ ଲାଳ,ମଳ ଓ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ଏପରିଭାବେ ମୋଟ ୩୧୪ଟି ନମୁନା ସଂଗ୍ରହ କରାଯାଇ ଗତ ବୁଧବାର କଟକ ନିକଟ ପୁଲନଖରାସ୍ଥିତ ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ କେନ୍ଦ୍ରକୁ ପଠାଯାଇଥିଲା । ସେଠାରୁ ଭୋପାଳସ୍ଥିତ ଫୋରେନସିକ୍ ଲାବୋରେଟୋରିକୁ ପରୀକ୍ଷା ପାଇଁ ୩ଟି ପର୍ଯ୍ୟାୟରେ ପଠାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୫୦ଟି ନମୁନା ପରୀକ୍ଷା କରାଯାଇଛି । ଏହି ପରୀକ୍ଷାରେ ନମୁନାଗୁଡିକ ବିପଦମୁକ୍ତ ରହିଥିବା ଶନିବାର ରାଜନଗର ପ୍ରାଣୀ ଚିକିତ୍ସାଳୟ ସହକାରୀ ଚିକିତ୍ସାଧିକାରୀ ଡା. ଦେବୀପ୍ରସାଦ କୁଣ୍ଡ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଭିତରକନିକା ଜାତୀୟ ଉଦ୍ୟାନର ବଗଗହନ, ମଠଆଡିଆ, ସାତଭାୟା, ଗହୀରମଥା ଓ ରାଇପାଟିଆ ଅଞ୍ଚଳର ବିଭିନ୍ନ ଆର୍ଦ୍ରଭୂମିରେ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଭିଡ ଜମିଛି । ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକରେ ବାର୍ଡ ଫ୍ଲୁ ସନ୍ଧାନ ମିଳିବା ପରେ ଭିତରକନିକା ଅଞ୍ଚଳରେ ଏନେଇ ଆତଙ୍କ ସୃଷ୍ଟି ହୋଇଥିଲା । ଏନେଇ ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ପତିତ ପାବନ ବଳ, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବୀ ପ୍ରସାଦ କୁଣ୍ଡୁ ବିଭିନ୍ନ ଅଞ୍ଚଳରୁ ନମୁନା ସଂଗ୍ରହ କରିଥିଲେ । ସେମାନେ ରୁଡିସେଲଡକ, ବାରହେଡେଡଗିଜ୍, ନର୍ଦ୍ଦନପିନଟେଲ, ୟୁରେସିଆନଉଇଡିଅନ ଆଦି ପକ୍ଷୀଙ୍କ ୧୮୦ଟି ରକ୍ତ ନମୁନା ସଂଗ୍ରହ କରିଥିବା ବେଳେ ୧୮ଟି ପକ୍ଷୀଙ୍କ ପାଟିର ଲାଳ ଓ ମଳ ସଂଗ୍ରହ କରିଥିଲେ । ଏପରିଭାବେ ମୋଟ ୩୧୪ଟି ନମୁନା ସଂଗ୍ରହ କରିଥିଲେ ।

## ବାଦାମ ବିହନ ବଣ୍ଟନରେ ଦୁର୍ନୀତି ଅଭିଯୋଗ

**ଆଳି,୨୨।୧୨(ଡି.ଏନ୍.ଏ.)**

ଖରିଫ ଋତୁରେ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ବାଦାମ ଚାଷ କରିବା ପାଇଁ ଆଶା ବାନ୍ଧି ବସିଥିବା ବେଳେ ଏହାର ବିହନ ବଣ୍ଟନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଆଳି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଚାଷୀମାନେ ଇତିମଧ୍ୟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପଞ୍ଚାୟତରେ ପ୍ରକୃତ ଚାଷୀଙ୍କୁ ବାଦାମ ବିହନ ଦିଆ ନ ଯାଇ ଜାଲ ଦସ୍ତଖତ କରି କଳାବଜାରରେ ବିକ୍ରି କରିଦିଆଯାଇଛି ବୋଲି ମନ୍ମଥ ସ୍ୱାଇଁ,ରାଜମୋହନ ସ୍ୱାଇଁ,ଦିପକ ପଣ୍ଡା, ନକୁଳ ଚନ୍ଦ୍ର ପରିଡା, ଜ୍ୟୋତିରଞ୍ଜନ ବେହେରା ଓ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିବର୍ଷ ବ୍ଲକର ମାଣିକପାଟଣା,ନରେନ୍ଦ୍ରପୁର,ବାଳକାଟି, ଦେମାଳ, ଦଶିପୁର, ଗୋବିନ୍ଦପୁର, ଏରଡଙ୍ଗ, ପେତପଡା, ପାଳିମି, ପଦନିପାଳ, ଭୂଇଁପୁର ପଞ୍ଚାୟତରେ ପ୍ରାୟ ୭ଶହ ହେକ୍ଟର ବାଦାମ ଚାଷ କରାଯାଏ । ଚଳିତ ବର୍ଷ ମଧ ସେତିକି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଚାଷ କରିବା ପାଇଁ ୧୧ ଶହ କୁଇଣ୍ଟାଲ ବିହନର ଆବଶ୍ୟକତା ଥିବା ବେଳେ କୃଷି ବିଭାଗ ନିକଟରେ ମାତ୍ର ୬ ଶହ କୁଇଣ୍ଟାଲ ପହଞ୍ଚିଛି । ଏହି ବିହନକୁ ଗୋବିନ୍ଦପୁର, ଭୁଇଁପୁର, ବାଳକାଟି ଓ ନରେନ୍ଦ୍ରପୁର ପଞ୍ଚାୟତରେ ବଣ୍ଟନ କରାଯାଇଛି । ମାତ୍ର ଏସବୁ ପଞ୍ଚାୟତରେ ବାଦମ ଚାଷ ପାଇଁ ଆବଶ୍ୟକ ହେଉଥିବା ବିହନଠାରୁ କମ୍ ପରିମାଣର ବିହନ ବଣ୍ଟନ ହୋଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାର ସମାଧାନ ପାଇଁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଆଳି କୃଷି ବିଭାଗ ଅଧିକାରିଣୀ ସୁଚେତା ପାତ୍ର କହିଛନ୍ତି ଯେ, ଆବଶ୍ୟକ ପରିମାଣର ବିହନ ନ ଆସିଥିବାରୁ ସମସ୍ତ ଚାଷୀଙ୍କୁ ବିହନ ମିଳିନାହିଁ । ତା ଛଡା ପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ଏସବୁ ବଣ୍ଟନ କାର୍ଯ୍ୟ କରାଯାଉଥିବାରୁ ଏଥିରେ କୃଷି ବିଭାଗ କୌଣସି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ପଟ୍ଟାମୁଣ୍ଡାଇ,୨୨।୧୨ (ସ୍ୱ.ପ୍ର)**

ରାଜ୍ୟ ସରକାର କେନ୍ଦ୍ରୀୟ ବେତନ କମିଶନ ସୁପାରିଶ ଆଧାରରେ ଅବସରକାଳୀନ ସୁବିଧା ଦେବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଗତ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟର ପେନସନ ଭୋଗୀମାନେ କେନ୍ଦ୍ରୀୟ ଢାଞ୍ଚାରେ ଚିକିତ୍ସା ସୁବିଧା ଓ ଚିକିତ୍ସା ଭତ୍ତା ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି । ଏହାଛଡା ସର୍ବନିମ୍ନ ପେନସନ ୯ ହଜାର ପରିବର୍ତ୍ତେ ୮ ହଜାର ୩ ଶହ ଧାର୍ଯ୍ୟ କରାଯାଇଛି । ଏହାର ପ୍ରତିବାଦରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ କେନ୍ଦ୍ରାପଡା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ସମ୍ପାଦକ ଚତୁର୍ଭୁଜ ରାଉଳ, ପ୍ରାକ୍ତନ ଅଧକ୍ଷ ଦୁର୍ଯ୍ୟୋଧନ ପରିଡା, ରମେଶ ଚନ୍ଦ୍ର ଜେନା, ଭରତ ଚନ୍ଦ୍ର ପାତ୍ର, ରାଜେନ୍ଦ୍ର ପ୍ରସାଦ ସିଂହ, କସ୍ତୁରୀ ଚରଣ ସ୍ୱାଇଁ, ତ୍ରିଲୋଚନ ଜେନା, ବିଜୟ କୁମାର ସାହୁ, ପତିତପାବନ ଭଦ୍ର ପ୍ରମୁଖ ପ୍ରତିନିଧିମାନେ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିକୁ ବିଚାର କରିବା ସହ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ନିବେଦନ କରାଯାଇଛି ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ତାରିଣୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର

**ମାର୍ଶାଘାଇ,୨୨।୧୨(ଡିଏନଏ)**

ମାର୍ଶାଘାଇ ଥାନା ଅନ୍ତର୍ଗତ ଜୟଚନ୍ଦ୍ରପୁର ତାରିଣୀ ମହାବିଦ୍ୟାଳୟରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା କୌଶଳ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷ ବିକାଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଚିତ୍ରୋତ୍ପଳା ମହାବିଦ୍ୟାଳୟ ଅଧକ୍ଷ ତଥା ନୋଡାଲ ଅଫିସର ଡ. ବଳରାମ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଇଂରାଜୀ ଅଧାପକ ଉମାକାନ୍ତ ଦାସ, ଅର୍ଥନୀତି ଅଧାପକ ମନୋଜ ଦାସ,ରାଜନୀତି ବିଜ୍ଞାନ ଅଧାପକ ପ୍ରଦୀପ୍ତ ରାଉତ ଯୋଗ ଦେଇଥିଲେ । ଓଡିଆ ଅଧାପକ ସମୀର କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ସଂସ୍କୃତ ଅଧାପିକା ଶୈଳବାଳା ମହାନ୍ତିଙ୍କ ପରିଚାଳନାରେ ପ୍ରଶିକ୍ଷିକା ଭାବେ ପୁଷ୍ପାଞ୍ଜଳୀ ନାୟକ ଏବଂ ନିର୍ଲିପ୍ତା ଦାସ ଯୋଗ ଦେଇ ୧୨୦ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଅଧାପକ ଗଙ୍ଗାଧର ଦାସ, ଶରତ ସେଠୀ, ମମତା ଶତପଥୀ, ଗୌରାଙ୍ଗ ସାହୁ, ସୁଶାନ୍ତ ବିଶ୍ୱାଳ, ସୁଜାତା ସ୍ୱାଇଁ, ଶଶୀକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ଶିବିରରେ ଉପସ୍ଥିତ ଅତିଥିମାନେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୩।୧୨।୨୦୧୮ (ରବିବାର)**

- ବାଞ୍ଛାନିଧି ଦାସ, ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ
**ସ୍ଥାନ–** ଟାଉନ ହଲ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୧ଟା
- ଜିଲା ମହିଳା କଂଗ୍ରେସର ଜିଲାସ୍ତରୀୟ ବୈଠକ
**ସ୍ଥାନ–** କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡା,**ସମୟ–** ପୂର୍ବାହ୍ନ ୧୦ଟା
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର
**ସ୍ଥାନ–** କଳିଙ୍ଗ ଆବାସିକ ବିଦ୍ୟାଳୟ, କେଶରପୁର, ଦାନପୁର, କେନ୍ଦ୍ରାପଡା
**ସମୟ–** ପୂର୍ବାହ୍ନ ୯ଟା
- ପଲ୍ଲିଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ଉତ୍ସବ
**ସ୍ଥାନ–** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ–** ଅପରାହ୍ନ ୫ଟା

**୨୪।୧୨।୨୦୧୮ (ସୋମବାର)**

- ମିଳିତ ଜନଶୁଣାଣି ଶିବିର
**ସ୍ଥାନ–** ବ୍ଲକ କାୟ୍ୟାଳୟ, ପଟ୍ଟାମୁଣ୍ଡାଇ, **ସମୟ–** ପୂର୍ବାହ୍ନ ୧୦ଟା।୩୦ ମିନିଟ
- ଓଷ୍ଟା ପକ୍ଷରୁ ୨୪ତମ ଜିଲାସ୍ତରୀୟ ଶିଶୁ ଉତ୍ସବ
**ସ୍ଥାନ–** ପାଟକୁରା ସରକାରୀ ଉଚ୍ଚ ବିଦ୍ୟାଳୟ, ଗରଦପୁର, **ସମୟ–** ପୂର୍ବାହ୍ନ ୧୦ଟା
- ପଲ୍ଲିଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ଉତ୍ସବ
**ସ୍ଥାନ–** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ–** ଅପରାହ୍ନ ୫ଟା
- ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ
**ସ୍ଥାନ–** ପଲ୍ଲିଶ୍ରୀ ମେଳା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର
**ସମୟ–** ସନ୍ଧ୍ୟା ୭ଟା

**୨୫।୧୨।୨୦୧୮ (ମଙ୍ଗଳବାର)**

- ସପ୍ତମ ଡେରାବିଶ ମହୋତ୍ସବ
**ସ୍ଥାନ–** ହାଇସ୍କୁଲ ପଡିଆ, ଡେରାବିଶ, **ସମୟ–** ଅପରାହ୍ନ ୫ଟା
- ଓଷ୍ଟା ପକ୍ଷରୁ ୨୪ତମ ଜିଲାସ୍ତରୀୟ ଶିଶୁ ଉତ୍ସବ
**ସ୍ଥାନ–** ପାଟକୁରା ସରକାରୀ ଉଚ୍ଚ ବିଦ୍ୟାଳୟ, ଗରଦପୁର, **ସମୟ–** ଅପରାହ୍ନ ୧ଟା
- ପୁଣ୍ୟଉତ୍କଳ କନ୍ୟାରତ୍ନ ପରିଷଦ ବାର୍ଷିକ ଉତ୍ସବ
**ସ୍ଥାନ–** ବକ୍‌କରପୁରସ୍ଥିତ କାଳିଦାସ ମନ୍ଦିର ପ୍ରାଙ୍ଗଣ, ମହାକାଳପଡା
**ସମୟ–** ସନ୍ଧ୍ୟା ୬ଟା
- ପଲ୍ଲିଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ଉତ୍ସବ
**ସ୍ଥାନ–** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ–** ଅପରାହ୍ନ ୫ଟା
- ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ
**ସ୍ଥାନ–** ପଲ୍ଲିଶ୍ରୀ ମେଳା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର
**ସମୟ–** ସନ୍ଧ୍ୟା ୭ଟା

**୨୬।୧୨।୨୦୧୮ (ବୁଧବାର)**

- ସପ୍ତମ ଡେରାବିଶ ମହୋତ୍ସବ
**ସ୍ଥାନ–** ହାଇସ୍କୁଲ ପଡିଆ, ଡେରାବିଶ, **ସମୟ–** ଅପରାହ୍ନ ୫ଟା
- ପଲ୍ଲିଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ଉତ୍ସବର ଉଦ୍‌ଯାପନୀ ସଭା
**ସ୍ଥାନ–** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ–** ଅପରାହ୍ନ ୫ଟା
- ଆର୍ଥିକ ନିଃସହାୟ ଓ ମେଧାବୀ ଛାତ୍ରୀଛାତ୍ରଙ୍କ ନିଃଶୁଳ୍କ ପାଠପଢ଼ା ପାଇଁ ପ୍ରବେଶିକା ପରୀକ୍ଷା
**ସ୍ଥାନ–** ସମ୍ଭାବନା, ରାଜକନିକା, **ସମୟ–** ପୂର୍ବାହ୍ନ ୯ଟା
- ବିଜେଡିର ପ୍ରତିଷ୍ଠା ଦିବସ
**ସ୍ଥାନ–** ଚାନ୍ଦୋଳ ହାଟ ପଡିଆ, ଡେରାବିଶ, **ସମୟ–** ପୂର୍ବାହ୍ନ ୧୦ଟା

**୨୭।୧୨।୨୦୧୮ (ଗୁରୁବାର)**

- ସପ୍ତମ ଡେରାବିଶ ମହୋତ୍ସବ
**ସ୍ଥାନ–** ହାଇସ୍କୁଲ ପଡିଆ, ଡେରାବିଶ, **ସମୟ–** ଅପରାହ୍ନ ୫ଟା
- ବ୍ଲକ ଅଞ୍ଚଳ ଉନ୍ନୟନ ସମୀକ୍ଷା ବୈଠକ
**ସ୍ଥାନ–** ବ୍ଲକ କାର୍ଯ୍ୟାଳୟ, ଆଳି, **ସମୟ–** ପୂର୍ବାହ୍ନ ୧୦ଟା

**୨୮।୧୨।୨୦୧୮ (ଶୁକ୍ରବାର)**

- ସପ୍ତମ ଡେରାବିଶ ମହୋତ୍ସବ
**ସ୍ଥାନ–** ହାଇସ୍କୁଲ ପଡିଆ, ଡେରାବିଶ, **ସମୟ–** ଅପରାହ୍ନ ୫ଟା

**୨୯।୧୨।୨୦୧୮ (ଶନିବାର)**

- ସପ୍ତମ ଡେରାବିଶ ମହୋତ୍ସବ
**ସ୍ଥାନ–** ହାଇସ୍କୁଲ ପଡିଆ, ଡେରାବିଶ, **ସମୟ–** ଅପରାହ୍ନ ୫ଟା

## ବିଧାୟକଙ୍କ ଶିଳାନ୍ୟାସ କାର୍ଯ୍ୟକ୍ରମ

**ମହାକାଳପଡା,୨୨।୧୨(ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ଅଧୀନ ସ୍ଥାନୀୟ ବଉଳକଣୀ ପଞ୍ଚାୟତରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ବିଭିନ୍ନ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ସେ ଟାଙ୍କିବେଲାରୀ ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ଶିଳାନ୍ୟାସ କରିଥିଲେ । ବାପ୍ଟିଷ୍ଟ ଖ୍ରୀଷ୍ଟିୟାନ ଲାଇବ୍ରେରିର ନୂତନ ଗୃହ ଉଦ୍‌ଘାଟନ କରିଥିଲେ । ସେହିପରି କେନାଲ ବନ୍ଧ ପାର୍ଶ୍ୱ ମୁସଲିମ୍ ବସ୍ତିରେ ଟାଙ୍କିବେଲାରୀ ଇଦ୍‌ଗାର ପାଚେରୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ଛପାଲି ମାର୍କେଟ ପରିସରରେ ଉଜ୍ୱଳ ଲାଇଟ୍ ପୋଷ୍ଟକୁ ସୁଇଚ୍ ମାରି ଉଦ୍‌ଘାଟନ କରିଥିଲେ । ସନ୍ଧ୍ୟାରେ ଟାଙ୍କିବେଲାରୀ ଗ୍ରାମସ୍ଥିତ ଚର୍ଚ୍ଚ ନିକଟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଆୟୋଜିତ ଖ୍ରୀଷ୍ଟମାସ କ୍ୟାରେଲ ଉତ୍ସବରେ ବିଧାୟକ ନାୟକ ଯୋଗଦେଇ ଭାଇଚାରା ବାଣ୍ଟିବା ଉପରେ ଆଲୋକପାତ କରିଥିଲେ ।

■ ସନ୍ଦେହଜନକ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ

# ମା'ଙ୍କୁ ହତ୍ୟା ଅଭିଯୋଗରେ ପୁଅ ଗିରଫ

**ଡେରାବିଶ,୨୨।୧୨(ସ୍ୱ.ପ୍ର.)**

ଛୁଆ ଜନ୍ମ ହେବା ପରେ ବହୁ କଷ୍ଟ ସ୍ୱୀକାର କରି ତାକୁ ଲାଳନପାଳନ କରିଥାଏ ମା' । ନିଜେ ଉପବାସ ରହି ପିଲାକୁ ମଣିଷ କରିବା ପାଇଁ ବିଭିନ୍ନ ଦେବାଦେବୀଙ୍କ ନିକଟରେ ପ୍ରାର୍ଥନା କରିଥାଏ । ଘରେ ପୁଅଟିଏ ଜନ୍ମ ହେଲେ ମାଆ ତାକୁ ନେଇ ମନରେ କେତେ ସ୍ୱପ୍ନ ଦେଖେ । ହେଲେ ଆଜିର ସମାଜରେ କେତେକ ପରିବାରରେ ପୁଅ ବଡ ହେବା ପରେ ମା'ର ତ୍ୟାଗକୁ ସମ୍ପୂର୍ଣ୍ଣ ଭୁଲି ଯାଇ ନିଜ ଢଙ୍ଗରେ ନିଜର ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏମିତି କି ପାରିବାରିକ କଳହକୁ ନେଇ ପୁଅ ମା'କୁ ଭୁଜାଲିରେ ହାଣି ହତ୍ୟା କରିବା ଭଳି ଅଭାବନୀୟ ଘଟଣା ପୋଲିସ ତଦନ୍ତ ପରେ ପଦାକୁ ଆସିଛି । ଏପରି ଘଟଣା ଡେରାବିଶ ଥାନା ଅଧୀନସ୍ଥ ଦୁମୁକା ଗାଁରେ ଦେଖିବାକୁ ମିଳିଛି । ଏହି ଘଟଣାରେ ପୋଲିସ ଶନିବାର ଅଭିଯୁକ୍ତ ପୁଅକୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି ।

**ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି ଜବତ**

ପ୍ରକାଶ ଯେ, ଗୋଲରାହାଟ ପଞ୍ଚାୟତ ଅଧୀନ ଦୁମୁକା ଗାଁର ବସନ୍ତ କାଣ୍ଡିଙ୍କ ସ୍ତ୍ରୀ ତୁଳସୀଙ୍କର ତିନୋଟି ସନ୍ତାନ । ଦୁଇଟି ଝିଅରେ ଏକମାତ୍ର ପୁଅ ହେଉଛନ୍ତି କମଳାକାନ୍ତ । ଗତ ଗୁରୁବାର ସନ୍ଧ୍ୟାରେ ପୁଅ କମଳାକାନ୍ତ ଘର ପାଖରେ କରିଥିବା କୁକୁଡା ଫାର୍ମ ନିକଟକୁ ଯାଇଥିଲେ ତୁଳସୀ । ଘରର ଏକ ପାରିବାରିକ ସମସ୍ୟାକୁ ନେଇ ମାଆ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏହି ସମୟରେ କମଳାକାନ୍ତ ଉତ୍ତ୍ୟକ୍ତ ହୋଇ କୁକୁଡ଼ା କଟା ଭୁଜାଲି ଧରି ମା'ଙ୍କୁ ହାଣିବାକୁ ଉଦ୍ୟମ କରିଥିଲେ । ତୁଳସୀ ଅସହାୟ ହୋଇ ଚିତ୍କାର କରିଥିଲେ ହେଁ କମଳାକାନ୍ତ ମା'ର ମୁଣ୍ଡକୁ ଭୁଜାଲିରେ ଏକାଧିକ ଚୋଟ ପକାଇବାକୁ ପଛାଇ ନ ଥିଲେ । ପରେ କୁକୁଡା ଫାର୍ମରେ ଏକ ଶିଡ଼ି ତଳେ ମା'ଙ୍କୁ ଶୁଆଇ ଦେଇ ଉପରେ ଏକ ବସ୍ତ୍ର ଘୋଡାଇ ଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୁଳସୀଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗାଁ ଲୋକେ ନେଇ ଯାଇଥିଲେ । ମାତ୍ର ତୁଳସୀ ଚିକିତ୍ସାଳୟରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା । ବାପା ବସନ୍ତ କୋଠ ଘର ଶିଡ଼ିରୁ ପଡି ତୁଳସୀ ମୃତ୍ୟୁବରଣ କରିଥିବା ନେଇ ଶୁକ୍ରବାର ଡେରାବିଶ ଥାନାରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ୧୭୦/୧୮ନଂରେ ଏକ ମାମଲା ରୁଜୁ କରିଥିଲା । ତେବେ ଥାନା ଅଧିକାରୀ ସୁଧିର କୁମାର ସାହୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ ତୁଳସୀଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖି ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଥିଲେ । ପୋଲିସର ତଦନ୍ତ ସମୟରେ ଏହି ସନ୍ଦେହ ଆହୁରି ଦୃଢୀଭୂତ ହୋଇଥିଲା । ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ଅନୁଧାନ କରିବା ବେଳେ କମଳାକାନ୍ତ ରହୁଥିବା କୁକୁଡା ଫାର୍ମ ପାଖ ଘରେ ରକ୍ତ ଛିଟା ଦେଖିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା । କମଳାକାନ୍ତଙ୍କ ବାପା ବସନ୍ତ ଏହା ଏକ ହତ୍ୟାକାଣ୍ଡ ନୁହେଁ ବୋଲି କହୁଥିବା ବେଳେ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ପୋଲିସ ନିଜ ଆଡୁ ଏକ ହତ୍ୟା ମାମଲା ଥାନାରେ ରୁଜୁ କରିଛି । ଶୁକ୍ରବାର ସନ୍ଧ୍ୟାରେ ପୋଲିସ ସନ୍ଦେହରେ କମଳାକାନ୍ତଙ୍କୁ ଥାନାରେ ଅଟକ ରଖିବା ସହ ବିଳମ୍ବିତ ରାତିରେ ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଭିଜା ଭୁଜାଲିକୁ କୁକୁଡା ଫାର୍ମରୁ ଜବତ କରିଥିଲା । ଶନିବାର କମଳାକାନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟରେ ତୁଳସୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି । ପୁଅ ହାତରେ ମା'ର ଜୀବନ ଯିବା ଘଟଣା ସମଗ୍ର ଜିଲାରେ ଗଭୀର ଆଲୋଡନ ସୃଷ୍ଟି କରିଛି ।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.: RDM-LAA-BLS-0042/2018/30646/R&DM,** **Dated: 20 Aug. 2018**

No.: III-55: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ପୁରୁଷୋତ୍ତମପୁର (ଅତିରିକ୍ତ), ଥାନା- ଖଇରା ସଂ.୧୮୫, ତହସିଲ- ଖଇରା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲମତେ ପ୍ରାୟ ଏ୨.୪୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବିଦ୍ୟାଧରପୁର କେନାଲ ଡିଭିଜନ, ବିଦ୍ୟାଧରପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତି ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ଖଇରା | ପୁରୁଷୋତ୍ତମପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୬.୮୩ | ଏ.୨.୪୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡ଼ା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

### LAND SCHEDULE

**Additional Land Acquisition for Excavation of Salandi Left Main Canal of Anandapur Barrage Project of Vill- Purasttampur, Tahasil - Khaira, P.S.- Khaira No.-185, Dist.- Balasore, L.A. Case No.- 14/2018**

| କ୍ର.ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ୧ | 6 | ଡୁମେଇ ବିଶ୍ୱାଳ, ପି.– ଭୀମ ବିଶ୍ୱାଳ, ବା: ଡଗରପଡ଼ା, ଜାତି: ଖଣ୍ଡାୟତ | 17 | ଶାରଦ – ୨ | 0.22 | 0.10 |
| ୨ | 15 | ଡୁମେଇ ବିଶ୍ୱାଳ, ପି.– ଭୀମ ବିଶ୍ୱାଳ, ବା: ନିଜଗାଁ, ଜାତି: ଖଣ୍ଡାୟତ | 13 | ଶାରଦ – ୨ | 0.88 | 0.30 |
| | | | 16 | ଶାରଦ – ୨ | 0.34 | 0.34 |
| | | | 39 | ଶାରଦ – ୨ | 0.19 | 0.08 |
| | | | 40 | ଶାରଦ – ୨ | 0.95 | 0.05 |
| ୩ | 17 | ଦାମ ଦଳେଇ, ସୁବାସ ଦଳେଇ, ଘନ ଦଳେଇ, ପି.– ଭଗବାନ ଦଳେଇ, ଶୁମ ବେଓ୍ୱା, ସ୍ୱା.– ଶ୍ୟାମଚରଣ ଦଳେଇ, ଜା: ଖଣ୍ଡାୟତ, ବା: ଡଗରପଡ଼ା, ଦଖଲ ସୁରେନ୍ଦ୍ର ପ୍ରସାଦ ଦଳେଇ, ପି.– ବିଶ୍ୱନାଥ ଦଳେଇ, ଜା: ଖଣ୍ଡାୟତ, ବା: ଡଗରପଡ଼ା | 38 | ଶାରଦ – ୨ | 0.04 | 0.04 |
| ୪ | 18 | ଚନ୍ଦ୍ରଶେଖର ବିଶ୍ୱାଳ, ପି.– ଦାମୋଦର ବିଶ୍ୱାଳ, ଶ୍ରୀମନ୍ତ ଦଳାଇ, ପି.– ପରମାନନ୍ଦ ଦଳାଇ, ସୁରେନ୍ଦ୍ର ଦଳାଇ, ପି.– ବିଶ୍ୱନାଥ ଦଳାଇ, ଭୀମଚରଣ ପୋଇ, ପି.– ରାଘବ ପୋଇ, ଯୋଗେନ୍ଦ୍ର ଦଳାଇ, ପି.–ବିମ୍ବାଧର ଦଳାଇ, ଶଙ୍କର୍ଷଣ ଦଳାଇ, ବୈରାଗି ଦଳାଇ, ଶଙ୍କର ମହାନ୍ତି, ପି.– ଦାଶରଥି ମହାନ୍ତି, ବା: ଡଗରପଡ଼ା | 15 | ଶାରଦ – ୧ | 0.40 | 0.32 |
| ୫ | 24 | ବନମାଳୀ ବିଶ୍ୱାଳ, ପି.– ମଥୁରୀ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ନିଜଗାଁ | 37 | ଶାରଦ – ୨ | 0.20 | 0.04 |
| | | | 17/97 | ଶାରଦ – ୨ | 0.13 | 0.01 |
| ୬ | 26 | ଉପେନ୍ଦ୍ର ମହାନ୍ତି, ପି.– ଚିନ୍ତାମଣି ମହାନ୍ତି, ବା: ଡଗରପଡ଼ା | 18 | ଶାରଦ – ୨ | 0.39 | 0.06 |
| ୭ | 32 | ଭାଗୀରଥି ଦଳାଇ, ପି.– ଅନନ୍ତ ପ୍ରସାଦ ଦଳାଇ, ଜା: ଖଣ୍ଡାୟତ, ବା: ଡଗରପଡ଼ା | 22 | ଶାରଦ – ୨ | 0.20 | 0.08 |
| ୮ | 34 | ସତ୍ୟଭାମା ଦଳାଇ, ସ୍ୱା.– ସୁରେନ୍ଦ୍ର ପ୍ରସାଦ ଦଳାଇ, ବା: ଡଗରପଡ଼ା | 23 | ଶାରଦ – ୨ | 1.03 | 0.18 |
| ୯ | 40 | ରଘୁନାଥ ରାଉତ, ପି.– ଦାମ ରାଉତ, ଅଗଣି ରାଉତ, ପି.– ଚିନ୍ତାମଣୀ ରାଉତ, ଶ୍ରୀଧର ରାଉତ, ପି.– ରାଧୁ ରାଉତ, ବିଷ୍ଣୁମୋହନ ରାଉତ, ପି.– ଶୁକ୍ରୁ ରାଉତ, ଜା: ଖଣ୍ଡାୟତ, ବା: ବଡ଼ବାହାଦଲପୁର | 42 | ଶାରଦ – ୧ | 0.28 | 0.14 |
| ୧୦ | 46 | ଶ୍ୟାମ ସୁନ୍ଦର ଦଳାଇ, ମଧୁସୂଦନ ଦଳାଇ, ପି.– କୃଷ୍ଣଚନ୍ଦ୍ର ଦଳାଇ, ବା: ଡଗରପଡ଼ା, ଜାତି: ଖଣ୍ଡାୟତ | 19 | ଶାରଦ – ୨ | 0.42 | 0.02 |
| ୧୧ | 47 | ସୌମ୍ୟରଞ୍ଜନ ଦଳେଇ, ପି.– ଲକ୍ଷ୍ମୀକାନ୍ତ ଦଳେଇ, ଜା: ଖଣ୍ଡାୟତ, ବା: ଡଗରପଡ଼ା | 14 | ଶାରଦ – ୧ | 0.19 | 0.18 |
| ୧୨ | 50 | ସୂର୍ଯ୍ୟମଣି ଦେଇ, ସ୍ୱା.– ଭାଗୀରଥି ଦଳାଇ, ଜା: ଖଣ୍ଡାୟତ, ବା: ଡଗରପଡ଼ା | 36 | ଶାରଦ – ୨ | 0.24 | 0.08 |
| ୧୩ | 50/16 | କରୁଣାକର ମହାନ୍ତି, ପି.– ପ୍ରହଲ୍ଲାଦ ମହାନ୍ତି, ଜା: ଖଣ୍ଡାୟତ, ବା: ଡଗରପଡ଼ା | 21 | ଶାରଦ – ୨ | 0.13 | 0.01 |
| ୧୪ | 50/21 | ଈଶ୍ୱରଚନ୍ଦ୍ର ମହାନ୍ତି, ପି.– ଉପେନ୍ଦ୍ର ପ୍ରସାଦ ମହାନ୍ତି, ଜା: ଖଣ୍ଡାୟତ, ବା: ଡଗରପଡ଼ା | 19/108 | ଶାରଦ – ୨ | 0.22 | 0.06 |
| ୧୫ | 50/22 | ସନ୍ତୋଷ କୁମାର ମହାନ୍ତି, ଦେବେନ୍ଦ୍ର କୁମାର ମହାନ୍ତି, ପି.– ଦଇତାରି ମହାନ୍ତି, ଜା: ଖଣ୍ଡାୟତ, ବା: ଡଗରପଡା | 19/109 | ଶାରଦ – ୨ | 0.22 | 0.20 |
| ୧୬ | 50/26 | ଅଭିରାମ ବିଶ୍ୱାଳ, ପି.– ବନମାଳୀ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ପୁରୁଷୋତ୍ତମପୁର | 37/113 | ଶାରଦ – ୨ | 0.16 | 0.16 |
| | | | | | ମୋଟ ଅଧିଗ୍ରହଣ ରକବା ଏ | 2.45 |

24001/14/0436/1819

**Sd./- Special Land Acquisition Office, ABP, Salapada, Keonjhar**

# ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-BLS-0046-2018/ 35337 R&DM Dated 20 Sep. 2018

No.III-63: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ବିମ୍ବିରିଆ**, ଥାନା- ରେମୁଣା ସଂ. ୧୧୮, ତହସିଲ- ରେମୁଣା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୦.୬୨ ଭୂମି ଅର୍ଜନ କରିବା ଆଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥାଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

24001/14/0444/1819

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ସାଳନ୍ଦୀ ବାସ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ନୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ରେମୁଣା | **ବିମ୍ବିରିଆ** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୦.୯୪ | ଏ. ୧୦.୬୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବା ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

**ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧୀନସ୍ଥ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ଖନନ କାର୍ଯ୍ୟ ନିମନ୍ତେ ଜମି ଅଧିଗ୍ରହଣ। ଗ୍ରାମ- ବିମ୍ବିରିଆ, ଥାନା- ରେମୁଣା, ଥାନା ନଂ.୧୧୮, ତହସିଲ- ରେମୁଣା, ଜିଲ୍ଲା- ବାଲେଶ୍ୱର, L.A.Case No.137/18**

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ- ପିତା, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୩ | କାଶୀନାଥ ଭୋଳ, ପି: ଜଗନ୍ନାଥ ଭୋଳ, ଜା: ଖଣ୍ଡାୟତ, ବା: ନିଜଗାଁ | ୫୫ | ଶାରଦ ଅଣ ଜଳସେଚିତ-୧ | ୦.୮୪ | ୦.୭୧ |
| ୨ | ୪୭ | ଗଦାଧର ଆଚାର୍ଯ୍ୟ, ପି: କୃପାସିନ୍ଧୁ ଆଚାର୍ଯ୍ୟ, ଭୀମ ଦାଶ, ପାଗଲୁ ଦାଶ, ଅର୍ଣ୍ଣପୂର୍ଣ୍ଣା ଦାଶ, ଝୁନି ଦାଶ, ନିନୀ ଦାଶ, ପି: ସୀତାନାଥ ଦାଶ, ଜା: ବ୍ରାହ୍ମଣ, ବା: ମୁଖୁରା | ୨ | ଶାରଦ ଅଣ ଜଳସେଚିତ-୧ | ୦.୫୨ | ୦.୫୨ |
| ୩ | ୬୫ | ଗୋଲକ ଜେନା, ମନମୋହନ ଜେନା, ପି: କେଲୁ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | ୫୯ | ଶାରଦ ଅଣ ଜଳସେଚିତ-୧ | ୧.୧୫ | ୦.୦୬ |
| ୪ | ୭୩ | ଚମ୍ପାମଣି ଭୋଳ, ପି ; କାଶୀନାଥ ଭୋଳ, ଜା: ଖଣ୍ଡାୟତ, ବା: ନିଜଗାଁ | ୫୨ | ଶାରଦ ଅଣ ଜଳସେଚିତ-୧ | ୦.୪୦ | ୦.୪୦ |
| ୫ | ୮୭ | ଯୋଗେନ୍ଦ୍ର ଆଚାର୍ଯ୍ୟ, ପି: ଲମ୍ବୋଦର ଆଚାର୍ଯ୍ୟ, ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ, ପି: ଗୋପୀନାଥ ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ଗୋପୀନାଥପୁର | ୫୩ | ଶାରଦ ଅଣ ଜଳସେଚିତ-୨ | ୧.୨୦ | ୦.୦୪ |
| ୬ | ୯୩ | ଦାମୋଦର ବିଶ୍ୱାଳ, ପି: ବନମାଳୀ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ଖରଦିଗ ମୁଖୁରା | ୩ | ଶାରଦ ଅଣ ଜଳସେଚିତ-୧ | ୦.୫୬ | ୦.୫୬ |
| | | | ୯/୧୨୦୧ | ଶାରଦ ଅଣ ଜଳସେଚିତ-୧ | ୦.୦୯ | ୦.୦୯ |
| ୭ | ୯୫ | ଦାମୋଦର ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ପି: ହରେକୃଷ୍ଣ ମହାପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | ୬୩ | ଶାରଦ ଅଣ ଜଳସେଚିତ-୧ | ୨.୨୮ | ୦.୫୪ |
| ୮ | ୧୦୨ | ନରହରି ସେନାପତି, ପି: ଚନ୍ଦ୍ରମୋହନ ସେନାପତି, ଜା: ବ୍ରାହ୍ମଣ, ବା: ଆଗିରିଆ | ୩୦ | ଶାରଦ ଅଣ ଜଳସେଚିତ-୧ | ୧.୦୫ | ୦.୪୦ |
| | | | ୪୩ | ଶାରଦ ଅଣ ଜଳସେଚିତ-୧ | ୦.୬୩ | ୦.୬୦ |
| ୯ | ୧୩୭ | ବନମାଳୀ ସିଂ, ଶ୍ୟାମସୁନ୍ଦର ସିଂ, ପି: ଖୁସାଲି ସିଂ, ଜା: କୋହ୍ଲ, ବା: ବେଲବନ୍ଧ | ୩୨ | ଶାରଦ ଅଣ ଜଳସେଚିତ-୧ | ୧.୧୨ | ୦.୪୦ |
| ୧୦ | ୧୪୧ | ବ୍ରହ୍ମାନନ୍ଦ ଦାସ, ପି: ଚକ୍ରଧର ଦାସ, ଜା: ବ୍ରାହ୍ମଣ, ବା: ମୁଖୁରା | ୧ | ଶାରଦ ଅଣ ଜଳସେଚିତ-୧ | ୦.୨୭ | ୦.୦୪ |
| | | | ୧୨ | ଶାରଦ ଅଣ ଜଳସେଚିତ-୧ | ୦.୧୬ | ୦.୦୨ |
| | | | ୪୫ | ଶାରଦ ଅଣ ଜଳସେଚିତ-୧ | ୦.୨୨ | ୦.୨୨ |
| ୧୧ | ୧୪୫ | ବାବୁରାମ ସାହୁ, ପି: ଜଗନ୍ନାଥ ସାହୁ, ଭାନୁମତି ସାହୁ, ସ୍ୱା: ଭାଗୀରଥି ସାହୁ, ପଦ୍ମଲୋଚନ ସାହୁ, ରଞ୍ଜନ କୁମାର ସାହୁ, ସତ୍ୟାନନ୍ଦ ସାହୁ, ପି: ଭାଗୀରଥି ସାହୁ, ଜା: ଖଣ୍ଡାୟତ, ବା: ମୁଖୁରା | ୫୬ | ଶାରଦ ଅଣ ଜଳସେଚିତ-୧ | ୦.୦୮ | ୦.୦୭ |
| ୧୨ | ୧୬୯ | ଭାସ୍କର ଆଚାର୍ଯ୍ୟ, ଶରତ ଆଚାର୍ଯ୍ୟ, ପି: ପ୍ରାଣକୃଷ୍ଣ ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ମୁଖୁରା | ୪ | ଶାରଦ ଅଣ ଜଳସେଚିତ-୧ | ୦.୫୧ | ୦.୧୮ |
| | | | ୭ | ଶାରଦ ଅଣ ଜଳସେଚିତ-୧ | ୦.୧୧ | ୦.୦୧ |
| | | | ୧୭ | ଶାରଦ ଅଣ ଜଳସେଚିତ-୧ | ୦.୬୪ | ୦.୦୨ |
| | | | ୪୪ | ଶାରଦ ଅଣ ଜଳସେଚିତ-୧ | ୦.୨୨ | ୦.୨୨ |
| ୧୩ | ୨୧୩ | ରାମଚନ୍ଦ୍ର ନାୟକ, ପି: ଅନନ୍ତ ନାୟକ, ବିଳାସମଣି ନାୟକ, ସ୍ୱା: ଅନନ୍ତ ନାୟକ, ତାପସ କୁମାର ନାୟକ, ଚପଳାଛନ୍ଦା ନାୟକ, ସିନ୍ଧୁସୁତା ନାୟକ, ଇତିଶ୍ରୀ ପ୍ରିୟଦର୍ଶନୀ ନାୟକ, ପି: ଲକ୍ଷ୍ମଣ କୁମାର ନାୟକ, ଆଭାମୟୀ ନାୟକ, ସ୍ୱା: ଲକ୍ଷ୍ମଣ କୁମାର ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | ୮ | ଶାରଦ ଅଣ ଜଳସେଚିତ-୧ | ୦.୬୩ | ୦.୬୩ |
| | | | ୧୦ | ଶାରଦ ଅଣ ଜଳସେଚିତ-୧ | ୦.୫୮ | ୦.୧୧ |
| | | | ୪୭ | ଶାରଦ ଅଣ ଜଳସେଚିତ-୧ | ୦.୪୮ | ୦.୪୨ |
| | | | ୧୩ | ଶାରଦ ଅଣ ଜଳସେଚିତ-୧ | ୦.୫୭ | ୦.୫୦ |
| | | | ୪୬ | ଶାରଦ ଅଣ ଜଳସେଚିତ-୧ | ୧.୨୬ | ୧.୨୪ |
| ୧୪ | ୨୨୫ | ଶକ୍ତିଧର ବିଶ୍ୱାଳ, ପି: ବନମାଳୀ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ଖରିଦିଗ, ମୁଖୁରା | ୯ | ଶାରଦ ଅଣ ଜଳସେଚିତ-୧ | ୦.୬୪ | ୦.୨୮ |
| ୧୫ | ୨୪୩ | ସୁଜିତ କୁମାର ସେନାପତି, ଅଜିତ କୁମାର ସେନାପତି, ପି: ପ୍ରଭାସ ଚନ୍ଦ୍ର ସେନାପତି, ଜା: ବ୍ରାହ୍ମଣ, ବା: ଆଗିରିଆ, ଥାନା: ନୀଳଗିରି | ୩୫ | ଶାରଦ ଅଣ ଜଳସେଚିତ-୧ | ୦.୪୨ | ୦.୪୨ |
| ୧୬ | ୨୬୦/୩୦ | ରତ୍ନୀ ସିଂ, ପି: ଝଗୁଡୁ ସିଂ, ଜା: ଭୂମିଜ, ବା: ଅସ୍ତିଆ, ଥାନା: ନୀଳଗିରି | ୪୮/୧୨୩୫ | ଶାରଦ ଅଣ ଜଳସେଚିତ-୧ | ୦.୭୭ | ୦.୫୦ |
| ୧୭ | ୨୬୦/୩୪ | ସଂଜୀବ କୁମାର ଭୋଇ, ପି: ଭାସ୍କର ଚନ୍ଦ୍ର ଭୋଇ, ଜା: ଖଣ୍ଡାୟତ, ବା: ନିଜଗାଁ | ୪୮ | ଶାରଦ ଅଣ ଜଳସେଚିତ-୧ | ୦.୭୮ | ୦.୬୪ |
| ୧୮ | ୨୬୦/୪୪ | ରତନି ସିଂ, ପି: ଝଗଡୁ, ଜା: ଭୂମିଜ, ବା: ବିମ୍ବିରିଆ | ୨୯ | ଶାରଦ ଅଣ ଜଳସେଚିତ-୧ | ୦.୯୫ | ୦.୨୦ |
| ୧୯ | ୨୬୦/୫୦ | ଗଣେଶ୍ୱର ଜେନା, ପି ; ମୁକୁନ୍ଦ ଜେନା, ଜା: ଖଣ୍ଡାୟତ, ବା: ଆଗିରିଆ, ଥାନା: ନୀଳଗିରି, ଜି: ବାଲେଶ୍ୱର | ୬୦ | ଶାରଦ ଅଣ ଜଳସେଚିତ-୧ | ୦.୬୧ | ୦.୧୨ |
| ୨୦ | ୨୬୦/୬୫ | ଜିତେନ୍ଦ୍ର ନାରାୟଣ ଭୋଳ, ପି: ସୋମନାଥ ଭୋଳ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୪ | ଶାରଦ ଅଣ ଜଳସେଚିତ-୧ | ୦.୩୬ | ୦.୨୨ |
| ୨୧ | ୨୬୦/୧୩୫ | ସୁକାନ୍ତ ନାୟକ, ପି: ଅଧିରାଜ ଚନ୍ଦ୍ର ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | ୩୧ | ଶାରଦ ଅଣ ଜଳସେଚିତ-୧ | ୦.୬୪ | ୦.୨୪ |
| | | | | ମୋଟ | ୨୦.୯୪ | ୧୦.୬୨ |

No. XX-25

# ଓଡ଼ିଶା ସରକାର

# କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## (ଭୂ-ଅର୍ଜନ ବିଭାଗ)

## ଘୋଷଣା

No. (SPLLAORLY)-LAA-KPD-16/2018/981 Date : 22.11.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଦରବଛା, ଥାନା- ମାର୍ଶାଘାଇ ନଂ. ୨୦୦, ତହସିଲ – ମାର୍ଶାଘାଇ, ଜିଲ୍ଲା- କେନ୍ଦ୍ରାପଡାରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ହରିଦାସପୁର-ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୨୬୫୨/ରା.ବି.ପ୍ର., ତା. ୧୧.୧୨.୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଦରବଛା, ଥାନା- ମାର୍ଶାଘାଇ ନଂ. ୨୦୦, ତହସିଲ-ମାର୍ଶାଘାଇ, ଜିଲ୍ଲା- କେନ୍ଦ୍ରାପଡାରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendrapara.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : କେନ୍ଦ୍ରାପଡା ତହସିଲ : ମାର୍ଶାଘାଇ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଦରବଛା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ. ୨୭.୯୧୦ | ଏ. ୩.୪୩୦ | ଏଥି ସହିତ ସଂଲଗ୍ନ |

### ତଫସିଲ-ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : କେନ୍ଦ୍ରାପଡା ତହସିଲ : ମାର୍ଶାଘାଇ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଦରବଛା | ଗ୍ରାମାଞ୍ଚଳ | ପ୍ରଯୁଜ୍ୟ ନୁହେଁ | | | | | |

ଅଧିସୂଚନାର ବୈଧ ତାରିଖ : ୨୦.୦୩.୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, କେନ୍ଦ୍ରାପଡା

### ଭୂମି ଅନୁସୂଚୀ

**ମୌଜା- ଦରବଛା, ଥାନା- ମାର୍ଶାଘାଇ, ତହସିଲ- ମାର୍ଶାଘାଇ, ଥାନା ନଂ-୨୦୦, ଜିଲ୍ଲା- କେନ୍ଦ୍ରାପଡା**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା ଏକରରେ | ଅଧିକୃତ ରକବା ଏକରରେ | ଜମିର କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬୧୪ / ୪୦୭ | ୫୧୭ | ୦.୨୭୦ | ୦.୦୭୦ | ଶାରଦ-୧ | ଜ୍ଞାନରଞ୍ଜନ ମହାପାତ୍ର, ପି- ପ୍ରକାଶ କୁମାର ମହାପାତ୍ର, ଜା- ଚଷା, ସା- ନିଜଗାଁ |
| ୬୧୪/ ୩୩୦ | ୫୧୭/ ୨୦୭୮ | ୦.୨୯୦ | | ଘରବାରି | ମଳୟ ବସନ୍ତିଆ, ପି- ପାଗଳରାଜ୍ ବସନ୍ତିଆ, ଜା- ଚଷା, ସା- ନାରାୟଣପୁର |
| ୩୧୪ | ୫୧୯ | ୦.୦୫୦ | ୦.୦୧୦ | ଶାରଦ-୧ | ଧରଣୀ ବସନ୍ତିଆ, ପି- ବିକଳି ବସନ୍ତିଆ, ଜା- ପଧାନ, ସା- ନିଜଗାଁ |
| ୬୧୪/ ୧୩୭ | ୫୩୭ | ୦.୦୫୦ | ୦.୦୨୦ | ଶାରଦ-୧ | ଅରୁଣ କୁମାର ପତି, ପି- ମୁରଲୀଧର ପତି, ଜା- ବ୍ରାହ୍ମଣ, ସା- ମଣିକୁଣ୍ଡା |
| ୨୯୧ | ୫୩୮ | ୦.୦୩୦ | ୦.୦୩୦ | ଶାରଦ-୧ | ଦିବାକର ଲେଙ୍କା, ପି- ପଦ୍ମ ଚରଣ ଲେଙ୍କା, ଦଧି, ମାଧ, ପଞ୍ଚୁ ଲେଙ୍କା, ପି- ଶ୍ରୀଧର ଲେଙ୍କା, ବାଉରୀବନ୍ଧୁ ଲେଙ୍କା, ସ୍ୱପ୍ନ ନନ୍ଦ ଲେଙ୍କା, ପି- ନାରଣ ଲେଙ୍କା, ଜା- ପଧାନ, ସା- ମଣିକୁଣ୍ଡା |
| | ୪୨ | ୦.୦୩୦ | ୦.୦୩୦ | ଶାରଦ-୨ | |
| ୬୧୪/ ୧୮୨ | ୪୦ | ୦.୨୧୦ | ୦.୦୪୦ | ଶାରଦ-୨ | ଦିବାକର ଲେଙ୍କା, ପି- ପଦ୍ମ ଚରଣ ଲେଙ୍କା, ଦଧି ଲେଙ୍କା, ପି-ପଦ୍ମ ଲେଙ୍କା, ଦଧି ଲେଙ୍କା, ଦଧି ଲେଙ୍କା, ମାଧ ଲେଙ୍କା, ପଞ୍ଚୁ ଲେଙ୍କା, ପି- ଶ୍ରୀଧର ଲେଙ୍କା, ଜା- ପଧାନ, ସା- ମଣିକୁଣ୍ଡା |
| ୬୧୪/ ୪୧୧ | ୪୧ | ୦.୧୫୦ | ୦.୦୪୦ | ଘରବାରି | ଆଦିକନ୍ଦ ସ୍ୱାଇଁ, ପି- କୃପାସିନ୍ଧୁ ସ୍ୱାଇଁ, ଜା- ଖଣ୍ଡାୟତ, ବା- ମଣିକୁଣ୍ଡା |
| ୧୪୫ | ୫୦୨ | ୦.୫୯୦ | ୦.୧୪୦ | ଶାରଦ-୧ | ଉତ୍ତମ ସାହୁ, ପି-ବାଉରି ସାହୁ, ଜା- ଗୁଡିଆ, ସା- ନିଜଗାଁ କିସମତ ୫ ଅଣା, ୮ ପାହି ଅଭୟ କୁମାର ସାହୁ, ପି-ନନ୍ଦ ସାହୁ, ଜା- ଗୁଡିଆ, ବା- ନିଜଗାଁ କିସିମତ ୧୦ ଅଣା ୪ ପାହି। |
| ୪୨୩ | ୫୦୧ | ୦.୧୫୦ | ୦.୦୪୦ | ଶାରଦ-୧ | ବିପିନ କୁମାର ସାହୁ, ପି- ଚତୁରି ସାହୁ, ଜା- ଗୁଡିଆ, ସା- ନିଜଗାଁ |
| ୩୦୪ | ୫୦୦ | ୦.୨୨୦ | ୦.୦୭୦ | ଶାରଦ-୧ | ଦୁର୍ଯ୍ୟୋଧନ ମଳିକ, ପି- ବୁରୁନ୍ଦୁ ମଳିକ, ଜା-କଂଡରା, ସା- ନିଜଗାଁ |
| ୭୫ | ୪୯୨ | ୦.୬୪୦ | ୦.୦୪୦ | ଶାରଦ-୧ | ବୀରବର ଲେଙ୍କା, ନିଧିରାମ ଲେଙ୍କା, ପି- ମାୟାଧର ଲେଙ୍କା, ଜା- ପଧାନ, ସା- ମଣିକୁଣ୍ଡା |
| ୪୯୩ | ୪୯୩ | ୦.୦୯୦ | ୦.୦୯୦ | ଶାରଦ-୧ | ମୁରଲୀଧର ପତି, ପି- ଡମ୍ବରୁଧର ପତି, ଜା- ବ୍ରାହ୍ମଣ, ସା- ମଣିକୁଣ୍ଡା |
| | ୪୮୦ | ୦.୩୫୦ | ୦.୦୩୦ | ଶାରଦ-୧ | |
| ୬୧୪/ ୩୨୮ | ୪୯୧ | ୧.୨୩୦ | ୦.୧୨୦ | ଶାରଦ-୧ | ଚିନ୍ମୟୀ ମଲ୍ଲ, ମନ୍ମଥ କୁମାର ମଲ୍ଲ, ଅନଙ୍ଗ ମଲ୍ଲ, ପି- କୀର୍ତ୍ତନ ବିହାରୀ ମଲ୍ଲ, କଲ୍ୟାଣୀ ମଲ୍ଲ, ସ୍ୱା – କୀର୍ତ୍ତନ ବିହାରୀ ମଲ୍ଲ, ଜା- ମହାଲାୟକ, ସା- ନିଜଗାଁ |
| ୬୧୪/ ୨୫୭ | ୪୭୮ | ୦.୨୦୫ | ୦.୦୮୦ | ଶାରଦ-୧ | ବଂଶୀଧର ବେହେରା, ଖଗେଶ୍ୱର ବେହେରା, ଜଗବନ୍ଧୁ ବେହେରା, କାଳନ୍ଦୀ ଚରଣ ବେହେରା, ପି- ଇନ୍ଦ୍ରମଣୀ ବେହେରା, ଜା- କୁମ୍ଭାର ସା- କୁଣ |
| ୬୧୪/ ୨୫୮ | ୪୭୮/ ୧୯୯୧ | ୦.୨୦୫ | | ଶାରଦ-୧ | କୈଳାସ ଚନ୍ଦ୍ର ବେହେରା, ପି- ବାବାଜୀ ଚରଣ ବେହେରା, ଜା- ଚଷା, ସା- ନିଜଗାଁ |
| ୬୧୪/ ୫୦୭ | ୪୭୭/ ୨୧୮୭ | ୦.୩୭୦ | ୦.୦୨୦ | ଶାରଦ-୧ | ବଂଶୀଧର ବେହେରା, ଖଗେଶ୍ୱର ବେହେରା, ଜଗବନ୍ଧୁ ବେହେରା, କାଳନ୍ଦୀ ଚରଣ ବେହେରା, ପି- ଇନ୍ଦ୍ରମଣୀ ବେହେରା, ଜା- କୁମ୍ଭାର ସା-କୁଣ |
| ୬୧୪/ ୫୧୨ | ୪୭୭ | ୦.୦୮୦ | | ଶାରଦ-୧ | ହୃଷୀକେଶ ବେହେରା, ପି- ଭଗବାନ ବେହେରା, ଜା- କୁମ୍ଭାର, ସା- କୁଣ |
| ୩୨୪ | ୪୭୫ | ୦.୧୩୦ | ୦.୦୬୦ | ଶାରଦ-୧ | ନୟନ କୁମାରୀ ମଲ୍ଲ, ପରମାନନ୍ଦ ମଲ୍ଲ, ପି- ରାମ ମଲ୍ଲ, ସୁମା ମଲ୍ଲ, ସ୍ୱା- ବନମାଳୀ ମଲ୍ଲ, ଶୈଳବାଳା ମଲ୍ଲ, ଗୋବିନ୍ଦ ଚନ୍ଦ୍ର ମଲ୍ଲ, ପି- ବନମାଳୀ ମଲ୍ଲ, ସୁଧା ମଲ୍ଲ, ସ୍ୱା- ପୁନାନନ୍ଦ ମଲ୍ଲ, ପୀତାମ୍ବର ମଲ୍ଲ, ହଳଧର ମଲ୍ଲ, ପି- ପୁନାନନ୍ଦ ମଲ୍ଲ, ଅଚ୍ୟୁତାନନ୍ଦ ମହାନ୍ତି, ପି- ରାଧୁ ମହାନ୍ତି, ଜା- ମହାଲାୟକ, ସା- ନିଜଗାଁ |
| ୩୩୫ | ୪୭୪ | ୦.୦୪୦ | ୦.୦୪୦ | ଶାରଦ-୧ | ନିତ୍ୟାନନ୍ଦ ଲେଙ୍କା, ପି- ମଧୁ ଲେଙ୍କା, ଜା- ପଧାନ, ସା- ନିଜଗାଁ |
| ୪୬୧ | ୪୭୧ | ୦.୧୩୦ | ୦.୦୪୦ | ଶାରଦ-୧ | ମଧୁ ଦାସ, ପି- ଗଣି ଦାସ, ଜା- ଗୋପାଳ, ସା- ନିଜଗାଁ |
| ୨୭୫ | ୫୦୪ | ୦.୮୪୦ | ୦.୧୨୦ | ଶାରଦ-୧ | ଡମ୍ବରୁଧର ବସନ୍ତିଆ, ପି- ଉଦ ବସନ୍ତିଆ, ଜା- ପଧାନ, ସା- ନିଜଗାଁ |
| | ୪୬୫ | ୦.୩୮୦ | ୦.୦୮୦ | ଶାରଦ-୧ | |
| | ୪୬୬ | ୦.୩୨୦ | ୦.୦୭୦ | ଶାରଦ-୧ | |
| ୪୫୮ | ୪୫୫ | ୦.୨୨୦ | ୦.୦୪୦ | ଶାରଦ-୧ | ମଦନ, ମହନି, ମୁରଲୀଧର ଦାସ, ପି- ଧୋବି ଦାସ, ଶଶୀ ଦାସ, ସ୍ୱା- ଧୋବି ଦାସ, ଜା- ଗୋପାଳ, ସା- ନିଜଗାଁ |
| ୪୭୪ | ୪୫୪ | ୦.୨୪୦ | ୦.୦୪୦ | ଶାରଦ-୧ | ମହେନ୍ଦ୍ର କୁମାର ଜେନା, ପି- କୁଳମଣୀ ଜେନା, ନୟନା ଜେନା, ସ୍ୱା- କୁଳମଣୀ ଜେନା, ନୀଳମଣି ଜେନା, ଅଦ୍ୱୈତ ବଲ୍ଲଭ ଜେନା, ପି- ହରେକୃଷ୍ଣ ଜେନା, ଜା- ଖଣ୍ଡାୟତ, ସା- ନିଜଗାଁ |
| ୨୧୮ | ୪୩୯ | ୦.୧୯୦ | ୦.୦୪୦ | ଶାରଦ-୧ | ଗୋପବନ୍ଧୁ ପାଇଟାଳ, ପି- ମଧୁ ପାଇଟାଳ, ପଞ୍ଚାନନ ପାଇଟାଳ, ପି- କ୍ଷେତ୍ରବାସୀ ପାଇଟାଳ, ଜା- ପଧାନ, ସା- ନିଜଗାଁ |
| | ୪୪୦ | ୦.୧୭୦ | ୦.୦୪୦ | ଶାରଦ-୧ | |
| ୬୧୪/ ୪୭୯ | ୪୪୧ | ୦.୨୧୦ | ୦.୦୪୦ | ଶାରଦ-୧ | ବାବାଜୀ ଚରଣ ଦାସ, ପି- ମାୟାଧର ଦାସ, ଜା- ଗୋପାଳ, ସା- ନିଜଗାଁ |
| ୪୭୮ | ୪୪୨ | ୦.୧୭୦ | ୦.୦୪୦ | ଶାରଦ-୧ | ମାଧବୀ ନାୟକ, ପି- ଦାସ ପରିଡା, ଜା- ଖଣ୍ଡାୟତ, ସା- ନିଜଗାଁ |
| ୬୧୪/ ୧୧୬ | ୪୨୭ | ୦.୨୪୦ | ୦.୦୬୦ | ଶାରଦ-୧ | ହରେକୃଷ୍ଣ ବସନ୍ତିଆ କିସମତ ପାଞ୍ଚଅଣା ୪ ପାହି, ପି- କଂସୁରୀ ବସନ୍ତିଆ, ପୂର୍ଣ୍ଣାନନ୍ଦ ବସନ୍ତିଆ, ପି- ଗୋବିନ୍ଦ ବସନ୍ତିଆ, କିସମତ ୫ ଅଣା ୪ ପାହି, ବିଳାଶ ଚନ୍ଦ୍ର ସ୍ୱାଇଁ, ପି- ବାଳକୃଷ୍ଣ ସ୍ୱାଇଁ କିସମତ ୫ ଅଣା ୪ ପାହି, ଜା-ଚଷା, ସା- ନିଜଗାଁ |
| | ୪୨୮ | ୦.୨୮୦ | ୦.୦୬୦ | ଶାରଦ-୧ | |
| ୬୧୪/ ୩୪୫ | ୪୧୭ | ୦.୧୩୦ | ୦.୧୦୦ | ଶାରଦ ଜଳ | ସୁକଦେବ ସ୍ୱାଇଁ, ପି- ଦୁଃଖେଇ ସ୍ୱାଇଁ, ଚନ୍ଦନ କୁମାର ସ୍ୱାଇଁ, ପି- ସୁକଦେବ ସ୍ୱାଇଁ, ଜା- ପଧାନ, ସା- ନିଜଗାଁ |
| | ୪୧୮ | ୦.୨୭୦ | ୦.୦୨୦ | ଶାରଦ ଜଳ | |
| ୫୫୦ | ୩୭୩ | ୨.୩୦୦ | ୦.୦୫୦ | ବିଆଳି ଦୋଫସଲ | ବାନାମ୍ବର ରାଉତ ଅଂଶ ୧୨ ଅଣା, ପୀତାମ୍ବର ରାଉତ ଅଂଶ ୪ ଅଣା, ପି- କୃଷ୍ଣ ରାଉତ, ଜା- ପଧାନ, ସା- ପୁରସ୍ତମପୁର |
| ୪୧୬ | ୩୭୭ | ୦.୦୪୦ | ୦.୦୪୦ | ବିଆଳି ଦୋଫସଲ | ବିକଳୀ ସୂତାର, ପି- ମାୟାଧର ସୂତାର, ଜା- ବଢେଇ, ସା- ମଣିକୁଣ୍ଡା |
| | ୫୪୨ | ୦.୧୫୦ | ୦.୦୩୦ | ଶାରଦ-୧ | |
| ୧୩୬ | ୫୨୫ | ୦.୦୬୦ | ୦.୦୨୦ | ଶାରଦ-୧ | ଈଶ୍ୱର ଚନ୍ଦ୍ର ବସନ୍ତିଆ, ପି- ଭୋଳି ବସନ୍ତିଆ, ଜା- ଚଷା, ସା- ନିଜଗାଁ |
| ୩୮୧ | ୫୪୧ | ୦.୪୨୦ | ୦.୦୩୦ | ଶାରଦ-୧ | ପ୍ରାଣକୃଷ୍ଣ ମହାନ୍ତୀ, ପି- ସାଧୁ ମହାନ୍ତୀ, ନବଘନ ରାଉତ, ପି- ଲକ୍ଷ୍ମୀଧର ରାଉତ, ଜା- ଖଣ୍ଡାୟତ, ସା- ମଣିକୁଣ୍ଡା |
| ୨୦୩ | ୫୪୫ | ୦.୫୭୦ | ୦.୦୩୦ | ଶାରଦ-୧ | ହଳଧର ଓଝା, ଜଳଧର ଓଝା, କଳ୍ପତରୁ ଓଝା, ତୈଲକ୍ୟ ଓଝା, ସବିତା ଓଝା, ପି- କ୍ଷେତ୍ରବାସୀ ଓଝା, ଜା- କମାର ସା- ମଣିକୁଣ୍ଡା |
| ୬୧୪/ ୧୦ | ୫୪୬ | ୦.୦୮୦ | ୦.୦୨୦ | ଶାରଦ-୧ | ଅଭୟ କୁମାର ସାହୁ, ପି- ନନ୍ଦ ସାହୁ, ଜା- ଗୁଡିଆ, ସା- ନିଜଗାଁ |
| ୩୪୬ | ୪୫ | ୦.୨୯୦ | ୦.୦୭୦ | ଶାରଦ-୧ | ନିରଞ୍ଜନ ପରିଡା କିସମତ ୧ ଅଣା ତ୍ରିଲୋଚନ ପରିଡା, କିସମତ ୩ ଅଣା ୬ ପାହି, ପି- କୃଷ୍ଣ ପରିଡା, ହରେକୃଷ୍ଣ ପରିଡା, ଶଶ୍ମିତା ପରିଡା, ପି- ବିଷ୍ଣୁ ପରିଡା କିସମତ ୪ ଅଣା ବା- ମଣିକୁଣ୍ଡା, ଦୀପକ କୁମାର ସ୍ୱାଇଁ, ପି- ଶୀଶୀର କୁମାର ସ୍ୱାଇଁ, ଜା- ଖଣ୍ଡାୟତ, ବା- କୁଣ ମେଲବିନ ଡିସୋଜା, ପି- ପାସକାଲ ଡିସୋଜା, ଜା- ଖ୍ରୀଷ୍ଟିୟାନ, ଅନୁପମା କୋପ୍ରେଟିଭ ହାଉସିଂ ସୋସାଇଟ, ହଜୁରୀ ଦରଗା ଗ୍ରେଡ, ଥାନା/ଜିଲ୍ଲା – ଥାନେ ମହାରାଷ୍ଟ୍ର କିସମତ ୪ ଅଣା, ଆଶାଲତା ସାହୁ, ସ୍ୱା- ବୀରକିଶୋର ସାହୁ, କିସମତ ୩ ଅଣା ୬ ପାହି, ଜା- ଗୁଡିଆ, ବା- ପୁରସ୍ତମପୁର |
| ୬୧୪/ ୩୨୩ | ୪୯୬ | ୧.୧୯୦ | ୦.୦୮୦ | ଘରବାରି | ରଞ୍ଜନ କୁମାର ପତି, ପି- ମଦନ ପତି, ଜା- ବ୍ରାହ୍ମଣ, ସା- ନିଜଗାଁ |
| ୬୧୪/ ୩୪୩ | ୪୧୬ | ୦.୨୯୦ | ୦.୦୬୦ | ଶାରଦ ଜଳ | ପ୍ରହଲ୍ଲାଦ ସ୍ୱାଇଁ, ପି- ଦୁଃଖେଇ ସ୍ୱାଇଁ, ଅମୀୟ କୁମାର ସ୍ୱାଇଁ, ପି- ପ୍ରହଲ୍ଲାଦ ସ୍ୱାଇଁ, ଜା- ପଧାନ, ସା- ନିଜଗାଁ |
| ୬୧୪/ ୩୪୪ | ୪୧୬/ ୨୦୮୩ | ୦.୩୦୦ | | ଶାରଦ ଜଳ | ନଟବର ସ୍ୱାଇଁ, ପି- ଦୁଃଖେଇ ସ୍ୱାଇଁ, ଜା- ପଧାନ, ସା- ନିଜଗାଁ |
| ୬୧୦ | ୪୯୦ | ୦.୨୩୦ | ୦.୦୫୦ | ଶାରଦ-୧ | ହୃଦାନନ୍ଦ ସ୍ୱାଇଁ, ପି- ମାୟାଧର ସ୍ୱାଇଁ, ଜା- ଖଣ୍ଡାୟତ, ସା- ମଣିକୁଣ୍ଡା |
| ୪୫୯ | ୪୮୯ | ୦.୨୦୦ | ୦.୦୨୦ | ଶାରଦ-୧ | ମଦନ ଦାସ, ମହନି ଦାସ, ମୁରଲୀଧର ଦାସ, ପି- ଧୋବି ଦାସ, ଶଶି ଦାସ, ସ୍ୱା- ଧୋବି ଦାସ, ଜା- ଗୋପାଳ, ସା- ନିଜଗାଁ କିସମତ ୮ ଅଣା, ମଧୁ ଦାସ, କିସମତ ୨ ଅଣା ୮ ପାହି, ରାଧୁ ଦାସ କିସମତ ୨ ଅଣା ୮ ପାହି, ଗୋପ ଦାସ, କିସମତ ୨ ଅଣା ୮ ପାହି, ପି- ଗଣି ଦାସ, ଜା- ଗୋପାଳ, ସା- ନିଜଗାଁ |
| ୩୩୭ | ୪୮୬ | ୦.୦୯୦ | ୦.୦୩୦ | ଶାରଦ-୧ | ନିତ୍ୟାନନ୍ଦ ଲେଙ୍କା, ଭରତ ଚରଣ, ଶରତ ଚନ୍ଦ୍ର ଲେଙ୍କା, ପି- ମଧୁ ଲେଙ୍କା, ଜା- ପଧାନ ସା- ନିଜଗାଁ |
| ୬୧୪/ ୯୩ | ୪୮୫/ ୧୯୦୫ | ୦.୧୬୦ | ୦.୦୨୦ | ଶାରଦ-୧ | ରବୀନ୍ଦ୍ର ନାଥ ପ୍ରଧାନ, ମହେନ୍ଦ୍ରନାଥ ପ୍ରଧାନ, ପି- ଗଜେନ୍ଦ୍ର ପ୍ରଧାନ, ଜା- ପ୍ରଧାନ, ସା- ନିଜଗାଁ |
| ୨୭୦ | ୪୮୫ | ୦.୦୨୦ | | ଶାରଦ-୧ | ଯୋଗେନ୍ଦ୍ର ନାଥ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ପି- ହରି ପ୍ରଧାନ, ଜା- ପଧାନ, ସା- ନିଜଗାଁ |
| ୬୧୪/ ୯୩ | ୪୮୪/ ୧୯୦୪ | ୦.୧୦୫ | ୦.୦୨୦ | ଶାରଦ-୧ | ରବୀନ୍ଦ୍ର ନାଥ ପ୍ରଧାନ, ମହେନ୍ଦ୍ରନାଥ ପ୍ରଧାନ, ପି- ଗଜେନ୍ଦ୍ର ପ୍ରଧାନ, ଜା- ପଧାନ, ସା- ନିଜଗାଁ |
| ୨୭୦ | ୪୮୪ | ୦.୦୨୫ | | ଶାରଦ-୧ | ଯୋଗେନ୍ଦ୍ର ନାଥ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ପି- ହରି ପ୍ରଧାନ, ଜା- ପଧାନ, ସା- ନିଜଗାଁ |
| ୫୪୫ | ୪୭୯ | ୦.୧୯୦ | ୦.୦୪୦ | ଶାରଦ-୧ | ସଚିଦାନନ୍ଦ ପ୍ରଧାନ, ବିଚିତ୍ରାନନ୍ଦ ପ୍ରଧାନ, ପି- କାହ୍ନୁ ଚରଣ ପ୍ରଧାନ, ଚଂଚଳା ପ୍ରଧାନ, ସ୍ୱା- କାହ୍ନୁ ଚରଣ ପ୍ରଧାନ, ଜା- ପଧାନ, ସା- ନିଜଗାଁ |
| ୬୧୪/ ୪୧୮ | ୪୨୭/ ୨୧୩୭ | ୦.୧୯୦ | ୦.୦୩୦ | ଶାରଦ-୧ | ଅମରେଶ୍ୱର ବେହେରା, ପି- କୃଷ୍ଣ ଚନ୍ଦ୍ର ବେହେରା, ଜା- ପଧାନ ସା-ପୁରୁଷୋତ୍ତମପୁର |
| ୬୧୪/ ୨୧୨ | ୪୬୭/ ୧୯୭୫ | ୦.୭୦୦ | ୦.୧୫୦ | ଶାରଦ-୨ | ରଣେନ୍ଦ୍ର କୁମାର ସ୍ୱାଇଁ, ପି- ପୂର୍ଣ୍ଣାନ୍ଦ ସ୍ୱାଇଁ, ସା- ମାର୍ଶାଘାଇ, କମଳାକାନ୍ତ ସାହୁ, ପି- ଫକୀର ସାହୁ, ଜା- ଖଣ୍ଡାୟତ, ସା- ପୁରୁଷୋତ୍ତମପୁର |
| ୬୧୪/ ୩୯୬ | ୪୫୩ | ୦.୨୩୦ | ୦.୦୬୦ | ଶାରଦ-୧ | ରଣେନ୍ଦ୍ର କୁମାର ସ୍ୱାଇଁ, ପି- ପୂର୍ଣ୍ଣାନ୍ଦ ସ୍ୱାଇଁ, ସା- ମାର୍ଶାଘାଇ, କମଳାକାନ୍ତ ସାହୁ, ପି- ଫକୀର ସାହୁ, ଜା- ଖଣ୍ଡାୟତ, ସା- କୁସୁନପୁର |
| ୬୧୪/ ୧୩୫ | ୪୨୨/ ୧୯୫୪ | ୦.୧୦୦ | ୦.୦୨୦ | ଶାରଦ-୧ | ମନୋରଞ୍ଜନ ସାହୁ, ପି- ଦେବରାଜ ସାହୁ, ଜା- ତେଲି ସା- କୁଣ |
| ୬୧୪/ ୧୩୪ | ୪୨୨/ ୧୯୫୫ | ୦.୧୦୦ | | ଶାରଦ-୧ | ଅଗଣି ରାଉତ, ପି- କରୁଣୀ ରାଉତ, ଜା- ପଧାନ ସା- ପୁରୁଷୋତ୍ତମପୁର |
| ୭ | ୪୨୦ | ୦.୧୧୦ | ୦.୦୩୦ | ଶାରଦ-୧ | ହରେକୃଷ୍ଣ ବସନ୍ତିଆ, ପି- କସ୍ତୁରୀ ବସନ୍ତିଆ କିସ୍ମତ ୫ ଅଣା ୪ ପାହି, ପୂର୍ଣ୍ଣାନ୍ଦ ବସନ୍ତିଆ, ପି- ଗୋବିନ୍ଦ ବସନ୍ତିଆ କିସ୍ମତ ୫ ଅଣା ୪ ପାହି, ଜା- ଚଷା, ସା- ମଣିକୁଣ୍ଡା, ବିଳାଶ ଚନ୍ଦ୍ର ସ୍ୱାଇଁ, ପି- ବାଳକୃଷ୍ଣ ସ୍ୱାଇଁ କିସ୍ମତ ୫ ଅଣା ୪ ପାହି, ଜା- ଚଷା, ସା-ନିଜଗାଁ |
| | ୪୨୪ | ୦.୧୦୦ | ୦.୦୨୦ | | |
| | ୪୨୯ | ୦.୩୩୦ | ୦.୦୪୦ | | |
| ୧୧୯ | ୪୦୨ | ୦.୦୫୦ | ୦.୦୫୦ | ବିଆଳି ଦୋଫସଲ | ଅଗଣୀ ବସନ୍ତିଆ, ସ୍ୱା- ଧଡି ବସନ୍ତିଆ, ଜା- ପଧାନ, ସା- ନିଜଗାଁ |
| ୬୧୪/ ୩୧୮ | ୫୩୯ | ୦.୦୯୦ | ୦.୦୩୦ | ଘରବାରି | କୈଳାସ ଚନ୍ଦ୍ର ସାହୁ, ପି- ମଧୁସୂଦନ ସାହୁ, ଜା- ବଣିଆ, ସା- କୁଣ ସାମିଲ- ମାର୍ଶାଘାଇ |
| ୪୭୨ | ୪୦୧ | ୦.୩୧୦ | ୦.୦୭୦ | ବିଆଳି ଦୋଫସଲ | ମହନୀ ରାଉତ, ପି- ମହେଶ୍ୱର ରାଉତ, ଜା-ଖଣ୍ଡାୟତ, ସା- ନିଜଗାଁ |
| | ୪୧୯ | ୧.୧୬୦ | ୦.୦୭୦ | ଶାରଦ-୧ | |
| ୧୯୦ | ୩୮୧ | ୦.୧୪୦ | ୦.୦୪୦ | ବିଆଳି ଦୋଫସଲ | କେଶବ ରାଉତ, କାହ୍ନୁ ଚରଣ ରାଉତ, ବେଣୁଧର ରାଉତ, ପି- ନେତ୍ରାନନ୍ଦ ରାଉତ, ଜା- ପଧାନ, ସା- ପୁରୁଷୋତ୍ତମପୁର |
| | ୩୮୩ | ୦.୨୩୦ | ୦.୦୩୦ | ବିଆଳି ଦୋଫସଲ | |
| ୩୧୮ | ୫୦୩ | ୦.୧୪୦ | ୦.୦୯୦ | ଶାରଦ-୧ | ଶ୍ରୀ ଗ୍ରାମଦେବତୀ ଖରାଖାଇ ଠାକୁରାଣୀ ବିଜେ ନିଜଗାଁ ସମସ୍ତ ଗ୍ରାମବାସୀଙ୍କ ପକ୍ଷେ ମାର୍ଫତ ନଟବର ସ୍ୱାଇଁ, ପି- ଦୁଃଖେଇ ସ୍ୱାଇଁ, ଅର୍ଜୁନ ଚରଣ ପ୍ରଧାନ, ପି- ରମାନାଥ ପ୍ରଧାନ, ନୀଳମଣି ବେହେରା, ପି- ସାମ ବେହେରା, ଜା- ପଧାନ, ସା- ନିଜଗାଁ, ଦଇତାରୀ ମଲ୍ଲ ପି- ଯୋଗୀ ମଲ୍ଲ, ଜା- ମହାଲାୟକ, ସା- ନିଜଗାଁ |
| ୨୭ | ୪୬ | ୬.୧୩୦ | ୦.୧୦୦ | ଶାରଦ-୨ | ଶ୍ରୀ ବାସୁଦେବ ଜୀଉ ବିଜେ ନିଜଗାଁ ମାର୍ଫତ ଚକ୍ରଧର ମଲ୍ଲ, ପି- ଦାମୋଦର ରାୟ, ଭାବଗ୍ରାହୀ ମଲ୍ଲ, ପି- ଡମ୍ବରୁଧର ମଲ୍ଲ, ଜା- ମହାଲାୟକ ସା- ନିଜଗାଁ, କିସମତ ୧୦ ଅଣା ଦୁଃଖୀଶ୍ୟାମ ମଲ୍ଲ, ପି- ଧୋବେଇ ମଲ୍ଲ, ସୁରେଶ ଚନ୍ଦ୍ର ମଲ୍ଲ, ବଂଶୀଧର ମଲ୍ଲ, ପି- ଶୀବ ଚରଣ ମଲ୍ଲ, ଜା- ମହାଲାୟକ, ସା- ନିଜଗାଁ |
| ୬୧୪/ ୩୦୮ | ୪୦୪/ ୨୦୭୩ | ୦.୨୫୦ | ୦.୧୫୦ | ଶାରଦ ଦୋଫସଲ-୧ | କସ୍ତୁରୀ ମାଝୀ, ପି- ବିଶ୍ୱାଳ ମାଝୀ, ଜା- କୈବର୍ତ୍ତ, ସା- ପୁରୁଷୋତ୍ତମପୁର |
| ୬୧୪/ ୩୦୮ | ୪୦୪/ ୨୦୭୪ | ୦.୧୦୦ | | ଶାରଦ ଦୋଫସଲ-୧ | |
| ୬୧୪/ ୪୪୬ | ୪୦୪ | ୦.୩୫୦ | | ଶାରଦ ଦୋଫସଲ-୧ | ଯଯତି କେଶରୀ ସେଠୀ, ପି- ଶରତ ଚନ୍ଦ୍ର ସେଠୀ, ଜା- ଧୋବା, ସା- ପୁରୁଷୋତ୍ତମପୁର |
| ୬୧୪/ ୩୩୬ | ୫୩୫ | ୦.୪୧୦ | ୦.୦୨୦ | ଶାରଦ-୧ | ଶ୍ରୀ ଭାଗବତ ବାସୁଦେବ ବିଜେ ନିଜଗୃହ ମାର୍ଫତ ରନେନ୍ଦ୍ର କୁମାର ସ୍ୱାଇଁ, ପି- ପୂର୍ଣ୍ଣାନ୍ଦ ସ୍ୱାଇଁ, ସା- ମାର୍ଶାଘାଇ, କମଳାକାନ୍ତ ସାହୁ, ପି- ଫକୀର ଚରଣ ସାହୁ, ଜା- ଖଣ୍ଡାୟତ, ସା- କୁସୁନପୁର |
| ୨୨୧ | ୪୪୫ | ୦.୧୬୦ | ୦.୦୫୦ | ଶାରଦ-୧ | ଶ୍ରୀ ଭାଗବତ ଗୋସାଇଁ ବିଜେ ମଣିକୁଣ୍ଡା ମାର୍ଫତ ଗୋପାଳ ଚରଣ ସ୍ୱାଇଁ, ଅନୀଳ କୁମାର ସ୍ୱାଇଁ, ପି- ମହନୀ ସ୍ୱାଇଁ, ଜା- ମହାଲାୟକ, ସା- ମଣିକୁଣ୍ଡା |
| ୧୦୦ | ୪୦୩ | ୦.୬୫୦ | ୦.୦୧୦ | ଶାରଦ ଦୋଫସଲ-୧ | ଶ୍ରୀ ମହାପ୍ରଭୁ ଗଣେଶ ଠାକୁର ବିଜେ ନିଜଗୃହ ମାର୍ଫତ ସାଧୁ ଚରଣ ସାହୁ, ପି- ମହନି ସାହୁ, ଜା- ଗୁଡିଆ ସା- ମଡିଆଳ, ଥାନା- କେନ୍ଦ୍ରାପଡା |
| | | ମୋଟ | ୩.୪୩୦ | | |

24040/14/0028/1819

ସ୍ୱା./– ଭୂ-ଅର୍ଜନ ସ୍ୱତନ୍ତ୍ର ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ, କେନ୍ଦ୍ରାପଡା

# ବଟକୃଷ୍ଣ ସ୍ମାରକୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ




ଅତିଥି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

**ବାଲିଆ,୨୨।୧୨**

ବିରିଡ଼ି ବ୍ଲକ ବାଲିଆଠାରେ ଶନିବାର ବଟକୃଷ୍ଣ ସ୍ମାରକୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହାକୁ ତିର୍ତ୍ତୋଲର ପୂର୍ବତନ ବିଧାୟକ ରବୀନ୍ଦ୍ରନାଥ ଭୋଇ ଉଦ୍‌ଘାଟନ କରିଥିଲେ। ବାଲିଆ ଆନିସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ୮ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟକୁ ଆନିସ କପ୍‌-୨୦୧୮ ଭାବେ ବିବେଚନା କରାଯାଇଛି। ଉଦ୍‌ଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥପୁର ସେବା ସମବାୟ ସମିତି ସଭାପତି ବିକ୍ରମ ସାହୁ, ସାମାଜିକ କର୍ମୀ ଅରବିନ୍ଦ ସାହୁ ଓ ବିଜୟ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ମୋଟ୍ ୧୬ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଦଣ୍ଡିଲୋ କ୍ରିକେଟ ଟିମ ଓ ବଡ଼ଖଣ୍ଡୟତା କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ସୂର୍ଯ୍ୟନାରାୟଣ ସାହୁ, ମନୋଜ କୁମାର ପୃଷ୍ଟି, ରତିକାନ୍ତ ବେହେରା, ରାଜେନ୍ଦ୍ର ବାରିକ, ଲୋକନାଥ ସାହୁ, ସତ୍ୟାନନ୍ଦ ଦାସ, ଚିତ୍ତରଞ୍ଜନ ପାତ୍ର, ରଞ୍ଜନ କୁମାର ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି। ଶନିବାର ପ୍ରିକ୍ୱାର୍ଟର ଓ କ୍ୱାର୍ଟର ଫାଇନାଲ ହୋଇଥିଲା। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ହେବ। ଅମ୍ପାୟାର ଏସ.କେ. ଫାରୁକ, ରମାକାନ୍ତ ସାହୁ, ଦିଲୀପ ତରାଇ ଓ ପାର୍ଥସାରଥି ଖେଳ ପରିଚାଳନା କରିଥିଲେ।

# ଭାଜପାର ସାଙ୍ଗଠନିକ ବୈଠକ

**ତିର୍ତ୍ତୋଲ, ୨୨।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ ବୋଧେଇ ପଞ୍ଚାୟତରେ ଭାଜପାର ସାଙ୍ଗଠନିକ ବୈଠକ ଓ ବୁଥ କମିଟି ପୁର୍ନଗଠନ ହୋଇଛି। ପଞ୍ଚାୟତ ପ୍ରମୁଖ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ଯୁବ ମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ, ପ୍ରଭାରୀ ଉପେନ୍ଦ୍ର ବିଶ୍ୱାଳ, ଜିଲା ଉପସଭାପତି ଯୁଗଳ କିଶୋର ପ୍ରଧାନ, ବିସ୍ତାରକ ସୁଶାନ୍ତ ବେହେରା, ତିର୍ତ୍ତୋଲ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଶିବପ୍ରସାଦ ସାହୁ, ପିପଳମାଧବ ପଞ୍ଚାୟତ ପ୍ରଭାରୀ ସମର କୁମାର ସାମଲ ଓ ଦଳିତ ମୋର୍ଚ୍ଚା ସଭାପତି ସୁରେନ୍ଦ୍ରନାଥ ମଲ୍ଲିକ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ କହିଥିଲେ। ପରେ ବୁଥ କମିଟି ପୁର୍ନଗଠନ ହୋଇଥିଲା। ଏଥିରେ ନିର୍ବାଚନ ମଣ୍ଡଳୀର ବୁଥ ନଂ.୫୮ର ସଭାପତି ଭାବେ ଉମାକାନ୍ତ ସାହାଣୀ, ଉପସଭାପତି ସୀମାରାଣୀ ମଲ୍ଲିକ ଓ ଜଗନ୍ନାଥ ନାୟକ, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ସମ୍ପାଦକ ସଂଗ୍ରାମ ବେହେରା ଓ ମାମା ପରିଡା, ବୁଥ ନଂ.୫୯ର ସଭାପତି ଶିବପ୍ରସାଦ ସାହୁ, ଉପସଭାପତି ରେବତୀ ନାୟକ ଓ ଅଭିମନ୍ୟୁ ନାୟକ, ସାଧାରଣ ସମ୍ପାଦକ ସରୋଜ ସେଠୀ, ସମ୍ପାଦକ ଭାବେ ହେମନ୍ତ କୁମାର ସେଠୀ ଓ ଖୁଲଣା ନାୟକ ଚୟନ ହୋଇଥିଲେ। ବୁଥନଂ ୬୨ର ସଭାପତି ଦିବ୍ୟସିଂହ ସେନାପତି, ଉପସଭାପତି ରଶ୍ମିତା ବିଶ୍ୱାଳ ଓ ବିଭୁତିଭୂଷଣ ବିଶ୍ୱାଳ, ସାଧାରଣ ସମ୍ପାଦକ ସାମନ୍ତରାୟ ଜଗନ୍ନାଥ ଦାସ, ସମ୍ପାଦକ ଅନ୍ତର୍ଯ୍ୟାମୀ ସ୍ୱାଇଁ ଓ ଲକ୍ଷ୍ମୀ ମହାରଣା, ବୁଥନଂ ୬୩ର ସଭାପତି ରଶ୍ମିରଞ୍ଜନ ନାୟକ, ଉପସଭାପତି ବୈଷ୍ଣବ ସାହୁ ଓ ଅହଲ୍ୟା ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଧିରେନ୍ଦ୍ର ଖୁଣ୍ଟିଆ ଓ ମଞ୍ଜୁଲତା ଦାସଙ୍କୁ ଚୟନ କରାଯାଇଥିଲା।


## DISTRICT RURAL DEVELOPMENT AGENCY, DHENKANAL

At: Mahisapat, PO/Dist.: Dhenkanal - 759001
Tel. No. (06762) 224506, Fax No.: (06762) 226085,
Email: ori-ddhenkanal@nic.in

No. 5331 Dt.22.12.2018

**NOTICE**

Pursuant to Govt.-in- PR & DW Department, Odisha, Bhubaneswar Notification No.24194 dtd.18.12.2018 & this office notice No. 4886 dtd. 24.11.2018 & 5247 dtd.18.12.2018, it is to inform all GRSs in Dhenkanal District that if they will not resumed their duty by 5 PM on 27.12.2018, their contract will be terminated and dis-engaged from the post of GRS.

**Sd./- Collector, Dhenkanal**

## ODISHA HYDRO POWER CORPORATION LTD.

**(A Government of Odisha Undertaking)**
**Regd. Office: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANPATH, BHOINAGAR, BHUBANESWAR – 751022, Tel: 91 -0674-2542983, 2542802, 2545526, Fax- 2542102, E-mail – ohpc.co@gmail.com**
**CIN : U40101OR1995SGC003963**

**No.: OHPC: TECH: C&P: 30/2018-19/ 12521 /Date: 19.12.2018**

**NOTICE INVITING TENDER**

**No.CAD-1155:-** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the authorized dealers/ reputed firms for the following materials as mentioned below.

| TCN No. | Description of Services | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|---|
| 30/ 2018-19 | Procurement of A.C. machines and accessories | 2360.00(2000.00+ GST@18%) | 4000.00 |

For details of the tender documents, terms & conditions please visit our website www.ohpcltd.com from 28.12.2018.

**04012/11/0029/1819** **AGM (C&P)**

## OFFICE OF THE MUNICIPAL COUNCIL: SUNDARGARH

NO. 5674 Dt.22.12.2018

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

**Bid Reference No. SNGM-14/2018-19/Dt.22.12.2018**

On behalf of the Sundargarh Municipality, on-line e-tender Percentage Rate Bids are invited by the Executive Officer, Sundargarh Municipality in Two Bid system (Part-I: General & Technical Bid and Part-II: Price Bid) from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works.

1. Total No. of works for which Tenders invited: 1 No.
2. Place of Execution: Inside of Sundargarh Municipality.
3. Estimated Cost of work: Rs. 62,62,309/-
4. Eligible Class of Contractors: Registered Contractors of Class- 'B' to Class- 'A' as indicated against the work mentioned in the Tender Call Notice.
5. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
ରାଜଧାନୀର ଫରେଷ୍ଟପାର୍କ ସତ୍ୟନଗର ୟୁନିଟ-୮ ସିରିପୁର, ୟୁନିଟ୍-୬ କଳ୍ପନାରେ ତଳମହଲା ଘର ଆବଶ୍ୟକ। 7750899392, 8249431114. D-64669




Shivam logistic packers movers. Household/ car relocation countrywide. 9777044177, 9338461133. D-9832




Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Experience full body massage with us by expert Enquiry: 06742597822, 7377048581. D-65250

Herbal full body massage by smart/ expert therapist. Contact: 8338067247. D-65251

Newly opening ayurvedic massage smart therapist, Shree herbal. 7750020754. D-65252

Pamper yourself this Mansoon professional massage. Contact Purple Orchid. 9776598888.D-65253

Improving your health, skin care through expert therapist, excellent offer. 9668374480. D-65254

Herbal full body massage with refreshment by well trained therapist. 7381239385. D-65255

Ayurvedic full body massage ladies/ gents smart experts therapist. 9114697517. D-64666

Saishree ayurvedic full body massage ladies & gents. Contact: 7438896074. D-64667

Physiotherapy, full body massage by trained ladies/ gents therapist: 7008773793. D-65411

Ayurvedic full body massage ladies/ gents experts therapist. 9040900385, 9778137131. D-64668

Experienced full body massage with us by experts. Enquiry: 06742597822, 7377048581. D-65256




Get positive result of Home/ Shop / Factory Vastu correction with Scientific remedies. 9853391108. D-65098




ପଣ୍ଡିତ ଶ୍ରୀ ରାଜକିଶୋର ଷଡ଼ଙ୍ଗୀ ଲୀଳାବତୀସୂତ୍ର, ପ୍ରତ୍ୟଙ୍ଗିରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379. D-60934

## AFFIDAVIT

I Nalini Prava Sarangi Daughter of Late Pitabasa Sarangi, Vill- Tangi, Cuttack has changed my name to Ritaja Nanda Saraswati by affidavit before the Executive Magistrate, Bhubaneswar. D-64206

### ଜନ୍ମଦିନ ଶୁଭେଚ୍ଛା



(ମାମାଲି)

**ସୁଦ୍ରୀ ସୋମ୍ୟା ସାହୁ**

ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର

ସୁଦ୍ରୀର ଶୁଭ ଜନ୍ମଦିନରେ ଆମେ ସପରିବାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନୀରୋଗ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ ଓ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ମାମା, ବଡବାପା, ବଡମା, ଦାଦା, ଖୁଡୀ, ମାମୁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ, ଜିତୁ ଭାଇ, ଅମୁ ଭାଇ, ବୁବୁ ଭାଇ, ବାବୁଲା ଭାଇ, ଅରୁଣ ଭାଇ, ବବୁଲୁ ଭାଇ, ଜଗା ଭାଇ, ଚନ୍ଦନ ଭାଇ, ବାପି ଭାଇ, ସିପୁ ଭାଇ, ଗୁଡୁ ଭାଇ, ଆୟୁଷ, ସାଇ ଓ ମାନୀ ନାନୀ, ଲିଜୁ ନାନୀ, ଶିଖା ନାନୀ, ଶ୍ରୁତି, ସ୍ୱାଇଲୀ, ପାୟଲ। ଧ-୧୦୧୨୩

### ୫ମ ଜନ୍ମଦିନ ଶୁଭେଚ୍ଛା



**ରାଗ୍ଭି ପୁରୁଷୋତ୍ତମ**

ପଟ୍ଟନାୟକପଡା, ସମ୍ବଲପୁର

ଆଜି ତୋର ୫ମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ କୁସୁମିତ କରନ୍ତୁ ଏବଂ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ସମସ୍ତ ପରିବାର ତୋର ସୁସ୍ଥ, ଦୀର୍ଘ ଜୀବନ କାମନା କରୁଛୁ। ଶୁଭେଚ୍ଛା ସହ: ପାପା, ମା, ବାବା, ମାମା, ଅଜା, ଆଈ, ନିଶି ଅପା, ବାବୁ ଭାଇ, ପୂଜା ଅପା, କୁନୁ ପିଉସା, ମାମୁ, ମାଇଁ, ପଣ୍ଟୁ ଦାଦା ଏବଂ ଆହାନ୍ ଭାଇ। ଧ-୬୨୪୬୦

### 3rd Birthday Wish



(ଭୂମି)

**Prangya Priyadarshini Mohapatra**

Kendubilow, Khordha

ଆଜି ତୋର ତୃତୀୟ ଜନ୍ମବାର୍ଷିକରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେବା ସହିତ ଆଗାମୀ ଦିନଗୁଡିକ ମଙ୍ଗଳମୟ ହେଉ।

ଶୁଭେଚ୍ଛା ସହ:

**Loving Papa & Sweet Mama.**

D-10110

### ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



(ଆଶିଷ)

**କୌଶିକ କୁମାର ସୂତାର**

ଗ୍ରାମ- ଗୋଖଣୀ, କେନ୍ଦ୍ରାପଡ଼ା

ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକ ଅବସରରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାପା, ବୋଉ, ଅଜା, ମାମୁ, ମାଇଁ ଓ ପରିବାରବର୍ଗ। ଧ-୬୫୪୧୩

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ସୁଫାଲି (ସ୍ନେହା)**

ତୋର ଏହି ତୃତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ଏବଂ ତୋତେ ଦୀର୍ଘାୟୁ କରନ୍ତୁ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ, ବାବା, ମାମା, ବଡବାପା, ବଡବୋଉ, ମାମୁ, ଆଦି କ୍ରିଷ୍ଣା ଓ ପରିବାରବର୍ଗ। ଧ-୫୯୮୪୨

### Birthday Wish



(Shanu)

**Shaan**

**Happy Birthday to you**

Baniapat, Keonjhar

Many many happy returns of the day.

**Best wishes from**

Linu Aunty. D-10185

### ଜନ୍ମଦିନ ଶୁଭେଚ୍ଛା



(ଗେଲୁ)

**ମାନସୀ**

ଜୀବନ କାନନେ ତୁ ସୁନାଫୁଲ/ ଜିତି ସବୁ ମନ ପାଉଥା ଗେଲ- ନମିତା, ସୂଚୀ, ସୁପ୍ରିୟା, ଚିନୁ, ଟୋନି, ରମ୍ଭା ଦିଦି, ଝରଣା ଦିଦି, ଅନ୍ୟ ସାଙ୍ଗସାଥୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୧୮୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ନୟନା କୁମାରୀ ନନ୍ଦ**

ଜୟବଡ଼,ଜଗତ୍‌ସିଂହପୁର

ଆବିର୍ଭାବ: ୦୫।୧୨।୧୯୫୫

ତିରୋଧାନ: ୧୩।୧୨।୨୦୧୮

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ସର୍ବଦା ଦିଗ୍‌ଦର୍ଶନ ଦେଉଥାଉ। ଶୋକସନ୍ତପ୍ତ: ସ୍ୱାମୀ- ହରେକୃଷ୍ଣ, ପୁଅ- ମନୋରଞ୍ଜନ, ପ୍ରିୟରଞ୍ଜନ ଓ ସ୍ମୃତିରଞ୍ଜନ, ବୋହୂ- ମୋନାଲିଶା, ଶାଶ୍ୱତୀ ଓ ସନ୍ଧ୍ୟାଶ୍ରୀ, ଝିଅ- ପ୍ରଭାତୀ ଓ ସୁଷମା, ଜ୍ୱାଇଁ- ଗଣେଶ ଓ ରାମଚନ୍ଦ୍ର, ନାତିନାତୁଣୀ- ଢୁଢୁଲ, ଗୁଡୁଲି, ତିତିଲି ଓ ଲାଡିଲି, ବନ୍ଧୁ ଓ ପରିବାରବର୍ଗ। ଧ-୧୦୧୮୬

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଗଙ୍ଗାଧର ସାହୁଶର୍ମା**

(ଗଙ୍ଗା ଭାଇନା)

ବିଶିଷ୍ଟ ସମାଜସେବୀ ତଥା

ICP Commendor

ମଙ୍ଗଳାମୁଣ୍ଡି ଲେନ୍, ବାଲିସାହି, ପୁରୀ

ଚାହୁଁ ଚାହୁଁ ଦଶଦିନ ବିତିଗଲା। ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ତୁମ୍ଭେ ଚାଲିଗଲ ସବୁଦିନ ପାଇଁ। ତୁମ ସ୍ମୃତିରେ ଆଜି ବି ସମସ୍ତେ ଲୁହ ଝରାଉଛନ୍ତି। ତୁମେ ଯେଉଁଠି ବି ଥାଅ ତୁମର ଆଶୀର୍ବାଦ ଆମ ପ୍ରତି ସବୁବେଳେ ରହିଥାଉ। ତୁମର ସ୍ନେହର ଆଦରର ପତ୍ନୀ, ପୁତ୍ର, କନ୍ୟା, ପ୍ରିୟଭ୍ରାତା ଓ ଭଗ୍ନୀମାନେ, ସ୍ନେହର ଲୁଲୁ, ନୃସିଂହ ସୁଇଟ୍‌ସ୍, ପଦ୍ମିନୀ ଲଜ୍ ତଥା ସମସ୍ତ ଶୁଭେଚ୍ଛୁବୃନ୍ଦ। ଧ-୬୩୪୪୩

### Ekadasaha



**Late Kali Prasad Das**

DOB: 25.03.1938

DOD: 13.12.2018

Your memories, love and blessings remind us your presence every moment in our lives. May your soul rest in peace. Waiting for your participation: Swarup Das (Litua), Family, Friends and Relatives. D-65416

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ରଘୁନାଥ ରାଉତ**

ଲକ୍ଷ୍ମୀସାଗର କଲୋନୀ, ଭୁବନେଶ୍ୱର

ଆବିର୍ଭାବ: ୦୨।୦୧।୧୯୪୭

ତିରୋଧାନ: ୧୩।୧୨।୨୦୧୮

ଅବସରପ୍ରାପ୍ତ ଅନୁସଚିବ, ଗୃହ ବିଭାଗ, ରାଜ୍ୟ ସଚିବାଳୟ, ଭୁବନେଶ୍ୱର

ବିଶ୍ୱାସ ହେଉନାହିଁ ଯେ ଆପଣ ଆମ ଗହଣରେ ନାହାନ୍ତି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନୀତି ଓ ଆଦର୍ଶ ଆମମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ସୌଦାମିନୀ, ପୁତ୍ର- ଶ୍ରେୟମ, ତ୍ରିଦଶ୍, ପୁତ୍ରବଧୂ- ମମତା, ମନସ୍ୱିତା, ଝିଅ- ସାୟଂଜ୍ୟୋତି, ଅହଂଜ୍ୟୋତି, ଜ୍ୱାଇଁ- ଅଶୋକ, ରବିରଞ୍ଜନ, ନାତି/ନାତୁଣୀ- ପ୍ରତୀକ, ସୌମ୍ୟା, ଋତୁପର୍ଣ୍ଣା, ସମାଦ୍ରିତା, ପୂର୍ଣ୍ଣାପୂରବୀ। ଧ-୧୦୦୮୭

### ଏକାଦଶାହ ଉପଲକ୍ଷେ

**ଶ୍ରଦ୍ଧାଞ୍ଜଳି**



**୰ ରବିରତ୍ନ ଦାସ**

**N1/A21, IRC Village, BBSR**

ଆବିର୍ଭାବ - ୧୭.୦୪.୧୯୩୯

ତିରୋଧାନ - ୧୩.୧୨.୨୦୧୮

ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କରନ୍ତୁ।

-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-

ବନ୍ଧୁ ଓ ପରିବାରବର୍ଗ

ଧ-୬୫୨୭୨

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



"ଜିଏସ୍‌ଟିର ନୂଆ ରିଟର୍ନ ଫାଇଲିଂ ସିଷ୍ଟମକୁ ପରୀକ୍ଷଣ ଭିତ୍ତିରେ ୨୦୧୯ ଏପ୍ରିଲଠାରୁ ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଜୁଲାଇ ପହିଲାରୁ ବାଧ୍ୟତାମୂଳକ ଭାବେ ଲାଗୁ ହେବ।
– ଅଜୟ ଭୂଷଣ ପାଣ୍ଡେ, ରାଜସ୍ୱ ସଚିବ



"୩୨ ଇଞ୍ଚ ସ୍କ୍ରିନ ସାଇଜର ଟିଭି ଉପରେ ଜିଏସ୍‌ଟି ହ୍ରାସ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ମାତ୍ର ଏସି ଉପରେ କୌଣସି ଟିକସ କମି ନ ଥିବାରୁ ଏହା ଦ୍ୱାରା ଶିଳ୍ପ ପ୍ରଭାବିତ।
– କମଲ ନନ୍ଦୀ, ସଭାପତି, କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ସଂଘ

## ସଂକ୍ଷେପରେ

### ଜିଏସ୍‌ଟି ହ୍ରାସ ନିଷ୍ପତ୍ତିକୁ ସିନେମା ଶିଳ୍ପର ସ୍ୱାଗତ

ନୂଆଦିଲ୍ଲୀ,୨୨-୧୨(ପି.ଟି.): ସିନେମା ଟିକେଟ ଉପରେ ଜିଏସ୍‌ଟି ହ୍ରାସ ନେଇ ଜିଏସ୍‌ଟି ପରିଷଦ ଶନିବାର ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ସିନେମା ଶିଳ୍ପ ସ୍ୱାଗତ କରିଛି। ଏହା ଦ୍ୱାରା ସିନେମା ଦେଖିବା ସୁଲଭ ହେବ ବୋଲି ମଲ୍ଟିପ୍ଲେକ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ(ଏମ୍ଆଇଏ) ଶନିବାର ସୂଚନା ଦେଇଛି। ନୂଆ ନିଷ୍ପତ୍ତି ମୁତାବକ ୧୦୦ ଟଙ୍କା ପର୍ଯ୍ୟନ୍ତ ସିନେମା ଟିକେଟ ଉପରେ ଜିଏସ୍‌ଟି ୧୮%ରୁ ୧୨%କୁ ଖସିଛି। ୧୦୦ ଟଙ୍କାରୁ ଅଧିକ ଦାମର ଟିକେଟ ପାଇଁ ପୂର୍ବରୁ ୨୮% ଜିଏସ୍‌ଟି ଦେବାକୁ ପଡୁଥିବା ବେଳେ ବର୍ତ୍ତମାନ ଏଥି ଲାଗି ୧୮% ଜିଏସ୍‌ଟି ଦେବାକୁ ପଡ଼ିବ। ଏହା ସିନେମା ଦେଖିବାକୁ ଆହୁରି ସୁଲଭ କରିବ ବୋଲି ଏମ୍ଆଇଏର ସଭାପତି ଦୀପକ ଆସେର ସୂଚନା ଦେଇଛନ୍ତି।

### ବିତ୍ତୀୟ ଶୃଙ୍ଖଳାକୁ ନେଇ ସତର୍କ କରାଇଲେ ଅର୍ଥ କମିଶନ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୨-୧୨(ପି.ଟି): ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଅର୍ଥ କମିଶନର ଅଧ୍ୟକ୍ଷ ଏନ.କେ. ସିଂ ସରକାରଙ୍କୁ ଶନିବାର ସତର୍କ କରାଇଛନ୍ତି। ଏହା ଦେଶର ଅର୍ଥନୈତିକ ଢାଞ୍ଚାଗତ ସ୍ଥିରତା ଏବଂ ନିବେଶ ପରିବେଶ ଉପରେ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି। ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ଭଳି ରାଜ୍ୟରେ ନୂଆ ସରକାର ଆସିବା ସହ ସେଠାରେ କୃଷି ଋଣ ଛାଡ ଘୋଷଣା ହୋଇଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ କୃଷି ଋଣ ଛାଡ଼ କରିବା ସ୍ଥିତିରେ ରହିଛନ୍ତି। ଏହି ପ୍ରସଙ୍ଗ ଉପରେ ସିଂ ନିଜର ପ୍ରତିକ୍ରିୟା ରଖିଛନ୍ତି। ଏଭଳି ନିଷ୍ପତ୍ତି ନେବା ବେଳେ ଅନେକ ରାଜ୍ୟ ବିତ୍ତୀୟ ଶୃଙ୍ଖଳା ପ୍ରସଙ୍ଗକୁ ଭୁଲି ଯାଉଛନ୍ତି। ଏହା ପୂର୍ବରୁ ଦେଖାଯାଇ ନ ଥିବା ସେ କହିଛନ୍ତି। ସେହିଭଳି ସାଙ୍ଗଠନିକ ମେକାନିଜମ ଦ୍ୱାରା କେନ୍ଦ୍ର ରାଜ୍ୟ ମଧ୍ୟରେ ରହିଥିବା ସମ୍ପର୍କ ଦୃଢୀକରଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସଂସ୍କାର ଧାରାକୁ ତ୍ୱରାନ୍ୱିତ କରିବା ନେଇ ସେ ମତ ରଖିଛନ୍ତି। ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ଦେଶର ସାଙ୍ଗଠନିକ ଢାଞ୍ଚାକୁ ପୁଣି ଥରେ ବିଚାର କରାଯିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟ ଏଥିରେ ସୂଚନା ଦେଇଛନ୍ତି।

## ସର୍ବନିମ୍ନ ବାଲାନ୍ସ ଜରିମାନା

# ବ୍ୟାଙ୍କ ଆଦାୟ କରିଛନ୍ତି ୧୦,୦୦୦ କୋଟି

ନୂଆଦିଲ୍ଲୀ,୨୨-୧୨

ସଞ୍ଚୟ ଜମା ଖାତାରେ ସର୍ବନିମ୍ନ ବାଲାନ୍ସ ନ ରଖିବା ଏବଂ ଫ୍ରି ଟ୍ରାଞ୍ଜାକଶନଠାରୁ ଅଧିକ ଥର ଏଟିଏମ୍ ଉଠାଣ ନେଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଚାର୍ଜ ବାବଦକୁ ୧୦,୦୦୦ କୋଟି ଟଙ୍କା ଆଦାୟ କରିଛନ୍ତି। ଗତ ସାଢେ ୩ ବର୍ଷ ମଧ୍ୟରେ ଏହି ଅର୍ଥ ଆଦାୟ ହୋଇଥିବା ସରକାର ସଂସଦକୁ ସୂଚନା ଦେଇଛନ୍ତି। ୨୦୧୫-୧୬ ଆର୍ଥିକ ବର୍ଷରୁ ୨୦୧୮-୧୯ ବର୍ଷ ମଧ୍ୟରେ ବ୍ୟାଙ୍କଗୁଡ଼ିକ ସର୍ବନିମ୍ନ ବାଲାନ୍ସ ଚାର୍ଜ ବାବଦକୁ ୬୨୨୪ କୋଟି ଟଙ୍କା ଆଦାୟ କରିଛନ୍ତି। ସେହିଭଳି ଏଟିଏମ୍ ଚାର୍ଜ ବାବଦକୁ ୪୧୪୫ କୋଟି ଟଙ୍କା ବ୍ୟାଙ୍କ ଆଦାୟ ହୋଇଛି। ଏହି ଦୁଇଟି ବାବଦରେ ବ୍ୟାଙ୍କଗୁଡ଼ିକ ୧୦,୩୯୧ କୋଟି ଟଙ୍କା ଚାର୍ଜ ନେଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ସର୍ବନିମ୍ନ ବାଲାନ୍ସ କଥା ବିଚାର କଲେ ଚାର୍ଜ ବାବଦକୁ ଏସ୍‌ବିଆଇ ୨୮୯୪ କୋଟି ଟଙ୍କା ଆଦାୟ କରିଥିବା ବେଳେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୪୯୩ କୋଟି, କାନାରା ବ୍ୟାଙ୍କ ୩୫୨ କୋଟି, ସେଣ୍ଟ୍ରାଲ ବ୍ୟାଙ୍କ ୩୪୮ କୋଟି ଏବଂ ବ୍ୟାଙ୍କ ଅଫ ବରୋଦା ୩୨୮ କୋଟି ଟଙ୍କା ଗ୍ରାହକଙ୍କଠାରୁ ଚାର୍ଜ ନେଇଛନ୍ତି।

ସେହିଭଳି ଏଟିଏମ୍ ଚାର୍ଜ ବାବଦରେ ଏସ୍‌ବିଆଇ ୧୫୫୪ କୋଟି, ବ୍ୟାଙ୍କ ଅଫ୍ ଇଣ୍ଡିଆ ୪୬୪ କୋଟି, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୩୨୩ କୋଟି, ୟୁନିୟନ ବ୍ୟାଙ୍କ ୨୪୧ କୋଟି ଏବଂ ବ୍ୟାଙ୍କ ଅଫ୍ ବରୋଦା ୧୮୩ କୋଟି ଟଙ୍କା ଚାର୍ଜ ବାବଦରେ ନେଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ବେସିକ ସେଭିଂ ଆକାଉଣ୍ଟ ଏବଂ ଜନଧନ ଖାତାରେ ସର୍ବନିମ୍ନ ବାଲାନ୍ସ ରଖିବାର ନିୟମ ଲାଗୁ ହୋଇ ନାହିଁ। ଏହି ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ବୃହତ୍ ପରିମାଣର ଅର୍ଥ ଗ୍ରାହକଙ୍କଠାରୁ ଆଦାୟ କରିଥିବା ବେଳେ ଘରୋଇ ବ୍ୟାଙ୍କ ମଧ୍ୟ ଏହାଠାରୁ ପଛରେ ନାହାନ୍ତି। ଘରୋଇ ବ୍ୟାଙ୍କଗୁଡ଼ିକ କେତେ ପରିମାଣର ଅର୍ଥ ସଂଗ୍ରହ କରିଛନ୍ତି ସେ ନେଇ ସରକାର କୌଣସି ସୂଚନା ଦେଇ ନାହାନ୍ତି। ବ୍ୟାଙ୍କଗୁଡ଼ିକ ପ୍ରଦାନ କରୁଥିବା ସେବା ଉପରେ ବିଭିନ୍ନ ଚାର୍ଜ ଲାଗୁ କରିବା ଲାଗି ରିଜର୍ଭ ବ୍ୟାଙ୍କ ସେମାନଙ୍କୁ ଅନୁମତି ଦେଇଥିବା ଅର୍ଥ ମନ୍ତ୍ରଣାଳୟ କହିଛି। ଏହି ନିୟମକୁ ବ୍ୟାଙ୍କଗୁଡ଼ିକର ବୋର୍ଡ ଅନୁମୋଦନ ଦେଇଥାଏ। ମାତ୍ର ଏହି ଚାର୍ଜ ସହଜ ହେବା ସହ ଗ୍ରାହକଙ୍କୁ ଯେଭଳି କୌଣସି ଅଡୁଆରେ ନ ପକାଏ ତାହା ବ୍ୟାଙ୍କଗୁଡ଼ିକ ବିଚାର କରିବେ। ଏଟିଏମ୍ ବନ୍ଦ କରିବା ନେଇ କୌଣସି ବ୍ୟାଙ୍କଗୁଡ଼ିକର ଯୋଜନା ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

- ସାଢେ ୩ ବର୍ଷ ମଧ୍ୟରେ ଏହି ଅର୍ଥ ଆଦାୟ
- ଅଧିକ ଥର ଏଟିଏମ୍ ବ୍ୟବହାର ଚାର୍ଜ ସାମିଲ
- ଘରୋଇ ବ୍ୟାଙ୍କ ଚାର୍ଜ ତଥ୍ୟ ସରକାର ରଖି ନାହାନ୍ତି



ଏସ୍‌ବିଆଇ ୨୮୯୪ କୋଟି ଟଙ୍କା ଆଦାୟ କରିଥିବା ବେଳେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୪୯୩ କୋଟି, କାନାରା ବ୍ୟାଙ୍କ ୩୫୨ କୋଟି, ସେଣ୍ଟ୍ରାଲ ବ୍ୟାଙ୍କ ୩୪୮ କୋଟି ଏବଂ ବ୍ୟାଙ୍କ ଅଫ ବରୋଦା ୩୨୮ କୋଟି ଟଙ୍କା ଗ୍ରାହକଙ୍କଠାରୁ ଚାର୍ଜ ନେଇଛନ୍ତି।

# ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ହେବ: ଜେଟଲୀ

ନୂଆଦିଲ୍ଲୀ,୨୨-୧୨(ପି.ଟି)

ଚଳିତ ଆର୍ଥିକ ବର୍ଷରେ ସରକାର ଧାର୍ଯ୍ୟ ବିତ୍ତୀୟ ନିୟଣ୍ଟ ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହେବେ। ଜିଏସ୍‌ଟି ହାର ହ୍ରାସ ତଥା ରାଜସ୍ୱ କ୍ଷତି ସତ୍ତ୍ୱେ ଏହି ଲକ୍ଷ୍ୟକୁ ହାସଲ କରିବାକୁ ସରକାର ସମର୍ଥ ହେବେ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଶନିବାର ସୂଚନା ଦେଇଛନ୍ତି। ଶନିବାର ଜିଏସ୍‌ଟି ପରିଷଦ ବୈଠକରେ ୨୩ ସାମଗ୍ରୀ ଓ ସେବା ଉପରେ ଟିକସ ହ୍ରାସ ହୋଇଛି। ଏହି ନିଷ୍ପତ୍ତି ଫଳରେ ରାଜକୋଷ ଉପରେ ୫,୫୦୦ କୋଟି ଟଙ୍କାର ବୋଝ ପଡ଼ିବ। ଏପରି ସ୍ଥିତିରେ ରାଜସ୍ୱ ଲକ୍ଷ୍ୟ କଥା ବିଚାର କଲେ ପ୍ରତ୍ୟକ୍ଷ ଟିକସ ସଂଗ୍ରହର ସ୍ଥିତି ଭଲ ରହିଥିବା ଜେଟ୍‌ଲୀ କହିଛନ୍ତି। ସେହିଭଳି ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ଉନ୍ନତ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ପ୍ରସଙ୍ଗଗୁଡ଼ିକୁ ବିଚାର କଲେ ସରକାର ଧାର୍ଯ୍ୟ ବିତ୍ତୀୟ ନିୟଣ୍ଟ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ ବୋଲି ଆଶାବାଦୀ ରହିଥିବା ଜେଟଲୀ ପ୍ରକାଶ କରିଛନ୍ତି।

୨୦୧୭-୧୮ ବର୍ଷରେ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ୩.୫% ରଖିବାକୁ ସରକାର ବଜେଟ ସମୟରେ କହିଥିଲେ। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷ ଲାଗି ଏହାକୁ ୩.୩%ରେ ରଖିବାକୁ ନିଷ୍ପତ୍ତି ହୋଇଛି। ସଦ୍ୟତମ ସୂଚନା ମୁତାବକ ବିତ୍ତୀୟ ନିୟଣ୍ଟ ବଜେଟ ଆକଳନର ୧୦୩.୯% ରହିଛି। ନୂଆ ନିଷ୍ପତ୍ତି ଦ୍ୱାରା ବର୍ଷ ସାରା ୫,୫୦୦ କୋଟି ରାଜସ୍ୱ ହ୍ରାସ ଘଟିବ। ୩ ମାସରେ ଏହାର ଏକ ଚତୁର୍ଥାଂଶ ରାଜସ୍ୱ କମିବ ବୋଲି ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ସୂଚନା ଦେଇଛନ୍ତି।

## ହୋଣ୍ଡା ଟୁହ୍ୱିଲର୍ସ ବିକ୍ରି ୪୦ ନିୟୁତ ଟପିଲା





ଭୁବନେଶ୍ୱର,୨୨-୧୨

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ୪୦ ନିୟୁତ ଟପିଛି। କମ୍ପାନୀ ୧୮ ବର୍ଷରୁ କମ୍ ସମୟ ମଧ୍ୟରେ ଏହି ସଫଳତା ହାସଲ କରିଛି। ଭାରତରେ କାରବାର କରିବାର ୧୧ ବର୍ଷ ପରେ କମ୍ପାନୀ ୧୦ ନିୟୁତ ବିକ୍ରି ସ୍ତର ହାସଲ କରିବାକୁ ସକ୍ଷମ ହୋଇଛି। ପରବର୍ତ୍ତୀ ୧୦ ନିୟୁତ ଗ୍ରାହକଙ୍କୁ କମ୍ପାନୀ ୩ ବର୍ଷ ମଧ୍ୟରେ ଯୋଡ଼ି ପାରିଥିଲା। ପ୍ରଥମ ୧୪ ବର୍ଷରେ ୨୦ ନିୟୁତ ଗ୍ରାହକ ହୋଣ୍ଡା ସହ ଯୋଡ଼ି ହୋଇଥିବା ବେଳେ ପରବର୍ତ୍ତୀ ୪ ବର୍ଷରେ ଏହା ୨୦ ନିୟୁତ ଗ୍ରାହକଙ୍କ ନିଜ ସହ ସାମିଲ କରିପାରିଥିବା ସୂଚନା ଦେଇଛି। ହୋଣ୍ଡା ବ୍ରାଣ୍ଡକୁ ଭଲ ପାଇବା ଏବଂ ବିଶ୍ୱାସ ଦେଇଥିବା ୪୦ ନିୟୁତ ଗ୍ରାହକଙ୍କ ପାଇଁ ଗର୍ବିତ ବୋଲି କମ୍ପାନୀର ସଭାପତି ତଥା ସିଇଓ ମିନୋରୋ କାଟୋ କହିଛନ୍ତି।

## ହାପି ଉଇଥ ନିଶାନର ୧୦ମ ସଂସ୍କରଣ

ଭୁବନେଶ୍ୱର,୨୨-୧୨

ପ୍ରମୁଖ ଅଟୋ ନିର୍ମାତା ନିଶାନ ପକ୍ଷରୁ ସାରା ଦେଶରେ ହାପି ଉଇଥ ନିଶାନ ଅଭିଯାନର ଆରମ୍ଭ ହୋଇଛି। ଦେଶରେ ଥିବା ନିଶାନ ଏବଂ ଡାଟସନର ଡିଲରଶିପଗୁଡିକରେ ୧୪ରୁ ୨୪ ଡିସେମ୍ବର ମଧ୍ୟରେ ଏହି ସର୍ଭିସ କ୍ୟାମ୍ପ ଅନୁଷ୍ଠିତ ହେବ। ଦୀର୍ଘ ୯ ବର୍ଷ ଧରି ସଫଳ ଭାବେ ଏହି କାର୍ଯ୍ୟକ୍ରମକୁ କମ୍ପାନୀ ପରିଚାଳିତ କରି ଆସୁଛି। ଏହି ସମୟରେ ଗ୍ରାହକଙ୍କୁ ୬୦ ପଏଣ୍ଟ ମାଗଣା ଭେଇକିଲ ଚେକଅପ, ମାଗଣା ଟପ୍ ୱାଶ, ଆସେସୋରିଜ ଉପରେ ଆକର୍ଷଣୀୟ ରିହାତି, ଲେବର ଚାର୍ଜ ଉପରେ ୨୦% ପର୍ଯ୍ୟନ୍ତ ରିହାତି ସହ ନିଶ୍ଚିତ ଉପହାର ସୁବିଧା ମିଳିବ। ଗ୍ରାହକଙ୍କୁ ଏକ ଉନ୍ନତ ସ୍ୱତ୍ୱାଧିକାରୀ ଅଭିଜ୍ଞତା ପ୍ରଦାନ ଦିଗରେ ଏଭଳି ଅଭିଯାନ ଗ୍ରହଣ କରାଯାଇଛି ବୋଲି ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଆଫ୍‌ଟର ସେଲ୍‌ସ ବିଭାଗ ଉପସଭାପତି ସଞ୍ଜୀବ ଅଗ୍ରୱାଲ କହିଛନ୍ତି।


### ଜାତୀୟ ତାଳଗୁଡ ଦିବସ ଉପଲକ୍ଷେ ବାର୍ତ୍ତା

ଡ଼ିସେମ୍ବର-୨୩ "ଜାତୀୟ ତାଳଗୁଡ ଦିବସ" ପାଳନ ଅବସରରେ ତାଳଗୁଡ ଶିଳ୍ପରେ ନିୟୋଜିତ ରାଜ୍ୟର ସମସ୍ତ କାରିଗର, କର୍ମଚାରୀ, ପ୍ରାଥମିକ ତାଳଗୁଡ ସମିତିର କର୍ମକର୍ତ୍ତା, ସଂଘ ପରିଚାଳନା କମିଟିର ସଭ୍ୟା / ସଭ୍ୟ ଏବଂ ସଂଘ ସହିତ ଜଡିତ ସମସ୍ତ ସରକାରୀ ଓ ବେସରକାରୀ ପୃଷ୍ଠପୋଷକ, ଶୁଭେଚ୍ଛୁ ତଥା ତାଳଗୁଡ ଶିଳ୍ପପ୍ରେମୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସଂଗେ ସଂଗେ ରାଜ୍ୟରେ ତାଳଗୁଡ ଶିଳ୍ପର ବିକାଶ ନିମନ୍ତେ ଓଡ଼ିଶା ରାଜ୍ୟ ତାଳଗୁଡ ସମବାୟ ସଂଘ ପରିବାର ତରଫରୁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରୁଛି ।

"ସହଯୋଗ ହିଁ ଯୁଗଧର୍ମ"

ଗିରିଶ ଚନ୍ଦ୍ର ବୈରିଶଲ, ସଭାପତି
ଓଡିଶା ରାଜ୍ୟ ତାଳଗୁଡ ସମବାୟ ସଂଘ ଲିଃ, ଭୁବନେଶ୍ୱର

### DISTRICT EDUCATION OFFICE, MALKANGIRI

**Notification**

Applications are invited for engagement of Warden in Girls' Hostel of three Odisha Adarsha Vidyalayas i.e. 1. Kangrukonda of Kalimela Block, 2. Bapanpally of Podia Block & Chitrakonda of Korukonda Block. The application forms and guidelines are available in the district website www.malkangiri.nic.in

Sd./- District Education Officer, Malkangiri

### OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR.760 004, GANJAM, ORISSA.

No. 8197 /MCB-18/Welfare/ Berhampur
dated the 21st December,2018

**TENDER CALL NOTICE**

No. 686-E: Sealed Tenders are invited from the Registered, Rate Contract holding firms having valid GST Registration/Number for supply of "Medical Grade Oxygen Cylinder (Zumbo)" for different ICU & OTs of MKCG Medical College, Hospital, Berhampur within a cost of 15 Lakhs so as to reach in the office of the undersigned within twenty one days from the date of publication of the advertisement following the terms & conditions. The detailed Tender Paper, Terms & Conditions along with list of articles to be supplied can be obtained from the Office of the Undersigned on payment of Rs.2000/- cash (non-refundable) at the Accounts Section. The details are also available in the website, **www.mkcgmch.org**
E.O.M

Sd./- Dean & Principal,
MKCG Medical Colfcge,Berhampur

10013/11/0016/1819

### ORMAS

(Panchayati Raj & Drinking Water Department, Govt. of Odisha)
DRDA, Gajapati, Odisha

Letter No. 383/ORMAS Date : 19.12.2018

**TENDER CALL NOTICE**

Sealed tenders are invited from intending authorized firms/ agencies / tent houses for tent, light, sound and other allied works, security service, printing & stationeries and documentation for the Pallishree Mela & Gajapati Utsav- a district cultural programme to be organized at Gajapati Stadium, Gajapati tentatively from 12th January to 16th January 2019.
The tender papers along with detailed specification of the work may be downloaded from official website of Gajapati district i.e. www.gajapati.nic.in & www.ormas.org from today and onwards. The sealed tenders will be received upto 12.00 Noon on 3rd January, 2019 at the office of Project Director, DRDA, At/Po : DRDA, Gajapati by courier / speed post only.
The tender papers will be opened on the same day at 3 PM at conference hall of DRDA, Gajapati.

Sd./- Project Director, DRDA, Gajapati

### ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ସୁବର୍ଣ୍ଣପୁର

**ଟେଣ୍ଡର ଆହ୍ୱାନ ନୋଟିସ**

ଆଗାମୀ ସାଧାରଣ ନିର୍ବାଚନ -୨୦୧୯ ପାଇଁ ବିଭିନ୍ନ ଫରମ ମୁଦ୍ରଣ / ଭିଡିଓ ରେକର୍ଡିଙ୍ଗ୍ ଏବଂ ସି.ସି. କ୍ୟାମେରା ଇତ୍ୟାଦି କାର୍ଯ୍ୟ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ - ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର ଜଉମୁଦ ଟେଣ୍ଡର ନଂ ୧୧୬୯, ତା ୧୯.୧୨.୨୦୧୮ ପ୍ରକାରେ ଆହ୍ୱାନ କରୁଅଛନ୍ତି। ସବିଶେଷ ତଥ୍ୟ ୱେବ୍‌ସାଇଟ୍ www.subarnapur.nic.in ରେ ଉପଲବ୍ଧ।

ସ୍ୱା./- ଜିଲ୍ଲା ନିର୍ବାଚନ ଅଧିକାରୀ - ତଥା ଜିଲ୍ଲାପାଳ ସୁବର୍ଣ୍ଣପୁର

### ତହସିଲଦାରଙ୍କ କାର୍ଯ୍ୟାଳୟ, ଗଞ୍ଜାମ

**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗଞ୍ଜାମ ତହସିଲରେ ଥିବା ସଇରାତ ନୂଆଁ ମୋରମ ଉତ୍ସ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୧୯-୨୦ ଠାରୁ ୨୦୨୩-୨୪ ପର୍ଯ୍ୟନ୍ତ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।

ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ, ରକବା ଏବଂ ଦରଖାସ୍ତ ଗ୍ରହଣର ସମୟ ସୀମା ଇତ୍ୟାଦିର ସୂଚନା ଗଞ୍ଜାମ ଜିଲ୍ଲା ୱେବସାଇଟ୍ 'http://ganjam.nic.in' ସଇରାତ ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

Sd./- Tahasildar, Ganjam

### TENDER CALL NOTICE

No. 325-D: Sealed tenders are invited from interested manufactures / suppliers for supply, commissioning and maintenance of Servers in HYPER CONVERGED INFRASTRUCTURE SOLUTION configuration at State Data Center, Bhubaneswar for Odisha Police-State Crime Records Bureau.
The detail of tender papers along with terms and conditions can be obtained from the Govt. of Odisha website i.e, www.odisha.gov.in from 24.12.2018 to 15.1.2019 till 4 PM. The tender should reach the office of Director, State Crime Records Bureau, Rasulgarh, Bhubaneswar, Pin-751010 on 16.1.2019 before 4 PM by Regd. post/speed post/spl. messenger. The authority reserves the right to cancel or reject any or all the bidders without assigning any reason thereof.

Sd./- AIG, Provisioning
S.P HQRS. ODISHA, CUTTACK

12018/11/0049/1819


### ଓଡ଼ିଶା ସରକାର
### କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

No.I-60

**ଘୋଷଣା**

L.A No.37/18-କଟକ-4317/RRCS Dated 06.11.2018 ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (R.F.C.T.L.A.R & R Act-୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-କରଡ଼ାପଲ୍ଲୀ ତରିରିଆ ନଂ. ୧୨, ତହସିଲ: ତିରିରିଆ, ଜିଲ୍ଲା: କଟକରେ ନିମ୍ନ ସୂଚିତ(କ) ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ନରସିଂହପୁର ଶାଖା କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩ (R.F.C.T.L.A.R & R Act-୨୦୧୩)ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୫୧୨ ତା୨୮।୦୪।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କରଡ଼ାପଲ୍ଲୀ, ତରିରିଆ ନଂ.୧୨, ତହସିଲ-ତିରିରିଆ, ଜିଲ୍ଲା:କଟକ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥିସହିତ ସଂଲଗ୍ନ କରାଗଲା।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କରଡ଼ାପଲ୍ଲୀ, ତରିରିଆ ନଂ. ୧୨, ତହସିଲ: ତିରିରିଆ, ଜିଲ୍ଲା:କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟରେ ଓ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ ନଂ-IV, ଆଠଗଡ଼, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କଟକ — ତହସିଲ: ତିରିରିଆ

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| କରଡ଼ାପଲ୍ଲୀ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୯.୬୦୫ | ଏ୧୦.୨୫୫ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନାର ବୈଧ ତାରିଖ ୨୫।୦୫।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ
ଭୂମି ଅନୁସୂଚୀ
ନରସିଂହପୁର ଶାଖା କେନାଲ-୧୮୧୬୦ମିରୁ ୧୮୭୮୮ମି
ମୌଜା: କରଡ଼ାପଲ୍ଲୀ ଥାନା: ତିଗିରିଆ ନଂ-୧୨
ତହସିଲ: ତିଗିରିଆ ନଂ-୧୨ ଜିଲ୍ଲା: କଟକ

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ପିତାର ନାମ ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୯ | ୧୨୫ | ୦.୧୨୦ | ୦.୧୨୦ | ସେକ୍ ଅହିମଦିନ, ପି: ସେକ୍ ନିଆବୁଦ୍ଦିନ |
| | | ୧୨୬ | ୦.୭୬୦ | ୦.୩୪୦ | |
| | | ୧୭୩ | ୦.୧୫୦ | ୦.୦୫୦ | |
| | | ୧୯୦ | ୦.୩୨୦ | ୦.୦୬୦ | |
| ୨ | ୩୫ | ୧୮୮ | ୦.୧୦୦ | ୦.୦୫୦ | ଉଦ୍ଧବ ନାୟକ, ପି: ସଞ୍ଜାଳି ନାୟକ |
| ୩ | ୪୭ | ୧୮୨ | ୦.୧୭୦ | ୦.୧୭୦ | ସେକ୍ କମର ଅଲି ଦଳବେହେରା, ପି: ସେକ୍ ସୁବାନୀ ଦଳବେହେରା |
| | | ୧୭୬/ ୨୦୩୪ | ୦.୧୦୦ | ୦.୦୨୦ | |
| ୪ | ୫୪ | ୧୪୯/ ୨୦୨୪ | ୦.୨୨୦ | ୦.୨୨୦ | କରିମ ଖାଁ, ପି: ଅଲି ଖାଁ, ଜା: ମୁସଲମାନ |
| ୫ | ୫୫ | ୧୭୬ | ୦.୧୧୦ | ୦.୧୧୦ | ସେକ୍ କାସିମ ଅଲି, ପି: ସୁବାନୀ ଦଳବେହେରା |
| | | ୧୩୦ | ୦.୨୮୦ | ୦.୦୧୦ | |
| ୬ | ୫୭ | ୧୮୭ | ୦.୬୪୦ | ୦.୧୦୦ | ସେକ୍ କାସିମ ଅଲି, ସେକ୍ ମୁକୁରମ ଅଲି, ସେକ୍ ଇସୁଫ ଅଲି, ପି: ସୁବାନୀ ଦଳବେହେରା |
| ୭ | ୫୯ | ୧୯୪ | ୦.୭୨୦ | ୦.୬୧୦ | କାହ୍ନୁ ଚରଣ ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, କୃତ୍ତିବାସ ପଟ୍ଟନାୟକ, ପି: ଚିନ୍ତାମଣି ପଟ୍ଟନାୟକ |
| ୮ | ୮୩ | ୧୮୦ | ୦.୦୮୦ | ୦.୦୮୦ | ସେକ୍ ଗୁଲଜାର, ପି: ସେକ୍ ଭିକନ |
| | | ୧୮୧ | ୦.୦୭୦ | ୦.୦୭୦ | |
| | | ୩୮୫ | ୦.୧୯୦ | ୦.୧୯୦ | |
| ୯ | ୧୧୭ | ୧୭୯ | ୦.୦୫୦ | ୦.୦୫୦ | ଧନି ମହମ୍ମଦ, ପି: ନ୍ୟାକୁଦ୍ଦିନ ମହମ୍ମଦ |
| ୧୦ | ୧୧୮ | ୧୮୬ | ୦.୧୯୦ | ୦.୧୦୦ | ଧନି ମହମ୍ମଦ, ଅନୁଆର ମହମ୍ମଦ, ହାଡୀ ବିବି, ପି: ସେକ୍ ନିୟାକୁଉଦ୍ଦିନ |
| | | ୧୮୪ | ୦.୧୨୦ | ୦.୧୨୦ | |
| ୧୧ | ୧୩୦ | ୧୯୮ | ୦.୫୨୦ | ୦.୪୨୦ | ନବାବ ଉଦ୍ଦିନ ଖାଁ, ସଇଦୁଦ୍ଦିନ ଖାଁ, ସରିଫ ଅହମ୍ମଦ, ପଇନ ବିବି, ପି: ମୁଷାହେବ ଖାଁ, ଜଇରନ ବିବି |
| | | ୨୦୮ | ୦.୧୬୦ | ୦.୧୬୦ | |
| ୧୨ | ୧୫୮ | ୩୯୧ | ୨.୧୫୦ | ୦.୩୦୦ | ଶ୍ରୀ ପିର ସାହେବ ବିଜେ, ନିଜଗାଁ: ମାର୍ଫତ, ସମସ୍ତ ଗ୍ରାମବାସୀଙ୍କ ପକ୍ଷେ, ସେକ୍ ଫଇସୁ ଦଳବେହେରା, ପି: |
| | | ୧୨୪/୧୯୭୫ | ୦.୪୫୦ | ୦.୪୫୦ | |
| ୧୩ | ୧୬୬ | ୧୬୫ | ୦.୧୦୦ | ୦.୦୪୦ | ମହମ୍ମଦ ଓସିମ, ପି: ମହମ୍ମଦ ମହିମୁଦ |
| ୧୪ | ୧୯୬ | ୨୧୩ | ୦.୮୧୦ | ୦.୧୦୦ | ଭାଇଗ ଯେନା, ଜଗନ୍ନାଥ ଯେନା, ମଙ୍ଗୁଳି ଯେନା, ପି: ଚଇତନ ଯେନା |
| ୧୫ | ୨୧୦ | ୧୫୬ | ୦.୨୧୦ | ୦.୦୨୦ | ସେକ୍ ମନିରୁଦ୍ଦିନ,ପି: ସେକ୍ ପୋହଲାନ |
| | | ୧୫୯ | ୦.୨୪୦ | ୦.୨୪୦ | |
| ୧୬ | ୨୫୩ | ୧୯୭ | ୦.୭୬୦ | ୦.୨୬୦ | ସଇଦୁଦ୍ଦିନ ଖାଁ, ସରିଫ ଅହମ୍ମଦ, ପି: ମୁଷାହେବ ଖାଁ |
| ୧୭ | ୨୫୮ | ୨୧୨ | ୦.୮୦୦ | ୦.୬୨୦ | ସନାତନ ପଟ୍ଟନାୟକ, ଦେବରାଜ ପଟ୍ଟନାୟକ, ପି: କୁଳମଣି ପଟ୍ଟନାୟକ |
| ୧୮ | ୨୬୩ | ୧୮୫ | ୦.୨୩୦ | ୦.୨୩୦ | ସମସେର ଖାଁ, ସନାଉଲା ଖାଁ, ଜିତନ ଖାଁ, ମୋବିଦା ବିବି, ଜୋବିଦା ବିବି, ପି: ନସିବ ଖାଁ |
| ୧୯ | ୨୬୮ | ୧୭୪ | ୦.୧୪୦ | ୦.୦୪୦ | ଶରତ କୁମାର ପଣ୍ଡା, ସୁବାସ କୁମାର ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ପ୍ରେମଲତା ପଣ୍ଡା, ସବିତା କୁମାରୀ ପଣ୍ଡା |
| | | ୧୭୫ | ୦.୨୨୦ | ୦.୨୨୦ | |
| ୨୦ | ୩୦୦ | ୧୭୭ | ୦.୧୬୦ | ୦.୧୧୦ | ମହମ୍ମଦ ହକିମ, ମହମ୍ମଦ ଅଲିମ, ମହମ୍ମଦ ସଲିମ, ପି: ମହମ୍ମଦ ୟାସିନ, ସରିଫନ ବିବି |
| ୨୧ | ୩୧୨ | ୧୫୫ | ୦.୮୮୦ | ୦.୭୦୦ | ହମିଦ ଖାଁ, ପି: ବ୍ୟାହଦ ଖାଁ, ଜା: ମୁସଲମାନ |
| ୨୨ | ୩୨୧ | ୧୬୧ | ୦.୫୯୦ | ୦.୧୨୦ | ସେକ୍ ହାରୁନ୍, ପି: ସେକ୍ ଜମିରୁ ଉଦ୍ଦିନ, ହମିଦା ବିବି, ସ୍ୱା: ସେକ୍ ଜମିରୁଦ୍ଦିନ |
| ୨୩ | ୩୨୩/୧୨ | ୧୫୮ | ୦.୨୪୦ | ୦.୨୦୦ | ନାସର ଅହମ୍ମଦ ଖାଁ, ପି: ମଜିବୁର ରହେମାନ ଖାଁ |
| ୨୪ | ୩୨୩/୩୭ | ୧୮୩ | ୦.୨୭୦ | ୦.୨୭୦ | ସେକ୍ ଅବଦୁଲ ହକିମ୍, ପି: ସେକ୍ କମରଲି ଦଳବେହେରା |
| ୨୫ | ୩୨୩/୪୪ | ୧୨୯ | ୦.୦୮୦ | ୦.୦୨୦ | ସେକ୍ ସମିଉଦ୍ଦିନ, ସେକ୍ ଓସିମ୍, ସେକ୍ କାସିମ୍, ସେକ୍ ହାସିମ୍, ସେକ୍ ନଇମ୍, ପି: ସେକ୍ ଅହେମଦିନ୍ |
| ୨୬ | ୩୨୩/୬୨ | ୧୬୦ | ୦.୩୦୦ | ୦.୩୦୦ | ଯତୁନ୍ ବିବି, ସ୍ୱା: ମଗବୁଲ ମହମ୍ମଦ |
| ୨୭ | ୩୨୩/୯୨ | ୨୧୦ | ୦.୭୨୦ | ୦.୦୪୦ | ମହମ୍ମଦ କୟୁମ୍, ପି: ଦାଦର ମହମ୍ମଦ |
| ୨୮ | ୩୨୩/୧୦୪ | ୩୮୪ | ୧.୨୧୦ | ୧.୦୫୦ | ଉସ୍ମାନ ଖାଁ, ଇଫତେସାର ଖାଁ, ରହେମାନ ଖାଁ, ପି: ସୁବାନ ଖାଁ |
| | | ୧୨୪/୨୦୩୦ | ୦.୨୦୦ | ୦.୨୦୦ | |
| ୨୯ | ୩୨୩/୧୫୪ | ୧୨୪ | ୦.୫୯୦ | ୦.୪୦୦ | ଇସମାଇଲ ଖାଁ, ଇସ୍ତାକ୍ ଖାଁ, ଇସୁଫ ଖାଁ, ପି: ନସିବି ଖାଁ |
| ୩୦ | ୩୨୩/୨୨୮ | ୧୪୯ | ୦.୪୬୦ | ୦.୦୧୦ | ସେକ୍ ସତାର, ପି: ସେକ୍ ଅଜିଜ୍ |
| ୩୧ | ୩୨୩/୨୦୪ | ୧୭୮ | ୦.୧୭୦ | ୦.୧୨୦ | ଅନୁଆର ମହମ୍ମଦ, ପି: ନିଆଜ ଉଦ୍ଦିନ୍ |
| ୩୨ | ୩୨୩/୨୫୫ | ୧୯୫ | ୦.୬୨୦ | ୦.୨୨୦ | ମଞ୍ଜୁର ଖାଁ, ପି: ସାହେବ ଖାଁ |
| | | ୨୦୭ | ୦.୪୩୦ | ୦.୧୨୦ | |
| ୩୩ | ୩୨୩/୨୫୮ | ୧୯୧ | ୦.୨୦୦ | ୦.୨୦୦ | ମହମ୍ମଦ ରହେମତୁଲା, ମହମ୍ମଦ ସଲମତୁଲା, ମହମ୍ମଦ କରିମତୁଲା, ପି: ମହମ୍ମଦ ରସିଦ |
| | | ୧୮୯ | ୦.୩୫୫ | ୦.୩୫୫ | |
| ୩୪ | ୩୨୩/୨୯୯ | ୩୮୩ | ୦.୬୦୦ | ୦.୦୧୦ | ସେକ୍ ଅବଦୁଲ ହଲିମ, ପି: ସେକ କମର ଅଲ୍ଲୀ |
| ୩୫ | ୩୨୩/୩୦୪ | ୨୭୪/୨୦୨୫ | ୦.୩୦୦ | ୦.୨୦୦ | କୋହିନୁର ଖାଁ, ପି: ମୋବାରକ୍ ଖାଁ |
| | | ମୋଟ ରକବା | ୧୯.୫୬୫ | ୧୦.୨୧୫ | |

ଗୋଚର ପ୍ରତିବଦଳ

| | | | | | |
|---|---|---|---|---|---|
| ୧ | ୨୫୮ | ୨୧୨ | ୦.୮୦୦ | ୦.୦୪୦ | ସନାତନ ପଟ୍ଟନାୟକ, ଦେବରାଜ ପଟ୍ଟନାୟକ, ପି: କୁଳମଣି ପଟ୍ଟନାୟକ |
| | | ମୋଟ ରକବା | ୦.୮୦୦ | ୦.୦୪୦ | |

ମୋଟ: ୧୦.୨୧୫
ଗୋଚର ବଦଳି: ୦.୦୪୦
ମୋଟ: ୧୦.୨୫୫

24178/14/0044/1819

**ସଂକ୍ଷେପରେ**

## ଓଡ଼ିଶା ରାଜ୍ୟ ଓପନ୍ ଚେସ୍ ୨୬ରୁ

ଭୁବନେଶ୍ୱର, ୨୨।୧୨(ସ୍ପୋର୍ଟ୍ସ ବ୍ୟୁରୋ): ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଓପନ୍ ଚେସ୍ ଚାମ୍ପିୟନଶିପ୍ 'ଖୋର୍ଦ୍ଧା କପ୍' ଆସନ୍ତା ୨୬ରୁ ଚନ୍ଦକାସ୍ଥିତ ମାଇଣ୍ଡଟ୍ରିଠାରେ ଅନୁଷ୍ଠିତ ହେବ। ଚଳିତ ମାସ ୨୮ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ସାତ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଓପନ୍, ମହିଳା, ବାଳକ (୭, ୯, ୧୧, ୧୩, ୧୫ ବର୍ଷରୁ କମ୍) ଓ ବାଳିକା (୭, ୯, ୧୧, ୧୩, ୧୫ ବର୍ଷରୁ କମ୍) ବର୍ଗରେ ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାରେ ପ୍ରବେଶିକା ଦେୟ ନ ଥିବାବେଳେ ଓଡ଼ିଶାର ଯେକୌଣସି ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ। ତେବେ ପ୍ରଥମେ ରେଜିଷ୍ଟ୍ରି କରିଥିବା ୧୫୦ ଖେଳାଳିଙ୍କୁ ଏଥିରେ ଖେଳିବାର ସୁଯୋଗ ମିଳିବ। ସମସ୍ତ ବର୍ଗର ମୋଟ୍ ୪୫ ଜଣଙ୍କୁ ଟ୍ରଫି ଏବଂ ୧୭୫ଟି ଚେସ୍ ବୁକ୍ ପୁରସ୍କାର ଆକାରରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡ଼ିଛି।



ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବିପୁଳ ଆର୍ଥିକ କ୍ଷତିରେ ପଡ଼ିବା ପଛରେ ତାଙ୍କ ଉତ୍ତରାଧିକାରୀ ନଜାମ ସେଠୀ ହିଁ ଦାୟୀ।
–ଶାହରିୟାର ଖାଁ, ପୂର୍ବତନ ପିସିବି ଅଧ୍ୟକ୍ଷ



ଆସନ୍ତା ଏଏଫ୍‌ସି ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟରେ ଭାରତକୁ ଆୟୋଜକ ୟୁଏଇ କଡ଼ା ଚ୍ୟାଲେଞ୍ଜ ଦେବ।
–ଗୌରମାଙ୍ଗି ସିଂ, ଭାରତର ପୂର୍ବତନ ଡିଫେଣ୍ଡର

# ସମ୍ବଲପୁର ପାଇରେଟ୍ସର ଡବଲ୍ ବିଜୟ

ଭୁବନେଶ୍ୱର, ୨୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

**ଓପିଏଲ୍**

ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବାଙ୍ଗାଲୋରରେ ଚାଲିଥିବା ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍)ରେ ଶନିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସମ୍ବଲପୁର ପାଇରେଟ୍ସ ୨ଟି ମ୍ୟାଚ୍ ଖେଳି ୨ଟି ଯାକ ବିଜୟ ଲାଭ କରିଥିବାବେଳେ କଟକ ବାରବାଟୀ ସୁପରକିଙ୍ଗ୍ସ ଅନ୍ୟ ଏକ ମ୍ୟାଚ୍‌ରେ ବାଜିମାତ୍ କରିଛି। ପ୍ରତିଯୋଗିତାର ୫ମ ମ୍ୟାଚ୍‌ରେ ସମ୍ବଲପୁର ପାଇରେଟ୍ସ ୫୩ ରନରେ ଖୋର୍ଦ୍ଧା ୱାରିୟର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ୧୮ ଓଭରରେ ୩ ଉଇକେଟ୍ ହରାଇ ୧୬୭ ରନ କରିଥିଲା। ଜବାବରେ ଖୋର୍ଦ୍ଧା ୭ ଉଇକେଟ୍ ହରାଇ ୧୧୪ ରନ କରିବାକୁ ସକ୍ଷମ ହୋଇଥିଲା। ୪୧ ବଲରୁ ୫୬ ରନ କରିବା ସହ ୨ଟି ଉଇକେଟ୍ ନେଇଥିବା ବିଜୟୀ ଦଳର ସତ୍ୟଜିତ୍ ସାବତ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ସେହିଭଳି ମ୍ୟାଚ୍ ନଂ–୬ରେ ଭଦ୍ରକ ବ୍ଲାକକ୍ୟାପ୍ସ ୭ ଉଇକେଟ୍‌ରେ ବାରବାଟୀ ସୁପରକିଙ୍ଗ୍ସ ନିକଟରୁ ହାରିଯାଇଛି। ଏହି ମ୍ୟାଚ୍‌ରେ ଭଦ୍ରକ ପ୍ରଥମେ ବ୍ୟାଟିଂ କରି ୯୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ସୁପରକିଙ୍ଗ୍ସ ୩ ଉଇକେଟ୍ ହରାଇ ସହଜସାଧ୍ୟ ବିଜୟ ଲାଭ କରିଥିଲା। ବିଜୟୀ ଦଳର ପ୍ରୀତମଜିତ୍ ଦାସ (୩ ଉଇକେଟ୍) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦିବସର ଅନ୍ତିମ ତଥା ସମ୍ବଲପୁର ଏହାର ୨ୟ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଡ୍ରାଗନ୍ସକୁ ୮୧ ରନରେ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ପାଇରେଟ୍ସ ନିର୍ଦ୍ଧାରିତ ୧୬ ଓଭରରେ ୪ ଉଇକେଟ୍ ହରାଇ ୧୯୯ ରନ କରିଥିଲା। ରିଭାଇଜଡ୍ ଟାର୍ଗେଟ୍‌ରେ କେନ୍ଦ୍ରାପଡ଼ା ସମ୍ମୁଖରେ ୨୧୦ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜବାବରେ କେନ୍ଦ୍ରାପଡ଼ା ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୧୨୮ ରନ କରିବାକୁ ସକ୍ଷମ ହୋଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ପାଇରେଟ୍ସର ଆଶିଷ ମିତ୍ର (୫୨ ରନ ଓ ୨ ଉଇକେଟ୍)ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ: ଫାଇନାଲରେ କିଟ୍

ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)



ଫାଇନାଲ୍‌ରେ ପ୍ରବେଶ କରିଥିବା କିଟ୍ ମହିଳା ରଗ୍‌ବୀ ଦଳ।

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ (ମହିଳା/ପୁରୁଷ) ଚାମ୍ପିୟନଶିପ୍‌ର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। କିଟ୍ ମହିଳା ଦଳ ଉଭୟ ୭–ଏ–ସାଇଡ୍ ଓ ୧୫–ଏ–ସାଇଡ୍ ବର୍ଗର ଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯିବାକୁ ଥିବା ୧୫–ଏ–ସାଇଡ୍ ମହିଳା ଫାଇନାଲ କିଟ୍ ଓ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହେବ। ସେହିଭଳି ଏହି ବର୍ଗର ପୁରୁଷ ଫାଇନାଲରେ ଶିବାଜୀ ବିଶ୍ୱବିଦ୍ୟାଳୟ ଓ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ପରସ୍ପରକୁ ଭେଟିବେ। କିଟ୍ ଓ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ୩/୪ର୍ଥ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ। ଅପରପକ୍ଷରେ ୭–ଏ–ସାଇଡ୍ ମହିଳା ଫାଇନାଲରେ କିଟ୍‌ର ମୁକାବିଲା ଜିଏନ୍‌ଡିୟୁ (ଅମୃତସର) ସହ ହେବ। ୩/୪ର୍ଥ ସ୍ଥାନ ପାଇଁ ଉତ୍କଳ ଓ ଏମ୍‌ଡିୟୁ ମ୍ୟାଚ୍ ଖେଳିବେ। ଏହିବର୍ଗର ପୁରୁଷ ଫାଇନାଲ ମ୍ୟାଚ୍ ଶିବାଜୀ ବିଶ୍ୱବିଦ୍ୟାଳୟ ଓ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହେବ। ପଞ୍ଜାବୀ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ।

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No.: RDM-LAA-BLS-0012/2017/29277 R&DM  Dated: 8 Aug. 2018

No.: III-53: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– ନନ୍ଦୁରୁ, ଥାନା– ଖଇରା ନଂ.–୨୪୧, ତହସିଲ– ଖଇରା, ଜିଲ୍ଲା– ବାଲେଶ୍ୱରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ଗନ୍ଧାଳି ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୦୫୫୫, ତା୨୭।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– ନନ୍ଦୁରୁ, ଥାନା– ଖଇରା ନଂ.–୨୪୧, ଜିଲ୍ଲା– ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.balasore.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ଶାଳପଡ଼ା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା– ବାଲେଶ୍ୱର, ତହସିଲ– ଖଇରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନନ୍ଦୁରୁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏକର ୧୩.୮୫ | ଏକର ୫.୪୯ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା– ବାଲେଶ୍ୱର, ତହସିଲ–ଖଇରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ – ୧୭।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

**LAND SCHEDULE**
**Land Acquisition for Excavation of Gandhali Distributary of Anandapur Barrage Project of Vill- Nanduru, Tahasil - Khaira, P.S.- Khaira No. 241, Dist.- Balasore, L.A. Case No. - 07/17**

| କ୍ର.ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ୧ | 6 | ଆଶା ଦେଇ, ସ୍ୱା.– ଘନ ମଲ୍ଲିକ, ଜା: ଖଣ୍ଡାୟତ, ବା: ନିଜଗାଁ | 576 | ଶାରଦ – ୨ | 0.60 | 0.17 |
| ୨ | 8 | ଈଶ୍ୱର ମହାନ୍ତି, ଅଗଣି ମହାନ୍ତି, ପି.– ଶିବ ମହାନ୍ତି, କୃଷ୍ଣ ମହାନ୍ତି, ବାଇଧର ମହାନ୍ତି, ପି.– ବୁଲେଇ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ | 498 | ଶାରଦ – ୨ | 0.11 | 0.04 |
| ୩ | 17 | କାହ୍ନୁ ବେହେରା, ପି.– ଭୀମ ବେହେରା, ଜା: ନିଆରୀ, ବା: ନିଜଗାଁ | 581 | ଶାରଦ – ୨ | 0.08 | 0.08 |
| | | | 630 | | 0.04 | 0.01 |
| ୪ | 29 | କୈଳାସ ଚନ୍ଦ୍ର ନାୟକ, ପି.– ସିନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 502 | ଶାରଦ – ୨ | 0.30 | 0.11 |
| ୫ | 33 | କ୍ଷେତ୍ର ବେହେରା, ପି.– ପୁରୁଷୋତ୍ତମ ବେହେରା, ଗୁରୁ ବେୱା, ସ୍ୱା.– ସନାତନ ବେହେରା, ଜା: ନିଆରୀ, ବା: ନିଜଗାଁ | 586 | ଶାରଦ – ୨ | 0.32 | 0.15 |
| | | | 616 | ଶାରଦ – ୨ | 0.25 | 0.11 |
| ୬ | 47 | ଗୋପ ବେହେରା, ପି.– ବାଉଲି ବେହେରା, ଜା: ନିଆରି, ବା: ନିଜଗାଁ | 541 | ଶାରଦ – ୩ | 0.49 | 0.29 |
| ୭ | 60 | ଚିନ୍ତାମଣି ମଲ୍ଲିକ, ପି.– ଘନଶ୍ୟାମ ମଲ୍ଲିକ, ଜା: ଖଣ୍ଡାୟତ, ବା: ନିଜଗାଁ | 574 | ଶାରଦ – ୨ | 0.15 | 0.15 |
| ୮ | 66 | ଜଗବନ୍ଧୁ ବେହେରା, ପି.– ଉଛବ ବେହେରା, ଗୋପ ବେହେରା, ପି.– ବାଉଲି ବେହେରା, ଜା: ନିଆରି, ବା: ନିଜଗାଁ | 588 | ଶାରଦ – ୨ | 0.25 | 0.22 |
| | | | 629 | ଶାରଦ – ୨ | 0.14 | 0.03 |
| ୯ | 68 | ଜଗବନ୍ଧୁ ବେହେରା, ପି.– ଉଛବ ବେହେରା, ଗୋପ ବେହେରା, ପି.– ବାଉଲି ବେହେରା, ଶିବ ବେହେରା, ପି.– ସାଗର ବେହେରା, ଜା: ନିଆରି, ବା: ନିଜଗାଁ, ଗୋପିନାଥ ବେହେରାଙ୍କ ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ ଜଗବନ୍ଧୁ ବେହେରା, ପି.– ଉଛବ ବେହେରା, ଜା: ନିଆରି, ବା: ନନ୍ଦୁରୁ। ପ୍ଲଟ ନଂ. ୯୬୧ ସ୍ମ ଏ.୦.୦୨, ୯୬୬ସ୍ମ ଏ ୦.୦୩ ୨/୩, ୯୦୫ସ୍ମ ଏ୦.୦୦୩/୪ ପ୍ଲଟ ୯୫୫ସ୍ମ ଏ୦.୦୧ ୧/୨ ପ୍ଲଟ ନଂ. ୯୬୧/୧୯୪୧ସ୍ମ ଏ୦.୦୧ ପ୍ଲଟ ୯୫୫/୧୯୪୭ ଏ୦.୦୦୧/୨ ପ୍ଲଟ ୯୫୫/୧୯୪୮ସ୍ମ ଏ୦.୦୦୩/୪ ପ୍ଲଟ ୧୦୯୮ସ୍ମ ଏ୦.୦୨୧/୪ ପ୍ଲଟ ୧୦୯୮/୧୯୩୬ସ୍ମ ଏ୦.୦୨ ଓ ପ୍ଲଟ ୯୬୬/୧୯୪୦ସ୍ମ ଏ୦.୦୫ ୩/୪ ମୋଟ ୧୯୧୧/୧୨ ରେଜେଷ୍ଟ୍ରି ଦଲିଲ ନମ୍ବର ୧୯୨୨ ତା୧୬।୦୮।୬୯। | 501 | ଶାରଦ – ୨ | 0.14 | 0.12 |
| | | | 585 | ଶାରଦ – ୨ | 0.10 | 0.10 |
| | | | 617 | ଶାରଦ – ୨ | 0.27 | 0.02 |
| | | | 501/1938 | ଶାରଦ – ୨ | 0.12 | 0.01 |
| ୧୦ | 95 | ଦୈତାରୀ ବେହେରା, ଶମ୍ଭୁନାଥ ବେହେରା, ବଂଶୀଧର ବେହେରା, ହରେକୃଷ୍ଣ ବେହେରା, ପି.– ଘନ ବେହେରା, କାହ୍ନୁ ବେହେରା, ପି.– ସପନ ବେହେରା, ଜା: ନିଆରି, ବା: ନିଜଗାଁ | 580 | ଶାରଦ – ୨ | 0.13 | 0.09 |
| | | | 587 | ଶାରଦ – ୨ | 0.08 | 0.02 |
| | | | 627 | ଶାରଦ – ୨ | 0.40 | 0.17 |
| ୧୧ | 103 | ନରେନ୍ଦ୍ର ନାୟକ, ପି.– ସଜନ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 548/2035 | ଶାରଦ – ୨ | 0.34 | 0.03 |
| ୧୨ | 105 | ନରେନ୍ଦ୍ର ନାୟକ, ପି.– ସଜନ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 505/2062 | ଶାରଦ – ୨ | 0.07 | 0.07 |
| ୧୩ | 115 | ନିଧି ନାଏକ, ପି.– ବିର ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | 547 | ଶାରଦ – ୩ | 0.75 | 0.03 |
| ୧୪ | 136 | ବରଜୁ ନାୟକ, ପି.– କଟି ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 582 | ଶାରଦ – ୨ | 0.03 | 0.01 |
| ୧୫ | 137 | ଶ୍ରୀ ବ୍ୟାସଦେବ ଗାଦି ବିଜେ ନିଜଗାଁ ମାର୍ଫତ– ବରଜୁ ନାୟକ, ପି.– କଟି ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 534 | ଶାରଦ – ୩ | 0.17 | 0.01 |
| | | | 573 | ଶାରଦ – ୨ | 0.02 | 0.02 |
| ୧୬ | 161 | ବାଳକୃଷ୍ଣ ଓଝା, ରଘୁନାଥ ଓଝା, ପାର୍ବତୀ ଓଝା, ପି.– ବଂଶୀଧର ଓଝା, ଜା: କମାର, ବା: ନିଜଗାଁ, ଖସଡ଼ା ନଂ. ୩୪୯ ଏ୦.୦୨ (ପୂର୍ଣ୍ଣ) ନଂ ୬୬୨ ଏ୦.୨୫ ସ୍ମ ଏ୦.୧୬ ନଂ ୬୬୪ ଏ୦.୧୦ସ୍ମ ଏ ୦.୦୩ ନଂ. ୧୧୩୧ ଏ୦.୦୬(ପୂର୍ଣ୍ଣ) ନଂ ୧୨୨୭ ଏ୦.୩୪ସ୍ମ ଏ୦.୧୭ ବାଳକୃଷ୍ଣ ଓଝାଙ୍କ ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ ପ୍ରକାଶ ଓଝା, ପି.– ଗୋପାଳ ପ୍ରସାଦ ଓଝା, ଜା: କମାର, ବା: ନିଜଗାଁ। ରେଜିଷ୍ଟ୍ରି ଦଲିଲ ନଂ. ୫୦୪ ତା୧୩।୦୩।୯୫ ଜରସମନ ଟ.୧୮,୦୦୦.୦୦ ନାମଜାରି ମୋକଦ୍ଦମା ନଂ. ୨୭୮୦/୯୫ ହୁକୁମ ମୁତାବକ ପ୍ଲଟ ନଂ. ୧୨୨୭ ଏ୦.୩୪ ସ୍ମ. ଏ୦.୧୭ଡି.କୁ ରଘୁନାଥ ଓଝା, ପାର୍ବତୀ ଓଝା, ପି.– ବଂଶୀଧର ଓଝାଙ୍କ ପକ୍ଷେ ଖରିଦ ସୂତ୍ରେଦଖଲ ନରେନ୍ଦ୍ର ପ୍ରସାଦ ଜେନା, ଜା: ପାଣ, ବା: ନିଜଗାଁ ରେ.ଜ. ନଂ. ୪୭୪ ତା୨୩।୦୧।୭୫, ରେ.ଜ.ନଂ. ୪୪୫୦ ତା୪।୦୩।୯୫ରିଖ। | 544 | ଶାରଦ – ୨ | 0.05 | 0.05 |
| | | | 545 | ଶାରଦ – ୩ | 0.09 | 0.09 |
| ୧୭ | 162 | ବାବାଜୀ ନାୟକ, ସୁରେନ୍ଦ୍ର ନାୟକ, ପି.– ସାଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 575 | ଶାରଦ – ୨ | 0.15 | 0.02 |
| | | | 571 | ଶାରଦ – ୨ | 0.02 | 0.01 |
| | | | 583 | ଶାରଦ – ୨ | 0.07 | 0.01 |
| ୧୮ | 165 | ବାବାଜୀ ଦାସ, ପି.– ଭୁଇନ ଦାସ, ମଦନ ଦାସ, ପି.– ସନା ଦାସ, ମଥୁରା ଦାସ, ପି.– କହ୍ନେଇ ଦାସ, ଅଗଣି ଦାସ, ପି.– ଗିରିଧାରୀ ଦାସ, ଜା: ପାଣ, ବା: ନିଜଗାଁ | 579 | ଶାରଦ – ୨ | 0.10 | 0.07 |
| ୧୯ | 184 | ବୈଦି ନାୟକ, ପି..– ହାଡି ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ପାଞ୍ଚ ଅଣା, ରତ୍ନାକର ନାୟକ, ପି.– କାଶି ନାୟକ, କିସ୍ମତ ପାଞ୍ଚ ଅଣା, ପ୍ରଭାକର ନାୟକ, ପି.– ମୁକୁନ୍ଦ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ଛଅ ଅଣା | 533 | ଶାରଦ – ୩ | 0.57 | 0.17 |
| | | | 578 | ଶାରଦ – ୨ | 0.44 | 0.01 |
| | | | 572 | ଶାରଦ – ୨ | 0.02 | 0.01 |
| ୨୦ | 196 | ଭାବ ନାୟକ, ବାଇଧର ନାୟକ, ପି.– ଦୀନବନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 503 | ଶାରଦ – ୨ | 0.15 | 0.01 |
| | | | 505 | ଶାରଦ – ୨ | 0.13 | 0.12 |
| | | | 548/2036 | ଶାରଦ – ୨ | 0.12 | 0.12 |
| | | | 505/2061 | ଶାରଦ – ୨ | 0.09 | 0.02 |
| ୨୧ | 285 | ଲକ୍ଷ୍ମୀଧର ଓଝା, ପି.– ଡୁମେଇ ଓଝା, ଭାଗବତ ଓଝା, ପି.– ଭରତ ଓଝା, ଜା: କମାର, ବା: ନିଜଗାଁ ପ୍ଲଟ ନଂ. ୧୨୨୬ ଏ୦.୨୬ସ୍ମ ଏ୦.୨୦ ଲକ୍ଷ୍ମୀଧର ଓଝାଙ୍କ ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ ଅନାଦି ନାୟକ, ସୁନନ୍ଦ ନାୟକ, ଆନନ୍ଦ ନାୟକ, ବିନୋଦ ନାୟକ, ପି.– ଚୈତନ୍ୟ ନାୟକ, ଜା: ଖଣ୍ଡାୟତ, ବା: ନନ୍ଦୁରୁ। ରେଜ. ନଂ. ୭୮୬ ତା୧୯।୦୩।୧୯୯୪ରିଖ ଜରସମନ ଟ.୫୩୦୦.୦୦ | 540 | ଶାରଦ – ୩ | 0.80 | 0.27 |
| | | | 506 | ଶାରଦ – ୩ | 0.28 | 0.01 |
| | | | 542 | ଶାରଦ – ୩ | 0.21 | 0.03 |
| ୨୨ | 294 | ସଦନ ନାୟକ, ଉପେନ୍ଦ୍ର ନାୟକ, ପି.– ଲକ୍ଷ୍ମଣ ନାୟକ, ରାମଚନ୍ଦ୍ର ନାୟକ, ଚୈତନ୍ୟ ନାୟକ, ପି.– ଦାଶରଥି ନାୟକ, କୈଳାସ ନାୟକ, ପି.– ସିନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 504 | ଶାରଦ – ୨ | 0.14 | 0.03 |
| | | | 549 | ଶାରଦ – ୨ | 0.08 | 0.06 |
| ୨୩ | 310 | ଶିବ ବେହେରା, ପି.– ସାଗର ବେହେରା, ଜା: ନିଆରି, ବା: ନିଜଗାଁ | 499 | ଶାରଦ – ୨ | 0.30 | 0.12 |
| | | | 500 | ଶାରଦ – ୨ | 0.35 | 0.01 |
| ୨୪ | 330 | ହାର ଦେଇ, ସ୍ୱା.– ଲକ୍ଷ୍ମୀଧର ଓଝା, ଜା: କମାର, ବା: ନିଜଗାଁ | 494 | ଶାରଦ – ୨ | 1.00 | 0.37 |
| ୨୫ | 334/70 | ବସନ୍ତ କୁମାର ଦାସ, ପି.– ମଧୁରୀ ଦାସ, ଜା: ପାଣ, ବା ; ନନ୍ଦୁରୁ | 584 | ଶାରଦ – ୨ | 0.10 | 0.08 |
| | | | 582/2424 | ଶାରଦ – ୨ | 0.03 | 0.01 |
| | | | 579/2296 | ଶାରଦ – ୨ | 0.10 | 0.08 |
| ୨୬ | 334/37 | କୃଷ୍ଣ ବେହେରା, ପି.– ଶିବ ବେହେରା, ବା: ନନ୍ଦୁରୁ, ଜା: ନିଆରୀ | 585/2365 | ଶାରଦ – ୨ | 0.01 | 0.04 |
| | | | 617/2366 | ଶାରଦ – ୨ | 0.09 | 0.09 |
| | | | 501/2364 | ଶାରଦ – ୨ | 0.05 | 0.05 |
| | | | 501/1938/2380 | ଶାରଦ – ୨ | 0.04 | 0.03 |
| ୨୭ | 334/83 | ରତ୍ନାକର ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ପି.– ବାଇଧର ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ | 498/2459 | ଶାରଦ – ୨ | 0.18 | 0.16 |
| ୨୮ | 334/199 | ଭୈରବ ବେହେରା, ପି.– ଗୋପୀନାଥ ବେହେରା, ଜା: ନିଆରୀ, ବା: ନିଜଗାଁ | 544/2449 | ଶାରଦ – ୨ | 0.100 | 0.10 |
| ୨୯ | 334/204 | ନକୁଳ ବେହେରା, ପି.– କୃଷ୍ଣ ବେହେରା, ଜା: ନିଆରୀ, ବା: ନିଜଗାଁ | 569 | ଶାରଦ – ୨ | 0.450 | 0.06 |
| ୩୦ | 334/212 | ପ୍ରକାଶ ଓଝା, ପି.– ଗୋପାଳ ପ୍ରସାଦ ଓଝା, ଜା: କମାର, ବା: ନିଜଗାଁ | 545/2034 | ଶାରଦ – ୨ | 0.100 | 0.03 |
| ୩୧ | 334/302 | ପ୍ରଫୁଲ୍ଲ କୁମାର ବେହେରା, ରାଧାକାନ୍ତ ବେହେରା, ଶମ୍ଭୁନାଥ ବେହେରା, ଦାମୋଦର ବେହେରା, ପଦ୍ମଲୋଚନ ବେହେରା, ପି.– ଜଗବନ୍ଧୁ ବେହେରା, ଜା: ନିଆରୀ, ବା: ନିଜଗାଁ | 498/2580 | ଶାରଦ – ୨ | 0.330 | 0.33 |
| ୩୨ | 334/310 | ରାମଚନ୍ଦ୍ର ବେହେରା, ପି.– କୃଷ୍ଣଚନ୍ଦ୍ର ବେହେରା, ଜା: ନିଆରୀ, ବା: ନିଜଗାଁ | 498/2459/2587 | ଶାରଦ – ୨ | 0.150 | 0.12 |
| ୩୩ | 334/399 | ସନାତନ ସୁତାର, ପି.– ନାରାୟଣ ସୁତାର, ଜା: ବଢ଼େଇ, ବା: ନିଜଗାଁ | 543 | ଶାରଦ – ୩ | 0.270 | 0.01 |
| ୩୪ | 334/401 | ମଞ୍ଜୁଲତା ବେହେରା, ସ୍ୱା.– ଲମ୍ବୋଧର ବେହେରା, ଜା: ନିଆରୀ, ବା: ନିଜଗାଁ | 581/2661 | ଶାରଦ – ୨ | 0.240 | 0.12 |
| ୩୫ | 334/469 | ଲକ୍ଷ୍ମୀଧର ହାତୀ, ପି.– ମନ୍ମଥ ହାତୀ, ଜା: ଖଣ୍ଡାୟତ, ବା: ନିଜଗାଁ | 535 | ଶାରଦ – ୨ | 0.190 | 0.17 |
| ୩୬ | 334/489 | ସନାତନ ସୁତାର, ପି.– ନାରାୟଣ ସୁତାର, ଜା: ବଢ଼େଇ, ବା: ନିଜଗାଁ | 544/2485 | ଶାରଦ – ୨ | 0.075 | 0.075 |
| | | | 545/2486 | ଶାରଦ – ୩ | 0.110 | 0.11 |
| | | | 542/2666 | ଶାରଦ – ୩ | 0.380 | 0.05 |
| | | | 546/2667 | ଶାରଦ – ୨ | 0.34 | 0.13 |
| | | | | | ମୋଟ ପ୍ରାଇଭେଟ ରକବା ଏ | 05.49 |

24001/14/0434/1819

**Sd./- Special Land Acquisition Office, ABP, Salapada, Keonjhar**

# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁରଙ୍କ ଅଧୀନରେ ୦୯(ନଅ) ଗୋଟି ଆଟେଣ୍ଡାଣ୍ଟ (ପରିଚାରକ) ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଦନୁଯାୟୀ, ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର. ସଂ. | ବର୍ଗ | ମୋଟ ପଦବୀ |
|---|---|---|
| ୧ | SC | ୦୨ |
| ୨ | ST | ୦୩ (ମହିଳା–୧) |
| ୩ | Unreserved | ୦୪ (ମହିଳା–୧) |
| | ମୋଟ | ୦୯ (ମହିଳା–୨) |

ବି.ଦ୍ର: ଭିନ୍ନକ୍ଷମ (PWD) ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ମୋଟ ମଞ୍ଜୁରୀ ପଦବୀର 4% (ପ୍ରତିଶତ) ସଂରକ୍ଷଣ ବ୍ୟବସ୍ଥା କରାଯାଇଛି।

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ, ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବେ। ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା:-**

୧. ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମଧ୍ୟଇଂରାଜୀ ପରୀକ୍ଷା କିମ୍ବା ତତ୍ତୁଲ୍ୟ ଶିକ୍ଷାଗତ ଯୋଗ୍ୟତା ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
୨. ଏହା ସହିତ (NPCBB) ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ତିନି ବର୍ଷ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ଦ୍ୱାରା ପୂରଣ କରାଯିବ।
୩. ପ୍ରାର୍ଥୀ/ପ୍ରାର୍ଥିନୀ ଓଡ଼ିଆ ଭାଷାରେ ପଢ଼ିବା ଓ ଲେଖିବାରେ ସମର୍ଥ ଥିବେ।
୪. ପ୍ରାର୍ଥୀ/ପ୍ରାର୍ଥିନୀ ଉତ୍ତମ ଚରିତ୍ରର ହୋଇଥିବେ।

**ବୟସ ସୀମା:-** ସାଧାରଣ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୮ ବର୍ଷରୁ ୩୨ ବର୍ଷ (୦୧।୦୧।୨୦୧୮ ସୁଦ୍ଧା) ହୋଇଥିବା ଆବଶ୍ୟକ। ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଜନଜାତି ପ୍ରାର୍ଥୀ/ପ୍ରାର୍ଥିନୀଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ଅଧିକ ୫ (ବର୍ଷ) କୋହଳ କରାଯିବ। ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ କ୍ଷେତ୍ରରେ ବୟସ ୦୧।୦୧।୨୦୧୮ ସୁଦ୍ଧା ୪୫ ବର୍ଷରୁ ଅଧିକ ହୋଇନଥିବ।

**ଶାରୀରିକ ଦକ୍ଷତା:-**

୧. ପ୍ରାର୍ଥୀ/ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସେମାନେ ଉତ୍ତମ ସ୍ୱାସ୍ଥ୍ୟ (Sound Health, Good Physics) ଚଳାଚଳ ଅଭ୍ୟାସ (Active Habits), ସର୍ବନିମ୍ନ ଉଚ୍ଚତା ୫ (ପାଞ୍ଚ) ଫୁଟ ସଙ୍ଗେ ସଙ୍ଗେ ସେମାନଙ୍କର କୌଣସି ଶାରୀରିକ ତ୍ରୁଟି (Physical Defect) କିମ୍ବା ମାନସିକ ଅକ୍ଷମତା (Mental Infirmity) ନଥିବା ଆବଶ୍ୟକ ଏବଂ କେବଳ ପୁରୁଷ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ଛାତି ଅଣସଂପ୍ରସାରିତ ୩୦ (ତିରିଶ) ଇଞ୍ଚ ରହିବା ଆବଶ୍ୟକ।
୨. ପ୍ରାର୍ଥୀ/ପ୍ରାର୍ଥିନୀ ମଧ୍ୟ ଭଲ ଭାବରେ ସାଇକେଲ ଚଳାଇବା ଜାଣିଥିବେ।

**ସାଧାରଣ ଯୋଗ୍ୟତା:-**

୧. ପ୍ରାର୍ଥୀ/ପ୍ରାର୍ଥିନୀ ଭାରତର ନାଗରିକ ହୋଇଥିବେ।
୨. ବିବାହିତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଗୋଟିଏ ସ୍ତ୍ରୀ/ସ୍ୱାମୀରୁ ଅଧିକ ନ ଥିବେ।
୩ ଓଡ଼ିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବା ପ୍ରାର୍ଥୀ/ପ୍ରାର୍ଥିନୀ ସେମାନଙ୍କର ନାମ ଆବେଦନ କରୁଥିବା ଜିଲ୍ଲାର କର୍ମନିଯୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବେ ଓ ସେହି ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ।

**ଚୟନ ପ୍ରକ୍ରିୟା:-**

ଜିଲ୍ଲା ଚୟନ କମିଟି ଦ୍ୱାରା ନିମ୍ନଲିଖିତ ଉପାୟରେ ଆଟେଣ୍ଡାଣ୍ଟ ପଦ ପାଇଁ ସିଧାସଳଖ ଚୟନ କରାଯିବ।

୧. (NPCBB) ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଚନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ତିନି ବର୍ଷ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ପ୍ରତିବର୍ଷ ୧୦ ମାର୍କ ହିସାବରେ ୩୦ ମାର୍କ ଦିଆଯିବ। ଏହା ବ୍ୟତୀତ ତିନିବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବର୍ଷ ସନ୍ତୋଷଜନକ କାର୍ଯ୍ୟ ଉପରେ ୫ ମାର୍କ ଲେଖାଏଁ ସର୍ବୋଚ୍ଚ ୫୦ ମାର୍କ ଦିଆଯିବ।
୨. ଅବଶିଷ୍ଟ ୫୦ ମାର୍କର ଲିଖିତ ପରୀକ୍ଷା ଦ୍ୱାରା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଓଡ଼ିଆ ଭାଷାରେ ପଢ଼ିବା ଓ ଲେଖିବାରେ ସାମର୍ଥ୍ୟ ପରୀକ୍ଷା କରାଯିବ।
୩. ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ନ ମିଳନ୍ତି, ତା'ହେଲେ ସେହି ପଦବୀ ଉକ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ଦ୍ୱାରା ପୂରଣ କରାଯିବା ପାଇଁ କମିଟିର ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯିବ।

ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣପତ୍ରର ଅବିକଳ ନକଲ (Copy) ସହ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାର୍ଯ୍ୟାଳୟରେ ଡାକ ଦ୍ୱାରା (Reg. Post/Speed Post) ଦାଖଲ କରିପାରିବେ। ଦରଖାସ୍ତ ପଠାଇବା ଲଫାପା ଉପରେ ଆଟେଣ୍ଡାଣ୍ଟ (ପରିଚାରକ) ପଦ ପାଇଁ ଦରଖାସ୍ତ ଉଲ୍ଲେଖ କରିବା ଆବଶ୍ୟକ।

ପ୍ରକାଶଥାଉକି, ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି।

### ଦରଖାସ୍ତ ଫର୍ମ

(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

୧. ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନାମ:
୨. ପିତା/ସ୍ୱାମୀଙ୍କ ନାମ:
୩. ସ୍ଥାୟୀ ଠିକଣା:
୪. ଯୋଗାଯୋଗ ଠିକଣା (ମୋବାଇଲ ନମ୍ବର ସହିତ):
୫. ଜାତୀୟତା:
୬. ଜନ୍ମ ତାରିଖ:
୭. ଶିକ୍ଷାଗତ ଯୋଗ୍ୟତା:
୮. ଉଚ୍ଚତା: ଛାତି ଅଣସଂପ୍ରସାରିତ:
୯. ଜାତି: **(SC/ST/GEN)**
୧୦. ବିବାହିତ/ଅବିବାହିତ:
୧୧. ପୁରୁଷ/ମହିଳା:
୧୨. କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ କାର୍ଡର କ୍ରମିକ ନଂ ଓ ତାରଖ:

ଫଟୋ

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପରଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ।

**ତାରିଖ:** **ଆବେଦନକାରୀଙ୍କ ସ୍ୱାକ୍ଷର**

**ସ୍ଥାନ:**

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣପତ୍ର:**

୧. ନିଜ ସହିମୋହର (Self attested) ହୋଇଥିବା ଦୁଇଗୋଟି ପାସପୋର୍ଟ ସାଇଜ ଫଟୋଗ୍ରାଫ। ତନ୍ମଧ୍ୟରୁ ଗୋଟିଏ ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରାଯିବା ଆବଶ୍ୟକ। ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ।
୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରର ନିଜ ସହିମୋହର (Self attested) ନକଲ।
୩. ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଠାରୁ ଚରିତ୍ର ପ୍ରମାଣପତ୍ରର ନିଜ ସହିମୋହର (Self attested) ନକଲ।
୪. ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ଜାତି ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ରର ନିଜ ସହିମୋହର (Self attested) ନକଲ।
୫. କର୍ମନିୟୋଜନ ସଂସ୍ଥାରେ ପଞ୍ଜୀକୃତ କାର୍ଡର ନିଜ ସହିମୋହର (Self attested) ନକଲ।
୬. ଜାତିଗତ ପ୍ରମାଣପତ୍ରର (SC/ST) ନିଜ ସହିମୋହର (Self attested) ନକଲ।
୭. ଦୁଇଗୋଟି ଚରିତ୍ର ପ୍ରମାଣପତ୍ରର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେ କି ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସମ୍ପର୍କୀୟ ହୋଇନଥିବେ।
୮. ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସ୍ଥଳେ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଠାରୁ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷର ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣପତ୍ରର କପି।

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ: ୦୭।୦୧।୨୦୧୯**

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଞ୍ଚିଲେ ତାହା ଗ୍ରହଣ କରାଯିବ ନାହିଁ। ପ୍ରାର୍ଥୀ/ପ୍ରାର୍ଥିନୀ ଡାକ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଅସମ୍ପୂର୍ଣ୍ଣ ଦରଖସ୍ତ/ ଆବଶ୍ୟକୀୟ ପ୍ରମାଣପତ୍ର ନ ଥାଇ ଦାଖଲ ହୋଇଥିବା ଦରଖାସ୍ତଗୁଡ଼ିକ ନାକଚ ହୋଇଯିବ।

**ସ୍ୱାକ୍ଷର/-**
**ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର**



“ଖେଳପଡ଼ିଆରେ ଆକ୍ରମଣାତ୍ମକ ଭୂମିକାକୁ ନେଇ ବିରାଟ କୋହଲି ହୁଏତ ସମାଲୋଚନାର ଶିକାର ହୋଇ ପାରିଥାନ୍ତି, ହେଲେ ସେ ଭାରତୀୟ ଦଳର ଶକ୍ତି ।

–ବ୍ରାଡ୍ ହଗ୍, ପୂର୍ବତନ ଅଷ୍ଟ୍ରେଲିଆ ସ୍ପିନର



“ନ୍ୟୁଜିଲାଣ୍ଡ ଟୁର୍ ଉପନୀତ ହୋଇଥିବାରୁ ସମସ୍ତ ପ୍ରକାର ବାଦାନୁବାଦକୁ ଏଡାଇ ପୁନର୍ବାର କ୍ରିକେଟ ଉପରେ ମନୋନିବେଶ କରିବା ଉଚିତ ।

–ମିଥାଲି ରାଜ, ଭାରତୀୟ ମହିଳା ଦିନିକିଆ ଅଧିନାୟିକା

## ସଂକ୍ଷେପରେ

### ସଞ୍ଜୁ ସାମସନଙ୍କ ବିବାହ ସମ୍ପନ୍ନ



**ଥିରୁଭାନନ୍ତପୁରମ,୨୨।୧୨:** କେରଳ କ୍ରିକେଟର ସଞ୍ଜୁ ସାମସନ ଦୀର୍ଘଦିନର ବାନ୍ଧବୀ ଚାରୁଲଥାଙ୍କୁ ବିବାହ କରିଛନ୍ତି। ଶନିବାର ସକାଳେ ବିବାହ ସମ୍ପନ୍ନ ହୋଇଥିବା ସାମସନ ଶନିବାର ସୋସିଆଲ ମିଡିଆରେ ଫଟୋ ଶେୟାର କରି ସୂଚନା ଦେଇଛନ୍ତି। ଏହି ବିବାହ ଉତ୍ସବରେ ଉଭୟଙ୍କ ପରବାରବର୍ଗ ଓ ବନ୍ଧୁଗଣ ଯୋଗ ଦେଇଥିଲେ। ସଞ୍ଜୁ ଓ ଚାରୁଲତା ସ୍ଥାନୀୟ ମାରିଭାନିଅସ କଲେଜରେ ବ୍ୟାଚମେଟ ଥିଲେ। ୨୦୧୩ରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଗତ କିଛି ମାସ ପୂର୍ବେ ସାମସନ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଉଲ୍ଲେଖଥାଉ କି, ୨୦୧୫ରେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିବା ଉଇକେଟକିପର କିପର ବ୍ୟାଟ୍ସମ୍ୟାନ ଏବେ ଆଇପିଏଲ ଓ ଘରୋଇ କ୍ରିକେଟରେ ସକ୍ରିୟ ରହିଛନ୍ତି।

### ସିଡିଏଏ-ବିବିଏ ଫାଇନାଲ

**କଟକ ଅଫିସ,୨୨।୧୨:** ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୦ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍ ନାଲ୍‌କୋ କପ୍‌ର ୪ର୍ଥ ଦିବସରେ ମହିଳା ବର୍ଗର ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଛି। ପ୍ରଥମ ସେମିଫାଇନାଲରେ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ (ସିଡିଏଏ) ୩୪-୧୮ ପଏଣ୍ଟରେ ଭଦ୍ରକକୁ ଓ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ(ବିବିଏ) ୪୪-୧୦ ପଏଣ୍ଟରେ ଟଟର୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଉଦ୍‌ଯାପନୀ ଦିବସ ତଥା ରବିବାର ସିଡିଏଏ-ବିବିଏ ମଧ୍ୟରେ ଫାଇନାଲ ମୁକାବିଲା ହେବ। ସେହିପରି ପୁରୁଷ ବର୍ଗର ଖେଳାଯାଇଥିବା ଗୋଟିଏ କ୍ୱାର୍ଟରଫାଇନାଲ ମ୍ୟାଚରେ ବିବିଏ ୭୪-୫୪ ପଏଣ୍ଟରେ ସେଲଟିକ୍ସକୁ ହରାଇଦେଇଛି।

### କଟକ ଜିଲା ବାର୍ଷିକ କ୍ରୀଡ଼ା ଆଜିଠାରୁ

**କଟକ ଅଫିସ,୨୨।୧୨:** କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଠାରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ। ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ କଟକ ଜିଲାର ପ୍ରାୟ ୧୨୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି। ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ପ୍ରଥମ ଦିନରେ ଓଡ଼ିଶାର ଆଧିପତ୍ୟ

**ରଣଜୀ ଟ୍ରଫି**

**କଟକ ଅଫିସ,୨୨।୧୨**

ଜମ୍ମୁସ୍ଥିତ ଗାନ୍ଧୀ ମେମୋରିଆଲ ସାଇନ୍ସ କଲେଜ ଗ୍ରାଉଣ୍ଡରେ ଶନିବାରଠାରୁ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସିରେ ଓଡ଼ିଶା ବନାମ ଜମ୍ମୁ କଶ୍ମୀର ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସର ଖେଳ ଭ୍ରମଣକାରୀ ଓଡ଼ିଶା ସପକ୍ଷରେ ରହିଛି। ଓଡ଼ିଶା ପେସ୍ ଆଟାକ୍‌ର ସମ୍ମୁଖୀନ ହୋଇ ନ ପାରି ଘରୋଇ ଜମ୍ମୁ କଶ୍ମୀର ମାତ୍ର ୧୨୭ରନ୍‌ରେ ଅଲଆଉଟ ହୋଇଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ୪ଟି ଓ ବସନ୍ତ ମହାନ୍ତି ୩ଟି ଉଇକେଟ ଦଖଲ କରିଥିଲେ। ଜବାବରେ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଗୋଟିଏ ଉଇକେଟ ହରାଇ କରିଛି ୯୧ରନ୍। ପ୍ରଥମ ଇନିଂସରେ ଓଡ଼ିଶା ଅଗ୍ରଣୀ ହାସଲ କରିବା ସହ ଜମ୍ମୁ କଶ୍ମୀର ସମ୍ମୁଖରେ ଏକ ବିଶାଳ ରନ୍ ଧାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ଜମ୍ମୁ କଶ୍ମୀର ଅଧିନାୟକ ପରଭେଜ ରସୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦ୍ୱିତୀୟ ଓଭରରେ ଓପନର କମରାନ ଇକବାଲଙ୍କୁ ଅଭିଷେକ ରାଉତଙ୍କ ହାତରେ କ୍ୟାଚ ଆଉଟ କରି ସୂର୍ଯ୍ୟକାନ୍ତ ଓଡ଼ିଶାକୁ ପ୍ରଥମ ସଫଳତା ଦେଇଥିଲେ। ୩ୟ ଓଭରରେ ଅନ୍ୟତମ ଓପନର ଶୁଭମ ଖଜୁରିଆ ଖାତା ଖୋଲିବା ଆଗରୁ ବସନ୍ତ ମହାନ୍ତିଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ୫ରନ୍‌ରେ ଜମ୍ମୁ କଶ୍ମୀର ଏହାର ଦୁଇ ଓପନରଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ପରେ ଦଳୀୟ ସ୍କୋର ୭ ହୋଇଥିବା ବେଳେ ଜମ୍ମୁ କଶ୍ମୀର ଆଉ ଦୁଇଟି ଉଇକେଟ ହରାଇଥିଲା। ଇଆନ ଚୌହ୍ୱାନ ୫ରନରେ ଓ ଅଧିନାୟକ ରସୁଲ ଶୂନରେ ସୂର୍ଯ୍ୟକାନ୍ତଙ୍କ ଶିକାର ପାଲଟିଥିଲେ। ୫ମ ଉଇକେଟରେ ଜମ୍ମୁ କଶ୍ମୀର ୫୫ରନ୍ ଯୋଡ଼ିଥିଲା। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଓୱାଇସ ସାହା ଓ ଇର୍ଫାନ ପଠାନ ଦଳୀୟ ସ୍କୋରକୁ ଆଗେଇ ନେଉଥିବା ବେଳେ ସ୍ପିନର ଧୀରାଜ ସିଂ ଏହି ଭାଗୀଦାରିକୁ ରୋକିଥିଲେ। ଇର୍ଫାନ ୧୦ରନ୍‌ରେ ଧୀରଜଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ପରେ ଓୱାଇସ ଶାହା ୪୪ରନ୍ କରିଥିବା ବେଳେ ବସନ୍ତଙ୍କ ବଲରେ ଏଲବିଡବ୍ଲ୍ୟୁ ହେବା ଫଳରେ ଜମ୍ମୁ କଶ୍ମୀର ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ୭୪ରନ୍‌ରେ ୬ଟି ଉଇକେଟ ହରାଇଥିବା ଦଳ ୧୨୭ରନ୍‌ରେ ସୀମିତ ରହିଥିଲା। ଉଇକେଟ କିପର ଓବେଦ ହାରୁନ ୬ରନ୍, ଅମିର ଅଜିଜ ୪ରନ୍, ମହମ୍ମଦ ମୁଦାସିର ୧୨ରନ୍, ଉମର ନାଜିର ୩ ରନ୍ କରିଛନ୍ତି। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଆକାଶ ଚୌଧୁରୀ ୨୭ରନ୍‌ର ଦ୍ରୁତ ଇନିଂସ ଖେଳିବା ଯୋଗୁଁ ଜମ୍ମୁ କଶ୍ମୀର ୧୦୦ରନ୍ ଅତିକ୍ରମ କରିପାରିଥିଲା। ଧୀରଜ ସିଂ ୨ଟି ଉଇକେଟ ପାଇଛନ୍ତି। ଭ୍ରମଣକାରୀ ଓଡ଼ିଶା ଦଳ ରଣଜିତ ସିଂଙ୍କୁ ବିଶ୍ରାମ ଦେଇ ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ମିଶ୍ରଙ୍କୁ ଓପନିଂ ଦାୟିତ୍ୱ ଦେଇଥିଲା। ଦଳୀୟ ସ୍କୋର ୧୬ହୋଇଥିବା ବେଳେ ଶାନ୍ତନୁ ୫ରନ୍‌ରେ ଇର୍ଫାନଙ୍କ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ପରେ ଅନୁରାଗ ଓ ବ୍ୟାଟିଂ କ୍ରମ ୩ନମ୍ବରରେ କ୍ରିଜ୍‌କୁ ଆସିଥିବା ନବାଗତ ଦେବାଶିଷ ସାମନ୍ତରାୟ ଓଡ଼ିଶା ସ୍କୋର ବୋର୍ଡକୁ ସହଜରେ ଆଗେଇ ନେଇଥିଲେ। ୯୧ଟି ବଲରୁ ଅର୍ଦ୍ଧଶତକ ପୂରଣ କରିଥିବା ଅନୁରାଗ ୫୬ ରନ୍‌ରେ ଓ ଦେବାଶିଷ ୨୦ ରନ୍‌ରେ ଅପରାଜିତ ଅଛନ୍ତି।



ସୂର୍ଯ୍ୟକାନ୍ତ ପ୍ରଧାନ

**ସଂକ୍ଷିପ୍ତ ସ୍କୋର**

- ଜମ୍ମୁ କଶ୍ମୀର ପ୍ରଥମ ଇନିଂସ:୧୨୭/ଅଲଆଉଟ (ଓୱାଇସ ସାହା- ୪୪, ଆକାଶ ଚୌଧୁରୀ- ୨୭, ସୂର୍ଯ୍ୟକାନ୍ତ ପ୍ରଧାନ-୪/୨୭, ବସନ୍ତ ମହାନ୍ତି-୩/ ୨୪)।
- ଓଡ଼ିଶା ପ୍ରଥମ ଇନିଂସ:୯୧/୧ (ଅନୁରାଗ ଷଡ଼ଙ୍ଗୀ-୫୬ ରନ୍, ଦେବାଶିଷ ସାମନ୍ତରାୟ-୨୦ରନ୍, ଇର୍ଫାନ ପଠାନ-୧/୧୮)।

# ‘କୋହଲିଙ୍କ ନେତୃତ୍ୱରେ ଭାରତ ଆକ୍ରମଣାତ୍ମକ ମନେ ହେଉଛି’

**କୋଲକାତା, ୨୨।୧୨ (ପି.ଟି.):**

ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଦଳର ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଶଂସନୀୟ ବୋଲି ୱେଷ୍ଟଇଣ୍ଡିଜ୍ କ୍ରିକେଟ କିମ୍ବଦନ୍ତୀ ଭିଭିଆନ ରିଚାର୍ଡ୍ସ କହିଛନ୍ତି। ଆମେ ଖେଳୁଥିବା ସମୟରେ ଭାରତୀୟ ଦଳଠାରୁ ଏବେର ଦଳ ସମ୍ପୂର୍ଣ୍ଣ ଭିନ୍ନ। ଭାରତୀୟ ଦଳ ଏବେ ସକାରାତ୍ମକ ଆଭିମୁଖ୍ୟ ପୋଷଣ କରୁଛି। ଏଥିପାଇଁ ଅଧିନାୟକ କୋହଲିଙ୍କୁ ଶ୍ରେୟ ଦିଆଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

୭୦- ୮୦ ଦଶକ ଓ ଏବେକାର ଭାରତୀୟ ଦଳ ମଧ୍ୟରେ ବହୁ ଫରକ ରହିଛି। କିନ୍ତୁ କୋହଲିଙ୍କ ଆକ୍ରମଣାତ୍ମକ ଭାବଭଙ୍ଗୀ ଦେଖିବାକୁ ବେଶ୍ ମଜା ଲାଗୁଛି। ତାଙ୍କର ଏହି ଗୁଣ ମୁଁ ପସନ୍ଦ କରୁଛି। କୋହଲିଙ୍କ ଅଧିନାୟକତ୍ୱକୁ ମୁଁ ପସନ୍ଦ କରୁଛି ବୋଲି ଏଠାରେ ଆୟୋଜିତ ଏକ ପ୍ରମୋଶନାଲ ଇଭେଣ୍ଟରେ ଯୋଗଦେଇ ରିଚାର୍ଡ୍ସ କହିଛନ୍ତି। କୋହଲିଙ୍କ ଆକ୍ରମଣାତ୍ମ ନେତୃତ୍ୱ ନେଇ ବିଭିନ୍ନ ମହଲରୁ ସମାଲୋଚନା ହେଉଥିବା ବେଳେ ରିଚାର୍ଡ୍ସ କିନ୍ତୁ ଏଥିରେ କିଛି ଭୁଲ୍ ନାହିଁ ବୋଲି କହିଛନ୍ତି। କୋହଲି କଠିନ ପରିଶ୍ରମ କରୁଛନ୍ତି ଓ ସେହି ଅନୁସାରେ ପରିଣାମ ଆଶା ମଧ୍ୟ କରୁଛନ୍ତି। ସେ ଅତ୍ୟଧିକ ଆକ୍ରମଣାତ୍ମକ ହେଉଛନ୍ତି ବୋଲି କେତେକ ଲୋକ କହୁଛନ୍ତି। ତେବେ ମୁଁ ଏଥିରେ ଏକମତ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ପ୍ରଥମଥର ପାଇଁ ବିଜୟୀ ହୋଇ ଇତିହାସ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ପୂର୍ବାନୁମାନ କରିଛନ୍ତି। ଏହା ଏକ ଦୃଷ୍ଟାନ୍ତମୂଳକ ସିରିଜ ହେବାକୁ ଯାଉଛି। ପ୍ରଥମ ଟେଷ୍ଟ ହାରିବା ପରେ ଅଷ୍ଟ୍ରେଲିଆ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ମ୍ୟାଚ୍‌କୁ ହାତେଇ ସିରିଜକୁ ୧-୧ରେ ବରାବର କରିଛି। ଭାରତ ୧ ନମ୍ବର ଦଳ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆକୁ ଆଦୌ ହେୟ ମନେ କରିହେବ ନାହିଁ ଓ ଅଷ୍ଟ୍ରେଲିଆ ଏକ ଲଢୁଆ ଦଳ ବୋଲି ସେ କହିଛନ୍ତି।

ଆମ ସମୟରେ ଭାରତୀୟ ଦଳରେ ବିଶ୍ୱର ଶ୍ରେଷ୍ଠ ସ୍ପିନରମାନେ ଥିଲେ। କିନ୍ତୁ ଏବେକାର ଦଳରେ ଶ୍ରେଷ୍ଠ ଦ୍ରୁତ ବୋଲର ରହିଛନ୍ତି। ସୁନୀଲ ଗାଭାସ୍କର ହେଉଛନ୍ତି ଭାରତୀୟ ବ୍ୟାଟିଂର ଗଡଫାଦର। ଗାଭାସ୍କରଙ୍କ ବ୍ୟାଟିଂ ବିରାସତ୍ ବା ପରମ୍ପରାକୁ ସଚିନ ତେନ୍ଦୁଲକର ଓ କୋହଲି ଆଗକୁ ବଢାଇଛନ୍ତି ବୋଲି ରିଚାର୍ଡ୍ସ କହିଛନ୍ତି।

# ରାହାନେ ଭାରତ ଏ’ ତରଫରୁ ଖେଳିପାରନ୍ତି



**ନୂଆଦିଲ୍ଲୀ, ୨୨।୧୨ (ପି.ଟି.)**

ଜାନୁୟାରୀ ୩ରୁ ଭାରତ ସିଡନୀରେ ଅଷ୍ଟ୍ରେଲିଆ ବିପକ୍ଷରେ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳିବ। ଏଥିସହିତ ଦୀର୍ଘ ୬ ମାସ ମଧ୍ୟରେ ଭାରତ ତା’ର ଶେଷ ଟେଷ୍ଟ ମ୍ୟାଚ ଖେଳିବ। ଆଗକୁ ଟେଷ୍ଟ ଫର୍ମାଟରେ ଉନ୍ନତ ପ୍ରଦର୍ଶନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସ୍ୱତନ୍ତ୍ର ରୋଡ ମ୍ୟାପ୍ ପ୍ରସ୍ତୁତ କରିଛି।

ଜାନୁୟାରୀ- ଫେବୃୟାରୀ ଶେଷ ବେଳକୁ ଇଂଲଣ୍ଡ ଏକ ସମ୍ପୂର୍ଣ୍ଣ ସିରିଜ ଖେଳିବାକୁ ଭାରତ ଗସ୍ତରେ ଆସିବ। ଏହି ସିରିଜ ଅବସରରେ ଭାରତର କେତେକ ସିନିୟର ଖେଳାଳିଙ୍କୁ ଭାରତ ଏ’ ଦଳରେ ସାମିଲ କରିବା ଲକ୍ଷ୍ୟରେ ରହିଛି ବିସିସିଆଇ। ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେଙ୍କ ଭଳି ଖେଳାଳି ଜାନୁୟାରୀ ଶେଷରେ ରଣଜୀ ଟ୍ରଫି ଶେଷ ହେବା ପରେ ମଧ୍ୟ ଖେଳିବାରେ ବ୍ୟସ୍ତ ରହିବେ। ଦ୍ରୁତ ବୋଲରଙ୍କ ଉପରେ କାର୍ଯ୍ୟଭାର ରହିବା ଏକ ଭିନ୍ନ ସମସ୍ୟା ହୋଇଥିଲେ ମଧ୍ୟ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ କେତେକ ଟେଷ୍ଟ ସ୍ପେଶାଲିଷ୍ଟଙ୍କୁ ଖେଳାଇବାକୁ ଯୋଜନା କରାଯାଇଛି। ଭାରତ ଗସ୍ତରେ ଇଂଲଣ୍ଡ ଲାୟନ୍ସ ୪ଦିନିଆ ଟେଷ୍ଟ ଓ ଲିଷ୍ଟ ଏ ଓ ଟି୨୦ ମ୍ୟାଚ୍ ଖେଳିବ ବୋଲି ବିସିସିଆଇର ଜଣେ ବରଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପୂଜାରା, ରାହାନେଙ୍କ ସମେତ ପୃଥ୍ୱୀ ଶ’ ୪ ଦିନିଆ ମ୍ୟାଚ ଖେଳିବେ ବୋଲି କୁହାଯାଇଛି।

## ବିସିସିଆଇ ବିରୋଧରେ ଜନସ୍ୱାର୍ଥ ମାମଲା

**ଚେନ୍ନାଇ,୨୨।୧୨:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଅଧିକାର କିଏ ଦେଲା। ଏ ଭଳି ପ୍ରଶ୍ନ ଦିଲ୍ଲୀର ଜଣେ ମହିଳା ମାଡ୍ରାସ ହାଇକୋର୍ଟରେ ଦାଖଲ କରିଥିବା ଜନସ୍ୱାର୍ଥ ମାମଲା ଜରିଆରେ ପଚାରିଛନ୍ତି। କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ବିସିସିଆଇ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରୁଛି। ଏଥିଯୋଗୁ ବିସିସିଆଇ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଗୀତା ରାଣୀ ଜନସ୍ୱାର୍ଥ ମାମଲାରେ କହିଛନ୍ତି। ନିୟମ ଅନୁଯାୟୀ କେନ୍ଦ୍ର ସରକାର କ୍ରିକେଟ ପରିଚାଳନା ଲାଗି ସଂସ୍ଥା ଗଠନ କରିବା ଉଚିତ। ଜଷ୍ଟିସ ଏମ୍. ସତ୍ୟନାରାୟଣ ଓ ଜଷ୍ଟିସ ପି. ରାଜମଣିକମଙ୍କୁ ନେଇ ଗଠିତ ଖଣ୍ଡପୀଠ ବିସିସିଆଇ ଓ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଫେବୃୟାରୀ ୭ ତାରିଖ ଉଭୟଙ୍କୁ ପକ୍ଷ ରଖିବାକୁ କହିଛନ୍ତି। ଉକ୍ତ ଜନସ୍ୱାର୍ଥ ମାମଲାରେ ଲେଖିତ ରହିଛି ଯେ, କେନ୍ଦ୍ର ସରକାରଙ୍କ ଅନୁମତି ବିନା ବିସିସିଆଇ ଅନ୍ତର୍ଜାତୀୟ କ୍ରିକେଟରେ ଭାରତକୁ ପ୍ରତିନିଧିତ୍ୱ କରିପାରିବ ଅଧିକାର ନାହିଁ। ଏହାସହ ଦେଶରେ କ୍ରିକେଟ ମ୍ୟାଚ୍ ଆୟୋଜନ ମଧ୍ୟ କରିପାରିବ ନାହିଁ। ଉଲ୍ଲେଖଥାଉ କି, ବିସିସିଆଇ କ୍ରମାଗତ ସାର୍ବଜନିକ ପ୍ରାଧିକରଣ ତାଲିକାରେ ସାମିଲ ହେବାକୁ ମନା କରି ଆସୁଛି। ଏଣୁ ବିସିସିଆଇକୁ ଜାତୀୟ କ୍ରୀଡ଼ା ସଂଘ ମାନ୍ୟତା ଦିଆଯାଇ ପାରିବ ନାହିଁ।



କୋଚ୍ ପି.ଟି. ପାଲୁସଙ୍କ ସହ କୃତୀ ରୋୟରମାନେ।

# ଜାତୀୟ ରୋଇଂରେ ଓଡ଼ିଶାକୁ ୫ ପଦକ

**କଟକ ଅଫିସ,୨୨।୧୨**

ପୁଣେସ୍ଥିତ ଆର୍ମି ରୋଇଂ ନୋଡ୍‌ଠାରେ ଚାଲିଥିବା ୩୭ତମ ସିନିୟର ଜାତୀୟ ରୋଇଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ୫ଟି ପଦକ ଜିତିଛି। ଏହା ମଧ୍ୟରେ ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ରହିଛି। ଏଥିରେ ୨ ହଜାର ଓ ୫୦୦ ମିଟର ବିଭାଗରେ ପ୍ରତିଯୋଗିତା ହେଉଛି। ଏଥିରେ କେବଳ ଓଡ଼ିଶା ମହିଳା ରୋୟରମାନେ ପଦକ ଜିତିଛନ୍ତି। ପୁରୁଷ ବର୍ଗରେ ଜଣେ ଖେଳାଳି ଭାଗନେଇଥିଲେ ମଧ୍ୟ ସେ ପଦକଶୂନ୍ୟ ରହିଛନ୍ତି। ୨ହଜାର ମିଟର ସିଙ୍ଗଲ୍ସ ସ୍କଲରେ ସଂଯୁକ୍ତା ଡୁଙ୍ଗ୍‌ଡୁଙ୍ଗ୍ ରୌପ୍ୟ, ଡବଲ ସ୍କଲରେ ରେଶ୍ମା କୁମାରୀ ମିଞ୍ଜ, ମଞ୍ଜୁଳା ଖେସ୍‌ଙ୍କ ଯୋଡ଼ି ସ୍ୱର୍ଣ୍ଣ, କକ୍ସଲେସ-୪ରେ ରିତୁ କୌଦି, ସୋନାଲୀ ସ୍ୱାଇଁ, ଝରଣା ହସ୍ତି, ଦୀପିକା ଖେସ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ୫୦୦ମିଟର ଡବଲ୍ସ ସ୍କଲରେ ସଂଯୁକ୍ତା ଡୁଙ୍ଗ୍‌ଡୁଙ୍ଗ୍, ମଞ୍ଜୁଳା ଖେସ୍ ବ୍ରୋଞ୍ଜ, କକ୍ସଲେସ-୨ରେ ସୋନାଲୀ ସ୍ୱାଇଁ, ରିତୁ କୌଦି ରୌପ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ ସ୍କଲିଂ ସଭାପତି ବିନୋଦ ଦାସ, ସମ୍ପାଦକ ଅମରଜ୍ୟୋତି ସିଂଦେଓ ପଦକ ବିଜୟୀ ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଏଟିକେରେ ଯୋଗଦେବେ କୋଟାଲ

**ନୂଆଦିଲ୍ଲୀ, ୨୨।୧୨ (ପି.ଟି.):** ଭାରତର ଅନ୍ତର୍ଜାତୀୟ ଫୁଟ୍‌ବଲ ଖେଳାଳି ପ୍ରୀତମ କୋଟାଲ ଆସନ୍ତା ମାସରେ ଦୁଇଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ଚାମ୍ପିୟନ ଏଟିକେ ଟିମ୍‌ରେ ଯୋଗଦାନ କରିବେ। ଏଥିପାଇଁ କୋଲକାତା ଭିତ୍ତିକ କ୍ଲବକୁ ଦିଲ୍ଲୀ ଡାଇନାମୋସକୁ ଟ୍ରାନ୍ସଫର ଫି ବାବଦରେ ୨୦ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିବା ପ୍ରକାଶ। ଡିଫେଣ୍ଡର କୋଟାଲ ଏଏଫ୍‌ସି ଏସିଆନ କପ୍‌ରେ ଭାଗ ନେବାଲାଗି ବର୍ତ୍ତମାନ ଆବୁଧାବିରେ ଅଛନ୍ତି। ସେ ଜାନୁୟାରୀରେ ତାଙ୍କ ନୂଆ କ୍ଲବ ସହିତ ଯୋଗ ଦେବେ। ଖେଳାଳି ଟ୍ରାନ୍ସଫର କାରବାର ଆସନ୍ତା ମାସରେ ଆରମ୍ଭ ହେବ। କୋଟାଲ ଟୁର୍ନାମେଣ୍ଟରେ ଡାଇନାମୋସ ତରଫରୁ ୨୪ ଥର ପ୍ରତିନିଧିତ୍ୱ କରିଛନ୍ତି। ଦଳ ପକ୍ଷରୁ ଦୁଇଟି ସିଜନରେ ସେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଛନ୍ତି।

# ସେମିରେ କେନ୍ଦ୍ରାପଡ଼ା, ବାଲେଶ୍ୱର

**ରାଜ୍ୟ ସିନିୟର ଭଲିବଲ୍**



ମ୍ୟାଚ୍ ପରିଚାଳନା କରୁଥିବା ଅଫିସିଆଲ୍‌ବୃନ୍ଦ।

**ଭୁବନେଶ୍ୱର, ୨୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

କାମାକ୍ଷାନଗରଠାରେ ଚାଲିଥିବା ରାଜ୍ୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ୬୭ତମ ସଂସ୍କରଣର ପୁରୁଷ ଓ ମହିଳା ବିଭାଗ ପ୍ରତିଯୋଗିତାରେ ଦୁଇଟି ଲେଖାଏ ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ବିଭାଗ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଇଷ୍ଟକୋଷ୍ଟ ରେଲୱେ ସେମିଫାଇନାଲକୁ ଉଠିଛନ୍ତି। ଅନ୍ୟପଟେ ପୁରୁଷ ବିଭାଗ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଓ ବାଲେଶ୍ୱର ସେମିକୁ ଉଠିଛନ୍ତି। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ, କାର୍ଯ୍ୟକାରୀ ସଭାପତି ସଞ୍ଜୟ ଦାସ ଓ ଉପସଭାପତି ଆକ୍‌ମଲ ଅଲୀ ଅନ୍ୟତମ ଅତିଥି ଭାବେ ଏହି ଅବସରରେ ଉପସ୍ଥିତ ଥିଲେ।

# ଶ୍ରେଷ୍ଠ ୩ରେ ରହିବା ବଡ଼ ଚ୍ୟାଲେଞ୍ଜ

**ରିକ୍ ଚାର୍ଲ୍ସୱର୍ଥ**

ଚଳିତ ଦଶନ୍ଧିରେ ହକି ବେଶ୍ ମଜାଦାର ହୋଇଥିବା ଲକ୍ଷ୍ୟ କରାଯାଇଛି। ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ଭଳି ଦେଶଗୁଡିକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଗୁଡିକରେ ଅସାଧାରଣ ପ୍ରଦର୍ଶନ କରିଛନ୍ତି। ତେବେ ଲଣ୍ଡନ ଅଲିମ୍ପିକ୍ସ ପରଠାରୁ ଜର୍ମାନୀ ଭଲ ପ୍ରଦର୍ଶନ କରିପାରିନହିଁ। ଅନ୍ୟପଟେ ଆର୍ଜେଣ୍ଟିନା ଓ ବେଲଜିୟମ ଆଖିଦୃଶିଆ ଉନ୍ନତି କରିଛନ୍ତି। ପୁଣି ଏଥି ସହିତ ଭାରତୀୟ ହକିର ମଧ୍ୟ ପୁନରୁତ୍ଥାନ ହୋଇଛି। ଭାରତ ଏବେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ କରୁଛି ଓ ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ମଧ୍ୟରୁ ଅନ୍ୟତମ ଦଳ ଭାବେ ନିଜକୁ ପ୍ରମାଣିତ କରିଛି।

ସଦ୍ୟ ସମାପ୍ତ ବିଶ୍ୱକପ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତର ପ୍ରଦର୍ଶନ ବେଶ୍ ଉତ୍ସାହଜନକ ରହିଛି ବୋଲି କୁହାଯାଇପାରେ। ପୁଲ ମ୍ୟାଚ୍‌ରେ ଭାରତ ବେଲଜିୟମ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲା। ଏପରିକି ବେଲଜିୟମଠାରୁ ଉନ୍ନତ ପ୍ରଦର୍ଶନ କରିଥିଲା। ସେହିପରି କ୍ୱାର୍ଟରଫାଇନାଲରେ ନେଦରଲାଣ୍ଡ୍ସ ବିପକ୍ଷରେ ଜବରଦସ୍ତ ପ୍ରଦର୍ଶନ କରିଥିଲା ଓ ଏହି ମୁକାବିଲା ବେଶ୍ ପାଖାପାଖି ଥିଲା। ସେହିପରି ଆୟର୍ଲାଣ୍ଡ ଓ ଫ୍ରାନ୍ସ ଭଳି ଦେଶଗୁଡିକ ମଧ୍ୟ ବେଶ୍ ଉନ୍ନତି କରିଛନ୍ତି। ସ୍ପେନ ମଧ୍ୟ ବିଶ୍ୱହକିରେ ନିଜର ପରାକାଷ୍ଠା ଦେଖାଇବାରେ ସଫଳ ହୋଇଛି।

ବିଶ୍ୱ ହକିରେ ଏବେ ଗଭୀରତା ଦେଖିବାକୁ ମିଳିଛି। ବିଭିନ୍ନ କ୍ରୀଡ଼ା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀତାରେ ଅହେତୁକ ବୃଦ୍ଧିଘଟିଛି। ବ୍ୟବସାୟ ଓ ବିସ୍ତାର ବୃଦ୍ଧି ଦୃଷ୍ଟିକୋଣରୁ ଦେଖିବାକୁ ହେଲେ ହକି ଏବେ ଦୋଛକିରେ ଥିବା ଭଳି ମନେହେଉଛି। ବିଶ୍ୱରେ ଅନ୍ୟ କ୍ରୀଡ଼ାଗୁଡିକର ଲୋକପ୍ରିୟତା ମଧ୍ୟ ବଢ଼ିବାରେ ଲାଗିଛି। ଭାରତରେ କ୍ରିକେଟର କ୍ରେଜ୍ ରହିଛି। ବିଶ୍ୱ ବାକି ଅଞ୍ଚଳରେ ଫୁଟବଲ ଓ ରଗବୀର ଲୋକପ୍ରିୟତା ଆକାଶଛୁଆଁ ହୋଇଛି।

ତେଣୁ ହକିର ଉନ୍ନତି ପାଇଁ ଆହୁରି କିଛି ଅଧିକ ହେବା ଆବଶ୍ୟକ। ୫ ଏ ସାଇଡ ହକିର ମୁଁ ପ୍ରଶଂସକ ନୁହଁ। ତେବେ କେତେକ ଛୋଟ ଦେଶରେ ହକିର ଉନ୍ନତି ପାଇଁ ଏହି ଫର୍ମାଟକୁ ଗ୍ରହଣ କରାଯିବାରେ କୌଣସ ଅସୁବିଧା ନାହିଁ। ଏହି ଫର୍ମାଟ ଦ୍ୱାରା ଅଧିକ ସଂଖ୍ୟକ ଖେଳାଳି ଲାଭବାନ ହୋଇପାରିବେ ନାହିଁ। ତବେ ୯ ଏ ସାଇଡ ହକି ଖେଳାଳିଙ୍କ ପ୍ରତିଭା ଉନ୍ନତିରେ ବିଶେଷ ଭାବେ ସହାୟକ ହୋଇପାରିବ।

ଭାରତର ପ୍ରଦର୍ଶନରେ ମୁଁ ପ୍ରଭାବିତ ହୋଇଛି। ୩- ୪ ଦଶନ୍ଧି ପୂର୍ବରୁ ଭାରତ ଯେଉଁ ଭଳି ଖେଳୁଥିଲା ଏବେ ସେହିଭଳି ପ୍ରଦର୍ଶନ କରୁଛି। ଭାରତ ହକିରେ ଯଥେଷ୍ଟ ଉନ୍ନତି କରିଛି। ତେବେ ପରବର୍ତ୍ତୀ ପର୍ଯ୍ୟାୟ ଭାରତ ପାଇଁ ପ୍ରକୃତ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଆହୁରି ଉନ୍ନତି ପାଇଁ ବିଦେଶୀ କୋଚ୍‌ଙ୍କ ସହାୟତା ନିଆଯାଇ ପାରିବ। ତେବେ କୋଚ୍ ଓ ଖେଳାଳିଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ମୁଖ୍ୟ ସମସ୍ୟାଭାବେ ଉଭା ହେବ। ଏଥିପାଇଁ ଭାରତୀୟ କୋଚଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ୍। ସେଥିପାଇଁ ଭାରତୀୟ କୋଚ୍‌ଙ୍କ ଦକ୍ଷତାରେ ଉନ୍ନତି ଆସିବା ମଧ୍ୟ ଦରକାର। ହକିରେ ଗୋଲ କିପିଙ୍ଗ୍ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ। ବିଶ୍ୱକପ୍ ପୂର୍ବରୁ ମୁଁ କହିଛି ଯେ, ଜଣେ ଭଲ ଗୋଲ କିପର ବିନା ବିଶ୍ୱକପ୍ ଜିତିବା ଆଦୌ ସମ୍ଭବ ନୁହଁ। ଭାରତର ମଧ୍ୟ କେତେଜଣ କ୍ୱାଲିଟି ଗୋଲ କିପର ରହିଥିଲେ। କେତେଜଣ କର୍ନର ଟେକର୍ସ ମଧ୍ୟ ରହିଛନ୍ତି। ପୁଣି ମ୍ୟାଚ୍ ବେଳେ ଗତିଶୀଳତାର ପରିବର୍ତ୍ତନ ପାଇଁ କେତୋଟି ବୈଷୟିକ ଦିଗ ଉପରେ କାର୍ଯ୍ୟ କାରିବାର ଆବଶ୍ୟକତା ରହିଛି।

ତେବେ ଏ ସବୁ ସତ୍ତ୍ୱେ ଭାରତ ବିଶ୍ୱର ଶ୍ରେଷ୍ଠ ୫ଟି ଦଳ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିବାର କ୍ଷମତା ରଖୁଛି। ବିଶ୍ୱରେ ଶ୍ରେଷ୍ଠ ୨ କିମ୍ବା ୩ଟି ଦଳରେ ସାମିଲ ହେବା ଭାରତ ପାଇଁ ପ୍ରକୃତ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି।

ଶେଷରେ ପ୍ରସ୍ତାବିତ ଇଣ୍ଡିଆନ ଓସେନ୍ ଲିଗ୍‌କୁ ମୁଁ ଦୃଢ ସମର୍ଥନ କରୁଛି। ଏ ଲିଗ୍‌ରେ ଭାରତ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଦେଶଗୁଡିକର ଶ୍ରେଷ୍ଠ ଦଳଗୁଡିକ ସାମିଲ ହୋଇ ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ୟୁରୋପରେ ଖେଳାଯାଉଥିବା ଲିଗ୍‌ଗୁଡିକ ଭଳି ଏହି ଲିଗ୍‌ର ମଧ୍ୟ ଉପାଦେୟତା ରହିବ। ଉଦାହରଣ ସ୍ୱରୂପ ଚେନ୍ନାଇର ଏକ ଦଳ ପର୍ଥର ଏକ ଟିମ ସହିତ ଖେଳିବ। ସେହିପରି ନ୍ୟୁଜିଲାଣ୍ଡର ଏକ ଦଳ ମାଲେସିଆର ଏକ ଦଳ ବିପକ୍ଷରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବ। ଏହା ହୋଇପାରିଲେ ହକି ବେଶ୍ ମଜାଦାର ହେବା ସହିତ ଉନ୍ନତି ପଥରେ ଅଗ୍ରସର ହୋଇପାରିବ।

–ଗେମ୍ ପ୍ଲାନ୍

THE ULTIMATE INVERTER BATTERY
EXIDE
INVATUBULAR

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଡିସେମ୍ବର ୨୩/୨୦୧୮ Bhubaneswar, Sunday, December 23/ 2018

## ସଂକ୍ଷେପରେ

ରଣ କରାଇଦେବା ପାଇଁ ଲାଞ୍ଚ

### କେଭିଆଇସି ବରିଷ୍ଠ କିରାଣିଙ୍କୁ ୧ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)- ରଣ କରାଇ ଦେବା ପାଇଁ ଲାଞ୍ଚ ନେଇ ଗିରଫ ହୋଇଥିବା ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ କର୍ପୋରେଶନ(କେଭିଆଇସି)ର ବରିଷ୍ଠ କରାଣି ବିଭୀଷଣ ନାୟକଙ୍କୁ ସ୍ପେଶାଲ ଜଜ୍ ସିବିଆଇ କୋର୍ଟ-୨ ଶନିବାର ଦଣ୍ଡିତ କରିଛନ୍ତି। କୋର୍ଟ ମାମଲାର ବିଚାର କରି ବିଭୀଷଣଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ଦେବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ରାୟ ଦେଇଛନ୍ତି। ବିଭୀଷଣଙ୍କ ଘର କେନ୍ଦୁଝରର ବ୍ରାହ୍ମଣଗାଁ। ସେ ଭୁବନେଶ୍ୱର ଶିଶୁପାଳଗଡ଼ରେ ରହୁଥିବାବେଳେ କେଭିଆଇସିରେ ବରିଷ୍ଠ କିରାଣି ଥିଲେ। ୨୦୧୩ରେ ପିଏମ୍ଇଜିପିରେ ଲୋନ କରାଇଦେବା ଲାଗି ନୀଳକଣ୍ଠ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଛତ୍ରପଡା ଗ୍ରାମର ନୀଳକଣ୍ଠ ମାନସିଂଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ସିବିଆଇ ହାତରେ ଧରାପଡ଼ିଥିଲେ।

■କଳିଙ୍ଗନଗର ମହୋତ୍ସବ ଉଦ୍‌ଘାଟିତ

# ୫ବର୍ଷରେ ୬ ଲକ୍ଷ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ୍.ଏ),୨୨।୧୨

ଯାଜପୁର ଆମ ରାଜ୍ୟର ଏକ ଆଗୁଆ ଜିଲା। ଶିଳ୍ପ, କୃଷି, କଳା, ସାହିତ୍ୟ ଓ ସଂସ୍କୃତି ସବୁ କ୍ଷେତ୍ରରେ ଯାଜପୁରର ସୁନାମ ରହିଛି । ଜନଜାତି, କଳା ଓ ସଂସ୍କୃତି ପାଇଁ କଳିଙ୍ଗନଗର ମହୋତ୍ସବ ବିଶେଷ ସୁଯୋଗ ସୃଷ୍ଟି କରିବ। କଳିଙ୍ଗନଗର ଦେଶର ଏକ ବଡ଼ ଇଣ୍ଡଷ୍ଟ୍ରିଆଲ ହବ୍ ଭାବରେ ସୁନାମ କରିଛି। କଳିଙ୍ଗନଗର ପାଇଁ ବିଜୁ ବାବୁଙ୍କ ସ୍ୱପ୍ନ ସକାର ହୋଇଛି। ଯୁବତୀଯୁବକଙ୍କ ମଧ୍ୟରେ ରହିଥିବା ପ୍ରତିଭାର ଉନ୍ନତି ଓ ନିଯୁକ୍ତି ଉପରେ ଆମେ ସବୁବେଳେ ଗୁରୁତ୍ୱ ଦେଉଛୁ। ଆଗାମୀ ୫ବର୍ଷରେ ରାଜ୍ୟରେ ୬ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ପାଇଁ ଲକ୍ଷ୍ୟ ରହିଛି ବୋଲି ଶନିବାର ଖରଡିଠାରେ ୨ୟ କଳିଙ୍ଗନଗର ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହୁରି କହିଥିଲେ ଯେ, ଚାଷ ଆମର ମୁଖ୍ୟ ଜୀବିକା। ଚାଷୀ ଭାଇଙ୍କ ଉନ୍ନତି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଚାଷୀ ଭାଇମାନଙ୍କ ପାଇଁ ଶୁକ୍ରବାର କାଳିଆ ଯୋଜନା ଘୋଷଣା ହୋଇଛି। ଏହି ଯୋଜନାରେ ଛୋଟ ଚାଷୀ, ଭାଗ ଚାଷୀ, ଭୂମିହୀନ, କୃଷି ଶ୍ରମିକ ସମସ୍ତେ ଲାଭବାନ ହେବେ। ଏଥିରେ ଚାଷୀମାନଙ୍କ ପାଇଁ ଜୀବନବୀମା ସହିତ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯିବ । ଆଶା ରହିଛି ସବୁ ଚାଷୀ ଭାଇମାନେ ଏହି ଯୋଜନାର ସୁଯୋଗ ନେଇ ନିଜର ଓ କୃଷିର ଉନ୍ନତି କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ କହିଥିଲେ ୧୯୯୨ ମେ ୧୦ତାରିଖରେ ବିଜୁ ବାବୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଶୁଭ ଦେଇଥିଲେ। ଆଜି କଳିଙ୍ଗନଗର ୨୬ବର୍ଷର ଯୁବକ ହୋଇଛି। ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି କଳିଙ୍ଗନଗରରେ ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ଦେଖି ପାରୁଛନ୍ତି । ମେକ୍ ଇନ୍ ଓଡ଼ିଶାରେ ସାରା ବିଶ୍ୱର ଶିଳ୍ପପତି ଏଠାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଆଜି କେତେକ ଶିଳ୍ପ ସେମାନଙ୍କ ଉତ୍ପାଦନ ଆରମ୍ଭ କରି ସାରିଛନ୍ତି। ମୁଖ୍ୟମନ୍ତ୍ରୀ କଥାରେ ବିଶ୍ୱାସ କରନ୍ତି ନାହିଁ, କାମରେ ବିଶ୍ୱାସ କରନ୍ତି । ଗୋଟିଏ ପରେ ଗୋଟିଏ ଶିଳ୍ପ ସେ କଳିଙ୍ଗନଗରକୁ ଦେଇ ଆସୁଛନ୍ତି। ନବୀନ ବାବୁଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟଶୈଳୀକୁ ଆଜି କେନ୍ଦ୍ର ସରକାର ତଥା ସାରା ଭାରତବର୍ଷର ନେତୃତ୍ୱ ଶିଖୁଛି । ନବୀନ ବାବୁଙ୍କ ନକଲ କରିବାକୁ ଅନ୍ୟମାନେ ଉଦ୍ୟମ କରୁଛନ୍ତି। ହେଲେ ତାହା କେହି କରି ପାରିବେ ନାହିଁ ବୋଲି ଘଡ଼େଇ କହିଥିଲେ। ଏହି ଅବସରରେ ଯାଜପୁର ଏମ୍‌ପି ରୀତା ତରାଇ, ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥି, ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସମୟର ଅଭାବ ଦର୍ଶାଇ ଅନ୍ୟ କାହାରିକୁ କହିବାକୁ ସୁଯୋଗ ଦିଆଯାଇ ନ ଥିଲା। ଏହାପୂର୍ବରୁ ଯଖପୁରାଠାରେ ବିଜୁ ବାବୁ ଲଗାଇଥିବା କଦମ୍ବ ଗଛ ନିକଟରେ ପ୍ରସ୍ତାବିତ ଏକ ପାର୍କର ଶୁଭ ଉଦ୍‌ଘାଟନ କରିଥିଲେ।



କଳିଙ୍ଗନଗର ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।

## ସୁନ୍ଦରଗଡ଼ରୁ ଆସି ପୁରୀରେ ଆତ୍ମହତ୍ୟା

ପୁରୀ ଅଫିସ,୨୨।୧୨:

କୁମ୍ଭାରପଡା ଥାନା ଅନ୍ତର୍ଗତ ପୋଲିସ ହାଇସ୍କୁଲ ପାଚେରି କଡ଼ରେ ଶନିବାର ଅପରାହ୍ନ ସାଢେ ଗୋଟାଏରେ ଜଣେ ବ୍ୟକ୍ତି ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁନ୍ଦରଗଡ଼ ଜିଲା ରଘୁନାଥପାଲି ଥାନାଞ୍ଚଳର ଗଣେଶ ପ୍ରକାଶ ଧଳ (୫୫)। ଠିକ୍ ସମୟରେ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଘଟଣାସ୍ଥଳରେ ଛଟପଟ ହୋଇ ଗଣେଶ ଆଖିବୁଜିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଘଟଣାସ୍ଥଳରୁ ଏକ ମୋବାଇଲ୍ ଫୋନ୍ ଓ ତାଙ୍କ ପକେଟରୁ ମିଳିଥିବା ଏକ ଟ୍ରେନ୍ ଟିକେଟକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ପରିଚୟ ମିଳିବା ପରେ ତାଙ୍କ ଘର ଲୋକଙ୍କୁ ଏ ସଂକ୍ରାନ୍ତରେ ଯୋଗାଯୋଗ କରାଯାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧୧୮) ରୁଜୁ କରାଯାଇ ଅଧିକ ଖୋଳତାଡ଼ ଚାଲିଥିବା ଥାନାଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ପାରିବାରିକ କଳହରୁ ବ୍ୟକ୍ତିଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।




ସଚିକାନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ସେମିରେ ଇଲେଭେନ୍‌ଷ୍ଟାର

ଧର୍ମଶାଳା,୨୨।୧୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ କୋଟପୁରସ୍ଥିତ ଜାଗୁଲାଇ ହାଇସ୍କୁଲ ପଡିଆରେ ୧୫ତମ ବାର୍ଷିକ ସଚିକାନ୍ତ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର କୁମାର ରାୟ ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ପାରାମାଉ କ୍ରିକେଟ କ୍ଲବ ଭୁବନେଶ୍ୱର ଓ ଇଲେଭେନଷ୍ଟାର୍ ଯାଜପୁର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପାରାମାଉକୁ ହରାଇ ଇଲେଭେନ୍‌ଷ୍ଟାର ସେମିଫାଇନାଲରେ ପ୍ରବେଶ କରିଛି। ଇଲେଭେନ୍‌ଷ୍ଟାର ପ୍ରଥମେ ବ୍ୟାଟିଂ କରି ୨୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଦଳପକ୍ଷରୁ ଅଭିଳାସ ରାଉତରାୟ ୫୮ରନ୍ କରିଥିଲେ। ଜବାବରେ ପାରାମାଉ କ୍ରିକେଟ କ୍ଲବ ୨୨ଓଭରରେ ୧୪୭ରନ୍ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ଅଭୟ ମଲିକ ୭୮ରନ୍ କରିଥିଲେ। ଆଶୁତୋଷ ପାଣି ଓ ବଳୟ ରଞ୍ଜନ ଜେନା ଖେଳ ପରିଚାଳନା କରିଥିଲେ। ରବିବାର ନିମପୁର ସ୍ପୋର୍ଟସ୍ କ୍ଲବ, ଜଗତପୁର ଓ ୟୁନିକ୍ ଇଲେଭେନ୍ ମୟୂରଭଞ୍ଜ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ସ୍ୱରାଜ କେତନ ଜେନା ସୂଚନା ଦେଇଛନ୍ତି।

■ଯାଜପୁର ଗସ୍ତରେ ନିର୍ବାଚନ ଯୁଗ୍ମ ସଚିବ

## ଇଭିଏମ୍, ଭୋଟର ତାଲିକା ସମୀକ୍ଷା

ଯାଜପୁର ଅଫିସ,୨୨।୧୨

ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଯୁଗ୍ମ ସଚିବ ରଘୁରାମ ଆୟାର ଶନିବାର ଯାଜପୁର ଜିଲା ଗସ୍ତରେ ଆସି ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସ୍ଥାନୀୟ ସର୍କିଟ ହାଉସଠାରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସହ ଆଲୋଚନା କରିବା ପରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ବିଭିନ୍ନ ପରାମର୍ଶ ଓ ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶଗୁଡ଼ିକର ଅନୁପାଳନ କରିବାକୁ ଅନୁରୋଧ କରିଥିଲେ। ଠିକ୍ ଭୋଟର ତାଲିକା ପ୍ରସ୍ତୁତି, ସଠିକ ସଂଶୋଧନ କାର୍ଯ୍ୟ ସହ ତାହାର ସଫଳ କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜିଲାପାଳ ଦାସ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବା ପାଇଁ ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ନିର୍ବାଚନ ଡେପୁଟି କଲେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସଚିବ ଆୟାର ଜିଲାପାଳଙ୍କ କାର୍ଯ୍ୟାଳୟ ସନ୍ନିକଟ ନିର୍ମାଣାଧିନ ଇଭିଏମ୍ ଗୋଦାମ ଘରକୁ ଅନୁଧ୍ୟାନ କରିଥିଲେ। ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରି ଆୟାର ୧୮ବର୍ଷରୁ ଉର୍ଦ୍ଧ୍ୱ ଓ ୨୫ ବର୍ଷରୁ କମ୍ ଅନେକ ଯୁବ ବର୍ଗ ଭୋଟର ତାଲିକାରେ ସାମିଲ ହୋଇ ନ ଥିବା ଦୁଃଖର କଥା ବୋଲି କହିଥିଲେ।




## ଅଗ୍ନିକାଣ୍ଡରେ ଜଳିଗଲା ୬ବଖରା

ବିଞ୍ଝାରପୁର,୨୨।୧୨(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଳକୁଣ୍ଡ ପଞ୍ଚାୟତର ୭ନଂ. ୱାର୍ଡରେ ଶନିବାର ସକାଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୩ ଜଣଙ୍କର ୬ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି । ବିପନ୍ନମାନେ ହେଲେ ମୀର ଖୁର୍ସିଦ ଅଲି, ମୀର ମକସର ଅଲି ଏବଂ ଉମେଦ ଅଲି। ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ସହାୟତା ମିଳି ନ ଥିଲା ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ନିରଞ୍ଜନ ଜେନା ଓ ଜିଲା ପରିଷଦ ସଭ୍ୟ ଶ୍ରବଣ କୁମାର ଜେନା ଅଗ୍ନି ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିବା ଜଣାପଡ଼ିଛି। ବାସଶୂନ୍ୟ ହୋଇଥିବା ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।




କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

## ସେମିରେ ମଧୁପୁରଗଡ଼, ଏଣ୍ଡଲବା

ଧର୍ମଶାଳା, ୨୨।୧୨ (ଡି.ଏନ.ଏ.)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରାଇଛନ୍ଦା ପଞ୍ଚାୟତସ୍ଥିତ ବାରକଣା ଖେଳ ପଡିଆରେ ଚାଲିଥିବା ୪ର୍ଥ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ୨ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁପୁରଗଡ଼ ଓ ଏଣ୍ଡଲବା ଟିମ୍ ବିଜୟୀ ହୋଇଛି। ତାଳଜଙ୍ଗା ଓ ମଧୁପୁରଗଡ଼ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲ। ତାଳଜଙ୍ଗା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୧୨ ରନ୍ କରିଥିଲା। ଜବାବରେ ମଧୁପୁରଗଡ ପଞ୍ଚାୟତ ଟିମ୍ ୧୧.୧ ଓଭରରେ ୧୧୮ ରନ୍ କରି ବିଜୟୀ ହୋଇଥିଲା। ସେହିପରି ଏଣ୍ଡଲବା ଓ ମର୍ଜିତାପୁର ଟିମ୍ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଣ୍ଡଲବା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୮୨ରନ୍ ସଂଗ୍ରହ କରିଥିଲା। ଜବାବରେ ମର୍ଜିତାପୁର ଟିମ୍୧୫ ଓଭରରେ ୧୫୭ରନ୍ କରି ପରାସ୍ତ ହୋଇଥିଲା। ଇନ୍ତେକାବ୍ ଆଲମ୍ ଓ ଅମରେଶ ପରିଡା ଖେଳ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର, ପ୍ରକାଶ ଧଳ ଓ ଉତ୍ତମ ସାମଲ ସ୍କୋର୍‌ରେ ସହାୟତା କରିଥିଲେ। ରବିବାର ଚକ୍ରଧରପୁର ଓ ମଧୁପୁରଗଡ଼ ଏବଂ ରେଖିଦେଇପୁର ଓ ଏଣ୍ଡଲବା ଟିମ୍ ମଧ୍ୟରେ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶିରଞ୍ଜନ ରାୟ ସୂଚନା ଦେଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବ୍ଲକସ୍ତରୀୟ ଶିଶୁମେଳା



**କୋରେଇ,୨୨।୧୨(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ମସୁଦପୁରସ୍ଥିତ ଗୁରୁପ୍ରସାଦ ହାଇସ୍କୁଲଠାରେ ଶନିବାର ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସଭାପତି ପିନାକ ରଞ୍ଜନ ଦାସ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିକ୍ଷା ପ୍ରଦୀପର ସମ୍ପାଦକ ନୃସିଂହ ବେହେରା ମୁଖ୍ୟ ବକ୍ତା ଓ ଓଷ୍ଟା ଜିଲା ସହସମ୍ପାଦକ ବିଷ୍ଣୁଚରଣ ନାଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ମେଳାରେ ବ୍ଲକର ୨୦ ହାଇସ୍କୁଲର ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବିଭାଗ ତଥା ତର୍କ, କବିତା ଅବୃତ୍ତି, କବିତା ଲିଖନ, କୁଇଜ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଆଦିରେ ଭାଗ ନେଇଥିଲେ। କୋରେଇ ବ୍ଲକ ସମ୍ପାଦକ ସରୋଜ ରାଉତ, ପ୍ରତାପ ପହୀ, ମହମ୍ମଦ ଅଦରଫ ଅଲ୍ଲୀ, ହାଇସ୍କୁଲର ପ୍ରଧାନଶିକ୍ଷକ ନୃସିଂହ ଚରଣ ଖିଲାର, ବିଷ୍ଣୁ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

■ ସ୍ୱାହା ହେଉଛି ଲଘୁଖଣିଜ ଦ୍ରବ୍ୟର ପ୍ରାଚୁର୍ଯ୍ୟ

# ନିରୀକ୍ଷଣ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

**ଯାଜପୁର ଅଫିସ,୨୨।୧୨**

ଯାଜପୁର ଧର୍ମଶାଳା ତହସିଲରେ ରହିଥିବା ଲଘୁ ଖଣିଜ ଦ୍ରବ୍ୟର ପ୍ରାଚୁର୍ଯ୍ୟ ସ୍ୱାହା ହେବାକୁ ବସିଛି । ପ୍ରଶାସନିକ ଅଧିକାରୀ ଓ ପଥର ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଏଥିପାଇଁ ଦାୟୀ ବୋଲି କୁହାଯାଉଛି । ଅନ୍ୟପକ୍ଷେ ସରକାରୀ ଅଧିକାରୀମାନେ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ସାହାସ ଜୁଟାଇ ପାରୁ ନ ଥିବା ମଧ୍ୟ କେତେକ ମତପୋଷଣ କରୁଛନ୍ତି। ଏଯାଏ ଗୋଟିଏ ବି କଳାପଥର ଖାଦାନକୁ ପରିବେଶ ମଞ୍ଜୁରୀ ମିଳିନାହିଁ। ଆସନ୍ତା ୨୯।୧୨।୨୦୧୮ ତାରିଖରେ ଧର୍ମଶାଳା ଭବନରେ ପ୍ରଥମ କରି ଅଞ୍ଜିରା ପଥର ଖାଦାନ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ସର୍ବସାଧାରଣ ଶୁଣାଣି ନିମନ୍ତେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି । ତେବେ ଏହି ଜନଶୁଣାଣିକୁ ଲୋକଙ୍କ ସମର୍ଥନ ମିଳିବ ନା ଗତାନୁଗତିକ



ବିଛାଖଣ୍ଡି ପଥର ଖଣି ଅଞ୍ଚଳରେ ତହସିଲଦାର ପରିଦର୍ଶନ କରୁଥିବାର ଏକ ଫଟୋ।

ଭାବେ ପ୍ରାୟୋଜିତ ହେବ ସେ ନେଇ ଲୋକଙ୍କ ମଧ୍ୟରେ ଏବେଠୁ ସନ୍ଦେହ ଉପୁଜିଛି । ଗତ ୧୬ବର୍ଷ ଧରି ଡଙ୍କାରୀ ପାହାଡ଼ ଲୁଟ ହୋଇଛି । ଲିଜ୍‌ଧାରୀଙ୍କୁ ପ୍ରାୟ ୫୮କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ଦେବାକୁ ନିର୍ଦ୍ଦେଶ ହୋଇଛି। ହେଲେ ଏହି ନିର୍ଦ୍ଦେଶକୁ ଚଞ୍ଚକତା କରି ଚପାଇ ଦିଆଯାଇଛି। ଗ୍ରୀନ ଟ୍ରିବ୍ୟୁନାଲର ରାୟ ପରେ ଜିଲା ପ୍ରଶାସନ ପକ୍ଷରୁ ଡଙ୍କାରୀ ପାହାଡ଼ରେ ୧୪୪ ଧାରା ଜାରି ହୋଇଛି। ଏଭଳି ଅନେକ ଅନିୟମିତତା ହୋଇ କଳାପଥର ଉତ୍ତୋଳନରେ ହଜାର ହଜାର କୋଟି ରାଜସ୍ୱ କ୍ଷତି ହୋଇଛି। ବିଛାଖଣ୍ଡି ଅଞ୍ଚଳରେ ଖଣି ମାଫିଆମାନେ ବେଆଇନ ଭାବେ ୱାଗନ ଡ୍ରିଲିଂ ଦ୍ୱାରା ବ୍ଲାଷ୍ଟିଂ କରି କଳାପଥର ଲୁଟ ହେଉଥିବା ଅଭିଯୋଗ ପାଇବାପରେ ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ସାମଲ ଗତ ୧୫ତାରିଖରେ ଏକ କଳା ରଙ୍ଗର ସ୍କର୍ପିଓ ଗାଡିରେ ପରିଦର୍ଶନରେ ଯାଇଥିଲେ। ଅଭିଯୋଗର ପ୍ରମାଣ ନିଜ ଆଖି ଆଗରେ ଦେଖି ତୁରନ୍ତ ପକେଟରୁ ମୋବାଇଲ ଫୋନ ବାହାର କରି ସେଠାରେ ଚାଲିଥିବା ଆପତ୍ତିଜନକ କାର୍ଯ୍ୟଗୁଡିକର ଫଟୋଚିତ୍ର ଉତ୍ତୋଳନ କରି ଫେରି ଆସିଥିଲେ। ହେଲେ ସେଠାରେ ଚାଲିଥିବା ବେଆଇନ ଖଣି ଖନନ ଉପରେ କାହା ବିରୋଧରେ ଏଯାଏ କୌଣସି ପ୍ରକାର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନାହିଁ। ସେ ଯେତେବେଳେ ବିଛାଖଣ୍ଡି ଅଞ୍ଚଳରେ ନୀରିକ୍ଷଣ କରୁଥିଲେ ସେ ସମୟରେ ଆଉ କିଛି ସ୍ଥାନୀୟ ଲୋକ ମଧ୍ୟ ତାଙ୍କ ଉପରେ ନଜର ରଖିଥିଲେ। ତାଙ୍କ ଅଜାଣତରେ ଅତିରିକ୍ତ ତହସିଲଦାର ନେଉଥିବା ଫଟୋ ସମୟରେ ଫଟୋ ମଧ୍ୟ ଉଠାଇଥିଲେ। ଯାହାକି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରାଜନୈତିକ ପ୍ରଭାବରେ ସେ ଡରିଗଲେ ନା ମାଫିଆଙ୍କ ସହିତ ମୂଳଚାଲ ହେଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିକ୍ରମରେ ପରିବେଶୀୟ ମଞ୍ଜୁରୀ ସକାଶେ ସର୍ବସାଧାରଣ କିଭଳି ଭାବରେ ସ୍ୱଚ୍ଛ ଓ ନିରପେକ୍ଷ ହେବ ତାହା ଜଳଜଳ ହୋଇ ଦିଶୁଛି । ଏ ସଂକ୍ରାନ୍ତରେ ଅତିରିକ୍ତ ତହସିଲଦାର ସାମଲଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ ସେ ଫୋନକଲ ଗ୍ରହଣ କରି ନ ଥିବାରୁ ମତାମତ ନିଆଯାଇ ପାରି ନାହିଁ।

## ଫିଜିଓଥେରାପି ପ୍ରଶିକ୍ଷଣ ଶିବିର

**ରସୁଲପୁର,୨୨।୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକର ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଫିଜିଓଥେରାପି ମାଧ୍ୟମରେ ନୀରୋଗ ରହିବା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାୟାମ, ପ୍ରାଣାୟାମ, ଯୋଗ, ପ୍ରାତଃ ଭ୍ରମଣ, ମାଲିସ ଜରିଆରେ ଜଣେ ନୀରୋଗ ରହିବା ସହ ପରିବାରକୁ ସୁସ୍ଥ ରଖିବାରେ ସହାୟକ ହୋଇପାରିବ ବୋଲି ହେଲଥ କେୟାର ପକ୍ଷରୁ ସମ୍ବଳ ଅଧିକାରୀ ପି. ଲକ୍ଷ୍ମୀକୁମାର ଓ ଶୁଭଲକ୍ଷ୍ମୀ ସାମନ୍ତରାୟ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ରକ୍ତ ସଞ୍ଚାଳନ, ଶରୀରର ଅଙ୍ଗପ୍ରତ୍ୟଙ୍ଗ ବିନ୍ଧିବା, ପକ୍ଷାଘାତରୁ ମୁକ୍ତି ପାଇବା, ମୋଟାପଣ ଦୂର କରିବା, ବେକ ଓ ମେରୁଦଣ୍ଡ ଜନିତ ରୋଗ ଆଦିକୁ ବିନା ଔଷଧରେ କିପରି ଦୂର କରାଯାଇପାରିବ, ସେ ସମ୍ବନ୍ଧୀୟ ବ୍ୟାୟାମ ଓ ଯୋଗ ସମ୍ପର୍କରେ ଅଧିକାରୀମାନେ କର୍ମୀଙ୍କୁ ଶିକ୍ଷା ଦେଇଥିଲେ । ବିଭିନ୍ନ ସରକାରୀ ସଂସ୍ଥା ଯଥା ସ୍ୱାସ୍ଥ୍ୟକର୍ମୀ, ବ୍ଲକ, ଥାନା ତହସିଲ ଆଦିରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀ ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି ହେଲଥ କେୟାର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ରସୁଲପୁର,୨୨।୧୨(ଡି.ଏନ.ଏ.):** କୁଆଖିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନା ପକ୍ଷରୁ ଏକ ମାମଲା(୨୦୭/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ବୁଧବାର ସନ୍ଧ୍ୟାରେ ନାବାଳିକା ଜଣକ ଘର ପାଖରେ ବୁଲୁଥିଲେ। ହେଲେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ସେ ବୁଲୁଥିବା ବେଳେ ତାଙ୍କୁ କେହି ଦୁର୍ବୃତ୍ତ ଅପହରଣ କରିନେଇଥିବା ସନ୍ଦେହ କରାଯାଉଛି।

## ଆଜି ରାଜ୍ୟସ୍ତରୀୟ ପୁସ୍ତକମେଳା

**ବିରଜାକ୍ଷେତ୍ର,୨୨।୧୨(ଡି.ଏନ୍.ଏ.):** ଯାଜପୁର ସହରର ବାଳାଶ୍ରମ ପଡ଼ିଆଠାରେ ଅନନ୍ୟା ସାହିତ୍ୟ ସଂସଦ ଆନୁକୂଲ୍ୟରେ ରବିବାର ୧୦ମ ରାଜ୍ୟସ୍ତରୀୟ ପୁସ୍ତକମେଳା-୨୦୧୮ ଅନୁଷ୍ଠିତ ହେବ। ୨୩ରୁ ୩୦ ତାରିଖ ୮ଦିନ ବ୍ୟାପୀ ଏହି ପୁସ୍ତକମେଳା ଅନୁଷ୍ଠିତ ହେବ। ଏହି ଅବସରରେ ବୌଦ୍ଧିକତାର ବିକାଶ, ପଠନାଭ୍ୟାସର ଉଚ୍ଚାରଣ ପାଇଁ ସାରସ୍ୱତ ସ୍ରଷ୍ଟା, ପ୍ରକାଶକ ଓ ପାଠକଙ୍କ ସମ୍ମେଳନ ଆୟୋଜିତ ହେବ। ଜିଲାପାଳ ରଞ୍ଜନ କୁମାର ଦାସ ପୁସ୍ତକମେଳା ଉଦ୍‌ଘାଟନ କରିବେ ଏବଂ ଜନପ୍ରତିନିଧି, ସାରସ୍ୱତ ସ୍ରଷ୍ଟା ଓ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦାନ କରିବେ। ପ୍ରତ୍ୟହ ସନ୍ଧ୍ୟାରେ ଚରିତ୍ର ଗଠନରେ ପୁସ୍ତକର ଆବଶ୍ୟକତା, ଐତିହ୍ୟ ସଂସ୍କୃତି ଓ ପରମ୍ପରାରେ ଯାଜପୁର, ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ସମୃଦ୍ଧି ପ୍ରଭୃତି ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ କବିତା ପାଠୋତ୍ସବ, ବ୍ୟଙ୍ଗକବି, ଜିଲା ଲେଖକ ସମ୍ମିଳନୀ, ଓଡ଼ିଆ ସାହିତ୍ୟରେ ନାରୀ ଓ କବି ସମ୍ମିଳନୀ ପ୍ରଭୃତି କାର୍ଯ୍ୟକ୍ରମ ହେବାର ଯୋଜନା ରହିଛି ବୋଲି ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ ଓ ସମ୍ପାଦକ କାହ୍ନୁଚରଣ ମିଶ୍ର ସୂଚନା ଦେଇଛନ୍ତି। ପୁସ୍ତକମେଳାରେ ୮୦ଟି ଷ୍ଟଲ ପଡ଼ିବାକୁ ଯୋଜନା ରହିଛି। ଏହି ଅବସରରେ ମୁକ୍ତ କୁଇଜ୍ ପ୍ରତିଯୋଗିତା, ନୃତ୍ୟ ଓ ସଙ୍ଗୀତ, ତର୍କ, ଚିତ୍ରାଙ୍କନ, ଲୋକକଳା ପ୍ରତିଯୋଗିତା ସହ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଯାଜପୁର ଜିଲାର ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ବୁଦ୍ଧିଜୀବୀମାନେ ଯୋଗଦାନ କରିବା ସହ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପୁସ୍ତକ ପ୍ରକାଶକମାନେ ଯୋଗଦେବେ। ରାଜ୍ୟର ଲେଖକ, କବି ଓ ଗାଳ୍ପିକମାନେ ଏହି ପୁସ୍ତକମେଳାରେ ସମ୍ମିଳିତ ହେବାର କାର୍ଯ୍ୟକ୍ରମ ରହିଛି।

## ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ

**ଧର୍ମଶାଳା,୨୨।୧୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ବଡକାଏମାସ୍ଥିତ ଲାଲବାହାଦୁର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପୁରାତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷୟତ୍ରୀ ଅଞ୍ଜନା ପରିଡା ସଭାପତିତ୍ୱ କରିଥିଲେ। ଉତ୍କଳ ସାହିତ୍ୟ ସମାଜ ସଭାପତି ବିଜୟାନନ୍ଦ ସିଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରକାଶିତ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ''ରୋମନ୍ଥନ''ଉନ୍ମୋଚିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଯାଜପୁର ଡିପିସି ବିଷ୍ଣୁ ଚରଣ ସୂତାର, ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ପୁରାତନଛାତ୍ର ଗଣେଶ୍ୱର ନାୟକ ବିବରଣୀ ପାଠ କରିଥିଲା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ ଚରଣ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ।

## ୨୬କୁ କଳାଦିବସ ପାଳନ ପାଇଁ କଂଗ୍ରେସର ପ୍ରସ୍ତୁତି

**କୋରେଇ,୨୨।୧୨(ସ୍ୱ.ପ୍ର.):** ଡିସେମ୍ବର ୨୬କୁ କଳା ଦିବସ ଭାବେ ପାଳନ କରାଯିବା ଅବସରରେ କୋରେଇ କଂଗ୍ରେସ ତରଫରୁ ଶନିବାର ପୂର୍ବାହ୍ନ ୧୧ଟାରେ ପାଣିକୋଇଲି କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ବ୍ଲକ ସଭାପତି ମଧୁସୂଦନ ସାହୁ ଓ ରସୁଲପୁର ବ୍ଲକ ସଭାପତି ମିହିର ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ଓ ଜିଲା କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଡିସେମ୍ବର ୨୬ କଳାଦିବସରେ କୋରେଇ ଓ ରସୁଲପୁର ବ୍ଲକ୍ ସମ୍ମୁଖରେ ୩ହଜାର କର୍ମୀକୁ ନେଇ ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ପାଇଁ ବିଡିଓଙ୍କ ଜରିଆରେ ୧୧ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯିବ। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ପାଣିକୋଇଲି କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ଅବସରରେ ଶନିବାର କୋରେଇ ନିର୍ବାଚନମଣ୍ଡଳୀର ପଞ୍ଚାୟତସ୍ତରୀୟ ନେତୃମଣ୍ଡଳୀ ୧ ନଂ. ଜୋନ୍ ସଭାପତି କୁମାର ଗୌରବ ଜେନା, ୩ ନଂ. ଜୋନ୍ ସଭାପତି ଯୋଗେନ୍ଦ୍ର ପାଣିଗ୍ରାହୀ, ଯାଜପୁର ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ରାଜ୍ୟ କାର୍ଯ୍ୟକାରିଣୀ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ନିର୍ମଳା ମଲ୍ଲିକ, ରାଜ୍ୟ କଂଗ୍ରେସ ସେବା ଦଳର ସମ୍ପାଦକ ସୁରେନ୍ଦ୍ର କୁମାର ପାଣିଙ୍କ ଉପସ୍ଥିତିରେ ୩ ନଂ. ଜୋନ୍ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମଧୁସୂଦନ ସାହୁ ଧନ୍ୟବାଦ ଦେଇଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଡିସେମ୍ବର, ୨୦୧୮



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା
ହେଉଛି ଭଗବାନ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ୨୨ଟି ଭାଷାର ପ୍ରଶିକ୍ଷଣ

**ବିରଜାକ୍ଷେତ୍ର,୨୨।୧୨(ଡି.ଏନ୍.ଏ):** ଭାରତବର୍ଷରେ ବର୍ତ୍ତମାନ ସୁଦ୍ଧା ୨୨ଟି ଭାଷା ପ୍ରଚଳିତ ହେଉଛି। ଏହି ୨୨ଟି ଭାଷାକୁ ଛାତ୍ରୀଛାତ୍ରମାନେ ଜାଣିବା ସହ ଭାବର ଆଦାନ ପ୍ରଦାନ କଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଏହି ଚିନ୍ତାଧାରା ନେଇ ଯାଜପୁରର କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ୨୨ଟି ଭାଷାର ପ୍ରଶିକ୍ଷଣ ଦେଉଛନ୍ତି। ଚଳିତବର୍ଷ ଡିସେମ୍ବର ୧ରୁ ଏହି ୨୨ଟି ଭାଷାର ପ୍ରଶିକ୍ଷଣ କେନ୍ଦ୍ରୀୟ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ପ୍ରତିଦିନ ପ୍ରାର୍ଥନା ସଭା ଓ ଶ୍ରେଣୀଗୃହରେ ତୃତୀୟ ଶ୍ରେଣୀଠାରୁ ଆରମ୍ଭ କରି ଏକାଦଶ ପର୍ଯ୍ୟନ୍ତ ପିଲାଙ୍କୁ କ୍ରମାନ୍ୱୟରେ ୨୨ଟି ଭାଷାର ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରଶିକ୍ଷଣ ଦ୍ୱାରା ପିଲାମାନେ ଭାରତବର୍ଷର ୨୨ଟି ଭାଷାକୁ ଜାଣିଗଲେ ପିଲାଙ୍କୁ ଭାରତର କୌଣସି ସ୍ଥାନରେ ଭାଷାଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ବିଦ୍ୟାଳୟର ପ୍ରଶିକ୍ଷକମାନେ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ କମଲଜିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ଆକାଶ ସିହ୍ନା, ବ୍ରଜସୁନ୍ଦର ପ୍ରଧାନ, ପୁଷ୍ପାଞ୍ଜଳି ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ଘଡ଼ାଇ ପ୍ରମୁଖ ୨୨ଟି ଭାଷାର ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କୁ ଦେଉଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଆନୁକୂଲ୍ୟରେ ଛାତ୍ରୀଛାତ୍ରଙ୍କୁ ଏହି ଭାଷା ପ୍ରଶିକ୍ଷଣ ଦିଆଯାଉଛି।

### ଜାତୀୟ ସଂହତି ଶିବିରରେ ସଫଳତା ପାଇଲେ ଛାତ୍ରୀ

**ଡୁବୁରୀ,୨୨।୧୨(ଡିଏନଏ):** ଷ୍ଟେଟ୍ ଟ୍ରେନିଂ ସେଣ୍ଟର ବରୁଣେଇ ଖୋର୍ଦ୍ଧାଠାରେ ଜାତୀୟ ସଂହତି ଶିବିର ଓ ରୋଭର ରେଞ୍ଜର ସମାବେଶ ଡିସେମ୍ବର ୧୪ରୁ ୧୯ ତାରିଖ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କପିଳେଶ୍ୱର ମହାବିଦ୍ୟାଳୟର ରୋଭର ଓ ରେଞ୍ଜରମାନେ ଉକ୍ତ ଶିବିରରେ ଯୋଗଦେଇ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସମୁଦାୟ ୨୩ ଜଣ ଏହି ଶିବିରରେ ଯୋଗଦାନ କରିଥିଲେ। ରେଞ୍ଜର ରୂପା ବେହେରା ଲୋକନୃତ୍ୟ ପରିବେଷଣ କରି ଏକକ ପଦକ ହାସଲ କରି ମହାବିଦ୍ୟାଳୟର ନାଁ ରଖିବା ସହ ଡୁବୁରୀ ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି। ଏଥିପାଇଁ ସେ ଏସ୍ଓଜି ଓଡ଼ିଶା ରାଜ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳୀପ୍ରସାଦ ମିଶ୍ରଙ୍କଠାରୁ ପଦକ ଗ୍ରହଣ କରିଥିଲେ। ପଦକ ଗ୍ରହଣ ବେଳେ ସ୍କାଉଟ୍ ଗାଇଡ୍ ଓଡ଼ିଶାର ଆଡ୍‌ଭେଞ୍ଚର କମିଟିର ଚେୟାରମ୍ୟାନ୍ ତଥା ହେଡକ୍ୱାର୍ଟର କମିଶନର ସ୍ୱାଧୀନ ପଣ୍ଡା ଉପସ୍ଥିତ ଥିଲେ। ଏହି ଶିବିରରେ ଭାରତର ୨୦ଟି ରାଜ୍ୟରୁ ରୋଭର ରେଞ୍ଜରମାନେ ଭାଗ ନେଇଥିଲେ।

### ନଗଡ଼ା ଅଞ୍ଚଳରେ କମ୍ବଳ ବଣ୍ଟନ

**କାଳିଆପାଣି,୨୨।୧୨(ଡି.ଏନ୍.ଏ):** ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମଠ ଓ ମିଶନ ପକ୍ଷରୁ ନଗଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ଶନିବାର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଚିଙ୍ଗୁଡ଼ିପାଳ ପଞ୍ଚାୟତର ନାଲିଆଡ଼ାବ, ଗୁହିଆଶାଳ ସହ ନିକଟସ୍ଥ ଗ୍ରାମଗୁଡ଼ିକରେ ସେମାନେ କମ୍ବଳ ବଣ୍ଟନ କରିଥିଲେ। ରାମକୃଷ୍ଣ ମିଶନ ମଠର ବାବା ଅଦ୍ୟୋୟାନନ୍ଦ ମହାରାଜାଙ୍କ ନେତୃତ୍ୱରେ ଜୁଆଙ୍ଗ ଆଦିବାସୀଙ୍କୁ କମ୍ବଳ ପ୍ରଦାନ କରିଥିଲେ।

### ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କୁ ରାଜ୍ୟସ୍ତରୀୟ ଗଳ୍ପ ସମ୍ମାନ

**ବିରଜାକ୍ଷେତ୍ର,୨୨।୧୨(ଡି.ଏନ୍.ଏ):** ଯାଜପୁର ଜିଲାର ବରିଷ୍ଠ ପ୍ରଶାସକ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କୁମରବର ନାୟକ ରାଜ୍ୟସ୍ତରୀୟ ଗଳ୍ପ ସମ୍ମାନ- ୨୦୧୮ରେ ସମ୍ମାନିତ ହୋଇଛନ୍ତି। ନିଛକ ସତ୍ୟ କାହାଣୀ ଉପରେ ଆଧାରିତ 'କୋରାପୁଟର ସନ୍ଧ୍ୟା' ନାମକ ପୁସ୍ତକର ରଚୟିତା କୁମରବର ନାୟକଙ୍କୁ ରାଜ୍ୟସ୍ତରୀୟ ଗଳ୍ପ ସମ୍ମାନରେ ସମ୍ମାନିତ କରାଯାଇଛି। କଟକସ୍ଥିତ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀର ୪୨ତମ ସାରସ୍ୱତ ସମାରୋହର ଭୁବନେଶ୍ୱରରେ ନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ନାୟକ ଜଣେ ଦକ୍ଷ ବରିଷ୍ଠ ପ୍ରଶାସକ ସହ ଲେଖକଭାବେ ଯାଜପୁର ଜିଲାରେ ସୁନାମ ଅର୍ଜନ କରିଛନ୍ତି। ନାୟକଙ୍କ ରଚିତ କୋରାପୁଟର ସନ୍ଧ୍ୟାକୁ ଜିଲାପାଳ ରଞ୍ଜନ କୁମାର ଦାସ ଉଚ୍ଚ ପ୍ରଶଂସା କରିବା ସହ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନାୟକଙ୍କ ନିଛକ ସତ୍ୟକାହାଣୀ ଉପରେ ଏ ନୁହେଁ କାହାଣୀ, ଅଭୁଲା ସ୍ମୃତି ନାମକ ୨ଟି ପୁସ୍ତକ ପ୍ରକାଶିତ ହୋଇଥିବାବେଳେ ଅକୁହା କଥା ନାମକ ଏକ ପୁସ୍ତକ ପ୍ରକାଶିତ ଅପେକ୍ଷାରେ ରହିଛି।

## ଯାଜପୁର ଜିଲାରେ ଜରାଶ୍ରମର ଅଭାବ

# ରାସ୍ତା ପାର୍ଶ୍ୱ, ମନ୍ଦିର ପାଲଟିଛି ଆଶ୍ରୟସ୍ଥଳ

**ବିରଜାକ୍ଷେତ୍ର,୨୨।୧୨(ଡି.ଏନ୍.ଏ)**

ଯାଜପୁର ଜିଲାରେ ଜରାଶ୍ରମର ଅଭାବ ଦେଖାଦେଇଛି। ଜିଲାରେ ମାତ୍ର ୨ଟି ଜରାଶ୍ରମ ରହିଛି। ବହୁ ଅସହାୟ ବୃଦ୍ଧାବୃଦ୍ଧ ଜରାଶ୍ରମରେ ରହିବାକୁ ଜାଗା ନ ପାଇ ଅସହାୟ ଅବସ୍ଥାରେ ଏଣେତେଣେ ଘୁରି ବୁଲୁଥିବା ନଚେତ ନିର୍ଯାତିତ ହୋଇ ଘରେ ପଡ଼ି ରହୁଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଓଡ଼ିଶାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସାଧାରଣଙ୍କ ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଜନହିତକର ଯୋଜନା କରୁଛନ୍ତି। କିନ୍ତୁ ବୟସ୍କ ତଥା ଅସହାୟ ବ୍ୟକ୍ତିଙ୍କ ରହିବା ପାଇଁ ଜିଲାସ୍ତରରେ କୌଣସି ବ୍ୟବସ୍ଥା କରି ନ ଥିବାରୁ ସେମାନେ ନାନା ନିର୍ଯାତନା ପାଇ ଘରୁ ଚାଲିଆସି ରାସ୍ତାକଡ଼ରେ ବହୁ କଷ୍ଟରେ ଜୀବନ ବିତାଉଥିବା ଦେଖିବାକୁ ମିଳେ। ସେହିପରି ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଅନେକ ବୃଦ୍ଧାବୃଦ୍ଧଙ୍କ ବାସଗୃହ ନ ଥିବାରୁ ସେମାନେ ମଧ୍ୟ ବାର ଦୁଆର ହୋଇ ଜୀବନ ଅତିବାହିତ କରୁଛନ୍ତି। ଏପରିକି କେତେଜଣ ଅସହାୟ ବୃଦ୍ଧାବୃଦ୍ଧ ମନ୍ଦିର, ମଠ ଓ ବିଭିନ୍ନ ପୂଜାମଣ୍ଡପରେ ମୁଣ୍ଡ ଗୁଞ୍ଜିଥିବା ପରିଲକ୍ଷିତ ହେଉଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ସେମାନଙ୍କ ଥଇଥାନ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ବେସରକାରୀଭାବେ ଯାଜପୁର ଜିଲାର ଅହିୟାସ ଓ ଛତିଆରେ ୨ଟି ଜରାଶ୍ରମ ରହିଛି। ଏହି ୨ଟି ଜରାଶ୍ରମରେ ମାତ୍ର ୫୦ଜଣ ରହିବା ପାଇଁ

- ଜିଲାରେ ରହିଛି ମାତ୍ର ୨ଟି ଜରାଶ୍ରମ
- ଶତାଧିକ ବରିଷ୍ଠ ଆଜି ବେଘର
- ରାସ୍ତା କଡ଼, ଫୁଟପାଥ୍‌ରେ ବିତୁଛି ଜୀବନ

ବ୍ୟବସ୍ଥା ଅଛି। ପ୍ରତ୍ୟେକ ଦିନ ଏହି ଦୁଇଟି ଜରାଶ୍ରମକୁ ଅସହାୟ ବୃଦ୍ଧାବୃଦ୍ଧ ରହିବା ପାଇଁ ଆସି ନିରାଶ ହୋଇ ଫେରୁଥିବା ଜଣାପଡ଼ିଛି। ବରିଷ୍ଠ ନାଗରିକ ସମାଜର ମେରୁଦଣ୍ଡ। ସମାଜର ସଂସ୍କାର ଓ ଦ୍ରୁତ ଉନ୍ନତି ଲାଗି ସେମାନଙ୍କ ପରାମର୍ଶ ଅପରିହାର୍ଯ୍ୟ। ମାତ୍ର ଆଜିର ସମାଜରେ ଏହାର ଅଧୋଗତି ହେଉଛି। ବୃଦ୍ଧ ମାତାପିତାଙ୍କୁ ଯୁବପୀଢ଼ି ବୋଝ ସଦୃଶ ମନେ କରୁଛନ୍ତି। ଯାହାକି ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଏଭଳି ସ୍ଥିତିରେ ପ୍ରଶାସନ ଓ ସରକାରଙ୍କଠାରୁ ସେମାନେ ଆଶାର କିରଣ ଖୋଜିଥାନ୍ତି। ତେଣୁ ଏକ ନିର୍ଯାତିତ ଜୀବନରୁ ସେମାନଙ୍କୁ ଉଦ୍ଧାର କରି ସେମାନଙ୍କ ରହିବା ପାଇଁ ଜିଲା ପ୍ରଶାସନ ବ୍ୟବସ୍ଥା କରିବାକୁ ବହୁ ବୁଦ୍ଧିଜୀବୀ ମତ ରଖିଛନ୍ତି। ଏ ସମ୍ପର୍କରେ ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କୁ ପଚାରିବାରୁ, ଜରାଶ୍ରମ କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। ଯାଜପୁର ଜିଲାରେ ୭ଟି ଜରାଶ୍ରମ ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ଦିଆଯାଇଛି ବୋଲି କହିଛନ୍ତି।

## ବଡ଼ଚଣା ବିଜେଡିର ୱାର୍ଡସ୍ତରୀୟ ବୈଠକ



ଗୋପାଳପୁର ଡାକବଙ୍ଗଳା ପରିସରରେ ଆୟୋଜିତ କର୍ମୀ ସମ୍ମିଳନୀ।

**ଚଣ୍ଡିଖୋଲ ୨୨।୧୨ (ଡି.ଏନ୍.ଏ)**

ବଡ଼ଚଣା ବିଜୁ ଜନତା ଦଳର ୨୦ନଂ ଜୋନର ୱାର୍ଡସ୍ତରୀୟ ବୈଠକ ଶନିବାର ଗୋପାଳପୁର ଡାକବଙ୍ଗଳା ପରିସରରେ ଏମ୍‌ପି ପ୍ରତିନିଧି ପଞ୍ଚାନନ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ଟି ପଞ୍ଚାୟତର କର୍ମୀ ଓ ଲୋକପ୍ରତିନିଧି ଯୋଗଦେଇ ଆସନ୍ତା ୨୬ତାରିଖ ବିଜେଡି ପ୍ରତିଷ୍ଠା ଦିବସ ସମାରୋହକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବୁଥ୍‌ସ୍ତରରେ ଦଳକୁ ମଜଭୁତ କରିବା ସହ ଆସନ୍ତା ୨୪ତାରିଖ ବିରୂପା ନଦୀର ଘେରିବନ୍ଧ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବା ସହ ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା ସମାରୋହ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇ ସେମାନଙ୍କ ନିକଟରେ ପହଞ୍ଚାଇବାକୁ ସମସ୍ତେ ଆହ୍ୱାନ ଦେଇଥିଲେ। ଏଥିରେ ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଉପାସନା ପାତ୍ର, ସରପଞ୍ଚ ଶରତ କୁମାର ସାମଲ, ସରସ୍ୱତୀ ବେହେରା, ଅନିଲ କୁମାର ପରିଡ଼ା, ତାପସ ରାୟ, ଅନ୍ନପୂର୍ଣ୍ଣା ସାମଲ, ସମିତିସଭ୍ୟା ଆରତୀ ଜେନା, ପ୍ରୟଙ୍କା ପ୍ରିୟଦର୍ଶିନୀ ସାହୁ, ବ୍ରଜମୋହନ ସାମଲ, ଜ୍ଞାନେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ-୨୦୧୮

# 'ଶିଶୁଙ୍କ ସଫଳତା ଶିକ୍ଷକଙ୍କ ପ୍ରମାଣପତ୍ର'

**ରସୁଲପୁର,୨୨।୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଖଣ୍ଡିତର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଶନିବାର ଜିଲାସ୍ତରୀୟ ଶିଶୁ ଉତ୍ସବ-୨୦୧୮ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଷ୍ଟାର ଯାଜପୁର ଜିଲା ସଭାପତି ସନ୍ତୋଷ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଶିଶୁମାନେ ଦେଶର ସମ୍ପତ୍ତି। ସେମାନଙ୍କର ସଫଳତା ଶିକ୍ଷକଙ୍କ ପରିଚୟ ଓ ପ୍ରମାଣପତ୍ର ବୋଲି ସଭାପତି ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ପ୍ରଥମ ଅଧିବେଶନରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା ଉତ୍ସବ ଉଦ୍‌ଘାଟନ କରିଥିଲେ। ଶିକ୍ଷା ପ୍ରଦୀପର ରାଜ୍ୟ ଯୁଗ୍ମ ସମ୍ପାଦକ ନୃସିଂହ ଚରଣ ବେହେରା, ସଂଘର ପୂର୍ବତନ ସଭାପତି ବିଷ୍ଣୁଚରଣ ସାହୁ, ପୀତାମ୍ବର ସ୍ୱାଇଁ, ବ୍ରଜ କିଶୋର ବିଶ୍ୱାଳ, ଏବିଓ ଭିକାରୀ କବି, ସରପଞ୍ଚ ଗୋଲଖ ପଣ୍ଡା, କମଳ କୁମାରୀ ଦାସ, ପରିଚାଳନା



ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କମିଟି ସଭାପତି ଆଲୋକ ସାହୁ, ମୋ ସ୍କୁଲ ଅଭିଯାନ ପକ୍ଷରୁ ସୁରେନ୍ଦ୍ର ତିଆଡି ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନର ଉଦ୍‌ଯାପନୀ ଉତ୍ସବରେ ଓଷ୍ଟାର କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ମୁଖ୍ୟ ଅତିଥି, ଓଷ୍ଟା ରାଜ୍ୟ ସମ୍ପାଦକ ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା, ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ ବେହେରା ସମ୍ମାନିତ ଅତିଥି, ରସୁଲପୁର ବ୍ଲକର ଶାନ୍ତନୁ କର, ରାଜ୍ୟ ଓଷ୍ଟା ସହସମ୍ପାଦକ ନିର୍ମଳ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ସୁନନ୍ଦ କୁମାର ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲାର ୧୦ ବ୍ଲକରୁ ୨୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ସାମାଜିକ କର୍ମୀଙ୍କ ପରଲୋକ

**ଚଣ୍ଡିଖୋଲ,୨୨।୧୨(ଡ଼ି.ଏନ.ଏ)**

୫୩ନଂ ଜାତୀୟ ରାଜପଥର ଚଣ୍ଡିଖୋଲ କଲେଜ ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟି ଚଣ୍ଡିଖୋଲ ଅଞ୍ଚଳର ସାମାଜିକ କର୍ମୀ ସୁଦାମ ଚରଣ ନାୟକଙ୍କର ପରଲୋକ ଘଟିଛି। ତାଙ୍କ ଘର ଧର୍ମଶାଳା ଥାନା ହରିଦାସପୁର ପଞ୍ଚାୟତର ଭଡ଼ଙ୍ଗା ଗ୍ରାମରେ। ନାୟକ ସ୍ଥାନୀୟ ହନୁମାନ ମନ୍ଦିରରୁ ପୂଜାର୍ଚ୍ଚନା ସାରି ବାଇକ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ଓଆର୦୪ଇ୧୫୭୭ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଚଣା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଥିଲା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜିଆର୍‌ଏସ୍ ସଂଘର ବୈଠକ

# 'ଦାବି ପୂରଣ ନ ହେବା ଯାଏ ଚାଲିବ ଆନ୍ଦୋଳନ'

**ଚଣ୍ଡିଖୋଲ,୨୨।୧୨(ଡ଼ି.ଏନ.ଏ)**

ରାଜ୍ୟର ପଞ୍ଚାୟତଗୁଡ଼ିକରେ ଦୀର୍ଘ ୧୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଭାବେ କାର୍ଯ୍ୟ କରି ଆସୁଥିବା କର୍ମଚାରୀଙ୍କୁ ସରକାର ନିୟମିତ ନ କରିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଶନିବାର ଚଣ୍ଡିଖୋଲରେ ଅନୁଷ୍ଠିତ ଜିଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ସଂଘ ସଭାପତି ଅଜୟ କୁମାର ଜେନାଙ୍କ ସଭାପତିତ୍ୱରେ ସମସ୍ତ ବ୍ଲକର କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ନଭେମ୍ବର ୧୫ରୁ ସ୍ଥାୟୀ ନିଯୁକ୍ତି ଦାବିରେ ଜିଲାର ୩୧୧ ପଞ୍ଚାୟତରେ କାର୍ଯ୍ୟରତ ଜିଆରଏସମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ତେବେ ବିଭାଗୀୟ ସଚିବ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଲେଖିଥିବା ଚିଠିକୁ ବୈଠକରେ ତୀବ୍ର ନିନ୍ଦା କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବନିମ୍ନ ଦରମା ଜିଆରଏସ୍‌ମାନଙ୍କୁ ପ୍ରଦାନ କରାଯାଉନଥିବା ବେଳେ ଅତିକୁଶଳୀ ଶ୍ରମିକଙ୍କ ଠାରୁ ମଧ କମ୍ ଦରମା ଦିଆଯିବା ପରିତାପର ବିଷୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସେମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସରକାର ଯେ ପର୍ଯ୍ୟନ୍ତ ନ୍ୟାର୍ଯ୍ୟ ଦାବି ପୂରଣ ଦିଗରେ ପଦକ୍ଷେପ ନେଇ ନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବୈଠକରେ ଜିଲା ସଂଘ ସମ୍ପାଦକ ବିଜୟ କୁମାର ବହିଆ, ବିଭିନ୍ନ ବ୍ଲକ ସଭାପତି ଓ ସମ୍ପାଦକ ଯଥା କ୍ଷୀରୋଦ କୁମାର କର, ମାନଗୋବିନ୍ଦ ବାରିକ, କବି ପାଗଡ, ଚିନ୍ମୟ ସାହୁ, ଅନାମ ମହାରଣା, ହରିହର ବେହେରା, ଦିଲୀପ ପରିଡ଼ା, ନିରଞ୍ଜନ ମହାକୁଡ, ବିକାଶ ରାଉତ, ପ୍ରଭାତ କୁମାର ମହାନ୍ତିଙ୍କ ସମେତ ଜିଲାର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଅଠେଇଶବାଟି, ବଢ଼େଇଦଣ୍ଡାରେ ନିର୍ମାଣ ହେବ ଗଳିପୋଲ

**ଚଣ୍ଡିଖୋଲ,୨୨।୧୨(ଡି.ଏନ୍.ଏ)**

ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିଲାବେଳେ ୨୦୧୯ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ରେଳ ବିକାଶ ନିଗମ ଲିମିଟେଡ ଅବଧି ସ୍ଥିର କରିଛି। ତେବେ ଏହି ରେଳପଥ ଯାଉଥିବା ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଗହରନଗର (ଅଠେଇଶବାଟି) ଓ ବଢେଇଦଣ୍ଡାଠାରେ ଦୀର୍ଘ ଦିନ ଧରି ଚାଷୀମାନେ ଗଳିପୋଲ ନିର୍ମାଣ ଦାବି କରି ଆନ୍ଦୋଳନ କରିଆସୁଥିଲେ। ଏହାକୁ ରେଳ ବିକାଶ ନିଗମ ଲିମିଟେଡ୍ ଗ୍ରହଣ କରି ଖୁବ୍ ଶୀଘ୍ର ଏହି ୨ଟି ସ୍ଥାନରେ ଗଳିପୋଲ ନିର୍ମାଣ ହେବ ବୋଲି ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ହରିଦାସପୁର-ପାରାଦୀପ ରେଲୱେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ମାର୍ଚ୍ଚ ମାସ ଭିତରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ଗହରନଗରର ଅଠେଇଶବାଟିରେ ଚାଷୀମାନେ ସେମାନଙ୍କ ଜମିକୁ ଯାତାୟତ କରିବା ପାଇଁ ଏକ ଗଳିପୋଲ ନିର୍ମାଣ ଦାବି କରିଆସୁଥିଲେ। ଆଞ୍ଚଳିକ କୃଷକ ସଂଗ୍ରାମ ସମିତିର ସଂଯୋଜକ ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଚାଷୀମାନେ ଏହି ରେଳପଥ ନିର୍ମାଣ କରୁଥିବା ସଂସ୍ଥା ଟିଟିଆଇପିଏଲର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାପରେ ସଂପୃକ୍ତ ଅଠେଇଶବାଟି ସ୍ଥାନରେ ଦୀର୍ଘ ୭ଦିନ ଧରି ଆନ୍ଦୋଳନ କରିଥିଲେ ମଧ୍ୟ

**ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ**

କର୍ତ୍ତୃପକ୍ଷ ଗଳିପୋଲ ନିର୍ମାଣ ହେବ ବୋଲି କହି ଏଡ଼ାଇ ଯାଇଥିଲେ। ନଭେମ୍ବର ୨୯ ଓ ୩୦ରେ ପୋଲିସ ସହାୟତାରେ ଟିଟିଆଇପିଏଲ୍ ଚାଷୀଙ୍କ ବିରୋଧ ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲା। ଏହାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଚାଷୀମାନେ ଅଭିଯୋଗ କରିବା ପରେ କେନ୍ଦ୍ରମନ୍ତ୍ରୀଙ୍କ ସହ ରେଳ ବିକାଶ ନିଗମ ଲିମିଟେଡ୍‌ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨ ପି.କେ ମହାନ୍ତି ଗତ ୧ ତାରିଖରେ ଆଲୋଚନା କରିଥିଲେ। ଆଲୋଚନା ପରେ ଆର୍‌ଭିଏନ୍‌ଏଲ୍‌ର ଅଧିକାରୀମାନେ ଗତ ୫ ତାରିଖରେ କ୍ଷେତ୍ର ସର୍ବେକ୍ଷଣ କରି ଏଠାରେ ଗଳିପୋଲର ଆବଶ୍ୟକତା ଅନୁଭବ କରିଥିଲେ। ସେଥିପାଇଁ ଗତ ଡିସେମ୍ବର ୧୦ତାରିଖ ଚିଠି ନଂ ୧୦୦୭୭ରେ ମାର୍ଚ୍ଚ ଶେଷ ସୁଦ୍ଧା ଅଠେଇଶବାଟି ଓ ବଢେଇଛନ୍ଦା ନିକଟରେ ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀ ତପନ କୁମାର ସାମଲ, କଳ୍ପତରୁ ସାମଲ, ବିଶ୍ୱପ୍ରକାଶ ସାମଲ, ଜନାର୍ଦ୍ଦନ ବଳ ପ୍ରମୁଖ ଭାଜପା ନେତ୍ରୀ ସୀମନ୍ତିନୀ ଜେନା, ଯୁବନେତା ଅମର ନାୟକ, ପ୍ରାକ୍ତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଓ କେନ୍ଦ୍ର ପେଟ୍ରୋଲିୟମ୍ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଶକ୍ତି-ଆଶୁତୋଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ରାମ ରହିମ୍ ଟିମ୍ ବିଜୟୀ

**ଚଣ୍ଡିଖୋଲ,୨୨।୧୨(ଡ଼ି.ଏନ.ଏ):** ବଡଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତର ମା' ବ୍ରାହ୍ମଣୀ ଦେବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪ର୍ଥ ବାର୍ଷିକ ଶକ୍ତି-ଆଶୁତୋଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ରାମ ରହିମ କ୍ରିକେଟ ଟିମ ନେଉଳପୁର ସହିତ ୟଙ୍ଗଷ୍ଟାର ଇଚ୍ଛାପୁର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନେଉଳପୁର ନିର୍ଦ୍ଧାରିତ ୧୨ ଓଭରରେ ୧୦୭ରନ ସଂଗ୍ରହ କରିଥିଲା। ଜବାବରେ ଇଚ୍ଛାପୁର ଟିମ ୧୦ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୪୯ ରନ୍ କରି ପରାଜିତ ହୋଇଥିଲା। ଅତିଥି ଭାବେ ବନ୍ତଳା ସରପଞ୍ଚ ମିନାକ୍ଷୀ ମିଶ୍ର ଓ ସବିତା ବେହେରା ଯୋଗଦେଇ ମ୍ୟାଚକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ସୁଧାଂଶୁ ମହାପାତ୍ର ଓ ସୁବୋଧ ବାରିକ ଖେଳ ପରିଚାଳନା କରିଥିଲେ। ଆୟୋଜକଙ୍କ ପକ୍ଷରୁ ଗୌରାଙ୍ଗ ସାମଲ, ପ୍ରସନ୍ନ ସ୍ୱାଇଁ, ଶିଶିର ରାଉତ, ଚିତ୍ତରଂଜନ ବେହେରା, ଭାଗ୍ୟଧର ସାମଲ ଓ ବସୁଦେବ ନାଥ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# କଳିଙ୍ଗ ନଗର ମହୋତ୍ସବ ଉଦ୍‌ଘାଟନୀ ସଭାର ଏପାଖ ସେପାଖ

### ନେତା ଆସିଲେ, ଗଲେ

କଳିଙ୍ଗନଗର ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଖାପାଖି ୩ ମିନିଟ ଉଦ୍‌ବୋଧନ ଦେଇଥିଲେ। ଏହାପୂର୍ବରୁ ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଥିଲେ ଯେ, ସମୟ ଅଭାବରୁ କେବଳ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବେ। କଳିଙ୍ଗନଗରବାସୀଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ନିଯୁକ୍ତି ଓ କୃଷି ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଯାଜପୁର ଜିଲାର ୭ବିଧାୟକଙ୍କ ସମେତ ଏମ୍‌ପି ମଧ୍ୟ ଉପସ୍ଥିତ ଥିଲେ। ହେଲେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ କେବଳ ପ୍ରାୟ ୮ ମିନିଟ କହିବାର ସୁଯୋଗ ପାଇଥିଲେ। ହେଲେ ଅନ୍ୟ ନେତାମାନେ କେବଳ ଆସିଲେ ଓ ଗଲେ।

### ଯାଜପୁର ବିଧାୟକଙ୍କୁ ଭୁଲି ଗଲେ ଡାନି

କଳିଙ୍ଗନଗର ମାଟିରେ ଆଜି ପହଞ୍ଚିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପାଟିରେ ଆଜି ଭାଷା ନାହିଁ କିଛି କହିବା ପାଇଁ....ଏମିତି କିଛି ଆରମ୍ଭ କରିଥିଲେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ(ଡାନି) ତାଙ୍କ ଉଦ୍‌ବୋଧନରେ। ଏହାପରେ ମଞ୍ଚରେ ଉପସ୍ଥିତ ବିଧାୟକ ଓ ଏମ୍‌ପିଙ୍କୁ ସମ୍ବୋଧନ କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥିଙ୍କଠାରୁ ଆରମ୍ଭ କରି ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବରୀ ବିଧାୟକ ଦେବାଶିଷ ନାୟକ, ଏମ୍‌ପି ରୀତା ତରାଇ, କୋରେଇ ବିଧାୟକ ଆକାଶ ଦାସନାୟକ ଓ ଧର୍ମଶାଳା ବିଧାୟକ ପ୍ରଣବବଳୱନ୍ତ ରାୟଙ୍କୁ ସମ୍ବୋଧନ କରିଥିଲେ। ହେଲେ ତାଙ୍କ ବାମ ପାଖରେ ବସିଥିବା ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସଙ୍କୁ ସମ୍ବୋଧନ କରିବାକୁ ଭୁଲି ଯାଇଥିଲେ। ଏହାକୁ ନେଇ ଉପସ୍ଥିତ ବୁଦ୍ଧିଜୀବୀଙ୍କ ମଧ୍ୟରେ କାନକୁହାକୁହି ହୋଇଥିଲା।



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଲୋକେ।

### କଳିଙ୍ଗନଗର ମହୋତ୍ସବକୁ ଜୋର୍‌ଦାର ସ୍ୱାଗତ

ଓଡିଶାର ଧାର୍ମିକ, ସାଂସ୍କୃତିକ ଓ ଆଧାତ୍ମିକ କ୍ଷେତ୍ରରେ ଯାଜପୁରର ସ୍ଥାନ ସ୍ୱତନ୍ତ୍ର। ଶିଳ୍ପ, କୃଷି, କଳା, ସାହିତ୍ୟ ଓ ସଂସ୍କୃତି ସବୁ କ୍ଷେତ୍ରରେ ଯାଜପୁରର ସୁନାମ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମଧ ପ୍ରଶଂସା କରିବାରେ ପଛାଇ ନାହାନ୍ତି। ବରାହ-ବିରଜା କ୍ଷେତ୍ର କେବଳ ଏକ ଐତିହାସିକ କି ପୌରାଣିକ କ୍ଷେତ୍ର ନୁହେଁ, ଏହା ଏକ ବିକଶିତ ସାଂସ୍କୃତିକ ପ୍ରଗତିର କ୍ଷେତ୍ର। ସମ୍ପର୍କ ଓ ପ୍ରଗତିର ମହନୀୟ ମାଧ୍ୟମର ପରିପ୍ରକାଶ ହେଉଛି ଏହି କଳିଙ୍ଗନଗର ମହୋତ୍ସବ। ବହୁ ବାଧାବିଘ୍ନ ସତ୍ତ୍ୱେ ଚଳିତ ବର୍ଷ ୨ୟ କଳିଙ୍ଗନଗର ମହୋତ୍ସବର ଆୟୋଜନ ହେଉଛି। ଏହିକ୍ରମରେ ଉଦ୍‌ଘାଟନୀ ଉତ୍ସବରେ ପ୍ରାୟ ୫୦ହଜାର କଳିଙ୍ଗନଗରବାସୀଙ୍କ ସମାଗମ ହୋଇଥିଲା। କଳିଙ୍ଗନଗରବାସୀ ଏହାକୁ ପୂର୍ଣ୍ଣମାତ୍ରାରେ ସ୍ୱାଗତ କରିଥିବା ଏଥିରୁ ସ୍ପଷ୍ଟ ମନେ ହୋଇଛି। ମହୋତ୍ସବ ପଡ଼ିଆରେ କଳିଙ୍ଗନଗରର ପ୍ରାୟ ସମସ୍ତ ଶିଳ୍ପ କାରଖାନା ସେମାନଙ୍କ ଷ୍ଟଲ ଖୋଲିଥିବା ମଧ୍ୟ ଦେଖିବାକୁ ମିଳିଛି।

### ବିରୋଧ କରି ଶତାଧିକ କଂଗ୍ରେସ କର୍ମୀ ଗିରଫ

ମୁଖ୍ୟମନ୍ତ୍ରୀଙ୍କ କଳିଙ୍ଗନଗର ଗସ୍ତକୁ ସୁକିନ୍ଦା ଯୁବ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଦାନଗଦୀ କଂଗ୍ରେସ କାର୍ଯ୍ୟାଳୟରୁ ଶତାଧିକ ଯୁବ କଂଗ୍ରେସ କର୍ମୀ ହାତରେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରିଥିଲେ। ନବୀନ ବିରୋଧୀ ନାରା ଓ ବେକାରୀଙ୍କୁ ନିଯୁକ୍ତି ପ୍ରଦାନ ଆଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମିଲିଟାରୀ ଛକ ନିକଟରୁ ଶତାଧିକ ଯୁବ କଂଗ୍ରେସ କର୍ମୀଙ୍କୁ ପୋଲିସ ଗିରଫ କରିଥିଲା। ମୁଖ୍ୟମନ୍ତ୍ରୀ ଯାଇସାରିବା ପରେ ପୋଲିସ ସେମାନଙ୍କୁ ଛାଡି ଦେଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ

ମୁଖ୍ୟମନ୍ତ୍ରୀ କଳିଙ୍ଗନଗର ଗସ୍ତ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଶନିବାର ଯଖପୁରା ଗ୍ରାମର ବିଧାୟକଙ୍କ ଗୋଷ୍ଠୀ ମୋଟର ସାଇକେଲ ଶୋଭାଯାତ୍ରାରେ ଯାଉଥିଲେ। ଏହି ସମୟରେ ବିଜେଡିରୁ ବହିଷ୍କୃତ ହୋଇଥିବା ମହେନ୍ଦ୍ର ଧଳଙ୍କ ଗୋଷ୍ଠୀ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବା ପାଇଁ ସଜବାଜ ହେଉଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ବଚସା ହେବା ପରେ ରାମ ମନ୍ଦିର ଭିତରେ ଥିବା ମହେନ୍ଦ୍ରଙ୍କ ଗୋଷ୍ଠୀ ଟେକା ମାଡ଼ରେ ବିଧାୟକଙ୍କ ଗୋଷ୍ଠୀର ନିରଞ୍ଜନ ବେହେରାଙ୍କ ମୁଣ୍ଡ ଫାଟି ଯାଇଥିଲା ଓ ଅଭିଷେକ ସାମଲ, ରବି ଧଳ ସାମାନ୍ୟ ଆହତ ହୋଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ମହେନ୍ଦ୍ରଙ୍କ ଗୋଷ୍ଠୀରୁ ମଧ ସଂଜୟ ନାୟକ, ଜୋତିର୍ମୟ ଧଳ, ଗୋପାଳ ନାୟକ ଅହାତ ହୋଇଥିଲେ। ଉଭୟ ପକ୍ଷରୁ ଜଖପୁରା ଥାନାରେ ୨ଟି ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ୨୪ରେ ପଠାଣି ସାମନ୍ତ ଜୟନ୍ତୀ

**ଖଣ୍ଡପଡା,୨୨।୧୨(ସ୍ୱ.ପ୍ର.):** ବିଶ୍ୱବିଖ୍ୟାତ ଜ୍ୟୋର୍ତିବିଦ୍ ଚନ୍ଦ୍ରଶେଖର ପଠାଣିସାମନ୍ତଙ୍କ ୧୮୪ ତମ ଜୟନ୍ତୀ ଉତ୍ସବ ଜନ୍ମମାଟି ଖଣ୍ଡପଡାରେ ଆସନ୍ତା ୨୪ ତାରିଖରେ ପାଳନ ହେବ। ଖଣ୍ଡପଡା ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର,ପଠାଣି ସାମନ୍ତ ମହାବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ମୁଦ୍ରଣାଳୟ,ଶ୍ରୀ ଶ୍ରୀ ତ୍ରୀନାଥ ଦେବ ଜନମଙ୍ଗଳ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ସାମନ୍ତଛକରେ ପାଳନ ନିମନ୍ତେ ଆୟୋଜନ କରାଯାଇଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସୂତ୍ରରୁ ଜଣାପଡିଛି।

### ଅପରାଜିତାଙ୍କ ବୋଲଗଡ଼ ଗସ୍ତ

**ବୋଲଗଡ଼,୨୨।୧୨(ଡି.ଏନ.ଏ.):** ଭାଜପା ନେତା ଅପରାଜିତା ଷଡଙ୍ଗୀ ଶନିବାର ବୋଲଗଡ ବ୍ଲକ ଅଞ୍ଚଳ ଗସ୍ତ କରିଥିଲେ। ଏହି ଅବସରରେ ନନ୍ଦିଘୋଷ ଭବନ ସଭାଗୃହରେ ଆୟୋଜିତ ସଭାରେ ତାଙ୍କୁ ଦଳୀୟ କର୍ମକର୍ତ୍ତାମାନେ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜନସାଧାରଣଙ୍କ ନିକଟତର ହୋଇ ସେବା କରିବା ପାଇଁ ସେ ପ୍ରଶାସନିକ ପଦବୀରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୀତିରେ ଯୋଗଦେଇଥିବା କହିଥିଲେ। ଦଳର ସମସ୍ତ କର୍ମୀ ଓ ନେତା ନୂଆବର୍ଷ ଜାନୁୟାରୀ ୧ ତାରିଖଠାରୁ ତାଙ୍କ ସହିତ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ବୁଝି ସମାଧାନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଗାମୀ ନିର୍ବାଚନରେ ବୋଲଗଡ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଜିତାଇବା ପାଇଁ ସେ କର୍ମୀମାନଙ୍କୁ କହିଥିଲେ। ସଭାରେ ପ୍ରକାଶ ବିଜୁଳି, ରବୀନ୍ଦ୍ର କୁମାର ପରିଡା, ଅଜୟ ମିଶ୍ର, ଯତୀନ ମହାନ୍ତି, ଲୋଚକ ବିନ୍ଦୁ ପଟ୍ଟନାୟକ, ସୁବାସ ଚନ୍ଦ୍ର ମିଶ୍ର, ଅଶୋକ ରାଉତ, ମିନାକୁମାରୀ ସାମନ୍ତରାୟ ପ୍ରମୁଖ ଦଳୀୟ କର୍ମକର୍ତ୍ତା ମଞ୍ଚାସୀନ ଥିଲେ।

### ଟି-୨୦ ଖଣ୍ଡପଡ଼ା କପ୍ କ୍ରିକେଟ୍: ବଘେଇ ଟିମ୍ ବିଜୟୀ

**ଖଣ୍ଡପଡା,୨୨।୧୨(ସ୍ୱ.ପ୍ର.):** ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଟି-୨୦ ଖଣ୍ଡପଡା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶନିବାର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ କଟକ ବଘେଇ କ୍ରିକେଟ୍ ଟିମ୍ ୟଙ୍ଗ୍ କ୍ରିକେଟ୍ କ୍ଲବ ଖଣ୍ଡପଡାକୁ ପରାସ୍ତ କରି ବିଜୟୀ ହୋଇଛି। ବଘେଇ ଟିମ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ଉଇକେଟ୍ ହରାଇ ୧୮୪ ରନ୍ କରିଥିଲା। ଜବାବରେ ୟଙ୍ଗ୍ କ୍ରିକେଟ କ୍ଲବ ଖଣ୍ଡପଡା ୯ ଉଇକେଟ୍ ହରାଇ ମାତ୍ର ୧୩୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଟିମ୍‌ର ଜ୍ୟୋତିରଞ୍ଜନି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚକୁ ରାକେଶ ମହାନ୍ତି ଓ କ୍ଷିରୋଦ ପୃଷ୍ଟି ପରିଚାଳନା କରିଥିଲେ। ଖଣ୍ଡପଡାର ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ।

# ଖଣ୍ଡପଡ଼ା ବିଜେଡିର ସାଙ୍ଗଠନିକ ବୈଠକ

**ଖଣ୍ଡପଡା,୨୨।୧୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତର ପ୍ରଭୁ ଶ୍ରୀ ସୋମନାଥ ଦେବଙ୍କ ପୀଠରେ ୭ନଂ ଜୋନ୍‌ସ୍ତରୀୟ ବିଜେଡିର ସାଙ୍ଗଠନିକ ବୈଠକ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବ୍ଲକ ଅଧୀନ ବନମାଳୀପୁର, ରାଣୀଛେଲି, ଜଗନ୍ନାଥପ୍ରସାଦ, ଶିଖରପୁର, ରାଣୀପଡା, ଶାଳଝରିଆ, ଗୁଣ୍ଡୁଣୀ, ଯୋଗିଆପଲ୍ଲୀ ପ୍ରଭୃତି ୮ଟି ପଞ୍ଚାୟତରୁ ଏକ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମକର୍ତ୍ତା, ସଙ୍ଗଠକ ଓ ଛାମୁଆ ନେତାମାନେ ଯୋଗଦେଇଥିଲେ। ବୈଠକର ପ୍ରାରମ୍ଭରେ ବିଧାୟକ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା



ବୈଠକରେ ଉପସ୍ଥିତ ଅତିଥିଙ୍କ ସହ ଦଳୀୟ କର୍ମୀ ଓ ଜନସାଧାରଣ।

ସହ ପ୍ରତ୍ୟେକ ପଞ୍ଚାୟତରେ ବୁଥ୍‌ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ କରିବା ଉପରେ ବିଶେଷଭାବେ ଗୁରୁତ୍ୱାରୋପ କରିଥିଲେ । ଆସନ୍ତା ୨୬ ତାରିଖରେ ମା'ବାହାଡାଶୁଣୀଙ୍କ ପୀଠରେ ବିଜୁଜନତା ଦଳର ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସେହିପରି ଆସନ୍ତା ୨୦୧୯ରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ଖଣ୍ଡପଡା ନିର୍ବାଚନମଣ୍ଡଳୀରୁ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଦଳର ତୁଙ୍ଗନେତା ମାନେ ଆହ୍ୱାନ ଦେଇଥିଲେ। ଖଣ୍ଡପଡାକୁ ରାଜ୍ୟର ୧ନଂ ନିର୍ବାଚନମଣ୍ଡଳୀରେ ପରିଣତ କରିବାପାଇଁ ଯଥାସାଧ୍ୟ ଉଦ୍ୟମ ଜାରି ରହିଛି ବୋଲି ବିଧାୟକ ମତ ଦେଇଥିଲେ । ବରିଷ୍ଠ ସଙ୍ଗଠକ ରମେଶ ମିଶ୍ର ଧନ୍ୟବାଦ ଦେଇଥିଲେ । ବନମାଳୀପୁର ପଞ୍ଚାୟତ ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ଶରତ କୁମାର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆର ସିଂ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାୟକ, ସରପଞ୍ଚ ନବ କିଶୋର ସାହୁ, ବିଜେଡି ନେତ୍ରୀ ପ୍ରଭାସିନୀ ନନ୍ଦ, ଇନ୍ଦୁମତୀ ପରିଡାଙ୍କ ସମେତ ଦଳର ବହୁ ତୁଙ୍ଗନେତା ଓ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଯୋଗଦେଇଥିଲେ ।

# ମାଳିସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ନୂଆଗାଁ,୨୨।୧୨ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ମାଳିସର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଶନିବାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି । ଦଶପଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ନୂଆଗାଁ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁ ଅନ୍ୟତମ ଅତିଥିଭାବେ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ସଂସଦ , ମହାବୀର ଯୁବକ ସଂଘ ଓ ଗ୍ରାମବାସୀଙ୍କ ସୌଜନ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ସଂଗୀତକାର ମଦନ ମୋହନ ପ୍ରଧାନଙ୍କ ସ୍ୱର ସଂଯୋଜନାରେ ସ୍କୁଲର



କୁନି କଳାକାରମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ।

ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ ଓ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କୁନି କଳାକାରମାନଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ପୁରୀ କଳାକାରଙ୍କ ସମ୍ବଲପୁରୀ ଲୋକ ନୃତ୍ୟ ବେଶ୍ ମନଛୁଆଁ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା ଦେଈଙ୍କ ନେତୃତ୍ୱ, ଗ୍ରାମ ସଭାପତି ଲଡୁକିଶୋର ଦାଶ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ଜୟନ୍ତୀ ସମାରୋହ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ସଭା ପରିଚାଳକ ସତ୍ୟନାରାୟଣ ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦୟାନିଧି ସାହୁ, ଶ୍ରୀଧର ଖିଲାର, ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଶୋକ କୁମାର ପଣ୍ଡା, ମହାବୀର ଯୁବକ ସଂଘର ସଭାପତି ସୁକାନ୍ତ ପ୍ରଧାନ ସହଯୋଗ କରିଥିଲେ ।

### ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଗେଲ୍‌ଟନ୍ କ୍ଲବ୍ କଟକ

**ରଣପୁର,୨୨।୧୨(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବିସି ହାଇସ୍କୁଲ ଖେଳ ପଡିଆରେ ସ୍ପୋର୍ଟସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ୬ଷ୍ଠ ଦିବସରେ ୨ୟ ସେମି ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମା ଭୁଆଷୁଣୀ ସ୍ପୋର୍ଟସ୍ କ୍ଲବ୍ ଓ ଗେଲଟନ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଗେଲଟନ୍ କ୍ଲବ ୧–୦ ଗୋଲରେ ମା ଭୁଆଷୁଣୀ ସ୍ପୋର୍ଟସ୍ କ୍ଲବକୁ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଛି । ଏଥିରେ ମୁଖ୍ୟ ଅତିଥିଭାବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ସବିତା ଦାସ ,ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ପ୍ରିୟବ୍ରତ ପ୍ରହରାଜ, ପୁରୀ ଏମପିଙ୍କ ଜିଲା ପ୍ରତିନିଧି ଦେବାଶିଷ ପଟ୍ଟନାୟକ, ବରିଷ୍ଠ ନେତା ସିଦ୍ଧାର୍ଥ ପଣ୍ଡା, ସୁଶାନ୍ତ ମିଶ୍ର ଯୋଗ ଦେଇଥିଲେ। ରଣପୁର ସ୍ପୋର୍ଟସ୍ ଆସୋସିଏଶନ୍ ଓ ଗେଲଟନ୍ କ୍ଲବ୍ କଟକ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚରେ ମୁଖ୍ୟ ଅତିଥି ରୂପେ ପୁରୀ ଏମପି ପିନାକୀ ମିଶ୍ର, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ଡ. ନବ ରାୟ ପ୍ରକାଶ କରିଛନ୍ତି। ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ସହକାରୀ ଲାଇନ ମ୍ୟାନ୍ ଅଶୋକ କରଣ, ପ୍ରିୟବ୍ରତ ବାହିନୀ ପତି ସହଯୋଗ କରିଥିଲେ। ଗେଲଟନ୍ କ୍ଲବର କମଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

# ଜାତୀୟସ୍ତରୀୟ ଟେନିସ ଭଲିବଲ ପ୍ରତିଯୋଗିତାରେ ଖଣ୍ଡପଡ଼ାର ୨ ଛାତ୍ରଛାତ୍ରୀ

**ଖଣ୍ଡପଡା,୨୨।୧୨(ସ୍ୱ.ପ୍ର.):** ତେଲେଙ୍ଗାନା ରାଜ୍ୟର ମହାବୁବ ନଗର ଠାରେ ଆସନ୍ତା ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଜାତୀୟ ସ୍ତରୀୟ ଟେନିସ୍ ଭଲିବଲ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଉକ୍ତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ନିମନ୍ତେ ଯୋଗ୍ୟ ବିବେଚିତ ଖଣ୍ଡପଡା ବ୍ଲକ ଅଞ୍ଚଳର ୨ଜଣ ଛାତ୍ରୀଛାତ୍ର ଅନୁଷ୍ଠାନର କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ଠାରୁ ତେଲେଙ୍ଗାନା ଗସ୍ତ କରିଛନ୍ତି । ସେମାନେ ହେଲେ ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ୯ମ ଶ୍ରେଣୀ ଛାତ୍ର ସୁଜିତ କୁମାର ସ୍ୱାଇଁ ଓ ୧୦ମ ଶ୍ରେଣୀ ଛାତ୍ରୀ ବନିତା ପ୍ରଧାନ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ ରଖିବେ ଜଗା ବଳିଆ**
**କି କରିବେ ତା'ର ବଳିବଳିଆ ।**

କୁହାଯାଏ ଈଶ୍ୱରଙ୍କ କୃପାଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ହୁଏ ନାହିଁ। ଈଶ୍ୱରଙ୍କ ଶକ୍ତି ଆଗରେ କାହାର ଜୋର ଚାଲି ନ ଥାଏ। ସେ ହିଁ ସର୍ବଶକ୍ତିମାନ, ତ୍ରାଣକର୍ତ୍ତା, ପ୍ରାଣକର୍ତ୍ତା ଓ ଦଇବ ବିଧାତା। ଈଶ୍ୱର ଦୁର୍ବଳ ଲୋକଙ୍କୁ ରକ୍ଷା କରିବାକୁ ଚାହିଁଲେ ଶକ୍ତିମାନ ପୁରୁଷ ତା'ର କୌଣସି କ୍ଷତି କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେମନ୍ତ ଦିଅଁଙ୍କୁ ତେମନ୍ତ ପୂଜା**
**ବାଲି ଗିରିଡ଼ାକୁ ଚାଉଳ ଭଜା ।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟପ୍ରତି ଭଲ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଏପରିସ୍ଥଳେ ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790


**e - Procurement Notice No.EE-CCD- 05 /2018-19**

